

୧୫ରୁ ପ୍ରଶାନ୍ତ କିଶୋରଙ୍କ ବିହାର ଯାତ୍ରା! ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 151 ଭାଗ ୩୪ | ସଂଖ୍ୟା ୧୫୧ | Saturday 22 August 2026 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର, ୨୨ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


୨,୭୮୦ କୋଟିର ନିବେଶକୁ ମଞ୍ଜୁରୀ

## ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ପାଇଁ ବୁଷ୍ଟର୍ ଡୋଜ୍

- ସୃଷ୍ଟି ହେବ ୧୪,୧୦୪ ନୂତନ ନିଯୁକ୍ତି ସୁଯୋଗ
- ୧୦ ଜିଲ୍ଲାରେ ୧୪ଟି ପ୍ରକଳ୍ପକୁ ସ୍ୱୀକୃତି
- ବେକଡ୍ ପ୍ରଡକ୍ଟସ୍ ୟୁନିଟ୍ କରିବ ହଳଦୀରାମ



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ରାଜ୍ୟରେ ଶିଳ୍ପାୟନ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। 'ସମୃଦ୍ଧ ଓଡ଼ିଶା ୨୦୩୬'ର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥୋରିଟିର ୧୪୯ତମ ବୈଠକରେ ମୋଟ ୨,୭୮୦.୧୦ କୋଟି ଟଙ୍କାର ୧୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଜରିଆରେ ରାଜ୍ୟରେ ୧୪,୧୦୪ଟି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖାଦ୍ୟ ପ୍ରକ୍ରିୟାକରଣ, ବସ୍ତ୍ର ଏବଂ ପୋଷାକ, ରାସାୟନିକ ଦ୍ରବ୍ୟ, ଡାକ୍ତରୀ ଉପକରଣ, ଇଲେକ୍ଟ୍ରୋନିକ୍ସ, ଷ୍ଟିଲ ଏବଂ ଭିତ୍ତିଭୂମି ଭଳି ବିଭିନ୍ନ କ୍ଷେତ୍ରର ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ମିଳିଛି। ଏହି ଶିଳ୍ପଗୁଡ଼ିକ ଅନୁଗୁଳ, ବାଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, ନୂଆପଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତିଷ୍ଠିତ ହେବ।

ଖାଦ୍ୟ ପ୍ରକ୍ରିୟାକରଣରେ ହଳଦୀରାମ୍ ସ୍ନାକ୍ସ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧା କିମ୍ବା କଟକରେ ୫୦୦ କୋଟି ଟଙ୍କା ବିନିଯୋଗରେ ଏକ ଜଳଖିଆ ଓ ବେକଡ୍ ପ୍ରଡକ୍ଟସ୍ ୟୁନିଟ୍ ପ୍ରତିଷ୍ଠା ହେବ, ଯେଉଁଥିରେ ୮୦୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ତିୱାନା ନ୍ୟୁଟ୍ରିସନ୍ ଗ୍ଲୋବାଲ୍ ପକ୍ଷରୁ ୧୪୦ କୋଟି ଟଙ୍କା ବ୍ୟୟରେ ଗୋ-ଖାଦ୍ୟ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୨,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରିମିୟମ୍ ଚିକ୍ ଫିଡ୍ସ ପକ୍ଷରୁ ୧୦୫.୩୮ କୋଟି ଟଙ୍କା ବିନିଯୋଗରେ ଚିକ୍ ଫିଡ୍ ୟୁନିଟ୍ ସ୍ଥାପନ ହେବ। ଏହାଦ୍ୱାରା ୧,୦୫୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ବସ୍ତ୍ର ଏବଂ ପୋଷାକ କ୍ଷେତ୍ରରେ ଢେଙ୍କାନାଳରେ ସାହାନା କ୍ଲୋଥିଂ କମ୍ପାନୀ ପକ୍ଷରୁ ୨୫୧.୪୫ କୋଟି ଟଙ୍କା ବିନିଯୋଗରେ ଶିଶୁ ପୋଷାକ ପ୍ରସ୍ତୁତି ୟୁନିଟ୍ ସ୍ଥାପନ ହେବ, ଯେଉଁଥିରେ ୫,୧୦୪ ଜଣ ରୋଜଗାର ପାଇବେ। ସେହିପରି ବାଲାଙ୍ଗୀରରେ ପ୍ରତିମା ଆଗ୍ରୋ ସ୍ପିନିଂ ମିଲ୍ ପକ୍ଷରୁ ୧୨୫ କୋଟି ଟଙ୍କା ବ୍ୟୟରେ ଏକ ଟେକ୍ସଟାଇଲ୍ ପ୍ରକ୍ରିୟାକରଣ ୟୁନିଟ୍ (୪୦୦ ନିଯୁକ୍ତି) ପ୍ରତିଷ୍ଠିତ ହେବ।

ରାସାୟନିକ ଓ ଔଷଧ କ୍ଷେତ୍ରରେ ଗଞ୍ଜାମରେ ପ୍ରାସୋଲ କେମିକାଲ୍ସ ପକ୍ଷରୁ ୪୫୦ କୋଟି ଟଙ୍କା ବିନିଯୋଗରେ ଫସଫରସ୍-ଭିତ୍ତିକ ଡେରିଭେଟିଭ୍ସ ପ୍ଲାଣ୍ଟ (୪୫୮ ନିଯୁକ୍ତି), ସୁନ୍ଦରଗଡ଼ରେ ନ୍ୟୁ ଜେନେରେସନ୍ ମ୍ୟୁନୁଫାକଚରିଂ ପକ୍ଷରୁ ୮୦ କୋଟି ଟଙ୍କାର କୋଇଲା ତାର ପରିସ୍ରବଣ ପ୍ଲାଣ୍ଟ (୩୦୧ ନିଯୁକ୍ତି) ଏବଂ ନୂଆପଡ଼ାରେ ହାସଭାନ୍ ରସାୟନ ପକ୍ଷରୁ ୫୫ କୋଟି ଟଙ୍କାର ବଲ୍କ ଡ୍ରଗ୍ ଇଣ୍ଟରମିଡିଏଟ୍ ୟୁନିଟ୍ (୭୦ ନିଯୁକ୍ତି)କୁ ମଞ୍ଜୁରୀ ମିଳିଛି। ଇଲେକ୍ଟ୍ରୋନିକ୍ସ ଏବଂ ମେଡିକାଲ୍ ଉପକରଣରେ ଖୋର୍ଦ୍ଧାରେ ଶସ୍ତାସୁନ୍ଦର ହେଲ୍ଥକେୟାର ପକ୍ଷରୁ ୫୬ କୋଟି ଟଙ୍କା ବିନିଯୋଗରେ ମେଡିକାଲ୍ ଡିଭାଇସ୍ ୟୁନିଟ୍ (୧,୦୫୦ ନିଯୁକ୍ତି) ଏବଂ ସିର୍ମା ଏସ୍‌ଜିଏସ୍ ଟେକ୍ନୋଲୋଜି ପକ୍ଷରୁ ୩୦୦ କୋଟି ଟଙ୍କା ବିନିଯୋଗରେ ➪ପୃଷ୍ଠା-୬

ସଙ୍ଗୀତ ଜଗତରେ ଏକ ଯୁଗର ଅନ୍ତ

## ଚିରନିଦ୍ରାରେ ସ୍ୱର ସମ୍ରାଟ ପ୍ରଣବ ପଟ୍ଟନାୟକ



- ୭ ଥର ଶ୍ରେଷ୍ଠ ପ୍ଲେବ୍ୟାକ ସିଙ୍ଗର ପୁରସ୍କାର
- 'ମାଝୀରେ...' ଗୀତରୁ ମିଳିଥିଲା ସ୍ୱତନ୍ତ୍ର ପରିଚୟ
- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଆଉ ନାହାନ୍ତି ଓଡ଼ିଶା ସଂଗୀତ ଜଗତର ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ। ଆଜି ୮୮ ବର୍ଷ ବୟସରେ ସେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି। ଓଡ଼ିଆ ସଙ୍ଗୀତ ଜଗତରେ ବେତାଜ ବାଦଶାହ ଭାବେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପ୍ରଣବ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଘରୋଇ ହସ୍ପିଟାଲରୁ ତାଙ୍କ ପାର୍ଥିବ ଶରୀରରୁ ଭୁବନେଶ୍ୱର ଲୁଇସରୋଡ ସ୍ଥିତ ବାସଭବନକୁ ନିଆଯାଇ ଥିଲା। ସେଠାରେ ତାଙ୍କ ଶୁଭେଚ୍ଛୁ ଓ ପ୍ରିୟଜନମାନେ ତାଙ୍କର ଶେଷ ଦର୍ଶନ କରିବା ପରେ ରାଜ୍ୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର କରାଯାଇଛି। ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି। ତାଙ୍କ ପରଲୋକ ଖବର ପ୍ରକାଶ ପାଇବା ପରେ ସଙ୍ଗୀତପ୍ରେମୀ, କଳାକାର ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ନିଜର ସୁମଧୁର କଣ୍ଠ ଓ ଅନନ୍ୟ ଗାୟନ ଶୈଳୀରେ ସେ ଶ୍ରୋତାଙ୍କ ହୃଦୟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ। ମାଝିରେ ଠୁ'ଠାରୁ ଆରମ୍ଭ କରି 'ନିଝୁମ ରାତ', ମାଝିରେ ମାଝି ଓ ପାହାଡ଼ ସେପାଖେ ଭଳି ଅନେକ ଲୋକପ୍ରିୟ ଗୀତରେ ତାଙ୍କ କଣ୍ଠଦାନ ଆଜି ବି ସମସ୍ତଙ୍କ ମନେ ଅଛି।

୧୯୩୮ ମସିହା ଜାନୁଆରୀ ୨୦ରେ ଜନ୍ମ ହୋଇଥିଲେ ପ୍ରଣବ ପଟ୍ଟନାୟକ। ପିଲାଟି ବେଳକୁ ହିଁ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ ପ୍ରଣବ। ଗୁରୁ କୁନାଳ ଆଦିନାରାୟଣ ରାଓଙ୍କ ପାଖରେ ➪ପୃଷ୍ଠା-୬

ମହାନଦୀ ଜଳ ବିବାଦରେ ପଡ଼ିବ ପୂର୍ଣ୍ଣଚ୍ଛେଦ

## ସମାଧାନର ବାଟ ଫିଟାଇବ ସ୍ୱତନ୍ତ୍ର ବୈଷୟିକ କମିଟି



କମିଟି ଗଠନ କଲା କେନ୍ଦ୍ରୀୟ ଜଳ ଆୟୋଗ

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ମହାନଦୀ ଜଳ ବିବାଦ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ଦୀର୍ଘଦିନର ତିକ୍ତତାର ସମାଧାନ ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଉଭୟ ରାଜ୍ୟର ଜଳ ଆବଶ୍ୟକତା ଓ ଦାବି ସମ୍ପର୍କିତ ବିଭିନ୍ନ ତଥ୍ୟର ଚିକିନିଖି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଷୟିକ କମିଟି ଗଠନ କରାଯାଇଛି। ଏହି କମିଟି ତଥ୍ୟର ବିଶ୍ଳେଷଣ କରିବା ପରେ ରିପୋର୍ଟ ପ୍ରଦାନ କରିବ, ଯାହାକି ଆଗାମୀ ଦିନରେ ଏହି ବିବାଦର ସମାଧାନ ପାଇଁ ବାଟ ଫିଟାଇବ। ରାଜ୍ୟ ଆଡଭୋକେଟ୍ ଜେନେରାଲ୍ (ଏଜି) ପୀତାମ୍ବର ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ଓଡ଼ିଶା ଓ ଛତିଶଗଡ଼ ସରକାର ନିଜ ନିଜର ଦାବି ତଥା ଜଳ ଚାହିଦା ସମ୍ପର୍କିତ ବିସ୍ତୃତ ରିପୋର୍ଟ ସିଡବ୍ଲ୍ୟୁସି ନିକଟରେ ଦାଖଲ କରିସାରିଛନ୍ତି। ଏହି ନୂତନ ➪ପୃଷ୍ଠା-୬

ଆଇପିଏସ ସ୍ତରରେ ଅଦଳବଦଳ

## ହିମାଂଶୁ ଲାଲ ଇଓଡବ୍ଲ୍ୟୁ ଓ ଏସଟିଏଫ ଆଇଜି



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ବରିଷ୍ଠ ଆଇପିଏସ୍‌ସ୍ତରରେ ବଡ଼ ଅଦଳବଦଳ। ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ଅନ୍ତରୀଣ ଡିଜିପି ଦାୟିତ୍ୱ ନେବା ପରେ ଆଜି ଆଇପିଏସ୍ ସ୍ତରରେ ଅଦଳ ବଦଳ କରିଛନ୍ତି ସରକାର। ଆଜି ୬ ଜଣ ବରିଷ୍ଠ ଆଇପିଏସଙ୍କୁ ବଦଳି କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୦୩ ବ୍ୟାଚର ଆଇପିଏସ ତଥା ସମ୍ବଲପୁରର ଉତ୍ତରାଞ୍ଚଳ ଆଇଜି ଭାବେ କାର୍ଯ୍ୟରତ ଥିବା ହିମାଂଶୁ କୁମାର ଲାଲଙ୍କୁ ଭୁବନେଶ୍ୱରସ୍ଥିତ ଇଓଡବ୍ଲ୍ୟୁ ଓ ଏସଟିଏଫ ଆଇଜି ଭାବେ ବଦଳି କରାଯାଇଛି। ସେ ଦୀର୍ଘ ୩ ବର୍ଷ ହେଲା ସମ୍ବଲପୁରରେ ଆଇଜି ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ତାଳଚେରସ୍ଥିତ ଏନସିଆର ଆଇଜି ସହ ଅନୁଗୋଳ ପିଟିସିର ପ୍ରିନ୍ସିପାଲ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ୨୦୦୪ ବ୍ୟାଚର ଆଇପିଏସ ସତ୍ୟବ୍ରତ ଭୋଇଙ୍କୁ ଗୁଇନ୍ଦା ଆଇଜି ଭାବେ ବଦଳି କରାଯାଇଛି। ଭୁବନେଶ୍ୱରରେ ଗୁଇନ୍ଦା ଆଇଜି ଭାବେ କାର୍ଯ୍ୟରତ ୨୦୦୫ ବ୍ୟାଚ୍‌ର ଆଇପିଏସ ଜୟ ନାରାୟଣ ପଙ୍କଜଙ୍କୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆଇଜି ଥିବା ୨୦୦୭ ବ୍ୟାଚ୍ ଆଇପିଏସ୍ ନୀତିଶେଖର କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ପ୍ରୋଭିଜନିଂ ଆଇଜି ଭାବେ କାର୍ଯ୍ୟ କରିବେ। ଏହାଛଡ଼ା ପ୍ରୋଭିଜନିଂ ଡିଆଇଜି ଭାବେ କାର୍ଯ୍ୟରତ ୨୦୦୯ ବ୍ୟାଚର ଆଇପିଏସ ଚରଣ ସିଂ ମୀନାଙ୍କୁ ଉତ୍ତରାଞ୍ଚଳ ଡିଆଇଜି ଭାବେ ବଦଳି କରାଯାଇଛି। ଏଥିସହ କେନ୍ଦ୍ରୀୟ ଡେପୁଟେସନରୁ ଫେରି ରାଜ୍ୟ ଗୃହ ବିଭାଗରେ ଯୋଗଦେଇଥିବା ୨୦୧୦ ବ୍ୟାଚର ଆଇପିଏସ ଆଶିଷ କୁମାର ସିଂଙ୍କୁ ଉତ୍ତର ପୂର୍ବାଞ୍ଚଳ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ସେ ଅନୁଗୁଳ ପୁଲିସ ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସିପାଲ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ ବୋଲି ଉକ୍ତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀରେ ମୁଖ୍ୟମନ୍ତ୍ରୀ ଓ ଧର୍ମେନ୍ଦ୍ର

## ଗୁରୁଜାଙ୍ଗ ହେବ 'ଐତିହ୍ୟ ଗ୍ରାମ' ଓ 'ଆଦର୍ଶ ପଞ୍ଚାୟତ'

- ସ୍ୱାମୀ ଲକ୍ଷ୍ମଣାନନ୍ଦ ଆମ ସମାଜର 'ଗୁରୁ, ଗ୍ରନ୍ଥ ଓ ଗରିମା'
- ବନବାସୀ ଅଞ୍ଚଳରେ ଶିକ୍ଷା, ସଂସ୍କାରର ମୁଖ୍ୟ ପୁରୋଧା ଥିଲେ ସ୍ୱାମୀଜୀ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି ଅନୁଗୋଳ ଜିଲ୍ଲା ତାଳଚେର ନିକଟସ୍ଥ ଗୁରୁଜାଙ୍ଗଠାରେ ଆୟୋଜିତ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ ଘୋଷଣା କରିଛନ୍ତି। ସ୍ୱାମୀଜୀଙ୍କ ସ୍ମୃତିପୂତ ପବିତ୍ର ଗୁରୁଜାଙ୍ଗ ଗ୍ରାମକୁ 'ଐତିହ୍ୟ ଗ୍ରାମ' ଭାବେ ଗଢ଼ିତୋଳାଯିବା ସହ ଗୁରୁଜାଙ୍ଗ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ' ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ମହାନ ଆଦର୍ଶ, ଅଲୌକିକ ଅନୁଷ୍ଠାନ ଓ ସନାତନ ଧର୍ମର ଦୀପ୍ତିମନ୍ତ ମାର୍ଗଦର୍ଶକ। ଆଜିର ଆଧୁନିକ ଯୁଗରେ ସୁଖ-ସୁବିଧା ତ୍ୟାଗ କରି ସେ କନ୍ଧମାଳର ଦୁର୍ଗମ ଓ ଘଞ୍ଚ ଜଙ୍ଗଲରେ ରହି ଅସହାୟ ବନବାସୀଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେଠାରେ ଚକାପାଦ ଓ ଜଲେଶପଙ୍ଗା ଆଶ୍ରମ ➪ପୃଷ୍ଠା-୬



ପାରାଦୀପ ବନ୍ଦରରେ ବିକାଶର ନୂଆ ଅଧ୍ୟାୟ

## ୪୨୭.୮୦ କୋଟିର ୭ ପ୍ରମୁଖ ପ୍ରକଳ୍ପ ଲୋକାର୍ପିତ



ପାରାଦୀପ,୨୧।୮(ସଂଚାର ବ୍ୟୁରୋ): ପାରାଦୀପ ବନ୍ଦରର ଭିତ୍ତିଭୂମି ଓ ପରିଚାଳନା କ୍ଷମତାକୁ ଆହୁରି ସୁଦୃଢ଼ କରିବା ଦିଗରେ ଆଜି ଆଉ ଏକ ବଡ଼ ପଦକ୍ଷେପ ନିଆଯାଇଛି। ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୪୨୭.୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭ଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏଥିସହ ପାରାଦୀପ ବନ୍ଦର ୧୮.୫ ମିଟର ଗଭୀର ଡ୍ରାଫ୍ଟ କ୍ଷମତା ମଧ୍ୟ ହାସଲ କରିଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ପ୍ରମୁଖ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଓ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ଉପସ୍ଥିତ ଥିଲେ। ୧୮.୫ ମିଟର ଡ୍ରାଫ୍ଟ କ୍ଷମତା ହାସଲ କରିବା ଫଳରେ ପାରାଦୀପ ବନ୍ଦରର ଆଭ୍ୟନ୍ତରୀଣ ହାର୍ବରରେ ପୂର୍ଣ୍ଣ ଲୋଡ୍‌ରେ କ୍ୟାପସାଇଜ୍ ଜାହାଜ ଚଳାଚଳ କରିପାରିବ। ଏହା ଫଳରେ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ ପାଇବା ସହ ଜାହାଜର ଗତି ପରିବର୍ତ୍ତନ ସମୟ ମଧ୍ୟ କମିବ। ଏହି ପ୍ରକଳ୍ପରେ ୩୫୨ କୋଟି ଟଙ୍କା ବ୍ୟୟ ହୋଇଛି।

୧୮.୫ ମିଟର ଡ୍ରାଫ୍ଟରେ ଚାଲିବ କ୍ୟାପସାଇଜ୍ ଜାହାଜ

ଏଥିସହ ଅଠରବାଙ୍କୀ ଦ୍ୱିତୀୟ ନୂତନ ପୋଲ ନିର୍ମାଣ ହୋଇଛି। ୫୦୦ ମିଟର ଲମ୍ବ ଏହି ତିନି ଲେନ୍ ବିଶିଷ୍ଟ ସେତୁରେ ପାଦଚଲା ପଥ ଓ ପାଇପଲାଇନ୍ କରିଡର ରହିଛି। ପ୍ରତିଦିନ ପ୍ରାୟ ୩ ହଜାର ଟ୍ରକ୍ ➪ପୃଷ୍ଠା-୬

୨୮ରେ ମିଳିବ ସୁଭଦ୍ରାର ୫ମ କିସ୍ତି

## ୧ କୋଟି ୩ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଚିହ୍ନଟ



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଆସନ୍ତା ୨୮ ତାରିଖରେ ରାଖୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯିବାକୁ ଥିବା ପରିପ୍ରେକ୍ଷୀରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓକାକ୍ ଟିମ୍ ଓ ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ। ପଞ୍ଚମ କିସ୍ତି ପ୍ରଦାନ ପାଇଁ ମୋଟ ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ରାଖୀ ପୂର୍ଣ୍ଣିମା ଅବସରରେ ଏହି ହିତାଧିକାରୀମାନଙ୍କୁ ପଞ୍ଚମ କିସ୍ତି ବାବଦରେ ୫,୧୬୦ କୋଟିରୁ ଅଧିକ ଟଙ୍କା ➪ପୃଷ୍ଠା-୬



### କାନ ଡେରିଥା

ଗାଈ ଚୋରି କଲେ
ମାଡ଼ ଯେ ଖାଆନ୍ତି
ଏପଟେ ଗାଈ ମରନ୍ତି
ରାସ୍ତା ସାରା ଏବେ ଗାଈଗୋରୁମୟ
ହିସାବ ରଖି ନାହାନ୍ତି
ଗାଈଟା ପାଉନି ଶାନ୍ତି...
ଗୋମାତା ଏଇଠି ସୁରକ୍ଷିତ ହେଲେ
ମନେ ରଖିବ ଏ ଜାତି।

■ ଦେବାଶିଷ

ବନ୍ୟା ପରିଚାଳନା ରାଜନୀତି

## ମୁହାଁମୁହିଁ ସୁଜାତା-ମନମୋହନ

- ନେତୃତ୍ୱ ବିଭାଜିତ, ଲୋକଙ୍କୁ ଦେବାକୁ ପଡୁଛି ମୂଲ୍ୟ: ସୁଜାତା
- ରାଜନୈତିକ ବୟାନବାଜି ନ କରି ପ୍ରମାଣ ଦିଅନ୍ତୁ: ମନମୋହନ





ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ରାଜ୍ୟରେ କ୍ରମାଗତ ଭାବେ ଲଘୁଚାପଜନିତ ବର୍ଷାରେ ୭ ଜିଲ୍ଲା ପ୍ରଭାବିତ ହୋଇଛି। ବନ୍ୟାରେ ଲୋକଙ୍କ ଦୁର୍ଦ୍ଦଶାକୁ ବଳିଯାଇଛି ବନ୍ୟା ପରିଚାଳନାକୁ ନେଇ ରାଜନୀତି। ବିଜେଡିର ଯୋଗଦେବା ପରେ ପ୍ରଥମ ଥର ପାଇଁ ରାଜ୍ୟ ସରକାରଙ୍କ ବିରୋଧରେ ଆଲେଖ୍ୟ ମାଧ୍ୟମରେ ମୁହଁ ଖୋଲିଛନ୍ତି ପୂର୍ବତନ ଆଇଏଏସ ଅଫିସର ତଥା ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ।

ଏକ ଆଲେଖ୍ୟ ମାଧ୍ୟମରେ ସେ ସରକାରକୁ ଘେରିଛନ୍ତି। ସେ ପୂର୍ବ ସରକାରଙ୍କ ସଫଳତା ସହ ବର୍ତ୍ତମାନର ସରକାରଙ୍କ ବିଫଳତାକୁ ଦର୍ଶାଇଛନ୍ତି। ଏମିତିକି ସରକାରଙ୍କ ଭୁଲ ପରିଚାଳନା ପାଇଁ ସାଧାରଣ ଜନତା ହଇରାଣ ହେଉଥିବା କହିଛନ୍ତି ସୁଜାତା। ବନ୍ୟା ପରିଚାଳନାକୁ ନେଇ ପୂର୍ବ ସରକାର ଏବଂ ବର୍ତ୍ତମାନର ସରକାରଙ୍କ ଭିତରେ ଏକ ତୁଳନାତ୍ମକ ଲେଖା ଛାଡ଼ିଛନ୍ତି ସୁଜାତା, ଯାହାକୁ ନେଇ ତେଜିଛି ରାଜ୍ୟ ରାଜନୀତି।

ସୁଜାତା ଲେଖିଛନ୍ତି ଯେ ଚଳିତ ବର୍ଷ ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ସୃଷ୍ଟି ହୋଇଛି। ହେଲେ ବନ୍ୟା ପରିଚାଳନାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ନବୀନବାବୁଙ୍କୁ ଇନ୍ଦ୍ରଙ୍କ ଫୋନ୍ ନମ୍ବର ମାଗିବା ପ୍ରସଙ୍ଗ ସରକାରଙ୍କର ବନ୍ୟା ମୁକାବିଲାରେ ଦୁର୍ବଳତାକୁ ସାମ୍ନାକୁ ଆଣୁଛି। ଏଥିସହ ଚଳିତ ବର୍ଷ ମୁଣ୍ଡଳୀଠାରେ ୯ ଲକ୍ଷ କ୍ୟୁସେକରୁ କମ୍ ଜଳ ପ୍ରବାହ ରେକର୍ଡ ହୋଇଛି। ମାତ୍ର ୨୦୦୮ରେ ମୁଣ୍ଡଳୀରେ ୧୫.୮୧ ଲକ୍ଷ କ୍ୟୁସେକ୍ ଜଳ, ୨୦୦୧ରେ ୧୪.୪୧ ଲକ୍ଷ କ୍ୟୁସେକ୍, ୨୦୧୧ରେ ୧୩.୬୬ ଲକ୍ଷ କ୍ୟୁସେକ୍ ଏବଂ ୨୦୧୭ ଓ ୨୦୨୨ରେ ୧୨ ଲକ୍ଷ କ୍ୟୁସେକରୁ ଉର୍ଦ୍ଧ୍ୱ ଜଳ ପ୍ରବାହ ହୋଇଛି, ଯାହା ତୁଳନାରେ ଚଳିତ ବନ୍ୟାର ପରିମାଣ ବହୁତ କମ।

ସବୁ ବ୍ୟବସ୍ଥା ପୂର୍ବ ପରି ଥାଇ ମଧ୍ୟ ସରକାର କାହିଁକି ବନ୍ୟା ପରିଚାଳନା ପାଇଁ କରିପାରୁନାହାନ୍ତି, ଏହାର କାରଣ କହିବାକୁ ଯାଇ ସୁଜାତା କହିଛନ୍ତି ଯେ ସେତେବେଳେ ପୂରା ସରକାର ଗୋଟିଏ ଟିମ୍ ଭାବେ କାମ କରୁଥିଲା। ହେଲେ ଯେତେବେଳେ ନେତୃତ୍ୱ ବିଭାଜିତ ହୁଏ, ସେତେବେଳେ ସମଗ୍ର ପ୍ରଶାସନିକ କଳ କ୍ଷତିଗ୍ରସ୍ତ ହୁଏ। ଶେଷରେ ଲୋକଙ୍କୁ ହିଁ ଏହାର ମୂଲ୍ୟ ଦେବାକୁ ପଡ଼ିଥାଏ କହି ବିଜେପି ସରକାରଙ୍କୁ ଆକ୍ଷେପ କରିଛନ୍ତି ସୁଜାତା।

ବିଜେଡି ନେତ୍ରୀ ସୁଜାତା ରାଉତଙ୍କ ଏଭଳି ନିଶାନାର ଦୃଢ଼ ଜବାବ ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ମନମୋହନ କହିଛନ୍ତି ଯେ ସେ ଏବେ ଗପ କହିଲେ କେହି ଶୁଣିବେ ନାହିଁ। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ବନ୍ୟାକୁ ନେଇ ରାଜନୀତି କରିବା ଠିକ୍ ନୁହେଁ। ଯିଏ ଅଭିଯୋଗ କରିଛନ୍ତି, ତା'ର ସ୍ପଷ୍ଟ ଭାବେ ପ୍ରମାଣ ଦିଅନ୍ତୁ। ବନ୍ୟା ପରିଚାଳନାରେ କେଉଁ ଜାଗାରେ ସରକାର ବିଫଳ ହେଲେ ତାକୁ ନିର୍ଦ୍ଦିଷ୍ଟ ଭାବେ ତଥ୍ୟ ପ୍ରମାଣ ସହ କହିବାକୁ ପଡ଼ିବ ବୋଲି କହିଛନ୍ତି ମନମୋହନ।

ଶନିବାର ୨୨ ଅଗଷ୍ଟ ୨୦୨୬ ଭୁବନେଶ୍ୱର SANCHAR ସଂଚାର

## ମଙ୍ଗଳପୁର ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ସହାୟତା ଦେଲେ ତେଜେଶ୍ୱର ପରିଡ଼ା



ଡେରାବିଶ,୨୧।୮(ସଂଚାର ବ୍ୟୁରୋ): ପାଟକୁରା ନିର୍ବାଚନ ମଣ୍ଡଳୀର ଆନ୍ୟତମ ପ୍ରମୁଖ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଡେରାବିଶ ବ୍ଲକର ମଙ୍ଗଳପୁର ଗାଁରେ ଆଜି ପାଟକୁରା ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ଘରେ ଘରେ ବୁଲି ରିଲିଫ ବାଣ୍ଟିଛନ୍ତି | ବିରୂପା ନଦୀ ଓ ପଟ୍ଟାମୁଣ୍ଡାଇ କେନାଲ ମଧ୍ୟବର୍ତ୍ତୀ ମଙ୍ଗଳପୁର ଘେରୀ ଅଞ୍ଚଳର ୱାର୍ଡ଼ ନମ୍ବର ୮ ଓ ୱାର୍ଡ଼ ନମ୍ବର ୯ ଅଞ୍ଚଳବାସୀ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ବନ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି | ନଦୀପଠାରେ ଥିବା ସେଠୀ ସାହି, ଜେନା ସାହି, ବଢ଼େଇ ସାହି ଅଞ୍ଚଳ ଓ ନଦୀବନ୍ଧ ପାଶ୍ୱର୍ରେ ଥିବା ମଲ୍ଲିକ ସାହି ଅଞ୍ଚଳରେ ଦୁଇଥର ବନ୍ୟାଜଳ ପଶିବା ଯୋଗୁଁ ଅନେକଙ୍କ ରହିବା ଘରେ ପାଣି ପଶିବା ସହ ଅଧିକାଂଶ ଗୁହାଳ ଓ ରୋଷେଇ ଘରର ମାଟିକାନ୍ଥଗୁଡ଼ିକ ଭାଙ୍ଗିପଡିଛି |

ଏହି ସବୁ ଅଞ୍ଚଳର ଚାଷଜମି ଓ ଗୋଚର ଜମି ଗୁଡ଼ିକ ବନ୍ୟାଜଳରେ ବୁଡ଼ି ରହିଥିବାରୁ ଗୋସମ୍ପଦମାନେ ଖାଦ୍ୟ ପାଇବାରୁ ବଂଚିତ ହେଉଛନ୍ତି। ସରକାରଙ୍କ ତରଫରୁ ଗତକାଲି ପର୍ଯ୍ୟନ୍ତ ରନ୍ଧାଖାଦ୍ୟ, ଶୁଷ୍କ ଖାଦ୍ୟ ଓ ଗୋଖାଦ୍ୟ ପହଞ୍ଚାଯାଇଥିଲା। ଆହୁରି ଅଧିକ ପରିମାଣର ରିଲିଫ ସାମାଗ୍ରୀର ଆବଶ୍ୟକତା ଅନୁଭବ କରି ଆଜି ପାଟକୁରା ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ଏହି ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ଅଧିକ ପରିମାଣର ଗୋଖାଦ୍ୟ, ପାଲ, ଚୂଡ଼ା, ବିସ୍କୁଟ, ଗୁଡ଼, ଚିନି, ଚା ପତି, ମଶାଧୂପ, ଦିଆସିଲି ର ଦୁଇଟି ପ୍ୟାକେଟ ପ୍ରଭାବିତମାନଙ୍କ ଘରେ ବଣ୍ଟନ କରାଯାଇଛି |

## ଧ୍ରୁବ ସାହୁଙ୍କ ବଳଭଦ୍ରପୁରରେ ରିଲିଫ ବଣ୍ଟନ



ପଟ୍ଟାମୁଣ୍ଡାଇ, ୨୧।୮ (ସଂଚାର ବ୍ୟୁରୋ): ଚଳିତ ବ୍ରାହ୍ମଣୀ ନଦୀର ୩ୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ବୁଲି ବନ୍ୟା ବିପନ୍ନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହିତ ପର୍ଯ୍ୟାପ୍ତଭାବେ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ନିଜସ୍ୱ ରିଲିଫ ବଣ୍ଟନ ଆରମ୍ଭ କରିଛନ୍ତି । ଆଜି ବିଧାୟକ ଶ୍ରୀ ସାହୁ ନିଜର ସମର୍ଥକଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ପଂଚାୟତକୁ ବିପନ୍ନ ଲୋକମାନଙ୍କୁ ଖେତି ଅଭାବ ଅସୁବିଧା ପଚାରି ବୁଝିବା ସହିତ ନିଜସ୍ୱ ରିଲିଫ ବଣ୍ଟନ କରିଥିଲେ । ବିଧାୟକ ସମସ୍ତ ବନ୍ୟା ବିପନ୍ନଙ୍କୁ ପର୍ଯ୍ୟାପ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଛନ୍ତି ।

## ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ରିଲିଫ ବଣ୍ଟନ



ପଟ୍ଟାମୁଣ୍ଡାଇ, ୨୧।୮ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟା ବିପନ୍ନ ଶ୍ରୀରାମପୁର ପଂଚାୟତରେ କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି । ଜିଲ୍ଲା ମହିଳା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଜ୍ୟୋସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚା କର୍ମୀ ମାନେ ବନ୍ୟାଞ୍ଚଳ ପରିଦର୍ଶନ କରି ରିଲିଫ ବଣ୍ଟନ କରିଥିଲେ। ଏଥିରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ଜିଲ୍ଲା ଉପସଭାପତି ଆଡ଼ଭୋକେଟ ଭାରତ ଭୂଷଣ ଦାସ, ଅମୀୟ ଜେନା,ରଶ୍ମିତା ସାହୁ ମିଟୁ ମନୋଜ ନାୟକ ପରେଶ ସାହୁ ପ୍ରିୟଙ୍କା ଶତପଥୀ ମଧୁସ୍ମିତା ମହାପାତ୍ର,ସନ୍ଧ୍ୟା ମହାନ୍ତି ସୁଷମା ଭୂୟାଁ ତୁଳସୀ ବିଶ୍ୱାଳ ପଙ୍କଜିନୀ ସାମଲ ବନ୍ଦନା ରାଉତରାୟ ମଣ୍ଡଳ ସଭାପତି କାଜଲ ଜେନା ହିମାଂଶୁ କୁଣ୍ଡ ରଶ୍ମି ରଞ୍ଜନ ରାଉତ ଗିରିଜା ଶଙ୍କର ଦାସ ପଙ୍କଜ ଦାସ ପ୍ରମୁଖ ବହୁ ମହିଳା ମୋର୍ଚ୍ଚା ଓ ବିଜେପି କାର୍ଯ୍ୟକର୍ତ୍ତା ଡ଼ଙ୍ଗା ଯୋଗେ ଶ୍ରୀରାମପୁର ପଂଚାୟତକୁ ଯାଇ ବନ୍ୟାବିପନ୍ନ ମାନଂକୁ ରିଲିଫ ବଣ୍ଟନ କରିଥିଲେ ।

## ବଜ୍ରାଘାତରେ ଯୁବକଙ୍କ ମୃତ୍ୟୁ



ମହାକାଳପଡ଼ା,୨୧।୮(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଜଦୁପୁର ପଞ୍ଚାୟତ ଖଶାଡି ଗ୍ରାମରେ ଆଜି ଅପରାହ୍ନରେ ବଜ୍ରାଘାତ ଘଟି ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଖଶାଡି ଗ୍ରାମର ମଡ଼ିଆଳ ରାଉତଙ୍କ ପୁଅ ଶୁଶାନ୍ତ ରାଉତ(ଚିନୁ) ଆଜି ବାପା ଓ ଭାଇଙ୍କ ପାଇଁ ଭାତ ନେଇ ବିଲକୁ ଯାଇଥିଲେ। ଘରକୁ ଫେରୁଥିବା ବେଳେ ହଠାତ୍ ପାଗ ଖରାପ ହୋଇ ବଜ୍ରପାତ ହୋଇଥିଲା। ସେହି ସମୟରେ ବଜ୍ରାଘାତରେ ପ୍ରଶାନ୍ତ ବିଲରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ କର୍ତ୍ତବ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପାଇବା ପରେ ଖଶାଡି ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଛି। ପରିବାର ଲୋକେ ପୁଅକୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

### ପ୍ରଧାନଶିକ୍ଷକଙ୍କ ବିରୋଧରେ ସରପଞ୍ଚଙ୍କ ସଙ୍ଗୀନ ଅଭିଯୋଗ

# ବିଦ୍ୟାଳୟକୁ ବାସଭବନ କରିଛନ୍ତି ପ୍ରଧାନଶିକ୍ଷକ!

### ଉପସ୍ଥାନରେ ଅନିୟମିତତା ଅଭିଯୋଗ

### ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଶିକ୍ଷା ବିଭାଗ

ମାର୍ଶାଘାଇ,୨୧।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ତାଳସଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିସରରେ ନିଜ ପରିବାର ସହ ରହୁଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି। ବିଦ୍ୟାଳୟ ଷ୍ଟାଣ୍ଡିଂ କମିଟିର ସଭାପତି ତଥା ତାଳସଙ୍ଗା ସରପଞ୍ଚ ଅଶାନ୍ତି ସ୍ୱାଇଁ ଏହି ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁସାରେ, ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ନେଇ ଅଭିଯୋଗ ପାଇବା ପରେ ସରପଞ୍ଚ ଶୁକ୍ରବାର ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେଠାରେ ମୋଟ ୪୯ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଉପସ୍ଥାନ ଖାତାରେ ୬୨ ଜଣଙ୍କ ଉପସ୍ଥାନ ଦର୍ଶାଯାଇଥିବା ସରପଞ୍ଚ ଅଭିଯୋଗ କରିଛନ୍ତି।



ଏନେଇ ସରପଞ୍ଚ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ସରପଞ୍ଚଙ୍କୁ ବିଦ୍ୟାଳୟରୁ ବାହାରି ଯିବାକୁ କହିଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ପରେ ସରପଞ୍ଚ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଜଣାଇଥିଲେ।

ଘଟଣା ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରିଥିବା ବେଳେ ଘଟଣାର ଯାଞ୍ଚ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ, ଏହି ଅଭିଯୋଗ ସମ୍ପର୍କରେ ପ୍ରଧାନଶିକ୍ଷକ ରାଜକିଶୋର ବେହେରାଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ କ୍ୟାମେରା ସମ୍ମୁଖରେ କୌଣସି ପ୍ରତିକ୍ରିୟା ଦେବାକୁ ଅନିଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି। ସରପଞ୍ଚ ଘଟଣାର ତଦନ୍ତ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ବିଦ୍ୟୁତ୍ କାର୍ଯ୍ୟାଳୟରୁ ବିଦ୍ୟୁତ୍ ଚୋରି

## ମାଗଣା ଚାର୍ଜ ହେଉଛି କର୍ମଚାରୀଙ୍କ ଗାଡ଼ି

### ଉପଭୋକ୍ତା ଭକୁଆ, ଲାଭରେ କର୍ମଚାରୀ



ମହାକାଳପଡ଼ା, ୨୧।୮ (ସଂଚାର ବ୍ୟୁରୋ): ଟାଟା ପାୱାର କାର୍ଯ୍ୟାଳୟରୁ ବିଦ୍ୟୁତ୍ ଚୋରି କରୁଛନ୍ତି କର୍ମଚାରୀ। କାର୍ଯ୍ୟାଳୟରୁ ମାଗଣା ଚାର୍ଜ କରୁଛନ୍ତି ନିଜର ବ୍ୟକ୍ତିଗତ ସ୍କୁଟି ଗାଡ଼ି। ତାହା ପୁଣି ଦିନ ଦ୍ୱିପହରରେ ସମସ୍ତଙ୍କ ଆଖି ସାମ୍ନାରେ। ନା କାହାରିକୁ ଭୟ ଅଛି ନା ସଙ୍କୋଚ। ଏମିତି ଏକ ଘଟଣା ଆଜି ସାମ୍ନାକୁ ଆସିବା ପରେ ଶକ୍ତି ବିଭାଗର ଶକ୍ତି କର୍ମଚାରୀ ମାନେ ବାଟମାରଣା କରୁଛନ୍ତି ବୋଲି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାମୁତାବକ ଆଜି ୧.୪୦ ମିନିଟ୍ ସମୟରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ କିଆରବାଙ୍କ ଠାରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟରେ ଗୋଟିଏ ଇଲେକ୍ଟ୍ରି ସ୍କୁଟି ଚାର୍ଜ ହେଉଥିବା ଦେଖିବାକୁ ମିଳିଥିଲା। ଗାଡ଼ିର ନମ୍ବର ଓଡ଼ି୦୨ଡିଇ୪୭୩୫ ରହିଛି। ଭୁବନେଶ୍ୱର ପରିବହନ ବିଭାଗ ଅଧୀନରେ ପଞ୍ଜିକରଣ ହୋଇଥିବା ଏହି ଗାଡ଼ି ମହାନ୍ତି ବାବୁଙ୍କ ନାମରେ ରହିଥିବା ଜଣା ପଡିଛି। ଅଫିସ ସମ୍ମୁଖରେ କର୍ମଚାରୀ ଙ୍କ ଗାଡ଼ି ଚାର୍ଜ ହେଉଥିବା ଦୃଶ୍ୟ ଜଣେ ସାଧାରଣ ବ୍ୟକ୍ତି ନିଜ ମୋବାଇଲ ରେ ଭିଡିଓ ଉଠାଇ କରି ଆମକୁ ପଠାଇଛନ୍ତି। ତେବେ ସାଧାରଣ ଲୋକଙ୍କ ଉପରେ ଜୁଲମ ଦେଖାଉଥିବା ବିଦ୍ୟୁତ୍ କର୍ମଚାରୀ ମାନଙ୍କ ଏ ଦୃଶ୍ୟ ସାମ୍ନାକୁ ଆସିବା ପରେ ବାସ୍ତବ ସତ୍ୟତା ଜଣାପଡିଛି। ତେବେ କିଏ ଏହି କରିତକର୍ମା କର୍ମଚାରୀ,ଯାହାଙ୍କ ପାଇଁ ଶକ୍ତି ବିଭାଗ ଶକ୍ତିହୀନ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏ ଘଟଣାରେ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ସେପ୍ଟେମ୍ବର ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ): ଜନସାଧାରଣଙ୍କୁ ବିନାମୂଲ୍ୟରେ ଆଇନ ସେବା ଯୋଗାଇଦେବା ଲକ୍ଷ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ରାଷ୍ଟ୍ରୀୟ ଲୋକ ଅଦାଲତ । ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ତା୧୨.୦୯.୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଜିଲ୍ଲା କୋର୍ଟ ସମେତ ଏହାର ନିକଟବର୍ତ୍ତୀ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ।

ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ସାଲିସ ଯୋଗ୍ୟ ଫୌଜଦାରୀ ମାମଲା,ଦାବି ସୌଦା ମାମଲା,ଚେକ୍ ବାଉନ୍ସ, ଟଙ୍କା ପୁନରୁଦ୍ଧାର ମାମଲା, ଆର୍ଥିକ ବିଷୟଗୁଡ଼ିକ( ଋଣ ପୁନରୁଦ୍ଧାର, ଏନପିଏ ସମାଧାନ), ଉତ୍ତରାଧିକାରୀ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ସମାଧାନ ଯୋଗ୍ୟ ଟ୍ରାଫିକ ଚାଲାଣ, ଚାକିରି ସମ୍ବନ୍ଧୀୟ ଅବସର କାଳୀନ ପ୍ରାପ୍ୟଜନିତ ମାମଲା, ଶ୍ରମବିବାଦ ଜନିତ ମାମଲା, ଜମି ଅଧିଗ୍ରହଣ ମାମଲା, ରାଜସ୍ୱ ମାମଲା, ବ୍ୟାଙ୍କ ଋଣ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ, ଟେଲିଫୋନ ଦେୟ ସମ୍ବନ୍ଧୀୟ ବିବାଦ, ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ନ୍ୟାୟାଳୟରେ ମାମଲା ଦାଖଲ ପୂର୍ବରୁ ଉଲ୍ଲେଖିତ ପାରିବାରିକ ବିବାଦ, ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାଗୁଡ଼ିକର ଫଇସଲା ହେବ ।

ମାନ୍ୟବର ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀଯୁକ୍ତ ଦୀପକ କୁମାରଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଆଇନ ସେବା ପ୍ରାଧିକରଣର ସଚିବ ସନ୍ତୋଷ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ କୋର୍ଟରେ ବିଚାରାଧିନ ମାମଲା ଓ ନିଜ ମଧ୍ୟରେ ଥିବା ଯେକୌଣସି ମିଳାମିଶା ଯୋଗ୍ୟ ବିବାଦର ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପୋଯୋଗ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।

## ଅତିରିକ୍ତ ଏସ୍ଆର୍‌ସିଙ୍କ ରାଜକନିକା ଓ ଆଳି ବ୍ଲକ ପରିଦର୍ଶନ

ଆଳି, ୨୧।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବଣ୍ଟନ, ଉଦ୍ଧାର କାର୍ଯ୍ୟ, ମାଗଣା ରନ୍ଧା ଖାଦ୍ୟ ଯୋଗାଣ ଏବଂ ଆବଶ୍ୟକ ମୌଳିକ ସେବାର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି।



ବନ୍ୟା ପରିସ୍ଥିତିର ସ୍ଥିତି ସମୀକ୍ଷା ଓ ରିଲିଫ୍ କାର୍ଯ୍ୟର ତଦାରଖ ପାଇଁ ଅତିରିକ୍ତ ଏସ୍ଆର୍‌ସି ସୁବାଷ ନାଥ ଶର୍ମା ରାଜକନିକା ଓ ଆଳି ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବଣ୍ଟନ, ଉଦ୍ଧାର କାର୍ଯ୍ୟ, ମାଗଣା ରନ୍ଧା ଖାଦ୍ୟ ବ୍ୟବସ୍ଥା ଓ ଜନସାଧାରଣଙ୍କ ପାଇଁ ଆବଶ୍ୟକ ସେବା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ବନ୍ୟା ପରିସ୍ଥିତିରେ ଲୋକଙ୍କୁ ତ୍ୱରିତ ସହାୟତା ଯୋଗାଇବା ଓ ଆବଶ୍ୟକ ଜନସେବାର ପୁନରୁଦ୍ଧାରକୁ ଗୁରୁତ୍ୱ ଦେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ।

ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଡେପୁଟି କଲେକ୍ଟର (ଜରୁରୀକାଳୀନ) ନିତ୍ୟରଞ୍ଜନ ସାମଲଙ୍କ ସମେତ ସମ୍ପୃକ୍ତ ବ୍ଲକର ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

୨୧ ଅଗଷ୍ଟ ୨୦୨୬ ଅପରାହ୍ନ ୫ଟା ସୁଦ୍ଧା ଜିଲ୍ଲାର ୫ଟି ବ୍ଲକ— ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ରାଜକନିକାର ୬୭ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୬୪ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ମୋଟ ୨,୪୭,୪୯୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି।

ବନ୍ୟା ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇ ଏପର୍ଯ୍ୟନ୍ତ ୬୨ଟି ରିଲିଫ୍/ଆଶ୍ରୟ କେନ୍ଦ୍ରରେ ୯,୫୦୩ ଜଣଙ୍କୁ ରଖାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ୭୪୬.୫୫ କ୍ୱିଣ୍ଟାଲ ଚାଉଳ, ୬୩.୮ କ୍ୱିଣ୍ଟାଲ ଚୁଡ଼ା, ୧୩୮ କ୍ୱିଣ୍ଟାଲ ଗୁଡ଼/ଚିନି, ୨,୩୬,୩୧୦ଟି ପାଣି ବୋତଲ, ୬୮,୨୦୦ଟି ପାଣି ପାଉଚ୍ ଏବଂ ୫୬,୨୯୮ ପ୍ୟାକେଟ ବିସ୍କୁଟ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ମେଡିକାଲ୍ ଟିମ୍ ଓ ୬ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ ହୋଇଛନ୍ତି। ଏହି ଟିମ୍‌ଗୁଡ଼ିକ ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ଚିକିତ୍ସା ଓ ପଶୁସେବା ଯୋଗାଇ ଦେଉଛନ୍ତି।

ବନ୍ୟା ଯୋଗୁଁ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଞ୍ଚଳ ପ୍ରଭାବିତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ବନ୍ୟାଜଳ ହ୍ରାସ ପରେ ବାସ୍ତବ କ୍ଷୟକ୍ଷତି ଆକଳନ କରାଯିବ।

## ଧସିଲା ତଟବନ୍ଧ ବିଭାଗର ଘେରିବନ୍ଧ

### ନିମ୍ନମାନର ପଥର ପ୍ୟାକିଂ ନେଇ ଅଭିଯୋଗ



ମହାକାଳପଡ଼ା,୨୧।୮(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ କଂସାର ନିକଟରେ ଗୋବରୀ ନଦୀକୂଳରେ ତଟବନ୍ଧ ବିଭାଗର ଘେରିବନ୍ଧ ପ୍ରାୟ ଶହେ ମିଟର ଧସିଯାଇଛି। ବିଜୟନଗର ସେକ୍ସନ ପକ୍ଷରୁ ଏଠାରେ କରାଯାଇଥିବା ପଥର ପ୍ୟାକିଂ ନିମ୍ନମାନର ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଘେରିବନ୍ଧରେ ନାମକୁ ମାତ୍ର ପଥର ପ୍ୟାକିଂ କରାଯାଇଥିଲା। ଫଳରେ ନଦୀର ପ୍ରବଳ ସ୍ରୋତରେ ପଥରଗୁଡ଼ିକ ଧସିଯିବା ସହ ଏବେ ବନ୍ଧର ବଡ଼ ଅଂଶ ମଧ୍ୟ ନଦୀ ଗର୍ଭକୁ ଚାଲି ଯାଇଛି। ଏହାକୁ ନେଇ କାର୍ଯ୍ୟର ମାନ ଓ ଖର୍ଚ୍ଚ ହୋଇଥିବା କୋଟି କୋଟି ଟଙ୍କାକୁ ନେଇ ପ୍ରଶ୍ନ ଉଠିଛି। ଘଟଣା ସାମ୍ନାକୁ ଆସିବା ପରେ ତରବରିଆ ଭାବେ ଜେସିବି ଲଗାଇ ମାଟି ପକାଇ ଧସିଥିବା ସ୍ଥାନକୁ ଘୋଡ଼ାଇବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ତେବେ ଏ ସମ୍ପର୍କରେ ବର୍ତ୍ତମାନ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଘେରିବନ୍ଧ ନିର୍ମାଣର ମାନ, ଖର୍ଚ୍ଚ ଓ ଧସିବାର କାରଣ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଡେରାବିଶ ବିଡ଼ିଓଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା

## ବିଧାୟକଙ୍କ ଅନୁରୋଧରେ ଆନ୍ଦୋଳନ ସ୍ଥଗିତ

ଡେରାବିଶ,୨୧।୮(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ବିଡ଼ିଓ ନମିତା ବାରିକଙ୍କୁ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କ ସମର୍ଥକମାନେ ଗତ ଶୁକ୍ରବାର ଦୁର୍ବ୍ୟବହାର କରିବା ଘଟଣାର ପ୍ରତିବାଦ କରି ବୁଧବାର ଠାରୁ ବ୍ଲକ କର୍ମଚାରୀ ସଂଘ ଆହ୍ୱାନ କ୍ରମେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିଲା। ତେବେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସହ ସଂଘର କର୍ମକର୍ତ୍ତାଙ୍କ ଆଲୋଚନା ଓ କର୍ମଚାରୀମାନଙ୍କ ଦାବିକୁ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିବା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଅନୁରୋଧ କ୍ରମେ ଏହି ଆନ୍ଦୋଳନ ସ୍ଥଗିତ ରହିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ସହ କର୍ମଚାରୀ ସଂଘ ପକ୍ଷରୁ ଏବିଡ଼ିଓ ମୃଣ୍ମୟ ରାଉତ, ଆକାଉଂଟସ୍ ଅଫିସର ପଞ୍ଚାନନ କାଣ୍ଡି, କନିଷ୍ଠ ଯନ୍ତ୍ରୀ ଅନିଲ ମହାନ୍ତି, କନିଷ୍ଠ ସହାୟକ ଆକାଶ ନାୟକ, ସଂଘ କାର୍ଯ୍ୟକାରୀ ସଭାପତି ଦୁଲାଶିଷ ଗୁପ୍ତା, ଚନ୍ଦ୍ରକାନ୍ତ କର, ଏଡିଇଓ ସୁଧାଂଶୁ ବେହେରା, ବଳଭଦ୍ର ପରିଡ଼ା, ମହେଶ୍ୱର ପ୍ରଧାନ ପ୍ରମୁଖ ଜିଲ୍ଲାପାଳଙ୍କ ଭେଟି ସଂଘ ପକ୍ଷରୁ ଚାରିଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ବର୍ତ୍ତମାନ ଜିଲ୍ଲାର ଚାରୋଟି ବ୍ଲକରେ ବନ୍ୟା ପରିସ୍ଥିତି ଲାଗିରହିଥିବାରୁ ବନ୍ୟାପାଣି ଛାଡ଼ିବା ପରେ ଉଭୟପକ୍ଷଙ୍କୁ ଡକାଯାଇ ଆଲୋଚନା କରି ଏ ଘଟଣାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

ଆଜି ବ୍ଲକ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଆନ୍ଦୋଳନକୁ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିବା ବିଧାୟକ ଶ୍ରୀ ମହାପାତ୍ର ସେଦିନର ଘଟଣା ଓ କର୍ମଚାରୀମାନଙ୍କ ଦାବି ସମ୍ପର୍କରେ ସେ ନିଜେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ଓ ବର୍ତ୍ତମାନ ପରିପ୍ରେକ୍ଷିରେ ଏହି ଆନ୍ଦୋଳନକୁ ସ୍ଥଗିତ ରଖିବାକୁ କର୍ମଚାରୀମାନଙ୍କୁ ବିଧାୟକ ଅନୁରୋଧ କରିଥିଲେ। ବିଧାୟକଙ୍କ ଅନୁରୋଧ କ୍ରମେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ଦୃଷ୍ଟିରେ ରଖି ଏହି ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ସଂଘ ନିଷ୍ପତି ନେଇଥିଲା।

## ବାଲିଅନ୍ତାରେ ରାସ୍ତା ଅବସ୍ଥା ଶୋଚନୀୟ

ବାଲିଅନ୍ତା,୨୧।୮(ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ୍ ଅଧୀନ ରଙ୍ଗବଜାର ଠାରୁ ଅଢ଼ଶପୁର ଭାୟା ଜୟଦେବ ପୀଠ, ଟୋଲକପଡ଼ା, ପ୍ରତାପରୁଦ୍ରପୁର, ମିଛୁମରା ଛକ, ଖମଙ୍ଗ, ବେଣ୍ଟପୁର ଶ୍ମଶାନ ଛକ ଓ ବ୍ରାହ୍ମଣଷଢ଼ଙ୍ଗୀ ଛକ ଦେଇ ଯାଇଥିବା ପ୍ରାୟ ୧୨ କିଲୋମିଟର ରାସ୍ତା ଏବେ ଯାତାୟାତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଛି। ବାରମ୍ବାର ବର୍ଷା ଯୋଗୁଁ ଅଢ଼ଶପୁର ରୁ ରଙ୍ଗବଜାର ୧୨ କିମି ରାସ୍ତାରେ ଶହେରୁ ଉର୍ଦ୍ଧ୍ୱ ଖାଲରେ ପାଣି ଜମି ରହୁଛି। ଫଳରେ ଚାଳକମାନେ ଖାଲର ଗଭୀରତା କଳନା କରିନପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷକରି ଶୁଦ୍ଧଷଢ଼ଙ୍ଗୀ ବୁଲାଣୀଠାରେ ସୃଷ୍ଟି ହୋଇଥିବା ବିରାଟ ଖାଲ ଯୋଗୁଁ ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଛି, ଯାହାଫଳରେ ପ୍ରତ୍ୟେକ ଦିନ ଏଠାରେ ୨ ରୁ ୩ଟି ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ବାରମ୍ବାର ମରାମତି ହେଉଥିଲେ ହେଁ କାର୍ଯ୍ୟ ଶେଷ ହେବାର ମାତ୍ର ୬ ମାସ ନପୁରୁଣୁ ରାସ୍ତା ପୁଣି ଶୋଚନୀୟ ହୋଇପଡୁଛି। ବିଭାଗ ପକ୍ଷରୁ କେବଳ ତାଳିପକା କାମ କରାଯାଉଥିବାରୁ ଏଭଳି ସମସ୍ୟା ବାରମ୍ବାର ଉପୁଜୁଥିବା ଅଭିଯୋଗ ହୋଇଛି।

ପାରାଦ୍ୱୀପ ଓ ଭୁବନେଶ୍ୱର ମଧ୍ୟରେ ଦୂରତା କମ୍ ଥିବାରୁ ଏହି ରାସ୍ତା ଦେଇ ଦିନରାତି ୨୪ ଘଣ୍ଟା ଭାରୀ ଯାନ ସମେତ ଶହ ଶହ ଛୋଟବଡ଼ ଗାଡ଼ି ଚଳାଚଳ କରୁଛି। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ: ଶୁଦ୍ଧଷଢ଼ଙ୍ଗୀ ଛକ, ଛନ୍ଦଳ ଛକ,ନାୟାର ପେଟ୍ରୋଲ ପମ୍ପ ,ଦେଢ଼ାଲୋ ଲାଞ୍ଜିମୁହଁ ସମ୍ମୁଖ, ବାଲିଚତରା ଛକ୍କ ପଣ୍ଡା ଗ୍ରିନ୍ ସମ୍ମୁଖ ଆଦି ପ୍ରମୁଖ ସ୍ଥାନମାନଙ୍କରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି। ଫଳରେ ଗାଡ଼ିଗୁଡ଼ିକ ଓଭରଟେକ୍ କରିବା ସମୟରେ ଅହରହ ଦୁର୍ଘଟଣା ଘଟୁଛି। ସ୍ଥାନୀୟ ବାସିନ୍ଦାଙ୍କ ସମେତ ଦୂରଦୂରାନ୍ତରୁ ଆସୁଥିବା ଚାଳକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସରକାର ରାସ୍ତା ନବୀକରଣ ପାଇଁ ବିପୁଳ ଅନୁଦାନ ଯୋଗାଉଥିବା ବେଳେ ବିଭାଗୀୟ କର୍ମଚାରୀ ଓ ଠିକାଦାରଙ୍କ ଆନ୍ତରିକତା ଅଭାବରୁ କାର୍ଯ୍ୟରେ ବ୍ୟାପକ ଅବହେଳା ହେଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଗତ କିଛି ମାସ ମଧ୍ୟରେ ଏହି ରାସ୍ତା ମରାମତି ନାଁରେ କେତେଥର ବିଲ୍ ପାସ୍ ହୋଇଛି, ସେନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ଦୃଢ଼ ଦାବି କରିଛନ୍ତି। ଯଦି ବିଭାଗ ପକ୍ଷରୁ ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ସମାଜସେବୀ ରଞ୍ଜନ ପରମାଣିକ, ଆଇନଜୀବି ଶୁବ୍ରତ ମହାନ୍ତି, ସଞ୍ଜୟ ସେନାପତି,କାଶିନାଥ ପ୍ରଧାନ, ବାମଦେବ ମହାରଣା, ଜଗଦୀଶ ଦାଶ , ହୃଷିକେଶ ଦାଶ ପ୍ରମୁଖ ମତପୋଷଣ କରିଛନ୍ତି।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ଦାବି



କୋରାପୁଟ,୨୧।୮(ସଂଚାର ବ୍ୟୁରୋ): ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ମରିଚଗୁଡ଼ାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବି କରିଛନ୍ତି। ଉକ୍ତ ଗ୍ରାମ ସ୍କୁଲରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୧୫ ଖଣ୍ଡ ଗ୍ରାମର ଛାତ୍ରଛାତ୍ରୀମାନେ ମରିଚଗୁଡା ସ୍କୁଲ ଉପରେ ନିର୍ଭର କରନ୍ତି। ତେଣୁ ଆମ୍ଭ ଗ୍ରାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେଲେ ପିଲାମାନେ ପାଠପଢ଼ିବା ସହ ହଷ୍ଟେଲରେ ରହିବେ। ଯଦ୍ୱାରା ପ୍ରାଥମିକ ଶିକ୍ଷାର ବିକାଶ ହୋଇପାରିବ। ପିଣ୍ଡାପଦର ସରପଞ୍ଚ ନବୀନ ମୁଦୁଲି, ଫକୀର ମୁଦୁଲି ଙ୍କ ସହ ଶତାଧିକ ଗ୍ରାମବାସୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଜାତୀୟ ପତାକାକୁ ବଗଡ଼ା ଆର୍ଆଇଙ୍କ ଅସମ୍ମାନ ଘଟଣା

## କାରଣ ଦର୍ଶାଅ ନୋଟିସ୍ ଜାରି କଲେ ତହସିଲଦାର

କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ): ସାରା ଦେଶ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ କେନ୍ଦ୍ରାପଡ଼ା ତହସିଲ ଅଧିନରେ ଥିବା ବଗଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇନଥିଲା। ଖାଲି ଏତିକି ନୁହେଁ ଏଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ଦିବସରେ ସରକାରୀ ଅଫିସ୍ ମଧ୍ୟ ଖୋଲାଯାଇନଥିବା ଦେଖିବାକୁ ମିଳିଥିଲା। ଯାହାକି ବୁଦ୍ଧିଜୀବୀ ଏଭଳି ଦିନରେ ଜାତୀୟ ପତାକା ଉତ୍ତୋଳନକୁ ରାଜସ୍ୱ ନିରୀକ୍ଷକ ଅବମାନନା କରିବା ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ପଡି ରହିଥିବା ଚିତ୍ର ସାମ୍ନାକୁ ଆସିଥିଲା। ବଗଡ଼ା ରାଜସ୍ୱ ନିରୀକ୍ଷକ ଚାର୍ଜରେ ଥିବା ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ବେଫିକର ମନୋଭାବକୁ ପଦାରେ ପକାଇଛି। ଖାଲି ଏତିକି ନୁହେଁ ଅଫିସ ଖୋଲିବା ତ ଦୂରର କଥା ଅଫିସ୍ ଆଗରେ ଥିବା ଗେଟ୍ ମଧ୍ୟ ଖୋଲା ମୁକୁଳା ପଡ଼ିଥିବା ଦେଖିବାକୁ ମିଳିଛି। ସହକାରୀ ରାଜସ୍ୱ ନିରୀକ୍ଷକ ତାଲା ପକାଇବାକୁ ବି ଭୁଲି ଯାଉଛନ୍ତି ନାଁ ସମୟ ହେଉନାହି ତାହା ମଧ୍ୟ ବଡ଼ ପ୍ରଶ୍ନବାଚୀ।

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ତହସିଲଦାର କୁଇନି ଜେନା ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ନିଜ ନିଜ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଥିଲା। ଏହି ଘଟଣାରେ ବଗଡ଼ା ରାଜସ୍ୱ ନିରୀକ୍ଷକ ପ୍ରଭାସିନୀ ବେହେରାଙ୍କୁ ଆଜି କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ୩ଦିନ ଭିତରେ ଉତ୍ତର ରଖିବାକୁ ଚିଠି କରିଛନ୍ତି ତହସିଲଦାର।

# ପଟିଆ ରେଳ ଷ୍ଟେସନକୁ ଯୋଡ଼ିବ ନୂଆ ରାସ୍ତା

**■ ଭିତ୍ତିପ୍ରସ୍ତର ସ୍ଥାପନ କଲେ ନଗର ଉନ୍ନୟନ ମନ୍ତ୍ରୀ**



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଗୁରୁ କେଳୁଚରଣ ପାର୍କ ଓ ପଟିଆ ରେଳ ଷ୍ଟେସନକୁ ସଂଯୋଗ କରୁଥିବା ୪୫ ମିଟର ଓସାରର ‘ସାମଗ୍ରିକ ବିକାଶ ଯୋଜନା’ (ସିଡିପି) ରାସ୍ତା ପାଇଁ ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଅଧ୍ୟକ୍ଷ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରସ୍ତାବିତ ରାସ୍ତାଟିର ମୋଟ ଦୈର୍ଘ୍ୟ ୨.୩୮୭ କିମି ହେବ ଓ ଏହା ପଟିଆ, ଚନ୍ଦ୍ରଶେଖରପୁର ଓ ଗାଡ଼କଣ ମୌଜା ଦେଇ ଯିବ। ‘ରାଇଟ୍ ସାଇଡ୍ ରୋଡ୍ ନେଟୱର୍କ’ (ଆରଏସଆରଏନ) ଅଧୀନରେ ଏହା ପଟିଆ ରେଳ ଷ୍ଟେସନ୍‌କୁ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ପ୍ରଦାନ କରିବା ସହ ବ୍ୟସ୍ତବହୁଳ ଜୟଦେବ ବିହାର-ନନ୍ଦନକାନନ କରିଡର୍ ଦେଇ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ପାଇଁ ଏକ ବିକଳ୍ପ ପଥ ମଧ୍ୟ ହେବ। ୪୫ ମିଟର ଓସାର ବିଶିଷ୍ଟ ‘ସାମଗ୍ରିକ ବିକାଶ ଯୋଜନା’ (ସିଡିପି) ରାସ୍ତାଟି ଭୁବନେଶ୍ୱରର ଦ୍ରୁତ ବିକାଶଶୀଳ ଉତ୍ତର ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରିବା ଆଶା ରହିଛି। ୫୫.୮୫ କୋଟି ଟଙ୍କା ଆନୁମାନିକ ବ୍ୟୟରେ ଏହି ୬-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ଓ ଏହା ୧୮ ମାସ ମଧ୍ୟରେ ଶେଷ ହେବା ନେଇ ଲକ୍ଷ୍ୟ ରହିଛି। ଏହି ଯୋଜନାବଦ୍ଧ ଭିତ୍ତିଭୂମିରେ ରାସ୍ତା ଆଲୋକୀକରଣ, ପାଦଚଲା ରାସ୍ତା, ସ୍ୱତନ୍ତ୍ର ୟୁଟିଲିଟି କରିଡର୍ ଓ ଜଳ ନିଷ୍କାସନ ବ୍ୟବସ୍ଥା ଆଦି ସାମିଲ୍ ରହିବ। ଏହା ସଡ଼କ ସୁରକ୍ଷା, ପଥଚାରୀଙ୍କ ଚଳାଚଳ ଓ ପରିବହନ ବ୍ୟବସ୍ଥାର ସାମଗ୍ରିକ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବ।

**ବାରାଣାସୀସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ବୁଲିଲେ କେଭି**

# ଜଳବାୟୁ ସହନୀୟ ଧାନଚାଷ ଉପରେ ଆଲୋଚନା



ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ): ଉପ-ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଏବଂ ନିଭୃତି ଲକ୍ଷ୍ୟରାଜ ମେୱାରଙ୍କ ସହ ବାରାଣାସୀସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ଆଞ୍ଚଳିକ କେନ୍ଦ୍ର (ଆଇଏସଏଆରସି) ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେ ଆଇଏସଏଆରସିର ଗବେଷଣା, ନବସୃଜନ ଏବଂ ବୈଷୟିକ ଜ୍ଞାନକୌଶଳ ଯାହା ସ୍ଥାୟୀ ଓ ସହନଶୀଳ ଧାନ ଆଧାରିତ କୃଷି-ଖାଦ୍ୟ ପ୍ରଣାଳୀକୁ ସାହାଯ୍ୟ କରେ, ତାହା ଋଅନୁଧ୍ୟାନ କରିଥିଲେ। ସେ ସ୍ପିଡ୍ ବ୍ରିଡିଂ, ଭେରାଇଟାଲ୍ କାଫେଟେରିଆ, ଯାନ୍ତ୍ରିକୀକରଣ ଓ ଅମଳ ପରବର୍ତ୍ତୀ ୟୁନିଟ୍, ସିଧାସଳଖ ଧାନବୁଣା ପରୀକ୍ଷଣ ପ୍ଲଟ୍, ଡ୍ରୋନ୍ ପ୍ରଦର୍ଶନୀ ଓ ପୁନରୁଦ୍ଧାରକାରୀ କୃଷି କ୍ଷେତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସୁବିଧାଗୁଡ଼ିକ ବୁଲି ଦେଖିଥିଲେ। ଧାନ ଚାଷରେ ଉତ୍ପାଦନ, ଦକ୍ଷତା ଏବଂ ସ୍ଥାୟୀତ୍ୱ ବୃଦ୍ଧି ପାଇଁ ବିକଶିତ ଓ ପ୍ରଦର୍ଶିତ ହେଉଥିବା ପ୍ରଯୁକ୍ତିବିଦ୍ୟା ବିଷୟରେ ବୈଜ୍ଞାନିକମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ଏଥିସହ ଶ୍ରୀ ସିଂହଦେଓ ଜିଓସ୍ପାଟିଆଲ୍ ଲ୍ୟାବ୍, ପ୍ଲାଣ୍ଟ ଆଣ୍ଡ୍ ସୋଏଲ୍ ଲ୍ୟାବ୍ ଓ ଏନଏବିଏଲ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ ରାଇସ୍ ଭାଲ୍ୟୁ ଆଡିସନ୍ ଲ୍ୟାବ୍ ପରିଦର୍ଶନ କରି ଆଇଏସଏଆରସିର ଅତ୍ୟାଧୁନିକ ଗବେଷଣା ସୁବିଧା ଓ ଧାନର ମୂଲ୍ୟ ବୃଦ୍ଧି ତଥା କୃଷି କ୍ଷେତ୍ରରେ ନବସୃଜନକୁ ସୁଦୃଢ଼ କରିବାର ପ୍ରଚେଷ୍ଟା ବିଷୟରେ ସୂଚନା ସଂଗ୍ରହ କରିଥିଲେ। କ୍ଷେତ୍ର ଓ ପ୍ରୟୋଗଶାଳା ପରିଦର୍ଶନ ପରେ, ନିମନ୍ତ୍ରିତ ଅତିଥିମାନଙ୍କ ସହ ଏକ ଆଲୋଚନାସଭା ଟାଉନ୍ ହଲ୍ ଠାରେ ଆୟୋଜିତ ହୋଇଥିଲା, ଯେଉଁଥିରେ ଆଇଏସଏଆରସିର ବୈଜ୍ଞାନିକ ଓ କର୍ମଚାରୀମାନେ ଭାଗ ନେଇଥିଲେ। ଭାରତର କାର୍ଯ୍ୟକାରୀ କଣ୍ଟ୍ରି ମ୍ୟାନେଜର ଡ. ସ୍ୱାତୀ ନାୟକ ଏବଂ ଆଇଏସଏଆରସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ବିକାଶ କୁମାର ସିଂହ ଅତିଥିଙ୍କୁ ସ୍ୱାଗତ କରିଥିଲେ।



# ‘ଭୁବନେଶ୍ୱର ପୂଜା ମହାସଂଘ’ ଗଠିତ

**■ ଶୃଙ୍ଖଳିତ ପୂଜା ପରିଚାଳନା ଦାୟିତ୍ୱ**

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ବିଭିନ୍ନ ପୂଜାକୁ ଶୃଙ୍ଖଳିତ, ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ପୂଜା କମିଟିକୁ ନେଇ ‘ଭୁବନେଶ୍ୱର ପୂଜା ମହାସଂଘ’ ଗଠନ କରାଯାଇଛି। ପୂଜା କମିଟିଗୁଡ଼ିକର ସମସ୍ୟା ଓ ଦାବି ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ସହରର ସାଂସ୍କୃତିକ ପରମ୍ପରାକୁ ସୁଦୃଢ଼ କରିବା ମହାସଂଘର ମୁଖ୍ୟ ଲକ୍ଷ୍ୟ। ପୂଜା କମିଟିଗୁଡ଼ିକର ମୁଖ୍ୟତଃ ୫ଟି ଦାବି ରହିଛି। ସେଗୁଡ଼ିକ ହେଲା, ପୂଜା ଅନୁମତି ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା, ପୂଜା ମଣ୍ଡପ ଓ ବିଦ୍ୟୁତ୍ ଶୁଳ୍କରେ ରିହାତି, ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ବିସର୍ଜନ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାତି ୧୧ଟା ପର୍ଯ୍ୟନ୍ତ ଅନୁମତି ଏବଂ ନିୟମ ଓ ଶବ୍ଦସୀମା ମଧ୍ୟରେ ବିସର୍ଜନ ସମୟରେ ଡିଜେ ଅନୁମତି। ଏହି ଦାବିଗୁଡ଼ିକ ନେଇ ମହାସଂଘର କର୍ମକର୍ତ୍ତାମାନେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଗାମୀ ଦିନରେ ପ୍ରଶାସନିକ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରାଯିବ। ପ୍ରତ୍ୟେକ ପୂଜା କମିଟିକୁ ସରକାରୀ ପଞ୍ଜୀକରଣ ଓ ବ୍ୟାଙ୍କ ଖାତା ଖୋଲିବା ପାଇଁ ମହାସଂଘ ପକ୍ଷରୁ ଉତ୍ସାହିତ କରାଯାଉଛି। ଏଥିପାଇଁ ସିଏ ଓ ଆଇନଜୀବୀଙ୍କ ମାଧ୍ୟମରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ଭୁବନେଶ୍ୱରର ସମସ୍ତ ପୂଜାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ଆଧ୍ୟାତ୍ମିକ ପରିବେଶରେ ପାଳନ କରିବା ସହ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ମହାସଂଘ ପ୍ରତିବଦ୍ଧ।

# ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜିଙ୍କ ସହ ଡିଜିପିଙ୍କ ଆଭାସୀ ବୈଠକ

କଟକ,୨୧।୮(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟର ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୁଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଭିଡିଓ କନ୍ଫରେନ୍ସିଂ ଜରିଆରେ ରାଜ୍ୟର ସମସ୍ତ ରେଞ୍ଜର ଆଇଜି/ଡିଆଇଜି ଓ ସବୁ ଜିଲ୍ଲାର ଏସ୍‌ପିମାନେ ଏହି ବୈଠକରେ ଯୋଗଦେଇଥିଲେ। ବୈଠକରେ ରାଜ୍ୟର ବର୍ତ୍ତମାନର ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ଦମନ ଓ ନିୟନ୍ତ୍ରଣ, ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ, ଗୁରୁତ୍ୱପୂର୍ଣ୍ଣ ଅପରାଧ ସମୀକ୍ଷା, ଜନସାଧାରଣଙ୍କୁ ଉତ୍ତମ ପୁଲିସ ସେବା ପ୍ରଦାନ ଓ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଥାନାକୁ ଅଭିଯୋଗ ନେଇ ଆସୁଥିବା ପ୍ରତ୍ୟେକ ନାଗରିକଙ୍କୁ ଧୈର୍ଯ୍ୟର ସହ ଶୁଣିବା, ସମ୍ମାନଜନକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରିବା ଏବଂ ଅଭିଯୋଗର ନିରପେକ୍ଷ ଓ ତ୍ୱରିତ ତଦନ୍ତ ନିଶ୍ଚିତ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ପୁଲିସ ଅଧିକାରୀ ଓ କର୍ମଚାରୀମାନେ ନିୟମିତ ଭାବେ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦାୟିତ୍ୱ ତୁଲାଇବା ସହ ଥାନାଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ ଜନସାଧାରଣଙ୍କୁ ମିଳୁଥିବା ପୁଲିସ ସେବାରେ ଅଧିକ ସୁଧାର ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ବର୍ତ୍ତମାନର ଆଇନଶୃଙ୍ଖଳା ପରିସ୍ଥିତି, ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକର ଚିହ୍ନଟ, ଗୁରୁତ୍ୱପୂର୍ଣ୍ଣ ଅପରାଧର ସମୀକ୍ଷା ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଡିଜିପି ବିସ୍ତୃତ ଆଲୋଚନା କରିଛନ୍ତି। ଚଳିତ ମାସରୁ ନଭେମ୍ବର ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପର୍ବକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ପାଳନ ପାଇଁ ଆଗୁଆ ସୁରକ୍ଷା ପ୍ରସ୍ତୁତି ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଅପରାଧ ନିୟନ୍ତ୍ରଣ ଦିଗରେ ଅଭ୍ୟାସଗତ ଅପରାଧୀ ଓ ସଂଗଠିତ ଅପରାଧୀଙ୍କ ବିରୋଧରେ କଡ଼ା ଓ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଗୋରୁ ପରିବହନ ଓ ବେଆଇନ ବାଣ ପ୍ରସ୍ତୁତି ରୋକିବା ପାଇଁ ନାକା ଚେକିଂ ଓ ପାଟ୍ରୋଲିଂ ବୃଦ୍ଧି କରିବା ସହ ବେଆଇନ ଖଣିଜ ଉତ୍ତୋଳନ ଓ ପରିବହନ ବିରୋଧରେ ନିୟମିତ ଚଢ଼ାଉ, ଯାନବାହନ ଯାଞ୍ଚ ଏବଂ ଉଲ୍ଲଂଘନକାରୀଙ୍କ ବିରୋଧରେ ତ୍ୱରିତ ଆଇନଗତ ପଦକ୍ଷେପ ନେବାକୁ ସେ କହିଛନ୍ତି।



**■ ପ୍ରଥମ ଅନ୍ତର୍ଜାତୀୟ ସରକାରୀ ଭାଷା ସମ୍ମିଳନୀରେ ରାଜ୍ୟପାଳ**

# ସମୟ ସହ ହିନ୍ଦୀ ବିକଶିତ ହେବା ଉଚିତ



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଏକ ଭାଷା ସେତେବେଳେ ପ୍ରାଣବନ୍ତ ରହିଥାଏ ଯେତେବେଳେ ଏହା ସମୟ ସହ ବିକଶିତ ହୁଏ ଓ ଯୁବ ପିଢ଼ିର ଆକାଂକ୍ଷା ସହ ଯୋଡ଼ି ହୁଏ। ଏ ଦିଗରେ ହିନ୍ଦୀକୁ ଆଧୁନିକ ଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ଭାଷା କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି।ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ହିନ୍ଦୀର ବିକାଶ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ। ଏଥିପାଇଁ ବିଶ୍ୱବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ଲେଖକ ମଣ୍ଡଳୀ, ସାମ୍ବାଦିକ, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ, ଶିଳ୍ପ ଏବଂ ସମାଜକୁ ଭାଷାର ପ୍ରଚାର ପାଇଁ ଏକାଠି କାମ କରିବାକୁ ପଡ଼ିବ। ହିନ୍ଦୀ ଭାରତର ବିବିଧ ଭାଷାଗତ ଓ ସାଂସ୍କୃତିକ ପରମ୍ପରାକୁ ସଂଯୋଗ କରୁଥିବା ଏକ ଲିଙ୍କ ଭାବେ କାର୍ଯ୍ୟ କରେ। ଏହାର ଅଭିବୃଦ୍ଧି ସମସ୍ତ ଭାରତୀୟ ଭାଷା ପ୍ରତି ସହଯୋଗ ଏବଂ ସମ୍ମାନ ଉପରେ ଆଧାରିତ ହେବା ଉଚିତ। ଆମେ ହିନ୍ଦୀକୁ କୌଣସି ଭାଷାର ବିକଳ୍ପ ଭାବରେ ନୁହେଁ, ବରଂ ସଂଚାର, ଜ୍ଞାନ ଓ ଜାତୀୟ ଏକତାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଦେଖିବା ଉଚିତ। ହିନ୍ଦୀ ଅନେକ ଦେଶ ଓ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ବଢୁଥିବା ଆଗ୍ରହ ହାସଲ କରିଛି ଓ ଏହା ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ପାଇଁ ଭାଷାର ବିକାଶ କରିବାର ଦାୟିତ୍ୱ ମଧ୍ୟ ରଖିଛି ବୋଲି ରାଜ୍ୟପାଳ କହିଛନ୍ତି।

# ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ବିଶିଷ୍ଟ ସଙ୍ଗୀତଜ୍ଞ ଓ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କ ୮୮ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସ୍ୱର୍ଗତଃ ପଟ୍ଟନାୟକ ଦୀର୍ଘ ଛଅ ଦଶନ୍ଧି ଧରି ଓଡ଼ିଆ ସଙ୍ଗୀତ ଜଗତରେ ଆଧିପତ୍ୟ ବିସ୍ତାର କରିଥିଲେ। ସେ ୨୦୦ରୁ ଅଧିକ ଚଳଚ୍ଚିତ୍ର ଓ ଅଣଚଳଚ୍ଚିତ୍ର କ୍ଷେତ୍ରରେ କଣ୍ଠଦାନ କରିଛନ୍ତି। ତାଙ୍କ ମଧୁର ଗୀତ ସବୁ ଆଜି ମଧ୍ୟ ଓଡିଆ ଶ୍ରୋତାମାନଙ୍କ ହୃଦୟକୁ ସ୍ପର୍ଶ କରିଥାଏ ଓ ତାଙ୍କ ଅବଦାନ ଓଡ଼ିଆ ସଙ୍ଗୀତ ଜଗତକୁ ସମୃଦ୍ଧ କରିବାରେ ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ଏହି ଅତୁଳନୀୟ ସଙ୍ଗୀତ ସାଧକଙ୍କ ବିୟୋଗରେ ଓଡିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିବା ସହ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ପଟ୍ଟନାୟକଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ଓ ଅସଂଖ୍ୟ ପ୍ରଶଂସକଙ୍କୁ ଗଭୀର ସମବେଦନା ଜଣାଇ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା ଓ ରାଜ୍ୟବାସୀଙ୍କ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

**ଏମ୍‌ଏମ୍‌ଡିଆର ଆମେଣ୍ଡମେଣ୍ଟ ବିଲ୍ ପ୍ରସଙ୍ଗ**

# ଖୋଲା ବିତର୍କର ଆହ୍ୱାନ ଦେଲା ବିଜେଡି



**■ ଓଡ଼ିଶା ବିରୋଧରେ ଭୋଟ ଦେଲେ ୨୫ ବିଜେପି ସାଂସଦ**

**■ କେଉଁ ଜଗତସେଠଙ୍କ ପାଇଁ ବଦଳିଲା ଆଇନ ?**

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍ ସଂସଦରେ ପାସ୍ ହେବା ପରେ ଓଡ଼ିଶାର ବ୍ୟାପକ କ୍ଷତି ହେବ ବୋଲି ନବୀନ ପଟ୍ଟନାୟକ ଦେଇଥିବା ଭିଡିଓ ବାର୍ତ୍ତା ଉପରେ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବିଜେଡିର ଦୁଇ ବରିଷ୍ଠ ନେତା ବିଧାୟକ ଅରୁଣ ସାହୁ ଓ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। ନବୀନ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ଧର୍ମେନ୍ଦ୍ରଙ୍କ ମନ୍ତବ୍ୟ ଉପରେ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ ସାହୁ ଓ ଶ୍ରୀ ବକ୍ସିପାତ୍ର ନିକଟରେ ଲୋକସଭାରେ ବିନା ଆଲୋଚନାରେ ପାସ ହୋଇଥିବା ଏହି ବିଲ୍ ଓଡ଼ିଶା ସମେତ ଦେଶର ସମସ୍ତ ଖଣିଜ ସମ୍ପଦ ଥିବା ରାଜ୍ୟର ବ୍ୟାପକ କ୍ଷତି ହେବ ବୋଲି କହିଛନ୍ତି। ଡ. ସାହୁ କହିଛନ୍ତି ଯେ ଏମ୍‌ଏମ୍‌ଡିଆର ଆମେଣ୍ଡମେଣ୍ଟ ବିଲ୍ ଜରିଆରେ ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ କେନ୍ଦ୍ର ସରକାର ହଡ଼ପ କରିଦେଲେ। ଓଡ଼ିଶାରୁ ନିର୍ବାଚିତ ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ ଓଡ଼ିଶା ବିରୋଧୀ ବିଲକୁ ହାତ ଟେକି ସମର୍ଥନ କଲେ, ଯାହାକି ଦୁଃଖର ବିଷୟ। ଏଥିସହ ବିଜେପି ସରକାର ଏମ୍‌ଏମ୍‌ଡିଆର ଆକ୍ଟ ଆଣିବା ପରେ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣି କ୍ଷେତ୍ରରୁ ଟିକସ୍ ଆଦାୟ କ୍ଷମତା କେନ୍ଦ୍ର ହାତକୁ ଟେକି ଦେଇଛି। କେଉଁ ଜଗତସେଠ ପରିବାର ପାଇଁ ଆଇନରେ ସଂଶୋଧନ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ଅଗ୍ନିପଥ ଯୋଜନାରେ ସେନା ନିଯୁକ୍ତି ର୍‍ୟାଲି

କଟକ,୨୧।୮(ସଂଚାର ବ୍ୟୁରୋ): ସେନା ନିଯୁକ୍ତି କାର୍ଯ୍ୟାଳୟ, କଟକ ପକ୍ଷରୁ ଅଗ୍ନିପଥ ଯୋଜନା ଅଧୀନରେ ସେନା ଭର୍ତ୍ତି ର୍‍ୟାଲି ଆସନ୍ତା ୩ରୁ ୧୬ ତାରିଖ ପର୍ଯ୍ୟନ୍ତ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ର୍‍ୟାଲିରେ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ପ୍ରାର୍ଥୀମାନେ ଅଂଶଗ୍ରହଣ କରିବେ। ର୍‍ୟାଲିରେ ରେଗୁଲାର କ୍ୟାଡର ବର୍ଗ ସିପାହୀ ଫାର୍ମା, ସୋଲଜର ଟେକ ନର୍ସିଂ ଆସିଷ୍ଟାଣ୍ଟ, ହାବିଲଦାର ଏଜୁକେଶନ ଓ ଧର୍ମ ଶିକ୍ଷକ ସହ ଓଡ଼ିଶା, ପଶ୍ଚିମବଙ୍ଗ ଓ ସିକିମ ରାଜ୍ୟ ପାଇଁ ଅଗ୍ନିବୀର କ୍ଲର୍କ ଷ୍ଟୋରକିପର ଟେକନିକାଲ ନିଯୁକ୍ତି ମଧ୍ୟ ସାମିଲ ରହିବ। ଅନଲାଇନ ସାଧାରଣ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ସେମାନଙ୍କ ଆଡମିଟ କାର୍ଡରେ ଉଲ୍ଲେଖ ଥିବା ତାରିଖ ଅନୁଯାୟୀ ଫିଜିକାଲ ଫିଟନେସ ଟେଷ୍ଟ ଓ ମେଡିକାଲ ପରୀକ୍ଷା ପାଇଁ ଉପସ୍ଥିତ ହେବାକୁ ପଡ଼ିବ। ପ୍ରାର୍ଥୀମାନଙ୍କର ଆଡମିଟ କାର୍ଡ ସେମାନଙ୍କର ପଞ୍ଜୀକୃତ ଇମେଲ ଆଇଡିକୁ ପଠାଯାଇସାରିଛି। ଏହାବ୍ୟତୀତ ପ୍ରାର୍ଥୀମାନେ ଅଫିସିଆଲ ୱେବସାଇଟରେ ସେମାନଙ୍କ ପ୍ରୋଫାଇଲରେ ଲଗ୍‌ଇନ କରି ମଧ୍ୟ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ। ଏ ସଂକ୍ରାନ୍ତରେ ଅଧିକ ଜାଣିବା ସକାଶେ ଇଚ୍ଛୁକମାନେ ସେନା ନିଯୁକ୍ତି କାର୍ଯ୍ୟାଳୟ, କଟକ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

**■ ‘ଶାସକ ପ୍ରଶାସକ’ର ସ୍ୱନକ୍ଷତ୍ରରେ ପ୍ରଣବଙ୍କୁ ଶ୍ରଦ୍ଧାଞ୍ଜଳି**

# ‘ଆଜି ବି ମଣିଷପଣିଆ ବଞ୍ଚିଛି’ ଆଲୋଚନା



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ‘ଅମଣିଷପଣିଆର ଅନେକ ଘଟଣା ଏବେ ଲୋକଲୋଚନକୁ ଆସୁଥିଲେ ବି ଆଜି ବି ମଣିଷପଣିଆ ଲୋକଙ୍କ ମନରେ ବଞ୍ଚି ରହିଛି। ନଚେତ୍ ନିଜ ଜୀବନକୁ ବିପନ୍ନ କରି ରାୟଗଡ଼ା କଲ୍ୟାଣସିଂହପୁରର ବଳରାମ ବାଗ ସେଇ ଭିଡ଼ହିଂସା ଭିତରୁ ଝିଅଟିକୁ ଉଦ୍ଧାର କରିନଥାନ୍ତେ ବୋଲି ‘ଶାସକ ପ୍ରଶାସକ’ର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଦିବସରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ ‘ଆମେ ଓଡ଼ିଆ ଆମ ଗୀତ ଭାରି ବଢ଼ିଆ’ ତଥା ଆଲୋଚନା ‘ହଜି ଯାଉଛି କି ମଣିଷପଣିଆ’ରେ ଯୋଗ ଦେଇ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ସଙ୍ଗୀତ ମାଧ୍ୟମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ନୟାଗଡ ବିଧାୟକ ଡ ଅରୁଣ କୁମାର ସାହୁ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଓଡ଼ିଶା ଜନତା କଂଗ୍ରେସ ପାର୍ଟି ସଭାପତି ଇଂ. ମହମ୍ମଦ ମୋକିମ, ସମାଜସେବୀ ତଥା ‘ଶାସକ ପ୍ରଶାସକ’ର ମାର୍ଗଦର୍ଶକ ନିଶିକାନ୍ତ ମିଶ୍ର, ପ୍ରକାଶକ ଗିରିଜା ଶଙ୍କର ଦାଶ, ପରିଚାଳନା ସମ୍ପାଦକ ଧନଞ୍ଜୟ ହୋତା ଯୋଗଦେଇଥିଲେ। ଏହି ଅବସରରେ ‘ହଜି ଯାଉଛି କି ମଣିଷପଣିଆ’ ପ୍ରସଙ୍ଗ ଉପରେ ଆଲୋଚକ ଡ. ସଂଘମିତ୍ରା ମିଶ୍ର ମର୍ମସ୍ପର୍ଶୀ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ାର କଲ୍ୟାଣସିଂପୁର ଇନ୍ତାଲିଗୁଡ଼ାଠାରେ ଯୁବତୀଙ୍କୁ ଭିଡ଼ହିଂସାରୁ ଉଦ୍ଧାର କରିଥିବା ଶ୍ରୀ ବାଗଙ୍କୁ ଲୋକନାଥ-ଜମ୍ବୁବତୀ ଓଡ଼ିଶା ଜ୍ୟୋତି ମାନବିକତା ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଅମରେଶ ନରେଶ ସାମନ୍ତଙ୍କୁ ପରିବେଶ ଗୌରବ ସମ୍ମାନ ପ୍ରଦାନ କରାଯାଇଛି।

# ବେଦାନ୍ତ କଣ୍ଟ୍ରୋଲ୍ ରୁମରେ ମହିଳା ଶକ୍ତି

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମରେ ମହିଳାମାନଙ୍କର ଅଧିକରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲାଞ୍ଜିଗଡ଼ ବିଶୋଧନାଗାରରେ ସ୍ପଷ୍ଟ ହୋଇଛି, ଯେଉଁଠାରେ ମହିଳାମାନେ କଣ୍ଟ୍ରୋଲ ରୁମ୍ ଅପରେଟର (ସିଆରଓ) କାର୍ଯ୍ୟବଳର ଶହେ ପ୍ରତିଶତ ଗଠନ କରନ୍ତି, ଯାହା ବିଶ୍ୱର ସର୍ବବୃହତ ଆଲୁମିନା ବିଶୋଧନାଗାର ମଧ୍ୟରୁ ଅନ୍ୟତମ। କଣ୍ଟ୍ରୋଲ୍ ରୁମ୍ ଅପରେଟର ଭାବେ ଏହି ମହିଳାମାନେ ପ୍ରକ୍ରିୟା ପରିମାପକ ଉପରେ ନଜର ରଖନ୍ତି। ପରିଚାଳନା ଧାରାର ବିଶ୍ଳେଷଣ କରିବା ସହ ଏମାନେ, ସୁରକ୍ଷା ସୂଚନାର ମୂଲ୍ୟାଙ୍କନ କରନ୍ତି।

ଏହା ଉପରେ ମନ୍ତବ୍ୟ ଦେଇ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମର ସିଇଓ, ଆଲୁମିନା ବିଜନେସ୍, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଆମର କଣ୍ଟ୍ରୋଲ୍ ରୁମଗୁଡ଼ିକର ନେତୃତ୍ୱ ନେଉଥିବା ମହିଳାମାନେ ବୈଷୟିକ ଉତ୍କର୍ଷତା, ପ୍ରତିବଦ୍ଧତା ଓ ନେତୃତ୍ୱର ଉଦାହରଣ ଯାହା ଆମର କାର୍ଯ୍ୟକଳାପକୁ ପ୍ରତିଦିନ ମଜବୁତ କରିଥାଏ। ସେମାନଙ୍କର ସଫଳତା ଏକ ସମାବେଶୀ କାର୍ଯ୍ୟକ୍ଷେତ୍ରକୁ ପ୍ରୋତ୍ସାହିତ କରିବାରେ ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ଉତ୍କର୍ଷ ହେବାର ସୁଯୋଗ ପାଆନ୍ତି ଏବଂ ଆମର ଅଭିବୃଦ୍ଧିରେ ଅର୍ଥପୂର୍ଣ୍ଣ ଯୋଗଦାନ କରନ୍ତି। ଅଙ୍କିତା ରଥଙ୍କ ପାଇଁ କଣ୍ଟ୍ରୋଲ୍ ରୁମ୍



କେବଳ ଏକ କାର୍ଯ୍ୟସ୍ଥଳୀ ନୁହେଁ। ଏହା ଏପରି ଏକ ସ୍ଥାନ ଯେଉଁଠାରେ ସେ ବଢ଼ିଛନ୍ତି, ବିକଶିତ ହୋଇଛନ୍ତି ଏବଂ ନିଜର ଶକ୍ତି ଆବିଷ୍କାର କରିଛନ୍ତି। ଗତ ୨୦୧୭ରେ ବେଦାନ୍ତ ଆଲୁମିନିୟମରେ ଯୋଗଦେବା ପରଠାରୁ ସେ ଲାବୋରେଟୋରୀ ଓ ପ୍ରଡକ୍ସନ୍ ଡିସିଏସ୍‌ରେ କାର୍ଯ୍ୟ କରୁଛନ୍ତି। କ୍ରମାଗତ ଭାବେ ତାଙ୍କର ଦକ୍ଷତା ବୃଦ୍ଧି କରିବା ସହ ଅଙ୍କିତା ନୂତନ ଆହ୍ୱାନକୁ ବି ଗ୍ରହଣ କରିଛନ୍ତି।

**ସରକାରୀ ପୁସ୍ତକ ଯୋଗାଣରେ ବିଳମ୍ବ**

# ଓଡ଼ିଶାରେ ନକଲି ଏନ୍‌ସିଇଆର୍‌ଟି ବହି ବିକ୍ରି

ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ) : ଚଳିତବର୍ଷ ନ୍ୟାସନାଲ୍ କାଉନ୍‌ସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ପକ୍ଷରୁଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ନବମ ଶ୍ରେଣୀର ନୂଆ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି। ମାତ୍ର ଶିକ୍ଷା ବର୍ଷ ଏପ୍ରିଲ୍ ମାସରୁ ଆରମ୍ଭ ହୋଇଥିବା ବେଳେ ଏନ୍‌ସିଇଆର୍‌ଟି ପ୍ରସ୍ତୁତ ବହି ମୁଦ୍ରଣ ହୋଇ ଠିକ୍ ସମୟରେ ବଜାରକୁ ଆସିପାରିଲା ନାହିଁ । ଏହାର ଫାଇଦା କିଛି ଅସାଧୁ ପ୍ରକାଶକ ନେଉଛନ୍ତି । ବଜାରକୁ ଏନ୍‌ସିଇଆର୍‌ଟିର ଲୋଗୋ, ସ୍କାନର ଆଦିଦେଇ ଅବିକଳ ନକଲ ବହି ଛାପି ବଜାରରେ ବିକ୍ରି କରୁଛନ୍ତି। ଏନ୍‌ସିଇଆର୍‌ଟିର ବହି ବଜାରକୁ ଠିକ୍ ସମୟରେ ଆସିନଥିବାରୁ ଏବଂ ପରୀକ୍ଷା ପାଖେଇ ଆସୁଥିବାରୁ ତରବରିଆ ଭାବେ ଏହି ନକଲ ବହି କିଣି ହରଡ଼ଘଣାରେ ପଡ଼ିଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ ।ଏହି ନକଲ ବହିରେ ମାଳମାଳ ଭୁଲ୍ ମଧ୍ୟ ରହିଛି । ଯାହା ଏନ୍‌ସିଇଆର୍‌ଟିର ଭାବମୂର୍ତ୍ତିକୁ ନଷ୍ଟ କରୁଛି।

ସୂଚନାଯୋଗ୍ୟ, ଗତ ୨ଦିନ ତଳେ ଏନ୍‌ସିଇଆର୍‌ଟି ନବମ ଶ୍ରେଣୀ ସାମାଜିକ ବିଜ୍ଞାନ(ଏସ୍‌ଏସ୍ ଟି) ପାଠ୍ୟପୁସ୍ତକରେ ତ୍ରୁଟି ଥିବା ପରିଲକ୍ଷିତ ହୋଇଥିଲା । ଏହି ବହିର ୨୧୬ ନମ୍ବର ପୃଷ୍ଠାରେ ପୃଥିବୀ ମାନଚିତ୍ରରେ ଦିଆଯାଇଥିବା ୧୧ଟି ଭୁଲ୍ ଥିବା ନେଇ ଅଭିଭାବକମାନେ ଅଭିଯୋଗ ଆଣିଥିଲେ । ଏଥିରେ ଭାରତ ମହାସାଗର ସ୍ଥାନରେ ପ୍ରଶାନ୍ତ ମହାସାଗର,ଚାଇନା ସ୍ଥାନରେ କାନାଡ଼ା, ରୁଷ୍ ପାଖରେ ଆମେରିକା ରହିଛି । ପ୍ରକୃତରେ ଉତ୍ତର ଆମେରିକା ନିକଟରେ ଆମେରିକା(ୟୁକେ) ରହିବା କଥା । ସେହିଭଳି ଅଷ୍ଟ୍ରେଲିଆ ସ୍ଥାନରେ ଗ୍ରୀନ୍ଲାଣ୍ଡ ଲେଖାଯାଇଛି । ସବୁଠାରୁ ବଡ଼ କଥା ହେଉଛି ଏହି ମାନଚିତ୍ରରେ ‘ଇଣ୍ଡିଆ’ର ବନାନ ଗତ ତ୍ରୁଟି ମଧ୍ୟ ରହିଛି ବୋଲି ଅଭିଯୋଗ ହୋଇଥିଲା । ଅନ୍ୟପଟେ ଏନ୍‌ସିଇଆର୍‌ଟି ପ୍ରସ୍ତୁତ ବହିରେ ଯାହା ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯାଇଛି ଏହି ତଥ୍ୟ ସବୁ ଠିକ୍ ରହିଛି । ଏପରିକି ଏନ୍‌ସିଇଆର୍‌ଟି ମୁଦ୍ରିତ ପାଠ୍ୟପୁସ୍ତକ ମଧ୍ୟ ଠିକ୍ ରହିଛି ।



ସୂଚନାଯୋଗ୍ୟ, ଭୁବନେଶ୍ୱର କିଛି ଘରୋଇ ସ୍କୁଲ ମଧ୍ୟ ଘରୋଇ ଭେଣ୍ଡରଙ୍କ ଠାରୁ ବହି କିଣିଛନ୍ତି । ଯାହା ନକଲି ବହି ବୋଲି ଜଣାପଡ଼ିଛି । ଗତ ଜୁନ୍୨୪ ତାରିଖରେ ଏନ୍‌ସିଇଆର୍‌ଟି ପକ୍ଷରୁ ଏହି ନବମ ଶ୍ରେଣୀ ଏସ୍‌ଏସ୍‌ଟି ପାଠ୍ୟପୁସ୍ତକ ନକଲ ହୋଇଥିବା ନେଇ ସତର୍କତା ପ୍ରେସ୍ ବିଜ୍ଞପ୍ତି ଜାରି କରିଥିଲା। ଏଥିରେ କୁହାଯାଇଥିଲା ଯେ, ବଜାରରେ ନବମ ଶ୍ରେଣୀ ଏସ୍‌ଏସ୍‌ଟି ବହିର ନକଲି କପି ବହି ବିକ୍ରି କରାଯାଉଥିବା ନଜର ଆସିଛି । ଏଥିରୁ ସତର୍କତା ଅବଲମ୍ବନ କରିବାକୁ ଆହ୍ୱାନ କରାଯାଇଥିଲା । କେବଳ ଏନ୍‌ସିଇଆର୍‌ଟିର ଆଞ୍ଚଳିକ ବିକ୍ରୟ କେନ୍ଦ୍ର,ୱେବ୍‌ସାଇଟ୍ ଏବଂ ଅଧୀକୃତ ଭେଣ୍ଡରଙ୍କ ପାଖରେ ଏହି ଏନ୍‌ସିଇଆର୍‌ଟିର ଓରିଜିନାଲ୍ ବହି ବିକ୍ରି କରାଯାଉଛି,ସେଠାରୁ ବହି କିଣିବାକୁ ପରାମର୍ଶ ଦିଆଯାଇଥିଲା ।

ଏନ୍‌ସିଇଆର୍‌ଟି ପକ୍ଷରୁ ଦିଆଯାଇଥିବା ଭେଣ୍ଡରଙ୍କ ତାଲିକାରେ ଦେଶରେ ମୋଟ୍ ୫୧୮ଟି ଭେଣ୍ଡର ଏନ୍‌ସିଇଆର୍‌ଟି ବହି ବିକ୍ରି ପାଇଁ ଯୋଗ୍ୟ। ସେମାନଙ୍କ ପାଖେ ଏନ୍‌ସିଇଆର୍‌ଟିର ପ୍ରକୃତ ବହି ବିକ୍ରି କରାଯାଉଛି ବୋଲି ମଧ୍ୟ ଉଲ୍ଲେଖ କରାଯାଇଛି । ଏଥିରୁ ଓଡ଼ିଶାରେ ୧୬ଟି ଭେଣ୍ଡର ଥିବା ଚିହ୍ନଟ କରାଯାଇଛି । ଏଠି ପ୍ରଶ୍ନ ଉଠୁଛି ବଜାରରେ ନକଲି ବହି ଥିବା ଜାଣିବା ସତ୍ତ୍ୱେ ଏନ୍‌ସିଇଆର୍‌ଟିର ଅଧିକାରୀମାନେ ଚୁପ୍ କାହିଁକି ବସିଛନ୍ତି ? ଗତବର୍ଷ ପରି କାହିଁକି ଚଢ଼ଉ ହେଉନାହିଁ ?

ବୁଧବାର ବାଲେଶ୍ୱର ସହରର କେତେଜଣ ଦୋକାନୀଙ୍କ ପୁସ୍ତକ ଯାଞ୍ଚ କରାଯାଇଛି । ଆଶ୍ଚର୍ଯ୍ୟର ବିଷୟ ଏଥିରେ ମାଳମାଳ ଭୁଲ୍ ବାହାରିଥିଲା । ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରସ୍ତୁତ ପୁସ୍ତକର କେଉଁଠି ୨୪୮ ପୃଷ୍ଠା ଥିବା ବେଳେ ଆଉ କେଉଁଠି ୨୨୦ ପୃଷ୍ଠା ଥିଲା । ଆଉ କେଉଁଠି ୨୧୬ପୃଷ୍ଠାର ବହି ଛପାଯାଇଥିବା ଦେଖିବାକୁ ମିଳିଥିଲା । ସମସ୍ତ ପୁସ୍ତକର ଉପର ମଲାଟ ସମାନ ଥିବାବେଳେ ବହିର ପୃଷ୍ଠା କିନ୍ତୁ ଭିନ୍ନ ଥିଲା।

# ରେଭେନ୍ସାରେ ବିଶ୍ୱବିଦ୍ୟାଳୟ ଶିକ୍ଷକ ପରିଷଦ ଗଠିତ

କଟକ,୨୧।୮(ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ପରିଷଦ ନାମକ ସଂଗଠନ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ଗଠିତ ହୋଇଛି। ଏହି ସଂଗଠନର ଲକ୍ଷ୍ୟ ହେଉଛି ରେଭେନ୍ସା ପରି ଐତିହ୍ୟ ପ୍ରତିଷ୍ଠାନର ସ୍ୱାର୍ଥର ସୁରକ୍ଷା ଓ ପ୍ରୋତ୍ସାହନରେ କାର୍ଯ୍ୟ କରିବା। ଏଥିସହ ସଂଗଠନ ଗଠନମୂଳକ ପ୍ରୟାସ ଓ ଶିକ୍ଷା ବ୍ୟବସ୍ଥାର ସର୍ବୋତ୍ତମ ସ୍ୱାର୍ଥ, ଶିକ୍ଷକଙ୍କର ସର୍ବୋତ୍ତମ ସ୍ୱାର୍ଥ, ଛାତ୍ରଙ୍କ ସର୍ବୋତ୍ତମ ସ୍ୱାର୍ଥ ଏବଂ ସର୍ବୋପରି ରାଷ୍ଟ୍ରର ସର୍ବୋତ୍ତମ ସ୍ୱାର୍ଥରେ କାର୍ଯ୍ୟ କରିବ। ପରିଷଦର କାର୍ଯ୍ୟକାରୀ କମିଟିରେ ସଭାପତି ଭାବେ ଡକ୍ଟର ଯୁଧିଷ୍ଠିର ସାହୁ, ଉପସଭାପତି ଭାବେ ଡକ୍ଟର ଅଭିଷେକ ଶର୍ମା, ସାଧାରଣ ସମ୍ପାଦକ ଭାବେ ଡକ୍ଟର ଯାଜ୍ଞସେନୀ ରାଉତ, ଯୁଗ୍ମ ସମ୍ପାଦକ ଭାବେ ଡକ୍ଟର ମଲ୍ଲିକାର୍ଜୁନ ମିଶ୍ର, କୋଷାଧ୍ୟକ୍ଷ ଭାବେ ଡକ୍ଟର କ୍ଷୀରୋଦ କୁମାର ସାହୁ ଜଡ଼ିତ ଅଛନ୍ତି। ଏଥିସହ କାର୍ଯ୍ୟନିର୍ବାହୀ କମିଟି (ଇସି)ରେ ପ୍ରଫେସର ରଞ୍ଜନା ବାଜପେୟୀ, ପ୍ରଫେସର ବିକ୍ରମ କେଶରୀ ମିଶ୍ର, ଡକ୍ଟର ଆଶିଷ କୁମାର ସେନାପତି, ଡକ୍ଟର ସୌମେନ୍ଦ୍ର କୁମାର ପାତ୍ର, ଡକ୍ଟର ରତିକାନ୍ତ ବିଶ୍ୱାଳ, ଡକ୍ଟର ଦେବୀଲାଲ ମିଶ୍ର ସଦସ୍ୟ ଭାବେ ସାମିଲ୍ ଅଛନ୍ତି। ପରିଷଦର ବ୍ୟାପକ ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ ରହିବା ପାଇଁ ସମସ୍ତ କର୍ମକର୍ତ୍ତା ଆଜି ଶପଥ ଗ୍ରହଣ କରିଛନ୍ତି। ପରିଷଦର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଆଜି କୁଳପତିଙ୍କୁ ଭେଟି ଶିକ୍ଷକ ପରିଷଦର ଜନ୍ମ ଓ ବ୍ୟାପକ ଆଭିମୁଖ୍ୟ ବିଷୟରେ ଅବଗତ କରାଇଛନ୍ତି। ବିଶ୍ୱବିଦ୍ୟାଳୟରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବିଶେଷକରି ଶିକ୍ଷକ/ଶିକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗରେ ସଂଗଠନକୁ ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦେବାକୁ କୁଳପତିଙ୍କୁ ଅନୁରୋଧ କରାଯାଇଛି।



## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଶନିବାର ୨୨ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Saturday 22 August 2026, Bhubaneswar


# ବଜାରର ମୂଲ୍ୟ ଆୟଠାରୁ ଅଧିକ

ଭାରତ ଆଜି ବିଶ୍ୱର ଦ୍ରୁତ ବୃଦ୍ଧିଶୀଳ ଅର୍ଥନୀତିଗୁଡ଼ିକ ମଧ୍ୟରୁ ଗୋଟିଏ। ଜିଡିପି ବୃଦ୍ଧି, ବଡ଼ ବଡ଼ ପ୍ରକଳ୍ପ, ଡିଜିଟାଲ ପେମେଣ୍ଟ ଓ ଷ୍ଟକ ମାର୍କେଟର ଉନ୍ନତି ଦେଖିଲେ ଲାଗେ ଯେ ଦେଶ ଆଗକୁ ବଢ଼ୁଛି। କିନ୍ତୁ ଏହି ଉନ୍ନତିର ଲାଭ କେତେଦୂର ସାଧାରଣ ମାନବର ଘରକୁ ପହଞ୍ଚୁଛି? ପ୍ରଶ୍ନଟି ଗମ୍ଭୀର। କାରଣ ବଜାରର ମୂଲ୍ୟ ବୃଦ୍ଧି ହାର ସାଧାରଣ ଲୋକଙ୍କ ଆୟ ବୃଦ୍ଧିଠାରୁ ବହୁତ ଅଧିକ। ଯେଉଁଥିରେ ଦୈନନ୍ଦିନ ଜୀବନ କଷ୍ଟକର ହୋଇପଡୁଛି।



ଗତ କିଛି ମାସରେ ଖୁଚୁରା ମୂଲ୍ୟସ୍ଫୀତି ୪.୪୫ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଛି। ଖାଦ୍ୟ ମୂଲ୍ୟସ୍ଫୀତି ତା'ଠାରୁ ଅଧିକ— ପ୍ରାୟ ୫.୫ ପ୍ରତିଶତ। ଧନିଆ, ଅଦା, ରସୁଣ, ପିଆଜ, ଦୁଧ, ତେଲ ଭଳି ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦାମ ଲଗାତାର ବଢ଼ୁଛି। ଗ୍ୟାସ ସିଲିଣ୍ଡର, ପେଟ୍ରୋଲ, ଡିଜେଲ, ସାବୁନ, ଡିଟରଜେଣ୍ଟ ଆଦିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। କମ୍ପାନୀଗୁଡ଼ିକ ପ୍ୟାକେଟର ଆକାର ଛୋଟ କରି ମୂଲ୍ୟ ବଢ଼ାଉଛନ୍ତି। ଏହା ସାଧାରଣ ପରିବାରର ମାସିକ ବଜେଟକୁ ଧର୍ଷଣ କରୁଛି।

ଗ୍ରାମାଞ୍ଚଳରେ କୃଷକ ଓ ଦିନମଜୁରିଆ ଶ୍ରମିକଙ୍କ ପରିସ୍ଥିତି ଆହୁରି ଖରାପ। ମଜୁରି ବୃଦ୍ଧି ହାର ମୂଲ୍ୟସ୍ଫୀତିଠାରୁ କମ। ଫଳରେ ପ୍ରକୃତ ଆୟ କମିଯାଉଛି। ସହରାଞ୍ଚଳରେ ମଧ୍ୟବିତ୍ତ ପରିବାର ଘର ଭଡ଼ା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଯାତାୟାତ ଖର୍ଚ୍ଚରେ ଚାପ ଅନୁଭବ କରୁଛନ୍ତି। ବେତନ ବୃଦ୍ଧି ହେଉଥିଲେ ମଧ୍ୟ ତାହା ମୂଲ୍ୟବୃଦ୍ଧିକୁ ପୂରଣ କରିପାରୁନାହିଁ। ଫଳସ୍ୱରୂପ ସଞ୍ଚୟ କମୁଛି, ଋଣ ବଢ଼ୁଛି ଓ ଜୀବନଧାରଣର ମାନ ହ୍ରାସ ପାଉଛି।

ଏହି ଅସମାନତା ଅର୍ଥନୀତିର ଏକ ବଡ଼ ଦୁର୍ବଳତା। ଉଚ୍ଚ ଆୟବର୍ଗ ଓ ସମ୍ପତ୍ତି ମାଲିକମାନେ ଷ୍ଟକ, ସୁନା ଓ ସମ୍ପତ୍ତିରେ ନିବେଶ କରି ଲାଭ ଉଠାଉଛନ୍ତି। କିନ୍ତୁ ଯେଉଁମାନେ କେବଳ ମଜୁରି ବା ସାମାନ୍ୟ ବେତନରେ ନିର୍ଭର କରନ୍ତି, ସେମାନଙ୍କ ପାଇଁ ପ୍ରତି ମାସ ଏକ ସଂଘର୍ଷ। ଖାଦ୍ୟ, ଔଷଧ ଓ ଶିକ୍ଷା ଭଳି ମୌଳିକ ଜିନିଷରେ ଖର୍ଚ୍ଚ ବଢ଼ିବା ସହିତ ସେମାନଙ୍କ କ୍ରୟକ୍ଷମତା କମିଯାଉଛି। ଗରିବ ପରିବାରରେ ଖାଦ୍ୟରେ ଖର୍ଚ୍ଚର ଅଂଶ ଅଧିକ ଥିବାରୁ ମୂଲ୍ୟସ୍ଫୀତି ସେମାନଙ୍କୁ ଅଧିକ ଆଘାତ ଦେଉଛି।

ସରକାର ଓ ରିଜର୍ଭ ବ୍ୟାଙ୍କ ମୂଲ୍ୟସ୍ଫୀତି ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଉଛନ୍ତି। ତଥାପି ବଜାରର ବାସ୍ତବତା ଭିନ୍ନ। ଅଧିକାଂଶ ସାଧାରଣ ଲୋକ ଅନୁଭବ କରନ୍ତି ଯେ ସରକାରୀ ଆଙ୍କଡ଼ା ଅପେକ୍ଷା ପ୍ରକୃତ ମୂଲ୍ୟବୃଦ୍ଧି ଅଧିକ। ଏହା ବିଶ୍ୱାସ କମେଇଦେଉଛି। ଯେତେବେଳେ ଆୟ ସ୍ଥିର ରହେ ବା ଧୀରେ ବଢ଼େ, କିନ୍ତୁ ଖର୍ଚ୍ଚ ଲଗାତାର ବଢ଼େ, ସେତେବେଳେ ପରିବାର ବାଧ୍ୟ ହୁଅନ୍ତି ଖାଦ୍ୟର ଗୁଣବତ୍ତା କମାଇବାକୁ, ଶିକ୍ଷା ବା ସ୍ୱାସ୍ଥ୍ୟରେ କଟକଟି କରିବାକୁ। ଏହା ଦୀର୍ଘକାଳୀନ ଭାବେ ମାନବ ପୁଞ୍ଜି ଓ ସାମାଜିକ ସ୍ଥିରତାକୁ କ୍ଷତି ପହଞ୍ଚାଏ।

ଅର୍ଥନୀତିର ପ୍ରକୃତ ସଫଳତା କେବଳ ଜିଡିପି ସଂଖ୍ୟାରେ ନୁହେଁ, ବରଂ ସାଧାରଣ ଲୋକଙ୍କ ଜୀବନଧାରଣର ମାନରେ ମାପାଯିବା ଉଚିତ। ଯେପର୍ଯ୍ୟନ୍ତ ମୂଲ୍ୟସ୍ଫୀତି ଆୟ ବୃଦ୍ଧିଠାରୁ ଅଧିକ ରହିବ, ସେପର୍ଯ୍ୟନ୍ତ "ଅର୍ଥନୈତିକ ବୃଦ୍ଧି" ଶବ୍ଦଟି ଅଧିକାଂଶ ଭାରତୀୟଙ୍କ ପାଇଁ ଅର୍ଥହୀନ ରହିବ। ସରକାରଙ୍କୁ ଆୟ ବୃଦ୍ଧି, ଗ୍ରାମୀଣ ନିଯୁକ୍ତି, ଖାଦ୍ୟ ସୁରକ୍ଷା ଓ ମୂଲ୍ୟ ନିୟନ୍ତ୍ରଣରେ ଅଧିକ ଧ୍ୟାନ ଦେବା ଆବଶ୍ୟକ। କେବଳ ବଡ଼ କମ୍ପାନୀ ଓ ଧନୀଙ୍କ ଲାଭ ନୁହେଁ, ସାଧାରଣ ମାନବର ପ୍ରକୃତ ସୁଖ ଓ ସୁରକ୍ଷା ହିଁ ଏକ ସବଳ ଅର୍ଥନୀତିର ପ୍ରକୃତ ମାପକାଠି।

ଯଦି ବଜାରର ମୂଲ୍ୟ ଲଗାତାର ଆୟଠାରୁ ଅଧିକ ରହେ, ତେବେ ଅର୍ଥନୈତିକ ଉନ୍ନତିର ଫଳ କେବଳ କିଛି ଲୋକଙ୍କ ପାଖରେ ସୀମିତ ରହିବ। ସାଧାରଣ ଲୋକଙ୍କ ଜୀବନରେ ସୁଖ ଓ ସ୍ଥିରତା ଆଣିବା ପାଇଁ ଆଜିର ନୀତି ପରିବର୍ତ୍ତନ ଆବଶ୍ୟକ। ନଚେତ୍ ବୃଦ୍ଧିର ଗଳ୍ପ କେବଳ କାଗଜରେ ରହିଯିବ, ବାସ୍ତବ ଜୀବନରେ ନୁହେଁ।

# ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା



ସନ୍ତୋଷ କୁମାର ଦାଶ

ଶ୍ରୀକ୍ଷେତ୍ର ପୁରୀରେ ବାରମାସରେ ତେର ପର୍ବ ପାଳନ ହେଉଥିବା ବେଳେ ଶ୍ରୀ ମନ୍ଦିରରେ ଦ୍ୱାଦଶ ଯାତ୍ରା ପ୍ରସିଦ୍ଧି ଲାଭ କରିଛି। ତା ମଧ୍ୟରୁ ଝୁଲଣ ଯାତ୍ରା ଅନ୍ୟତମ। ଶ୍ରାବଣ ମାସ ଦଶମୀ ତିଥିଠାରୁ ଶ୍ରାବଣ ମାସ ପୂର୍ଣ୍ଣିମା ଅର୍ଥାତ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ପୁରୀର ମଠ, ଆଶ୍ରମ ଓ ଶ୍ରୀ ମନ୍ଦିରରେ ଝୁଲଣ ଯାତ୍ରା ଭକ୍ତି ଓ ନିଷ୍ଠାର ସହିତ ପାଳନ ହୋଇଥାଏ। ଲୋକକଥା ଅନୁସାରେ, ବୃନ୍ଦାବନରେ ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀରାଧା ଙ୍କର ସେବା ସମସ୍ତ ଦେବତାଗଣ, ମନୁଷ୍ୟ ଓ ଗୋପୀ ମାନେ ପାଇବା ଦେଖି ଗନ୍ଧର୍ବ ମାନେ ମଧ୍ୟ କିଛି ସେବା ପାଇଁ ପ୍ରାର୍ଥନା କଲେ। ସେହି ଅନୁସାରେ ଏକ ସୁନ୍ଦର ଝିଲିମିଲ ଜରି ଜମ୍ବୁରା ରେ ତିଆରି ଗୋଟିଏ କୁଞ୍ଜରେ ରାଧା ଓ କୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲାଇବାର ସେବା ସେମାନଙ୍କୁ ମିଳିଲା। ଏହାକୁ ଝୁଲଣ ଯାତ୍ରା କୁହା ଯାଇଥାଏ। ଗଜପତି ମହାରାଜା ଦିବ୍ୟସିଂହ ଦେବ (ଦ୍ୱିତୀୟ)ଙ୍କ ସମୟରେ ଏହା ଶ୍ରୀ ମନ୍ଦିରରେ ପ୍ରଥମେ ପାଳନ କରା ଯାଇଥିଲା ବୋଲି ଗବେଷକ ମାନେ ମତ ଦେଉ ଥିବାବେଳେ ଶ୍ରୀମନ୍ଦିର ରେ ଗୌଡ଼ୀୟ ବୈଷ୍ଣବ ମାନଙ୍କ ପ୍ରଭାବ ପଡିବା ପରେ ଏହି ଯାତ୍ରା ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି। ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ହେଉଛନ୍ତି ଉପାସ୍ୟ ଦେବ ଦେବୀ। ସେଥିପାଇଁ ଶ୍ରୀକୃଷ୍ଣ ଗୋପ ରେ ଥିବାବେଳେ କରିଥିବା ରାସକୁ ସେମାନେ ଶ୍ରୀମନ୍ଦିରରେ ପ୍ରଚଳନ କରାଇଛନ୍ତି।ଶ୍ରୀମନ୍ଦିର ଭିତର ବେଢ଼ାର ଦକ୍ଷିଣ ପଟେ ମୁକ୍ତି ମଣ୍ଡପ ନିକଟରେ ଝୁଲଣ କୁଞ୍ଜ ନିର୍ମିତ ହୋଇଥାଏ। ୪୫ ଫୁଟ ଲମ୍ବ ଓ ପନ୍ଦର ଫୁଟ ଉଚ୍ଚତା ବିଶିଷ୍ଟ ଏହି କୁଞ୍ଜଟିର ଛାଞ୍ଚ କାଠରେ ହୋଇଥିବା ବେଳେ ଏହାକୁ ଜରି, ସୋଲ ଓ କପଡ଼ାରେ ସଜ୍ଜିତ କରାଯାଇଥାଏ। ଏହି ଝୁଲା ସହ ଗୋଟିଏ ଦଉଡ଼ି ଲାଗିଥାଏ, ଯାହାକୁ ଟାଣିଲେ ଝୁଲା ସହ ପ୍ରତିମା ମାନେ ଝୁଲନ୍ତି। ମଧ୍ୟାହ୍ନ ଧୂପ ନୀତି ପରେ ଶ୍ରୀମନ୍ଦିର ଦକ୍ଷିଣ ଘର ବାରଣ୍ଡାରେ ଶ୍ରୀ ଜଗନ୍ନାଥ ଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ବେଶ କରାଯାଇ ଭୋଗ ଅର୍ପଣ ହୁଏ। ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଦିଆଯିବା ପରେ ତିନିଜଣ ମହାଜନ ସେବକ (ବିମାନ ବଡୁ ସେବାୟତ) ଉକ୍ତ ପ୍ରତିମା ମାନଙ୍କୁ ଜଗମୋହନ ଓ ବଟଦ୍ୱାର ଦେଇ ଝୁଲଣ କୁଞ୍ଜର ଭିତର ଝୁଲାରେ ବିଜେ କରାନ୍ତି।ଝୁଲଣରେ ପଞ୍ଚୋପଚାର ପୂଜା ରେ ଖଇକୋରା ଭୋଗ ଅର୍ପଣ କରାଯିବା ପରେ ରତ୍ନ ସିଂହାସନସ୍ଥ ବିଗ୍ରହ ମାନଙ୍କ ର ଚନ୍ଦନଲାଗି ସମୟ ଯାଏ ପ୍ରତିମା ମାନେ ଏହି ଝୁଲଣରେ ଅବସ୍ଥାନ କରନ୍ତି।ତାପରେ ପିତୁଳା ଗୁଡ଼ିକୁ ଫେରାଇ ନିଆଯାଏ। ଏକାଦଶୀ ଦିନ ମଦନମୋହନଙ୍କ ବେଢ଼ା ପରିକ୍ରମା ସ୍ୱାଭାବିକ ଭାବରେ ଅନୁଷ୍ଠିତ ହେବାପରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ଝୁଲଣ ମଣ୍ଡପକୁ ବିଜେ କରାଯାଏ। ଶେଷଦିନ ଘଣ୍ଟି, ଶଙ୍ଖ ସହ ପଞ୍ଚୋପଚାର ପୂଜା ଓ ବନ୍ଦାପନା କରାଯିବା ପରେ ବେଢ଼ାବୁଲି ସିଂହାସନରେ ବିଜେ ହୁଅନ୍ତି। ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ଦୋଳିରେ ରାଧା ଦାମୋଦରଙ୍କୁ ଦର୍ଶନ କରିବାପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ପୁରୀରେ ଭିଡ଼ ଜମାନ୍ତି। କୀର୍ତ୍ତନ ଓ ଭଜନ ରେ ଶ୍ରୀ ମନ୍ଦିର ବେଢା ପ୍ରକମ୍ପିତ ହୋଇଉଠେ। ଏହି ଝୁଲଣ ଉତ୍ସବ ଶ୍ରୀ କ୍ଷେତ୍ର ପୁରୀ ରେ ଥିବା ସମସ୍ତ ରାଧାକୃଷ୍ଣ ମନ୍ଦିର ଓ ମଠ ମାନଙ୍କରେ ପାଳନ କରାଯାଉ ଥିବାବେଳେ ରାଜ୍ୟ ର ବିଭିନ୍ନ ମନ୍ଦିର, ମଠ ଓ ଆଶ୍ରମ ମାନଙ୍କ ରେ ମଧ୍ୟ ପାଳିତ ହୋଇଥାଏ।

ତୁଳସୀପୁର, ପୁରୀ, ମୋବାଇଲ୍:୯୪୩୯୩୬୧୮୮



# ଅଦୃଶ୍ୟରୁ ଅପରିହାର୍ଯ୍ୟ: ଗରିମାର ଯାତ୍ରା ଓ 'ମିଶନ୍ ଜିରୋ'ର ସଂକଳ୍ପ



ପ୍ରଭାକର ସାହୁ

ଏକ ସହର କେତେ ସ୍ୱଚ୍ଛ, ତାହା ଆମେ ରାସ୍ତା, ଫୁଟପାଥ, ପାର୍କ ଓ ସାର୍ବଜନୀନ ସ୍ଥାନ ଦେଖି ମାପୁ। କିନ୍ତୁ ସେହି ସ୍ୱଚ୍ଛତାର ପଛରେ ଥିବା ମଣିଷମାନେ କେତେ ସୁରକ୍ଷିତ, କେତେ ସମ୍ମାନିତ ଏବଂ କେତେ ମର୍ଯ୍ୟାଦାର ସହିତ ଜୀବନଯାପନ କରୁଛନ୍ତି-ଏହି ପ୍ରଶ୍ନ ଦୀର୍ଘଦିନ ଧରି ଆମ ସାମୂହିକ ଚେତନାର ପରିଧିରେ ରହିଆସିଛି। ସହର ସଫା ରହିଲେ ଆମେ ସ୍ୱଚ୍ଛତାକୁ ଅନୁଭବ କରୁ; କିନ୍ତୁ ସ୍ୱଚ୍ଛତା କର୍ମଚାରୀଙ୍କୁ ପ୍ରାୟତଃ ଦେଖୁନାହୁଁ। ଏହି ଅଦୃଶ୍ୟତାକୁ ଦୂର କରିବାର ଏକ ପ୍ରୟାସ ହେଉଛି ଓଡ଼ିଶାର ଗରିମା ଯାତ୍ରା। ଭୁବନେଶ୍ୱରରେ ଆୟୋଜିତ ଜାତୀୟ ଗରିମା ସମ୍ମିଳନୀ ୨୦୨୬ ଏହି ଯାତ୍ରାକୁ ଜାତୀୟ ପରିସରରେ ନେଇଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତି ଏହି ସମ୍ମିଳନୀକୁ ଏକ ବିଶେଷ ଗୁରୁତ୍ୱ ଦେଇଛି। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ନୀତି ବିଶେଷଜ୍ଞ, ବୈଜ୍ଞାନିକ, ପ୍ରଯୁକ୍ତିବିଦ୍, ସରକାରୀ ପଦାଧିକାରୀ, ପୌରସଂସ୍ଥା ପ୍ରତିନିଧି ଓ ସ୍ୱଚ୍ଛତା କର୍ମଚାରୀଙ୍କ ଯୋଗଦାନ ଏହାକୁ କେବଳ ଏକ ସରକାରୀ ସମ୍ମିଳନୀ ନୁହେଁ, ବରଂ ଦେଶର ସ୍ୱଚ୍ଛତା ବ୍ୟବସ୍ଥା ନେଇ ଏକ ବ୍ୟାପକ ସଂଳାପର ମଞ୍ଚରେ ପରିଣତ କରିଛି।

ଏଥରର ବାର୍ତ୍ତା-"MISSION ZERO: END OF FATALITIES IN SANITATION WORK"-ଅତ୍ୟନ୍ତ ସରଳ, କିନ୍ତୁ ଗଭୀର। ସଫେଇ କାର୍ଯ୍ୟରେ ଗୋଟିଏ ମଧ୍ୟ ଜୀବନ ହାରିବା ଉଚିତ ନୁହେଁ। ଏହା କେବଳ ଦୁର୍ଘଟଣା ପରେ ସହାୟତା ଦେବାର ଚିନ୍ତାଧାରା ନୁହେଁ; ଏହା ଏପରି ବ୍ୟବସ୍ଥା ଗଢ଼ିବାର ଆହ୍ୱାନ, ଯେଉଁଠି ଜଣେ ମଣିଷଙ୍କୁ ବିପଜ୍ଜନକ ସ୍ଥାନକୁ ପ୍ରବେଶ କରିବାର ଆବଶ୍ୟକତା ହିଁ ରହିବ ନାହିଁ। ଏହିଠାରେ ଗରିମାର ମୂଳ ଦର୍ଶନ ଗୁରୁତ୍ୱପୂର୍ଣ୍ଣ ହୁଏ। ଗରିମାକୁ କେବଳ ଏକ କଲ୍ୟାଣ ଯୋଜନା ଭାବେ ଦେଖିଲେ ଏହାର ବ୍ୟାପକତାକୁ ବୁଝିହେବ ନାହିଁ। ଏହା ବୃତ୍ତିଗତ ସ୍ୱାସ୍ଥ୍ୟ, ଯାନ୍ତ୍ରିକୀକରଣ, ଦକ୍ଷତା ବିକାଶ, ସୁରକ୍ଷା ସରଞ୍ଜାମ, ବୀମା, ସ୍ୱାସ୍ଥ୍ୟ ସହାୟତା, ଆବାସ ଓ ସାମାଜିକ ସୁରକ୍ଷାକୁ ଏକ ସମନ୍ୱିତ ଢାଞ୍ଚାରେ ଆଣିବାର ପ୍ରୟାସ। ରାଜ୍ୟର ସହରାଞ୍ଚଳରେ ୯,୦୦୦ରୁ ଅଧିକ CORE SANITATION WORKERS ଏହି ବ୍ୟବସ୍ଥାରେ ସାମିଲ ହୋଇଛନ୍ତି।

ଗରିମାର ପ୍ରକୃତ ମୂଲ୍ୟ ତଥାପି ସଂଖ୍ୟାରେ ନୁହେଁ, ମଣିଷର ଜୀବନରେ। ବ୍ରହ୍ମପୁରର ସ୍ୱଚ୍ଛତା କର୍ମଚାରୀ ରାଜୁ ନାଏକଙ୍କ ଅନୁଭବ ଏହାର ଏକ ଉଦାହରଣ। ପୂର୍ବରୁ ମାନୁଆଲ୍ ଭାବେ ସ୍ୱେରେଜ୍ ସଫେଇ କରୁଥିବା ସେ ଏବେ



ଯାନ୍ତ୍ରିକ ଡିସ୍ଲୁଜର୍ ଚଳାଇବା ପାଇଁ ପ୍ରଶିକ୍ଷିତ। ଏକ ବିପଜ୍ଜନକ କାର୍ଯ୍ୟକୁ ଯାନ୍ତ୍ରିକ ଦକ୍ଷତାରେ ପରିଣତ କରିବା କେବଳ ପ୍ରଯୁକ୍ତିର ବିଜୟ ନୁହେଁ; ଏହା ମାନବୀୟ ମର୍ଯ୍ୟାଦାର ବିଜୟ। ଓଡ଼ିଶାର ଏହି ପ୍ରୟାସର ଜାତୀୟ ପ୍ରତିଧ୍ୱନି ମଧ୍ୟ ରହିଛି। ୨୦୨୫ ଜୁଲାଇରେ ଭୁବନେଶ୍ୱରରେ ଆୟୋଜିତ "TRANSFORMING CORE SANITATION WORK: SAFETY, DIGNITY AND INCLUSION" ଜାତୀୟ କର୍ମଶାଳାରେ ସ୍ୱଚ୍ଛତା କର୍ମଚାରୀଙ୍କ ଚିହ୍ନଟ, ଯାନ୍ତ୍ରିକୀକରଣ, ଜରୁରୀକାଳୀନ ପ୍ରତିକ୍ରିୟା ଓ କାର୍ଯ୍ୟସ୍ଥଳ ସୁରକ୍ଷା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହାର ପରିଣତି ଭାବେ BHUBANESWAR DECLARATION 2025ରେ "ZERO FATALITY, ACCIDENT FREE & DIGNITY IN SANITATION WORK"ର ଏକ ସାମୂହିକ ଦୃଷ୍ଟିକୋଣ ସାମ୍ନାକୁ ଆସିଥିଲା।

୨୦୨୬ର ସମ୍ମିଳନୀ ସେହି ଚିନ୍ତାଧାରାକୁ ଆହୁରି ଏକ ପାଦ ଆଗକୁ ନେଉଛି। ଏବେ ଲକ୍ଷ୍ୟ କେବଳ HAZARD MANAGEMENT ନୁହେଁ, HAZARD ELIMINATION। ବିପଦକୁ ନିୟନ୍ତ୍ରଣ କରିବା ଠାରୁ ବିପଦକୁ ହିଁ ଦୂର କରିବା। ଯେଉଁଠି ମେସିନ୍ କାମ କରିପାରେ, ସେଠି ମଣିଷଙ୍କୁ ବିପଦରେ ପକାଇବାର ଯୁକ୍ତି ନାହିଁ। ଯେଉଁଠି ପ୍ରଯୁକ୍ତି ଜୀବନ ବଞ୍ଚାଇପାରେ, ସେଠି ତାହାର ବ୍ୟବହାର ବିଳମ୍ବିତ ହେବା ଉଚିତ ନୁହେଁ। ଏହି ଚିନ୍ତାଧାରାକୁ ଜନସ୍ତରକୁ ନେବା ପାଇଁ ଜାତୀୟ ସମ୍ମିଳନୀ ପୂର୍ବରୁ ଅଗଷ୍ଟ ୭ରୁ ୨୧ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ପୌରାଞ୍ଚଳରେ 'ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ୧୫ ଦିନିଆ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ଚାଲିଥିଲା। ଘରକୁ ଘର ସଚେତନତା, ୧୪୪୨୦ ହେଲ୍ପଲାଇନ୍ ପ୍ରଚାର, ଅଡିଓ ବାର୍ତ୍ତା, ହୋର୍ଡିଂ, କାନ୍ଥ ଚିତ୍ର, PSSO ସଚେତନତା, ଯୁବ ରାଲି ଓ ୱାର୍ଡସ୍ତରୀୟ ଶପଥ ମାଧ୍ୟମରେ ସୁରକ୍ଷିତ ଓ ଆଇନସମ୍ମତ ସଫେଇର ବାର୍ତ୍ତାକୁ ସମାଜର ବିଭିନ୍ନ ସ୍ତରରେ ପହଞ୍ଚାଯାଇଛି। କିନ୍ତୁ ଗରିମାର ସଫଳତାକୁ କେବଳ କେତେ ମେସିନ୍ ଆସିଲା, କେତେ ଲୋକ ପ୍ରଶିକ୍ଷଣ ପାଇଲେ କିମ୍ବା କେତେ ସୁରକ୍ଷା ସରଞ୍ଜାମ ବଣ୍ଟନ ହେଲା— ସେଥିରେ ମାପିବା ଯଥେଷ୍ଟ ନୁହେଁ। ପ୍ରକୃତ ପ୍ରଶ୍ନ ଅଧିକ ସରଳ: ଜଣେ ସ୍ୱଚ୍ଛତା କର୍ମଚାରୀ ସକାଳେ ଘରୁ ବାହାରିବା ପରେ ସୁସ୍ଥ ଓ ସୁରକ୍ଷିତ ଭାବେ ସନ୍ଧ୍ୟାରେ ଘରକୁ ଫେରୁଛନ୍ତି କି?

ଏହି ପ୍ରଶ୍ନର ଉତ୍ତର ହିଁ MISSION ZEROର ପ୍ରକୃତ ପରୀକ୍ଷା। ଦୁର୍ଘଟଣା ପରେ ମିଳୁଥିବା କ୍ଷତିପୂରଣ ଜୀବନ ଫେରାଇପାରେ ନାହିଁ। ପ୍ରଶିକ୍ଷଣ ବିପଦକୁ ବୁଝାଇପାରେ, କିନ୍ତୁ ବିପଦପୂର୍ଣ୍ଣ ସ୍ଥାନକୁ ଯିବାର ଆବଶ୍ୟକତାକୁ ଦୂର କରିପାରେ ନାହିଁ। PPE ବିପଦ କମାଇପାରେ, କିନ୍ତୁ ସର୍ବୋତ୍ତମ ସୁରକ୍ଷା ହେଉଛି-ବିପଦର ଅନୁପସ୍ଥିତି। ସେଥିପାଇଁ ଆଜିର ଆହ୍ୱାନ କେବଳ "ସଫେଇ କର୍ମଚାରୀଙ୍କୁ ସୁରକ୍ଷା ଦିଅ" ନୁହେଁ। ଆହ୍ୱାନ ହେଉଛି— ଏପରି ସଫେଇ ବ୍ୟବସ୍ଥା ଗଢ଼, ଯେଉଁଠି ସୁରକ୍ଷା ବିପଦ ପରେ ଦିଆଯାଉଥିବା ବ୍ୟବସ୍ଥା ନୁହେଁ, ବ୍ୟବସ୍ଥାର ଆରମ୍ଭରୁ ହିଁ ତାହାର ଅଂଶ। ଏହି ଅର୍ଥରେ ଗରିମା ଓ MISSION ZERO କେବଳ ସରକାରୀ କାର୍ଯ୍ୟକ୍ରମ ନୁହେଁ; ଏହା ଏକ ସାମାଜିକ ଚୁକ୍ତି। ସହର ସ୍ୱଚ୍ଛ ରହିବା ଯେପରି ଆମର ଅଧିକାର, ସହରକୁ ସ୍ୱଚ୍ଛ ରଖୁଥିବା ମଣିଷର ସୁରକ୍ଷା ଓ ମର୍ଯ୍ୟାଦା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।

ଆଧୁନିକ ସହରର ପରିଭାଷା କେବଳ ତାହାର ଚକଚକିଆ ରାସ୍ତା, ଆଧୁନିକ ଯନ୍ତ୍ର କିମ୍ବା ଡିଜିଟାଲ୍ ବ୍ୟବସ୍ଥାରେ ନିର୍ଦ୍ଧାରିତ ହେବ ନାହିଁ। ଏହାର ସରଳତମ ମାନଦଣ୍ଡ ହେବ— ସହରକୁ ସଫା ରଖୁଥିବା ପ୍ରତ୍ୟେକ ମଣିଷ କାମ ସାରି ନିରାପଦରେ ଘରକୁ ଫେରୁଛନ୍ତି କି ନାହିଁ। ଏହା ହେଉଛି ଗରିମାର ସତ୍ୟ ସାର୍ଥକତା। ଏବଂ ଏହା ହିଁ MISSION ZEROର ସଂକଳ୍ପ-ସହର ସ୍ୱଚ୍ଛ ହେବ, କିନ୍ତୁ କୌଣସି ମଣିଷର ଜୀବନର ମୂଲ୍ୟରେ ନୁହେଁ।

ମୋବାଇଲ୍: ୯୪୩୯୬୫୪୨୨୨

# ସାମାଜିକ ସଂସ୍କାର



ଦାଶରଥୀ ଶତପଥୀ

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜର ସଂସ୍କାର ବିନା ସମାଜ ଆଗକୁ ବଢ଼ିପାରିବ ନାହିଁ। ସମାଜର କଲ୍ୟାଣ ଏବଂ ନ୍ୟାୟପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ର ଭିତ୍ତିଭୂମି। ଗୋଟିଏ ସମାଜ କେବେହେଲେ ସ୍ଥିର ନୁହେଁ। ଏହା ଚିନ୍ତାଧାରା, ସଂଗ୍ରାମ ଏବଂ ସଂସ୍କାର ମାଧ୍ୟମରେ ବିକଶିତ ହୋଇଥାଏ। ସାମାଜିକ ସଂସ୍କାର ହେଉଛି ସମାଜରୁ ପୁରୁଣା କୁସଂସ୍କାର, ଅନ୍ଧବିଶ୍ୱାସ, ଅସମାନତା ଏବଂ ଅନ୍ୟାୟକୁ ଦୂର କରି ସେଗୁଡ଼ିକ ସ୍ଥାନରେ ସମାନତା, ମର୍ଯ୍ୟାଦା ଏବଂ ମାନବାଧିକାରର ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାର ଏକ ସଚେତନ ପ୍ରୟାସ। ପ୍ରତ୍ୟେକ ମହାନ ସଭ୍ୟତା କୌଣସି ନା କୌଣସି ସମୟରେ ସାମାଜିକ ସଂସ୍କାର ଦେଇ ଗତି କରିଛି। ଭାରତରେ, ୧୯ଶ ଏବଂ ୨୦ଶ ଶତାବ୍ଦୀରେ ଏକ ଶକ୍ତିଶାଳୀ ସଂସ୍କାର ଆନ୍ଦୋଳନର ଅଭ୍ୟୁଦୟ ଘଟିଥିଲା, ଯାହା ଆଧୁନିକ ଭାରତର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା। ଆଜି ମଧ୍ୟ ଲିଙ୍ଗଗତ ଅସମାନତା, ଜାତିଗତ ଭେଦଭାବ, ଦାରିଦ୍ର୍ୟ ଏବଂ ଶିକ୍ଷାର ଅଭାବ ଭଳି ସମସ୍ୟାର ସମାଧାନ ପାଇଁ ସାମାଜିକ ସଂସ୍କାରର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ସାମାଜିକ ସଂସ୍କାରର ଅର୍ଥ ପରମ୍ପରାକୁ ବିନାଶ କରିବା ନୁହେଁ। ଏହାର ଅର୍ଥ ହେଉଛି ଯୁକ୍ତି, କରୁଣା ଏବଂ ସାମ୍ବିଧାନିକ ମୂଲ୍ୟବୋଧର ଆଲୋକରେ ପରମ୍ପରାର ସଂସ୍କାର କରିବା। ସମାଜ ଶତାବ୍ଦୀ ଶତାବ୍ଦୀ ଧରି ବିଭିନ୍ନ ପ୍ରଥାକୁ ଆପଣାଇ ଆସିଛି। କେତେକ ପ୍ରଥାର ନିଜସ୍ୱ ଉଦ୍ଦେଶ୍ୟ ଥିଲା, କିନ୍ତୁ ଅନ୍ୟ କେତେକ ଶୋଷଣର ମାଧ୍ୟମ ପାଲଟିଗଲେ। ସାମାଜିକ ସଂସ୍କାରର ଆବଶ୍ୟକତା ସେତେବେଳେ ଦେଖାଦିଏ ଯେତେବେଳେ ମାନବୀୟ ମର୍ଯ୍ୟାଦା ଉଲ୍ଲଂଘନ ହୁଏ। ଅସ୍ପୃଶ୍ୟତା, ବାଲ୍ୟବିବାହ, ସତୀଦାହ ଏବଂ ଯୌତୁକ ଭଳି ପ୍ରଥା ମଣିଷକୁ ଦ୍ୱିତୀୟ ଶ୍ରେଣୀର ନାଗରିକରେ ପରିଣତ କରେ। ଜାତି, ଲିଙ୍ଗ ଏବଂ ଆର୍ଥିକ ବିଷମତା ବହୁ ସଂଖ୍ୟକ ଲୋକଙ୍କୁ ସମାନ ସୁଯୋଗରୁ ବଞ୍ଚିତ କରେ। ଅଜ୍ଞାନତା, ଅନ୍ଧବିଶ୍ୱାସ ଏବଂ ରକ୍ଷଣଶୀଳ ମାନସିକତା ବୈଜ୍ଞାନିକ ମନୋଭାବ ଏବଂ ବିକାଶରେ ବାଧା ସୃଷ୍ଟି କରେ। ସାମ୍ବିଧାନିକ ମୂଲ୍ୟବୋଧକୁ ଅବହେଳା କରାଯାଏ: ଆମ ସଂବିଧାନ ସମାନତା, ସ୍ୱାଧୀନତା ଏବଂ ନ୍ୟାୟର ଗ୍ୟାରେଣ୍ଟି ଦିଏ। ସାମାଜିକ ସଂସ୍କାର ଏହି ଆଦର୍ଶଗୁଡ଼ିକୁ ବାସ୍ତବତାରେ ପରିଣତ କରିବାରେ ସାହାଯ୍ୟ କରେ। ସଂସ୍କାର ବିନା ସମାଜ ଜଡ଼ ହୋଇଯାଏ ଏବଂ ନିଜର ଆଭ୍ୟନ୍ତରୀଣ ବିରୋଧାଭାସ ଯୋଗୁଁ ଭାଙ୍ଗିପଡ଼େ।



ଭାରତର ସଂସ୍କାରକମାନେ ଭାରତୀୟ ମୂଲ୍ୟବୋଧ ସହିତ ଯୁକ୍ତି ଏବଂ ସମାନତାର ସାର୍ବଜନୀନ ନୀତିକୁ ସଂଯୋଗ କରିଥିଲେ। ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ଜ୍ୟୋତିବା ଫୁଲେ ଓ ସାବିତ୍ରୀବାଈ ଫୁଲେ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଡାକ୍ତର ବି. ଆର. ଆମ୍ବେଦକର ଙ୍କ ଭୂମିକା ସମାଜକୁ ସମୃଦ୍ଧିର ପଥରେ ଆଗେଇନେବା ପାଇଁ ପଥ ପ୍ରଦର୍ଶନ କରିଛି ଓ ସମାନଙ୍କ ଚିନ୍ତା, ଚେତନାରେ ଆମେ ସମାଜରେ ବସବାସ କରୁଥିବା ସାମାଜିକ ପ୍ରାଣୀ ମାନେ ଗଭୀର ଭାବେ ଉଦବୃଦ୍ଧ ହୋଇଛୁ। ଏହି ସଂସ୍କାରକମାନେ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ, କିନ୍ତୁ ସେମାନେ ସଫଳ ହୋଇଥିଲେ କାରଣ ସେମାନେ ବିବେକ ଏବଂ ଯୁକ୍ତି ଉଭୟକୁ ଆହ୍ୱାନ କରିଥିଲେ। ଆଜିର ସମୟରେ ସାମାଜିକ ସଂସ୍କାରର ପ୍ରମୁଖ କ୍ଷେତ୍ର ୨୧ଶ ଶତାବ୍ଦୀର ଆହ୍ୱାନଗୁଡ଼ିକ ଭିନ୍ନ, କିନ୍ତୁ ସଂସ୍କାରର ଭାବନା ସମାନ ରହିଛି। ଭ୍ରୂଣହତ୍ୟା, ଯୌତୁକ ପ୍ରଥା, ଗାର୍ହସ୍ଥ୍ୟ ହିଂସାର ଅନ୍ତ କରିବା ଏବଂ ମହିଳାମାନଙ୍କ ପାଇଁ ସମାନ ମଜୁରୀ, ଶିକ୍ଷା ଓ ନେତୃତ୍ୱ ସୁନିଶ୍ଚିତ କରିବା। 'ବେଟି ବଚାଓ ବେଟି ପଢାଓ' ଏବଂ ମହିଳା ଆରକ୍ଷଣ ଏହି ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଅସ୍ପୃଶ୍ୟତା ଦୂରୀକରଣ, ଆନ୍ତଃଜାତୀୟ ସଦ୍ଭାବନାକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ ମାଧ୍ୟମରେ SC/ST/OBC ସମ୍ପ୍ରଦାୟ ପାଇଁ ଶିକ୍ଷା ଓ ନିଯୁକ୍ତି ସୁନିଶ୍ଚିତ କରିବା। ଗୁଣାତ୍ମକ ଶିକ୍ଷାକୁ ସାର୍ବଜନୀନ କରିବା। ନୂତନ ଶିକ୍ଷାନୀତି (NEP 2020) ହେଉଛି ଶିକ୍ଷାକୁ ସମାନ, ସମାବେଶୀ ଏବଂ ଦକ୍ଷତା-ଭିତ୍ତିକ କରିବା ପାଇଁ ଏକ ପ୍ରମୁଖ ସଂସ୍କାର। ସ୍ୱଚ୍ଛ ଭାରତ, ସ୍ୱାସ୍ଥ୍ୟ ବିମା ଏବଂ ପୋଷଣ କାର୍ଯ୍ୟକ୍ରମ ମୌଳିକ ମର୍ଯ୍ୟାଦା ଏବଂ ଜନସ୍ୱାସ୍ଥ୍ୟର ସମାଧାନ କରେ। ଧର୍ମ ନାମରେ ହେଉଥିବା ଅନ୍ଧବିଶ୍ୱାସ, ଟୋରା ଟାଲାଣ ଏବଂ ଶୋଷଣ ବିରୁଦ୍ଧରେ ଲଢ଼ିବା ପାଇଁ ବୈଜ୍ଞାନିକ ମନୋଭାବ ଏବଂ ଯୁକ୍ତିଯୁକ୍ତ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା। ଗରିବ, ଗ୍ରାମାଞ୍ଚଳ ଏବଂ ଅବହେଳିତ ବର୍ଗଙ୍କୁ ଡିଜିଟାଲ୍ ସାକ୍ଷରତା ଏବଂ ଆର୍ଥିକ ସମାବେଶର ଅଂଶବିଶେଷ କରିବା। ଆଇନ ପ୍ରଣୟନ କରିବା ସହ କଲ୍ୟାଣକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଚିତ। ଉଦାହରଣ: ବାଲ୍ୟବିବାହ ନିଷେଧ ଆଇନ, PCPNDT ଆଇନ, RTE ଆଇନ। ନାଗରିକ ସମାଜ ଏବଂ NGO ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ଏବଂ ପୀଡ଼ିତଙ୍କୁ ସାହାଯ୍ୟ କରିବା। ଶିକ୍ଷାନୁଷ୍ଠାନ ଗୁଡିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାନତା, ନୈତିକତା ଏବଂ ସେବା ମନୋଭାବ ଜାଗ୍ରତ କରିବା ଆବଶ୍ୟକ।

ପ୍ରତ୍ୟେକ ନାଗରିକ ପରିବାର ଏବଂ ସମାଜରେ ଥିବା କୁସଂସ୍କାର ପ୍ରତି ପ୍ରଶ୍ନ ଉଠାଇବା ଉଚିତ୍। ନେତାମାନେ ନିଜେ ଉଦାହରଣ ସୃଷ୍ଟି କରି ନେତୃତ୍ୱ ନେବା ଆବଶ୍ୟକ। ଜଣେ ପ୍ରଶାସକ ଏବଂ ଶିକ୍ଷାବିତ୍ ଭାବରେ, ମୋର ବିଶ୍ୱାସ ଯେ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଶିକ୍ଷାଦାନର କେନ୍ଦ୍ର ନହୋଇ ସାମାଜିକ ପରିବର୍ତ୍ତନର କେନ୍ଦ୍ର ହେବା ଉଚିତ୍। ସାମାଜିକ ସଂସ୍କାର କ୍ଷେତ୍ରରେ ଆହ୍ୱାନ ଓ ଏହାର ମୁକାବିଲା କରିବା ପାଇଁ ଆମମାନଙ୍କର ପ୍ରୟାସ ଜାରି ରହିବା ଉଚିତ। ଲୋକମାନେ ପ୍ରାୟତଃ ପରମ୍ପରା ନାମରେ ପୁରୁଣା ପ୍ରଥାଗୁଡ଼ିକର ସମର୍ଥନ କରନ୍ତି। ଭଲ ଆଇନ ରହିଛି, କିନ୍ତୁ ସେଗୁଡ଼ିକର କଠୋର ଅନୁପାଳନ ହୋଇପାରୁନାହିଁ। ଯୌତୁକ ଭଳି କେତେକ ସାମାଜିକ ବ୍ୟାଧି ଆଜିକାଲି ବ୍ୟବସାୟୀକରଣର ରୂପ ନେଇଛି। ସୋସିଆଲ୍ ମିଡିଆ ସଚେତନତା ସହିତ କୁସଂସ୍କାରପୂର୍ଣ୍ଣ ପ୍ରଚାର ମଧ୍ୟ ପ୍ରସାରିତ କରେ। ଏହି ସବୁକୁ ଅତିକ୍ରମ କରିବା ପାଇଁ ଧୈର୍ଯ୍ୟ, ଆଲୋଚନା, ଶିକ୍ଷା ଏବଂ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

ସାମାଜିକ ସଂସ୍କାର ହେଉଛି ଏକ ପ୍ରଗତିଶୀଳ ରାଷ୍ଟ୍ରର ଆତ୍ମା। ଏହା ଏକ ନିରନ୍ତର ପ୍ରକ୍ରିୟା, କୌଣସି ଗୋଟିଏ ଘଟଣା ନୁହେଁ। ଅତୀତର ସଂସ୍କାରକମାନେ ଆମକୁ ଏକ ଅଧିକ ମାନବୀୟ ସମାଜ ଦେଇଛନ୍ତି। ଆମ ପିଢ଼ି ନୂତନ ରୂପର ଅସମାନତା - ଯେପରିକି ଡିଜିଟାଲ୍ ବିଭାଜନ, କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ପକ୍ଷପାତ ଏବଂ ସାମାଜିକ ବାସନ୍ଦ ବିରୁଦ୍ଧରେ ଲଢ଼ି ଏହାକୁ ଆଗକୁ ନେବାକୁ ହେବ। ସାମାଜିକ ସଂସ୍କାରର ଚୂଡ଼ାନ୍ତ ଲକ୍ଷ୍ୟ ଅତ୍ୟନ୍ତ ସରଳ: "ବସୁଧୈବ କୁଟୁମ୍ବକମ୍" - ସମଗ୍ର ବିଶ୍ୱ ଗୋଟିଏ ପରିବାର। ଏପରି ଏକ ସମାଜ ଯେଉଁଠାରେ ପ୍ରତ୍ୟେକ ଶିଶୁ, ଜାତି, ଲିଙ୍ଗ କିମ୍ବା ଧର୍ମ ନିର୍ବିଶେଷରେ ଆତ୍ମସମ୍ମାନର ସହ ଶିଖିବା, ବଢ଼ିବା ଏବଂ ଆଗେଇବାର ସମାନ ସୁଯୋଗ ପାଏ। ନାଗରିକ ଭାବରେ, ସଂସ୍କାରର ଏହି ମହାନ୍ ଯାତ୍ରାରେ କେବଳ ଦର୍ଶକ ନହୋଇ ସକ୍ରିୟ ଭାଗିଦାର ହେବା ଆମର କର୍ତ୍ତବ୍ୟ। ସମାଜକୁ ଏକ ସୁସ୍ଥ ବାତାବରଣ ମଧ୍ୟରେ, ଆମେ ନିଜ ନିଜର ଆଦର୍ଶ ହେବା ଏବଂ ଯାହା ଆମର ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ।

ଭା. ପ୍ର. ସେ. (ଅବସରପ୍ରାପ୍ତ)

ପ୍ରାକ୍ତନ ସଚିବ, ଓଡ଼ିଶା ବିଧାନସଭା

ମୋବାଇଲ୍:୯୩୩୭୪୪୯୩୭୩

### ୨୦ ମହାକାଶ ଷ୍ଟାର୍ଟଅପ୍ ସିଇଓ ଓ ପ୍ରତିଷ୍ଠାତାଙ୍କୁ ଭେଟିଲେ ମୋଦି

# ମହାକାଶ କ୍ଷେତ୍ରରେ ଘରୋଇ ଅଂଶଗ୍ରହଣ ନିଷ୍ପତ୍ତିକୁ ପ୍ରଶଂସା



ନୂଆଦିଲ୍ଲୀ,୨୧।୮ଃ ରକେଟ୍ ଓ ପୁନଃବ୍ୟବହାରକ୍ଷମ ସେମି-କ୍ରାୟୋଜେନିକ୍ ଲଞ୍ଚ ଭେଇକିଲ୍ସ, ଆଭିଓନିକ୍ସ, ସାଟେଲାଇଟ୍ସ (ଉପଗ୍ରହ), ଉନ୍ନତ ପ୍ରପଲସନ ସିଷ୍ଟମ୍, ମହାକାଶ ଓ ପ୍ରତିରକ୍ଷା ଗୋଇନ୍ଦା, ମହାକାଶ ଆବର୍ଜନା ହଟାଇବା ଏବଂ ଏଆଇ-ଚାଳିତ ହାଇପରଲୋକାଲ୍ ପାଣିପାଗ ଓ ଜଳବାୟୁ ସମ୍ବନ୍ଧୀୟ ସୂଚନା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହାକାଶ କ୍ଷେତ୍ରର ପ୍ରମୁଖ କମ୍ପାନୀଗୁଡ଼ିକର ୨୦ଜଣ ସିଇଓ ଓ ପ୍ରତିଷ୍ଠାତାଙ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିବା ସହ ସେମାନଙ୍କ ସହ ମତବିନିମୟ କରିଛନ୍ତି। ସେମାନେ ଭାରତର ବେସରକାରୀ ମହାକାଶ ଉଦ୍ୟୋଗ ଦ୍ୱାରା ହେଉଥିବା ଦ୍ରୁତ ପ୍ରଗତିକୁ ରେଖାଙ୍କିତ କରିବା ସହ ଏହି କ୍ଷେତ୍ରର ଭବିଷ୍ୟତ ପାଇଁ ସେମାନଙ୍କର ଦୂରଦୃଷ୍ଟି ଶେୟାର କରିଥିଲେ। ଦେଶରେ ସ୍ୱଦେଶୀ ଜ୍ଞାନକୌଶଳରେ ନିଜର ଦକ୍ଷତା ଓ ଆବଶ୍ୟକୀୟ ପ୍ରଯୁକ୍ତିବିଦ୍ୟା ନିର୍ମାଣ କରିବାରେ ସେମାନେ ଯଥେଷ୍ଟ ସମୟ ଓ ପ୍ରଚେଷ୍ଟା ଦେଇଛନ୍ତି ବୋଲି ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀଙ୍କଠାରୁ ମିଳିଥିବା ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ସରକାରଙ୍କ ପକ୍ଷରୁ ମିଳୁଥିବା ସୁଦୃଢ଼ ସହଯୋଗ ଓ ଶିଳ୍ପ ମଧ୍ୟରେ ଥିବା ସହଭାଗିତାକୁ ମଧ୍ୟ ସେମାନେ ଦୋହରାଇଥିଲେ। ସେହିପରି ମହାକାଶ କ୍ଷେତ୍ରକୁ ଘରୋଇ ଭାଗିଦାରୀ ପାଇଁ ଖୋଲିବା ଦ୍ୱାରା ବିପୁଳ ଉତ୍ସାହ ସୃଷ୍ଟି ହୋଇଛି ଓ ଶିଳ୍ପ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଛି ବୋଲି ସେମାନେ ପ୍ରକାଶ କରିଥିଲେ। ଏଥିସହ ଭାରତର ଉଦୀୟମାନ ବେସରକାରୀ ମହାକାଶ ଶିଳ୍ପ ଦ୍ୱାରା ବିକଶିତ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ ଓ ବ୍ୟବହାର କରିବା ପାଇଁ ଅନେକ କମ୍ପାନୀ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ସେମାନେ କହିଥିଲେ। ସାହସ ଓ ନେତୃତ୍ୱ ସହ ଏହି ନୂତନ କ୍ଷେତ୍ରରେ ଆଗକୁ ବଢୁଥିବାରୁ ପ୍ରଧାନମନ୍ତ୍ରୀ ମହାକାଶ କ୍ଷେତ୍ର ସହ ଜଡିତ ଶିଳ୍ପ ନେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଛନ୍ତି ଯେ ଏହି କ୍ଷେତ୍ର ପ୍ରଦର୍ଶନ କରିଥିବା ଆତ୍ମବିଶ୍ୱାସ ସେହି ଦୂରଦୃଷ୍ଟିକୁ ଆହୁରି ସୁଦୃଢ଼ କରିଛି, ଯାହାକୁ ଆଧାର କରି ମହାକାଶ କ୍ଷେତ୍ରକୁ ଘରୋଇ ଭାଗିଦାରୀ ପାଇଁ ଖୋଲାଯାଇଥିଲା। ଅନେକ ଦେଶ ମହାକାଶ କ୍ଷେତ୍ରରେ ପୁଞ୍ଜିନିବେଶ କରିପାରୁନାହାଁନ୍ତି କିମ୍ବା ନିବେଶ କରିବାକୁ ଚାହୁଁନାହାନ୍ତି। ଏହା ବିଶ୍ୱ ମହାକାଶ କ୍ଷେତ୍ରରେ ଭାରତକୁ ନିଜର ସ୍ଥିତି ଶୀଘ୍ର ସୁଦୃଢ଼ କରିବା ପାଇଁ ଏକ ବଡ଼ ସୁଯୋଗ ପ୍ରଦାନ କରୁଛି ବୋଲି ମୋଦି କହିଥିଲେ। ମହାକାଶ କ୍ଷେତ୍ରର କମ୍ପାନୀଗୁଡ଼ିକ ଅନ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ସହ ଅଧିକ ସହଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମହାକାଶ ଆବର୍ଜନା ଉପରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ସେମାନଙ୍କ ପ୍ରଯୁକ୍ତିବିଦ୍ୟାକୁ ଅଧିକ ବ୍ୟାପକ କରିବା ପାଇଁ ପରିବେଶ ସଂଗଠନଗୁଡ଼ିକ ସହ ମିଶି କାର୍ଯ୍ୟ କରିପାରିବେ। କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହାକାଶ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକ କୃଷି ବିଶ୍ୱବିଦ୍ୟାଳୟ ଓ ବିଭାଗଗୁଡ଼ିକ ସହ ସହଯୋଗ କରିପାରିବେ, ଯାହାଦ୍ୱାରା କୃଷକମାନେ ସଠିକ୍ ସୂଚନା ଆଧାରରେ ନିଷ୍ପତ୍ତି ନେଇପାରିବେ ଓ ସେମାନଙ୍କ ଉତ୍ପାଦନ ବୃଦ୍ଧି କରିପାରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଅଟଳ ଟିଙ୍କରିଂ ଲ୍ୟାବ୍ ସହ ଅଧିକ ଘନିଷ୍ଠ ସହଯୋଗିତା ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ଦ୍ୱାରା ଛୋଟ ବେଳରୁ ହିଁ ପିଲାଙ୍କ ମନରେ ମହାକାଶ କ୍ଷେତ୍ର ପ୍ରତି କୌତୂହଳ ଏବଂ ଆଗ୍ରହ ସୃଷ୍ଟି ହୋଇପାରିବ।

# ୨ ଜାହାଜକୁ ଅପହରଣ କରିନେଇଛନ୍ତି ଜଳଦସ୍ୟୁ

### ଫସିଛନ୍ତି ୨୨ ଭାରତୀୟ ନାଗରିକ



ନୂଆଦିଲ୍ଲୀ,୨୧।୮ଃ ୟେମେନ ଓ ସୋମାଲିଆ ଉପକୂଳ ନିକଟରେ ଦୁଇଟି ପୃଥକ ଘଟଣାରେ ଜଳଦସ୍ୟୁମାନେ ମୋଟ ୨୨ ଜଣ ଭାରତୀୟ ନାଗରିକଙ୍କୁ ନେଇ ଯାଉଥିବା ଦୁଇଟି ବ୍ୟାବସାୟିକ ଜାହାଜକୁ ଅପହରଣ କରିନେଇଛନ୍ତି। ଏହି ଘଟଣା ଆଫ୍ରିକାର ହର୍ଣ୍ଣ ଆଖପାଖ ଜଳରେ ଡକାୟତି ବିପଦର ପୁନରାବୃତ୍ତି ବିଷୟରେ ଚିନ୍ତା ସୃଷ୍ଟି କରିଛି। ଏମ୍‌ଟି ସିବୁ ୧ ନାମକ ଏକ ତୈଳ ଉତ୍ପାଦ ଟ୍ୟାଙ୍କର୍ ୟେମେନ ଉପକୂଳରୁ ପ୍ରାୟ ୩୦ ନଟିକାଲ ମାଇଲ ଦୂରରେ ଆଡେନ ଉପସାଗରରେ ଅପହରଣ କରାଯାଇଥିଲା। ଜାହାଜରେ ୧୬ ଜଣ ଭାରତୀୟ ନାଗରିକଙ୍କ ସମେତ ୨୦ ଜଣ କ୍ରୁ ସଦସ୍ୟ ଥିଲେ। ସାମୁଦ୍ରିକ ପ୍ରଶାସନ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ, ସମସ୍ତ ୨୦ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ତଥାପି, ଜାହାଜ ଓ କ୍ରୁ ସଦସ୍ୟଙ୍କ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସଦ୍ୟତମ ସୂଚନାକୁ ଅପେକ୍ଷା କରାଯାଇଛି।

୧୬ ଜଣ ଭାରତୀୟ ନାଗରିକଙ୍କ ବ୍ୟତୀତ କ୍ରୁ ସଦସ୍ୟଙ୍କ ମଧ୍ୟରେ ସିରିଆ, ସୁଡାନ ଓ ଇରାକର ଜଣେ ଲେଖାଏଁ ନାଗରିକ ଅଛନ୍ତି। ଅନ୍ୟ ଜଣେ ନାବିକ କେଉଁ ଦେଶର ବାସିନ୍ଦା, ସେନେଇ କିଛି ସ୍ପଷ୍ଟ ହୋଇପାରିନାହିଁ।ହୋଇନାହିଁ।

# ମଲ୍‌ରେ ଧସିଲା ସେଣ୍ଟ୍ରିଂ:୩ ଶ୍ରମିକ ମୃତ




ମଥୁରା,୨୧।୮ଃ ମଥୁରା ବୃନ୍ଦାବନରେ ଏକ ନିର୍ମାଣାଧୀନ ମଲରେ ଅଭାବନୀୟ ଅଘଟଣ ଘଟିଛି। ଓମେକ୍ସ କୋର୍ଟୟାର୍ଡ ମଲ୍‌ରେ ଢଳେଇ କାମ ଚାଲିଥିବା ସମୟରେ ହଠାତ୍ ସେଣ୍ଟ୍ରିଂ ଧସିବା ଯୋଗୁଁ ୩ ଜଣ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଘଟଣାରେ ଅନ୍ୟ ଜଣେ ଶ୍ରମିକ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ଓମେକ୍ସ କୋର୍ଟୟାର୍ଡ ମଲ୍‌ରେ ଛାତ ଢଳେଇ କାମ ଚାଲୁଥିଲା। ଏହି ସମୟରେ ହଠାତ୍ ସେଣ୍ଟ୍ରିଂ ଧସିଯାଇଥିଲା। ଫଳରେ ସେଠାରେ କାମ କରୁଥିବା ଶ୍ରମିକମାନେ ଭୁଶୁଡ଼ିଯାଇଥିବା ଢଳେଇ ତଳେ ଫସିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣାଯିବା ପରେ ଆଖପାଖ ଲୋକ ଏବଂ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୂଚନା ପାଇ ସ୍ଥାନୀୟ ପୁଲିସ, ଫାୟାର ବ୍ରିଗେଡ ଓ ଆମ୍ବୁଲାନ୍ସ ଗାଡ଼ି ମଧ୍ୟ ଉଦ୍ଧାର କାର୍ଯ୍ୟ ପାଇଁ ପହଞ୍ଚିଥିଲେ।

ମୃତ୍ୟୁବରଣ କରିଥିବା ୩ ଶ୍ରମିକଙ୍କ ମଧ୍ୟରୁ ଜଣେ ନେପାଳର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ପଶ୍ଚିମବଙ୍ଗର ବାସିନ୍ଦା। ଏଥିସହ ଘଟଣାରେ ଗୁରୁତର ଥିବା ଜଣେ ଶ୍ରମିକକୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଆଗ୍ରା ଏସଏନ ମେଡିକାଲ କଲେଜକୁ ରେଫର କରାଯାଇଛି। ଘଟଣାସ୍ଥଳରେ ମହଜୁଦ ଥିବା ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୋଗ କରିଛନ୍ତି ଯେ ନିର୍ମାଣ କାର୍ଯ୍ୟରେ ସୁରକ୍ଷା ମାନକ ସଠିକ୍ ନ ଥିଲା। କାର୍ଯ୍ୟସ୍ଥଳରେ ଶ୍ରମିକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କିମ୍ବା ସେଫ୍ଟି ଗିୟର ଉପଲବ୍ଧ ନଥିଲା, ଯେଉଁଥିପାଇଁ ଏଭଳି ଅଘଟଣ ଘଟିଲା। ସ୍ଥାନୀୟ ଏସପି ସିଟି ରାଜୀବ କୁମାର ସିଂ କହିଛନ୍ତି ଯେ ଦୁର୍ଘଟଣାରେ ମୋଟ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣେ ଆହତ ହୋଇଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଦ୍ଧାର କାର୍ଯ୍ୟ ସରିବା ପରେ ଅଘଟଣର କାରଣ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

### ବିଜୟଙ୍କୁ ଉଦୟନିଧିଙ୍କ କଟାକ୍ଷ

# ‘ବିଧାନସଭାରେ ଫିଲ୍ମ ଡାଏଲଗ୍ କୁହନ୍ତୁନି’



ଚେନ୍ନାଇ,୨୧।୮ଃ ତାମିଲନାଡୁରେ ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ ଶୁକ୍ରବାର ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କୁ ବଡ଼ ଚ୍ୟାଲେଞ୍ଜ ଦେଇଛନ୍ତି। ପୂର୍ବତନ ଡିଏମ୍‌କେ ସରକାର ସମୟର କଥିତ ଭ୍ରଷ୍ଟାଚାର ସମ୍ପର୍କିତ ଫାଇଲଗୁଡ଼ିକୁ ସାର୍ବଜନୀନ କରିବା ସହ ଯଦି ଅନିୟମିତତାର ପ୍ରମାଣ ମିଳେ, ତେବେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ବିଧାନସଭାରେ ଏକ ଆଲୋଚନା ସମୟରେ ଉଦୟନିଧି, ବିଜୟଙ୍କ ସେହି ବୟାନର ଜବାବ ଦେଇଥିଲେ, ଯେଉଁଥିରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେ ଠିକ୍ ସମୟରେ ପୂର୍ବତନ ଡିଏମ୍‌କେ ସରକାର ସମୟର ଭ୍ରଷ୍ଟାଚାର ଫାଇଲ ସାମ୍ନାକୁ ଆଣିବେ। ଆଲୋଚନା ସମୟରେ ଉଦୟନିଧି ବିଜୟଙ୍କ ଆଭିମୁଖ୍ୟକୁ ସମାଲୋଚନା କରି କହିଥିଲେ ଯେ ବିଧାନସଭା ଫିଲ୍ମର ଡାଏଲଗ କହିବାର ସ୍ଥାନ ନୁହେଁ। ସେ ବିଜୟଙ୍କୁ କହିଥିଲେ ଯେ ବିଧାନସଭାରେ ଫିଲ୍ମ ଭଳି ଜୋରଦାର ଡାଏଲଗ କୁହନ୍ତୁ ନାହିଁ।

ଉଦୟନିଧି ଆହୁରି କହିଥିଲେ ଯେ ଭ୍ରଷ୍ଟାଚାର ସମ୍ପର୍କିତ ଫାଇଲ ଓ ତଥ୍ୟ ସାର୍ବଜନୀନ କରିବାରେ ଏତେ ବିଳମ୍ବ କାହିଁକି ହେଉଛି? ସରକାରଙ୍କ ପାଖରେ ନିଜ ଅଭିଯୋଗ ପ୍ରମାଣ କରିବା ପାଇଁ ପର୍ଯ୍ୟାପ୍ତ ତଥ୍ୟ ନାହିଁ କି ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ। ଉଦୟନିଧି କହିଥିଲେ, ମୁଁ ତାଙ୍କୁ ଅନୁରୋଧ କରୁଛି, ତୁରନ୍ତ ଫାଇଲ ଖୋଲନ୍ତୁ ଏବଂ ଯଦି ଭ୍ରଷ୍ଟାଚାରର ଠୋସ ପ୍ରମାଣ ରହିଛି, ତେବେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ମୁଖ୍ୟମନ୍ତ୍ରୀ ଫାଇଲଗୁଡ଼ିକୁ ସାର୍ବଜନୀନ କରିବାରେ କାହିଁକି ଦ୍ୱିଧା କରୁଛନ୍ତି ବୋଲି ସେ ପ୍ରଶ୍ନ କରିବା ସହ ବ୍ୟଙ୍ଗ କରି କହିଥିଲେ, ତାରିଖ ଧାର୍ଯ୍ୟ କରିବା ପାଇଁ କ’ଣ ସେ ତାଙ୍କ ଜ୍ୟୋତିଷଙ୍କୁ ଅପେକ୍ଷା କରୁଛନ୍ତି?

ତେବେ ବିଧାନସଭାରେ ବିଜୟ ଉଦୟନିଧିଙ୍କ ଏହି ଅଭିଯୋଗର ସିଧାସଳଖ ଜବାବ ଦେଇ ନ ଥିଲେ। ରାଜ୍ୟର ସ୍କୁଲ ଶିକ୍ଷାମନ୍ତ୍ରୀ ସରକାରଙ୍କ ପକ୍ଷ ରଖି କହିଥିଲେ ଯେ ବିଜୟ ସ୍ୱଚ୍ଛତା ଓ ପାରଦର୍ଶିତା ପାଇଁ ପ୍ରତିବଦ୍ଧ। କଥିତ ଭ୍ରଷ୍ଟାଚାର ସହ ଜଡ଼ିତ ଫାଇଲଗୁଡ଼ିକୁ ଠିକ୍ ସମୟରେ ସାର୍ବଜନୀନ କରାଯିବ ବୋଲି ସେ ପୁଣିଥରେ କହିଛନ୍ତି।

# ଥାନା ବାହାରେ ଧାରଣା ଦେଲେ ରାହୁଲ

### ସାଥିରେ ଅଛନ୍ତି ଭଉଣୀ ପ୍ରିୟଙ୍କା



ନୂଆଦିଲ୍ଲୀ,୨୧।୮ଃ ପେଲେଟ୍ ଗନ୍ ବ୍ୟବହାରକୁ ନେଇ ପୁଣିଥରେ ସ୍ୱର ଉଠାଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି। ଆଜି ସେ ଦିଲ୍ଲୀର ସଂସଦ ମାର୍ଗ ଥାନାରେ ପହଞ୍ଚିବା ସହ ଡିସିପି ଅଫିସ୍ ସାମ୍ନାରେ ଧାରଣାରେ ବସିଛନ୍ତି। ତାଙ୍କ ସହ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି, ଜୟରାମ ରମେଶ ଓ ସଲମାନ ଖୁର୍ସିଦ ମଧ୍ୟ ଉପସ୍ଥିତ ଥିଲେ। ରାହୁଲଙ୍କ ସହ ଜନ୍ତର-ମନ୍ତରରେ ଆନ୍ଦୋଳନ ସମୟରେ ପେଲେଟ୍ ଗନ୍‌ରେ ଆହତ ହୋଇଥିବା ଜଣେ ଛାତ୍ର ମଧ୍ୟ ଥିଲେ। ଏହି ଘଟଣାର ତଦନ୍ତ କେତେ ଦୂର ଆଗେଇଛି ଓ ପୁଲିସ କ’ଣ ପଦକ୍ଷେପ ନେଇଛି, ସେନେଇ ରାହୁଲ ଦିଲ୍ଲୀ ପୁଲିସକୁ ପ୍ରଶ୍ନ କରିଥିଲେ। ଏନେ ରାହୁଲ କହିଛନ୍ତି ଯେ ଏହି ମାମଲାରେ ଏଫ୍‌ଆଇଆର୍ ଦାୟର ନହେବା ପର୍ଯ୍ୟନ୍ତ ସେ ଧାରଣାରୁ ଓହରିବେ ନାହିଁ। କଂଗ୍ରେସର ଅଭିଯୋଗ ଅନୁସାରେ, ପେଲେଟ୍ ଗନ୍‌ରେ ଆହତ ହୋଇଥିବା ଛାତ୍ର ସାହିଲ ଲୋଚବ୍ ଗତ ୧୪ ତାରିଖରେ ତାଙ୍କ ଓକିଲଙ୍କ ସହ ଦିଲ୍ଲୀ ପୁଲିସ ନିକଟରେ ଲିଖିତ ଅଭିଯୋଗ ଦେଇଥିଲେ। କିନ୍ତୁ ତାଙ୍କୁ ଅଭିଯୋଗର ନମ୍ବର କିମ୍ବା ସେ ସମ୍ପର୍କିତ କାଗଜପତ୍ର ଦିଆଯାଇ ନ ଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି।

ଗତ ଜୁଲାଇ ୨୦ରେ ନିଟ୍ ପେପର ଲିକ୍‌କୁ ନେଇ ଜନ୍ତର-ମନ୍ତରରେ ବିରୋଧ ପ୍ରଦର୍ଶନ ହୋଇଥିଲା। ଆନ୍ଦୋଳନକାରୀଙ୍କୁ ହଟାଇବା ସମୟରେ ଦିଲ୍ଲୀ ପୁଲିସ ପେଲେଟ୍ ଗନ୍ ବ୍ୟବହାର କରିଥିବା ଅଭିଯୋଗ ରହିଛି। ଏଥିରେ କିଛି ଛାତ୍ର ଆହତ ହୋଇଥିବା କୁହାଯାଇଛି। ପେଲେଟ୍ ଗନ୍ ବ୍ୟବହାରକୁ ନେଇ ବିରୋଧୀ ଦଳଗୁଡ଼ିକ ଲଗାତାର ପ୍ରଶ୍ନ ଉଠାଇ ଆସୁଛନ୍ତି। କାହା ନିର୍ଦ୍ଦେଶରେ ଛାତ୍ରମାନଙ୍କ ଉପରେ ପେଲେଟ୍ ଗନ୍ ବ୍ୟବହାର କରାଗଲା ଏବଂ ଏହା ପାଇଁ ଦାୟୀ କିଏ, ତାହାର ଜବାବ ଦାବି କରୁଛି କଂଗ୍ରେସ।

## ଚାର୍ଟର୍ ବିମାନ କ୍ରାସ୍: ୮ ମୃତ

ୱାଶିଂଟନ୍,୨୧।୮(ସଂଚାର ବ୍ୟୁରୋ)ଃ ଆମେରିକାର ଆଲାସ୍କାର ପଶ୍ଚିମ ଅଞ୍ଚଳରେ ଏକ ଚାର୍ଟର୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବିମାନରେ ୨ ପାଇଲଟଙ୍କ ସହ ୬ ଜଣ ଯାତ୍ରୀ ରହିଥିଲେ। ମୃତକମାନଙ୍କ ପରିଚୟ ସମ୍ପର୍କରେ ଅଧିକାରୀମାନେ ପରିବାରବର୍ଗଙ୍କୁ ସୂଚନା ଦେଇଛନ୍ତି। ଗୁରୁବାର ଏହି ବିମାନଟି ଏକ ଦୁର୍ଗମ ରାଡାର୍ ସାଇଟ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।



ମିଳିଥିବା ସୂଚନାନୁସାରେ, ବିମାନଟି ଆଲାସ୍କାର ଆଙ୍କୋରେଜରୁ ଉଡ଼ାଣ ଭରିବା ସହ କେପ୍ ନ୍ୟୁଏନହାମ୍ ଅଭିମୁଖେ ଯାଉଥିଲା। ଲ୍ୟାଣ୍ଡିଂ ପୂର୍ବରୁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ନ୍ୟାସନାଲ୍ ଟ୍ରାନ୍ସପୋର୍ଟେସନ୍ ସେଫ୍ଟି ବୋର୍ଡ (ଏନ୍‌ଟିଏସ୍‌ବି) ପକ୍ଷରୁ କୁହାଯାଇଛି। ବିମାନ ଦୁର୍ଘଟଣାର ଶିକାର ହୋଇଥିବା ସ୍ଥାନଟି ଆଙ୍କୋରେଜଠାରୁ ପ୍ରାୟ ୪୫୦ ମାଇଲ୍ ପଶ୍ଚିମରେ ଥିବା ଏକ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ। ଘଟଣା ପରେ ଆଲାସ୍କା ରେସ୍କ୍ୟୁ କୋଅର୍ଡିନେସନ୍ ସେଣ୍ଟର ପକ୍ଷରୁ ତୁରନ୍ତ ସନ୍ଧାନ ଓ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଥିଲା। ପ୍ରାଥମିକ ସୂଚନା ପରେ ଆମେରିକାର ସାମରିକ କମାଣ୍ଡ ପକ୍ଷରୁ ବିମାନରେ ଥିବା ସମସ୍ତ ୮ ଜଣଙ୍କ ମୃତ୍ୟୁ ଦର୍ଶାଇଛନ୍ତି। ବିମାନଟି ଏକ ସିଭିଲିଆନ୍-କଣ୍ଟ୍ରାକ୍ଟେଡ୍ ଚାର୍ଟର୍ ବିମାନ ଥିଲା। ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏନ୍‌ଟିଏସ୍‌ବି ଓ ଅନ୍ୟ ସମ୍ପୃକ୍ତ ଅଧିକାରୀମାନେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହି ଦୁର୍ଘଟଣାକୁ ନେଇ ଆଲାସ୍କାରେ ଶୋକର ଛାୟା ଖେଳିଯାଇଛି। ମୃତକମାନଙ୍କ ପରିଚୟ ସମ୍ପର୍କରେ ଅଧିକାରୀମାନେ ପରିବାରବର୍ଗଙ୍କୁ ସୂଚନା ଦେବା ପରେ ଅଧିକ ବିବରଣୀ ପ୍ରକାଶ କରିବେ ବୋଲି କହିଛନ୍ତି।

# ୧୫ରୁ ପ୍ରଶାନ୍ତ କିଶୋରଙ୍କ ବିହାର ଯାତ୍ରା!

### ନୀତିଶଙ୍କ ପୂର୍ବରୁ ଲୋକଙ୍କ ନିକଟରେ ପହଞ୍ଚିବେ

### ସରଗରମ ହେବ ରାଜନୈତିକ ମାହୋଲ୍



ପାଟନା,୨୧।୮ଃ ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ତଥା ବିଧାୟକ ପ୍ରଶାନ୍ତ କିଶୋର ଏବେ ବିହାରରେ ନିଜ ରାଜନୈତିକ ପ୍ରଭାବ ଆହୁରି ମଜବୁତ କରିବାକୁ ପ୍ରସ୍ତୁତି କରୁଛନ୍ତି। ନିର୍ବାଚନ ଜିତିବା ପରେ ସେ ‘ଆଭାର ବାଙ୍କିପୁର’ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ୱାର୍ଡକୁ ଯାଇ ଲୋକଙ୍କୁ ଭେଟିଥିଲେ ଓ ତାଙ୍କୁ ବିଧାୟକ ଭାବେ ମନୋନୀତ କରିଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ। ଏବେ ପ୍ରଶାନ୍ତ କିଶୋର ଆଉ ଏକ ବଡ଼ ଯୋଜନା କରିଥିବା ଜଣାପଡ଼ିଛି। ସୂଚନାନୁସାରେ, ପ୍ରଶାନ୍ତ କିଶୋର ଆସନ୍ତା ସେପ୍ଟେମ୍ବର ୧୫ରୁ ବିହାର ଯାତ୍ରାରେ ବାହାରିବାର ସମ୍ଭାବନା ରହିଛି। ଏହି ଯାତ୍ରା ସମୟରେ ସେ ରାଜ୍ୟର ସମସ୍ତ ୩୮ଟି ଜିଲ୍ଲା ଗସ୍ତ କରିବାର ଯୋଜନା ରହିଛି।

ପ୍ରଶାନ୍ତ କିଶୋରଙ୍କ ଏହି ଯାତ୍ରା ଯୋଜନା ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ନିକଟରେ ଜେଡିୟୁର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବିହାର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ନୀତୀଶ କୁମାର ଆସନ୍ତା ଅକ୍ଟୋବରରୁ ବିହାର ଯାତ୍ରାରେ ବାହାରିପାରନ୍ତି ବୋଲି ଶ୍ରୀ ଝା କହିଥିଲେ। ତେବେ ନୀତୀଶ କୁମାରଙ୍କ ଯାତ୍ରା ପୂର୍ବରୁ ହିଁ ପ୍ରଶାନ୍ତ କିଶୋର ଲୋକଙ୍କ ନିକଟରେ ପହଞ୍ଚିବାକୁ ଯୋଜନା କରିଛନ୍ତି। ଏହାକୁ ନେଇ ବିହାରର ରାଜନୈତିକ ମାହୋଲ ଆହୁରି ସରଗରମ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବାଙ୍କିପୁର ବିଧାନସଭା ଉପନିର୍ବାଚନର ବିଜୟ ପରେ ଜନ ସୁରାଜ ପାର୍ଟିରେ ନୂଆ ଉତ୍ସାହ ଦେଖାଯାଇଛି। ଏବେ ଦଳର ଫୋକସ ସମଗ୍ର ବିହାର ଉପରେ ରହିବ। ସଂଗଠନକୁ ମଜବୁତ କରିବା ସହ ଆଗାମୀ ନିର୍ବାଚନ ପାଇଁ ଦଳର ଭିତ୍ତିକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯିବ। ଯାତ୍ରା ସମୟରେ ପ୍ରଶାନ୍ତ କିଶୋର ପୁଣିଥରେ ବିହାରର ଗାଁ ଓ ସହରାଞ୍ଚଳରେ ଲୋକଙ୍କ ସହ ସିଧାସଳଖ ଯୋଗାଯୋଗ କରିବେ। ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ସହ ସ୍ଥାନୀୟ ସମସ୍ୟାଗୁଡ଼ିକୁ ମଧ୍ୟ ଉଠାଇବେ। ଏଥିସହ ଜନ ସୁରାଜ ପାର୍ଟି ପକ୍ଷରୁ ନୂଆ ଭାବେ ସଦସ୍ୟତା ଅଭିଯାନ ଆରମ୍ଭ କରିବାକୁ ମଧ୍ୟ ପ୍ରସ୍ତୁତି ଚାଲିଛି। ପ୍ରଶାନ୍ତ କିଶୋରଙ୍କ ବିହାର ଯାତ୍ରା ମାଧ୍ୟମରେ ବହୁ ସଂଖ୍ୟାରେ ନୂଆ ଲୋକ ଦଳ ସହ ଯୋଡ଼ି ହେବେ ବୋଲି ଦଳ ଆଶା ରଖିଛି।

# ୬୨,୫୦୦ କୋଟି ଟଙ୍କାର ଏମ୍‌ପିଏମ୍‌ଏସ୍‌ର ବିଜ୍ଞପ୍ତି ପ୍ରକାଶ




ନୂଆଦିଲ୍ଲୀ,୨୧।୮ଃ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ମୋବାଇଲ ଫୋନ ଉତ୍ପାଦନ ଯୋଜନା (ଏମପିଏମଏସ)ର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଯୋଜନା ଲାଗି ୬୨ ହଜାର ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି ଭାରତରେ ମୋବାଇଲ ଫୋନ୍ ନିର୍ମାଣକୁ ଆହୁରି ବ୍ୟାପକ କରିବା। ଘରୋଇ ମୂଲ୍ୟ ବୃଦ୍ଧି ଓ ଘରୋଇ ଉତ୍ପାଦନ କ୍ଷମତାକୁ ବଢ଼ାଇ ମୋବାଇଲ ଉତ୍ପାଦନ ଯୋଗାଣ ଶୃଙ୍ଖଳକୁ ଗଭୀର କରିବା ମଧ୍ୟ ଏହାର ଉଦ୍ଦେଶ୍ୟ। ଯୋଜନା ଦ୍ୱାରା ଭାରତରେ ନିର୍ମିତ ମୋବାଇଲ ଫୋନର ବିଶ୍ୱସ୍ତରୀୟ ଦକ୍ଷତା ଓ ପ୍ରତିଦ୍ୱନ୍ଦ୍ୱୀ କ୍ଷମତା ବୃଦ୍ଧି ପାଇବ। ପ୍ରଯୁକ୍ତିଭିତ୍ତିକ ସାର୍ବଭୌମତ୍ୱ ସହ ଅଧିକ ଆର୍ଥିକ ମୂଲ୍ୟ ହାସଲ କରିବା ଓ ଡିଜାଇନ ଓ ଆରଏଣ୍ଡଡିରେ ଭାରତୀୟ ପେଟେଣ୍ଟକୁ ପ୍ରୋତ୍ସାହନ ଦେବା ସହ ନିଯୁକ୍ତିସୁଯୋଗ ସୃଷ୍ଟିକୁ ମଧ୍ୟ ଏମପିଏମଏସ ଯୋଜନା ସମର୍ଥନ କରିବ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ମୋବାଇଲ୍ ଫୋନ୍ ଉତ୍ପାଦନ ଯୋଜନା ଭାରତୀୟ ମାଲିକାନାରେ ଥିବା ମୋବାଇଲ୍ ବ୍ରାଣ୍ଡ, ବୌଦ୍ଧିକ ସମ୍ପତ୍ତି ଓ ଡିଜାଇନ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଯୋଗାଇବ। ପ୍ରକୃତ ଭାରତୀୟ ମାଲିକାନା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ଡିଜାଇନ୍, ବୌଦ୍ଧିକ ସମ୍ପତ୍ତି ଓ ବ୍ରାଣ୍ଡ ଭାରତୀୟ ମାଲିକାନାରେ ରହିଥିବା ଉଚିତ। ଏହା ମୋବାଇଲ ଫୋନ୍ ବଜାରରେ ସର୍ବୋତ୍ତମ ଉତ୍ପାଦ ସହ ପ୍ରତିଯୋଗିତା କରିବାକୁ ସକ୍ଷମ ହେବା ଆବଶ୍ୟକ। ବୌଦ୍ଧିକ ସମ୍ପତ୍ତି ପ୍ରକୃତରେ ଭାରତୀୟ ମାଲିକାନାରେ ଅଛି କି ନାହିଁ, ତା’ ନିଶ୍ଚିତ କରିବା ପାଇଁ ସରକାର ଏକ ସୂକ୍ଷ୍ମ ମୂଲ୍ୟାଙ୍କନ କରିବେ।

### ନାଗପୁରରେ ‘ଗୁଣ୍ଡେ’ କାହାଣୀ

# ଘନିଷ୍ଠ ବନ୍ଧୁକୁ ଛୁରି ମାରିବାକୁ ପଛାଇଲାନି ବନ୍ଧୁ



ଗୋଟିଏ ଯୁବତୀଙ୍କୁ ଦୁହେଁ ଭଲ ପାଇବା ଶତ୍ରୁତାର ମୁଖ୍ୟ କାରଣ

ନାଗପୁର,୨୧।୮ଃ ରଣବୀର ସିଂହ ଓ ଅର୍ଜୁନ କପୁରଙ୍କ ଅଭିନୀତ ବଲିଉଡ୍ ଫିଲ୍ମ ‘ଗୁଣ୍ଡେ’ରେ ଦୁଇ ଘନିଷ୍ଠ ବନ୍ଧୁ ଗୋଟିଏ ଯୁବତୀଙ୍କୁ ଭଲ ପାଇବା ପରେ ପରସ୍ପରଙ୍କ ଶତ୍ରୁ ପାଲଟି ଯାଉଛନ୍ତି। ଏବେ ନାଗପୁରରେ ମଧ୍ୟ ଏହି ଫିଲ୍ମର କାହାଣୀ ପୁନରାବୃତ୍ତି ହୋଇଛି। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କ ନାମ ମଧ୍ୟ ଗୌରବ। ଜଣେ ହେଉଛନ୍ତି ନାଗପୁରର କୁଖ୍ୟାତ ହିଷ୍ଟ୍ରିସିଟର ଗୌରବ ରଗଡ଼େ ଏବଂ ଅନ୍ୟ ଜଣେ ହେଉଛନ୍ତି ତାଙ୍କ ବନ୍ଧୁ ଗୌରବ ରାଉତ। ଏହି ରିଅଲ ଲାଇଫ କାହାଣୀର ଶେଷ ଏକ ହତ୍ୟାକାଣ୍ଡରେ ହୋଇଥିବା ଅଭିଯୋଗ ରହିଛି।

ହତ୍ୟା ଓ ହତ୍ୟା ଉଦ୍ୟମ ସମେତ ପ୍ରାୟ ୯ଟି ମାମଲାର ଅଭିଯୁକ୍ତ ନାଗପୁରର କୁଖ୍ୟାତ ହିଷ୍ଟ୍ରିସିଟର ଗୌରବ ରଗଡ଼େଙ୍କ ପ୍ରେମିକା ଥିଲେ ‘ସପନା’। ରଗଡ଼େଙ୍କ ଜଣେ ବନ୍ଧୁ ଥିଲେ ଗୌରବ ରାଉତ, ଯିଏ ନିଜେ ମଧ୍ୟ ଜଣେ ହିଷ୍ଟ୍ରିସିଟର ବୋଲି କୁହାଯାଉଛି। ରଗଡ଼େଙ୍କ ମାଧ୍ୟମରେ ହିଁ ସପନାଙ୍କ ସହ ରାଉତଙ୍କ ପରିଚୟ ହୋଇଥିଲା। କୌଣସି ଏକ ମାମଲାରେ ରଗଡ଼େ ଜେଲ ଯାଇଥିବା ସମୟରେ ସପନା ଓ ରାଉତଙ୍କ ମଧ୍ୟରେ ନିକଟତା ବଢ଼ିଥିଲା। ସପନା ଅପରାଧ ଦୁନିଆକୁ ପସନ୍ଦ କରୁନଥିଲେ। ସେ ରାଉତଙ୍କୁ ମଧ୍ୟ ଅପରାଧ ଦୁନିଆ ଛାଡ଼ିବାକୁ ବାରମ୍ବାର ବୁଝାଇଥିଲେ। ପରେ ଉଭୟ ମିଶି ଏକ କ୍ଲାଉଡ୍ କିଚେନ ଆରମ୍ଭ କରିଥିଲେ। ଏପଟେ ରଗଡ଼େ ଜେଲରେ ଥିଲେ। ରଗଡ଼େଙ୍କ ବିରୋଧରେ ଅନେକ ଗୁରୁତର ଅପରାଧିକ ମାମଲା ରହିଥିଲା। ଅଜନୀ ଥାନାରେ ତାଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ ଓ ଡକାୟତି ଭଳି ପ୍ରାୟ ୯ଟି ଗୁରୁତର ମାମଲା ରହିଥିବା କୁହାଯାଉଛି।

ସବୁକିଛି ଠିକଠାକ ଚାଲିଥିବା ବେଳେ କାହାଣୀରେ ପୁଣି ଆସିଥିଲା ବଡ଼ ମୋଡ଼। ସପନାଙ୍କ ପ୍ରଥମ ପ୍ରେମିକ ଗୌରବ ରଗଡ଼େ ଜେଲ୍‌ରୁ ଜାମିନରେ ବାହାରି ଆସିଥିଲେ। ଏହାପରେ ଘଟଣା କେଉଁ ମୋଡ଼ ନେଲା ଏବଂ ଦୁଇ ବନ୍ଧୁଙ୍କ ମଧ୍ୟରେ ଶତ୍ରୁତା କିପରି ହତ୍ୟାକାଣ୍ଡରେ ପରିଣତ ହେଲା, ତାହାକୁ ନେଇ ତଦନ୍ତ ଜାରି ରହିଛି। ଜେଲରୁ ଜାମିନରେ ବାହାରିବା ପରେ ରଗଡ଼େ ଜାଣିବାକୁ ପାଇଥିଲା ଯେ ତା’ର ପ୍ରେମିକା ସପନା ତାଙ୍କ ନୂଆ ପ୍ରେମିକ ରାଉତଙ୍କ ସହ ପାର୍ଟି କରୁଛନ୍ତି। ଏହାପରେ ରଗଡ଼େ ପାର୍ଟି ଚାଲିଥିବା ଘରେ ପହଞ୍ଚି କବାଟକୁ ପଥର ଫିଙ୍ଗିବାକୁ ଲାଗିଥିଲେ। ଘର ଭିତରେ ରାଉତଙ୍କ ଅନ୍ୟ ଜଣେ ହିଷ୍ଟ୍ରିସିଟର ବନ୍ଧୁ ଅଭିଷେକ ବାସନିକ ମଧ୍ୟ ଉପସ୍ଥିତ ଥିଲେ। ତେବେ ଏହି ଆକ୍ରମଣ ରଗଡ଼େଙ୍କୁ ଭାରୀ ପଡ଼ିଥିଲା। ମଦ୍ୟପାନ କରିଥିବା ରଗଡ଼େ ରାଉତଙ୍କୁ ଗାଳିଗୁଲଜ କରିବା ସହ ଘର ଭିତରେ ଭଙ୍ଗାରୁଜା କରି ଝରକାର କାଚ ଭାଙ୍ଗିଦେଇଥିଲେ। ଏଥିରେ ଭୟଭୀତ ରାଉତ ଓ ତାଙ୍କ ବନ୍ଧୁମାନେ ପ୍ରଥମେ ଘରର ପଛ ଦ୍ୱାର ଦେଇ ଖସିଯାଇ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁରୁଣା ହିସାବ ବରାବର କରିବାକୁ ଉତ୍ସୁକ ଥିବା ରଗଡ଼େ ସେମାନଙ୍କ ପଛେ ପଛେ ଦୌଡ଼ିଥିଲେ।

ନରେନ୍ଦ୍ର ନଗରର ସୁନ୍ଦରବନ ନାଳ ନିକଟରେ ଥିବା ଏକ ପୋଲ ଉପରେ ରଗଡ଼େ ଓ ରାଉତଙ୍କ ମଧ୍ୟରେ ଜୋରଦାର ମାରପିଟ୍ ହୋଇଥିଲା। ଏହି ସମୟରେ ରଗଡ଼େ ତଳେ ପଡ଼ିଯାଇଥିଲେ। ସେତେବେଳେ ରାଉତଙ୍କ ସହଯୋଗୀ ବାସନିକ ମଧ୍ୟ ସେଠାରେ ପହଞ୍ଚିଥିଲେ। ହାତାହାତି ମଧ୍ୟରେ ରଗଡ଼େଙ୍କ ହାତରୁ ଛୁରି ଛଡ଼ାଇ ରାଉତ ଓ ବାସନିକ ତାଙ୍କ ଉପରେ ଏକାଧିକ ଥର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ରଗଡ଼େ ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଜନଗହଳିପୂର୍ଣ୍ଣ ରାସ୍ତାରେ ଏପରି ଏକ ଫିଲ୍ମୀ ଷ୍ଟାଇଲ ଘଟଣା ଦେଖି ସ୍ଥାନୀୟ ଲୋକେ ପାଟିତୁଣ୍ଡ କରିଥିଲେ। କିଛି ଲୋକ ମୋବାଇଲ ବାହାର କରି ଘଟଣାର ଭିଡିଓ ମଧ୍ୟ ରେକର୍ଡ କରିଥିଲେ। ଘଟଣାସ୍ଥଳଠାରୁ କିଛି ଦୂରରେ ପାଟ୍ରୋଲିଂ କରୁଥିବା ପୁଲିସକର୍ମୀମାନେ ଏହି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଅଜନୀ ଥାନାର ପୁଲିସ କର୍ମୀ ମନୀଷ ଭଲମେ ଓ ନରେଶ ସାୱନକର ଦୁହେଁ ଦୌଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲେ।

ତାଳଚେର-ବିମଳାଗଡ଼ ନୂତନ ବ୍ରଡ୍‌ଗେଜ୍ ନେଇ ରାଜସ୍ୱ ସଚିବଙ୍କ ସମୀକ୍ଷା

# ଜମି ଅଧିଗ୍ରହଣ ସମସ୍ୟାର ତ୍ୱରିତ ସମାଧାନକୁ ଗୁରୁତ୍ୱ



**ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ):** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ତାଳଚେର-ବିମଳାଗଡ଼ ନୂତନ ବ୍ରଡ୍‌ଗେଜ୍ ରେଳପଥ ପ୍ରକଳ୍ପର ଜମି ଅଧିଗ୍ରହଣ ସ୍ଥିତି, ବିଚାରାଧୀନ ମାମଲା ଓ ରେଳପଥ ନିର୍ମାଣ କାର୍ଯ୍ୟରେ ରହିଥିବା ପ୍ରମୁଖ ସମସ୍ୟା ସଂକ୍ରାନ୍ତରେ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ପ୍ରକଳ୍ପଟିର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ଅବଶିଷ୍ଟ ଜମି ଅଧିଗ୍ରହଣ ଓ ବାଧାମୁକ୍ତ ଜମି ହସ୍ତାନ୍ତର ସୁବ୍ୟବସ୍ଥିତ କରିବା ନିମନ୍ତେ ରାଜସ୍ୱ ସଚିବ ଡ. ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି।

୧୪୯.୭୮ କିମି ଦୀର୍ଘ ଏହି ରେଳପଥ ପ୍ରକଳ୍ପ ୨୦୦୩-୦୪ରେ ଅନୁମୋଦିତ ହୋଇଥିଲା। ପ୍ରକଳ୍ପର ମୋଟ ଜମି ଆବଶ୍ୟକତା ୨,୧୪୪.୦୨୮ ଏକର ଥିବା ବେଳେ ଅଦ୍ୟାବଧି ୧,୮୬୮.୩୫୭ ଏକର ଜମି ଅଧିଗ୍ରହଣ ହୋଇଛି ଓ ୨୭୫.୬୭୧ ଏକର ଜମି ଅବଶିଷ୍ଟ ରହିଛି। ଏଥିରେ ବ୍ୟକ୍ତିଗତ ଜମି ୨୦୨.୧୫ ଏକର, ଜଙ୍ଗଲ ଜମି ୧୩.୭ ଏକର ଓ ସରକାରୀ ଜମି ୫୯.୮୨୧ ଏକର ଅନ୍ତର୍ଭୁକ୍ତ। ଜଙ୍ଗଲ ଜମି ପାଇଁ ଜଙ୍ଗଲ ଅନୁମତି ପ୍ରକ୍ରିୟା ଚାଲିଥିବାବେଳେ ସରକାରୀ ଜମିର ଅନୁମୋଦନ ପ୍ରକ୍ରିୟା ମଧ୍ୟ ଚାଲୁ ରହିଛି। ଏହି ପ୍ରକଳ୍ପ ଅନୁଗୁଳ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଛି। ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପଟି ରାଜ୍ୟର ଆର୍ଥିକ ଭାବେ ପଛୁଆ ଅଞ୍ଚଳଗୁଡ଼ିକୁ ରେଳ ସଂଯୋଗ ପ୍ରଦାନ କରିବା ସହ ରେଳ ପରିବହନକୁ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ତେଣୁ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ରାଜସ୍ୱ ସଚିବ ଗୁରୁତ୍ୱ ଦେଇଥିଲେ।

## ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଧର୍ମେନ୍ଦ୍ରଙ୍କ ଶୋକ



**ଭୁବନେଶ୍ୱର, ୨୧।୮ (ସଂଚାର ବ୍ୟୁରୋ):** ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ଶ୍ରୀ ପଟ୍ଟନାୟକଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଦୀର୍ଘ ଦଶନ୍ଧି ଧରି ନିଜର ସୁମଧୁର କଣ୍ଠ, ଭାବପୂର୍ଣ୍ଣ ଗାୟନ ଶୈଳୀ ମାଧ୍ୟମରେ ସେ ଅନେକ ଶ୍ରୋତାଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶାର ସଙ୍ଗୀତ ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ଓଡ଼ିଆ ସଙ୍ଗୀତ ଓ ଚଳଚ୍ଚିତ୍ର ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ଏବଂ ଚିରସ୍ମରଣୀୟ ହୋଇ ରହିବ। ଏଥିସହ ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ...

ଇଲେକ୍ଟ୍ରୋଲିକ୍ ୟୁନିଟ୍ (୫୦୦ ନିୟୁକ୍ତି) ସ୍ଥାପନ ହେବ। ଧାତୁ ଏବଂ ଭିତ୍ତିଭୂମି କ୍ଷେତ୍ରରେ କେନ୍ଦୁଝରରେ ମହାଭୂପୁରସ୍କାରୀ ମିନେରାଲ୍ସ ଆଣ୍ଡ ମେଟାଲ୍ସ ପକ୍ଷରୁ ୧୬୦ କୋଟି ଟଙ୍କାର ଏକ ଇଣ୍ଟିଗ୍ରେଟେଡ୍ କମ୍ପ୍ଲେକ୍ସ (୧,୪୬୦ ନିୟୁକ୍ତି), କଳିଙ୍ଗନଗରରେ ଶ୍ରୀ ଜଗନ୍ନାଥ ଇସ୍ପାତ ପକ୍ଷରୁ ୯୦.୯୪ କୋଟି ଟଙ୍କାର ଷ୍ଟିଲ୍ ଡାଉନଷ୍ଟ୍ରିମ୍ ୟୁନିଟ୍ (୨୩୦ ନିୟୁକ୍ତି) ଏବଂ ଢେଙ୍କାନାଳରେ ଏନ୍‌କେଏସ୍ ଅର୍ଥିଲ୍ସ ପକ୍ଷରୁ ୬୦.୯୮ କୋଟି ଟଙ୍କାର ଷ୍ଟ୍ରକଚରାଲ୍ ଷ୍ଟିଲ୍ ୟୁନିଟ୍ (୧୪୮ ନିୟୁକ୍ତି)କୁ ଅନୁମୋଦନ ମିଳିଛି। ଏହାବ୍ୟତୀତ ଭିତ୍ତିଭୂମି କ୍ଷେତ୍ରକୁ ମଜବୁତ କରିବା ପାଇଁ ମହାନଦୀ କୋଲଫିଲ୍ଡ୍ସ ଲିମିଟେଡ୍ (ଏମସିଏଲ) ପକ୍ଷରୁ ଅନୁଗୁଳ ଜିଲ୍ଲାରେ ସୁଭଦ୍ରା କୋଲ୍ ମାଇନ୍ସ ପାଇଁ ୪୦୫.୩୫ କୋଟି ଟଙ୍କା ବିନିଯୋଗରେ ଏକ ବେସରକାରୀ ରେଳ ସାଇଡିଂ ନିର୍ମାଣ କରାଯିବ। ଏହି ସମସ୍ତ ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଶିଳ୍ପର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଯୁବବର୍ଗଙ୍କ ପାଇଁ ନୂତନ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

### ଚିରନିଦ୍ରାରେ ସ୍ୱର ସମ୍ରାଟ...

ପ୍ରଣବଙ୍କ ସଂଗୀତ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଣବଙ୍କ ବାପା ଲାଲ ମୋହନ ପଟ୍ଟନାୟକ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଓ ରାଜନେତା ଥିଲେ। ସ୍ୱାଧୀନତା ପୂର୍ବରୁ ଓଡ଼ିଶା ବିଧାନସଭାର ସେ ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ରାଜନେତା ପରିବାରରୁ ଆସିଥିଲେ ହେଁ ପ୍ରଣବ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ। ପିଲାଟି ବେଳରୁ ସଂଗୀତ ଜଗତରେ ବୁଡ଼ି ରହିଥିବା ପ୍ରଣବଙ୍କୁ ୧୯୮୫ରେ ପ୍ରଥମ ସୁଯୋଗ ମିଳିଥିଲା। ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ ମା'ରେ ସେ ପ୍ରଥମ ଥର ପାଇଁ ଗୀତ ଗାଇବାର ସୁଯୋଗ ପାଇଥିଲେ। ଶ୍ରୀ ଲୋକନାଥ, ସୂର୍ଯ୍ୟମୁଖୀ, ସିନ୍ଦୁର ବିନ୍ଦୁ, ଶେଷ ଶ୍ରାବଣ, ହିସା ଅଭିଶ୍ପା, ବତୀଘର ଆଦି ଚଳଚ୍ଚିତ୍ରର ଗୀତ ପ୍ରଣବଙ୍କୁ ଗାୟକ ଭାବେ ଲୋକପ୍ରିୟତାର ଶିଖରରେ ପହଞ୍ଚାଇଥିଲା। ପ୍ରଣବ ଭୁପିନ୍ଦର ସିଂହ, ନିର୍ମଳା ମିଶ୍ର, ଉଷା ମଙ୍ଗେସକର, ବାଣୀ ଜୟରାମ, ଏସ. ଜାନକୀଙ୍କ ଭଳି ଜାତୀୟ ସ୍ତରର କଳାକାର ସହ କାମ କରିଥିଲେ। ପ୍ରାୟ ୨୦୦ ଓଡ଼ିଆ ସିନେମାରେ ସେ କଣ୍ଠଦାନ କରି ନିଜର ଅନନ୍ୟ ପ୍ରତିଭା ସମସ୍ତଙ୍କୁ ପ୍ରଦର୍ଶନ କରିଛନ୍ତି। କେବଳ ସିନେମା ଦୁନିଆରେ ନୁହେଁ, ରେଡିଓ, ଦୂରଦର୍ଶନ ଓ ଆଲବମ ମାଧ୍ୟମରେ ସେ ବହୁ ଭଜନ ଓ ଆଧୁନିକ ଗୀତ ଓଡ଼ିଆ ଶ୍ରୋତାଙ୍କୁ ଭେଟି ଦେଇଥିଲେ। ୧୯୯୧ ମସିହାରେ ତାଙ୍କର ପ୍ରଥମ ଗଜଲ ଆଲବମ ଶବ୍-ଏ-ଗଜଲ ରିଲିଜ ହୋଇଥିଲା। ଏହି ଆଲବମରେ ପଣ୍ଡିତ ହରିପ୍ରସାଦ ଚୌରାଶିଆ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଓ ଦେବକୀ ପଣ୍ଡିତଙ୍କ ସହ ମିଶି ପ୍ରଣବ ପଟ୍ଟନାୟକ ଗୀତ ଗାଇଥିଲେ। ଦୀର୍ଘ ଦଶନ୍ଧି ଧରି ଓଡ଼ିଆ ସଂଗୀତ ଦୁନିଆ ସହ ଜଡ଼ିତ ପ୍ରଣବ ପଟ୍ଟନାୟକ ଅନେକ ସମ୍ମାନ ଓ ପୁରସ୍କାରର ଅଧିକାରୀ ହୋଇଛନ୍ତି। ୨୦୨୩ରେ ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ, ୨୦୧୬ରେ ଜୟଦେବ ପୁରସ୍କାର, ୨୦୧୨ରେ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ, ୨୦୧୧ରେ ପ୍ରଫୁଲ୍ଲ କର ସମ୍ମାନ, ୨୦୦୨ରେ ବିଗ ଓଡ଼ିଆ ଏଣ୍ଟରଟେନମେଣ୍ଟ ଆୱାର୍ଡ ଓ ୧୯୯୭-୯୮ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ ସମ୍ମାନରେ ସମ୍ମାନିତ ହୋଇଥିଲେ। ପ୍ରଣବ ପଟ୍ଟନାୟକ ଅନେକ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ଜିତିଛନ୍ତି। ୧୯୯୩ରେ ଆଶା, ୧୯୮୯ରେ ପ୍ରତିଶୋଧ ଅପରାଧ ନୁହେଁ, ୧୯୮୮ରେ କନ୍ୟାଦାନ, ୧୯୮୪ରେ ହିସାବି ସାତା ପରି, ୧୯୮୨ରେ ଅନ୍ତରାଳ, ୧୯୭୬ରେ ସିନ୍ଦୁର ବିନ୍ଦୁ ପାଇଁ ତାଙ୍କୁ ସରକାର ଶ୍ରେଷ୍ଠ କଣ୍ଠଶିଳ୍ପୀ ପୁରସ୍କାର ଦେଇଥିଲେ। ପ୍ରଣବଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିଜର କାଳଜୟୀ କଣ୍ଠସ୍ୱରରେ ସମଗ୍ର ଓଡ଼ିଶାକୁ ବିମୋହିତ କରିଥିବା ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ଜୟଦେବ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଭଳି ଅନେକ ସମ୍ମାନରେ ଭୂଷିତ ଏହି ଅନୁଭବୀ ସଙ୍ଗୀତ ସାଧକଙ୍କ ବିୟୋଗ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ବିରୋଧୀ ଦଳ ନେତା କହିଛନ୍ତି ଯେ, ତାଙ୍କ ସୁମଧୁର ସ୍ୱରରେ ଗାଇଥିବା ଗୀତ ଅନେକ ଓଡ଼ିଆ ସଂଗୀତ ପ୍ରେମୀଙ୍କ ହୃଦୟରେ କାଳଜୟୀ ହୋଇ ରହିଛି। ସଂଗୀତ ଜଗତକୁ ସମୃଦ୍ଧ କରିବାରେ ପ୍ରଣବ ପଟ୍ଟନାୟକଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ନବୀନ କହିଛନ୍ତି।

### ସମାଧାନର ବାଟ ଫିଟାଇବ...

ବୈଷୟିକ କମିଟି ସେଞ୍ଜିସ୍ଟ୍ ତଥ୍ୟର ବୈଷୟିକ ଆକଳନ କରୁଛି। ଏହି ବିଶ୍ଳେଷଣ ମାଧ୍ୟମରେ ଦୀର୍ଘ ଦଶନ୍ଧି ଧରି ଲାଗି ରହିଥିବା ଜଳ ବଣ୍ଟନ ବିବାଦର ଏକ ନିରପେକ୍ଷ ତଥା ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି। ଆସନ୍ତା ସେପ୍ଟେମ୍ବର ୧୨ରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ହେବାକୁ ଯାଉଛି। ଗତ ଜୁଲାଇରେ ହୋଇଥିବା ଶୁଣାଣି ସମୟରେ ଏହି ମାମଲାର ଆପୋସ ବୁଝାମଣା ପାଇଁ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ଓ ସିଡବ୍ଲ୍ୟୁସିକୁ ମଧ୍ୟସ୍ଥତା କରିବାକୁ ଟ୍ରିବ୍ୟୁନାଲ ପରାମର୍ଶ ଦେଇଥିଲେ। ଏଥିସହ ଏକ ମିଳିତ ବୈଷୟିକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଟ୍ରିବ୍ୟୁନାଲର ଏହି ନିର୍ଦ୍ଦେଶ କ୍ରମେ ଏବେ ସିଡବ୍ଲ୍ୟୁସିର ଏହି ତ୍ରିପକ୍ଷ ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

### ଗୁରୁଜାଙ୍ଗ ହେବ 'ଐତିହ୍ୟ ଗ୍ରାମ'...

ଏବଂ କନ୍ୟା ଗୁରୁକୁଳ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରି ଗଢ଼ିତୋଳିଥିଲେ। ତାଙ୍କ ଦ୍ୱାରା ବୁଣାଯାଇଥିବା ସଂସ୍କୃତିର ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି ଏବଂ ଧର୍ମାନ୍ତରୀକରଣ ବିରୋଧରେ ସେ ଆରମ୍ଭ କରିଥିବା ସଚେତନତା ସମଗ୍ର ରାଜ୍ୟରେ ଏକ ଜାଗ୍ରତ ଜନଚେତନା ସଙ୍କଳ୍ପ ଭାବେ ଛିଡ଼ା ହୋଇଛି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଦେଉଥିବା ଆମ ସମାଜର 'ଗୁରୁ, ଗ୍ରନ୍ଥ ଓ ଗରିମା' ବୋଲି ସେ କହିଛନ୍ତି। ସ୍ୱାମୀଜୀଙ୍କ ଅତୁଳନୀୟ ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇ ରାଜ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। 'ଫୁଲବାଣୀ ସରକାରୀ ମେଡିକାଲ କଲେଜ'କୁ 'ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମେଡିକାଲ କଲେଜ' ଭାବେ ନାମିତ କରାଯାଇଛି। ୨୦୦୮ ଜନ୍ମାଷ୍ଟମୀ ରାତିରେ ସ୍ୱାମୀଜୀଙ୍କ ନିର୍ମମ ହତ୍ୟାକାଣ୍ଡକୁ ମନେ ପକାଇ ମୁଖ୍ୟମନ୍ତ୍ରୀ ତତ୍କାଳୀନ ସରକାରଙ୍କ ଦିଗହୀନତା, ଅବହେଳା ଓ ତୁଷ୍ଟିକରଣ ରାଜନୀତିକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ସ୍ୱାମୀଜୀଙ୍କ ରକ୍ତର ପ୍ରତ୍ୟେକ ଟୋପାକୁ ନ୍ୟାୟ ମିଳିବ ଓ ଦିନେ ନା ଦିନେ ସତ୍ୟର ଉନ୍ମୋଚନ ନିଶ୍ଚିତ ହେବ। ବାସ୍ତବତି ସୁଗମା ପାଡ଼ା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଧ୍ୟାତ୍ମିକ ଓ ସାମାଜିକ ଅବଦାନକୁ ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାକୁ ସମାଜକୁ ଆହ୍ୱାନ ଦେଇଛନ୍ତି। ଆଜିର ଯୁବ ସମାଜ ନିଜ ମୂଳ ଶିକ୍ଷା, ନୈତିକତା ଓ ଜନଜନ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସ୍ୱାମୀଜୀଙ୍କ ତ୍ୟାଗ ଓ ସଂଗ୍ରାମରୁ ପ୍ରେରଣା ନେବା ଆବଶ୍ୟକ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମାରୋହରେ ଯୋଗଦେଇ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମପୀଠ ଗୁରୁଜାଙ୍ଗକୁ 'ଐତିହ୍ୟ ଗ୍ରାମ' ଓ ଗୁରୁଜାଙ୍ଗ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ' ଭାବେ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାମୀଜୀ କେବଳ ଜଣେ ସନ୍ନ୍ୟାସୀ ନଥିଲେ, ସେ ଥିଲେ ବନବାସୀ ଅଞ୍ଚଳରେ ଶିକ୍ଷା, ସଂସ୍କାର ଓ ସାମାଜିକ ଜାଗରଣର ମୁଖ୍ୟ ପୁରୋଧା। ସ୍ୱାମୀଜୀ ଜଲେଶପେଟା ଓ ଚକାପାଦ ଆଶ୍ରମ ମାଧ୍ୟମରେ ବନବାସୀ କନ୍ୟାମାନଙ୍କୁ ସଂସ୍କୃତ ଶିକ୍ଷା ଓ ନୈତିକ ମୂଲ୍ୟବୋଧରେ ଦୀକ୍ଷିତ କରି ଯେଉଁ ସାମାଜିକ ବିପ୍ଳବ ଆରମ୍ଭ କରିଥିଲେ, ତାହା ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ। ରାଜ୍ୟ ସରକାରଙ୍କ ଦ୍ୱାରା ଗୁରୁଜାଙ୍ଗର ବିକାଶ ପାଇଁ ନିଆଯାଇଥିବା ଏହି ପଦକ୍ଷେପ ସ୍ୱାମୀଜୀଙ୍କ ଆଦର୍ଶ ଓ ସେବା ମନୋଭାବକୁ ଆଗକୁ ନେବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଢେଙ୍କାନାଳ ଓ କନ୍ଧମାଳ ସାଂସଦଙ୍କ ସହ ଅନୁଗୋଳ, ପାଲଲହଡ଼ା, ହିଣ୍ଡୋଳ, କାମାକ୍ଷାନଗର, ପରଜଙ୍ଗ, ଛେଣ୍ଡିପଦା ଓ ଫୁଲବାଣୀ ବିଧାୟକ ଯୋଗଦେଇଥିଲେ।

### ୪୨୭.୮୦ କୋଟିର...

ଚଳାଚଳ କରୁଥିବା ଏହି ରାସ୍ତାରେ ଏହାଦ୍ୱାରା ଯାତାୟାତ ଚାପ ହ୍ରାସ ପାଇବ। ଅନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ କ୍ରୀଡ଼ା ଛାତ୍ରାବାସ, ପ୍ରଶାସନିକ କାର୍ଯ୍ୟାଳୟ ଭବନର ଆଧୁନିକୀକରଣ, ଆବାସିକ କ୍ୱାର୍ଟର୍ସକୁ ପାଇପଡ଼ ନାଚୁରାଲ ଗ୍ୟାସ (ପିଏନଜି) ସଂଯୋଗ, ଉନ୍ନତ ଟ୍ରାଫିକ୍ ମ୍ୟାନେଜମେଣ୍ଟ ଓ ସୂଚନା ପ୍ରଣାଳୀ ଏବଂ ପାରାଦୀପ ବନ୍ଦରର ଦଶ ଲକ୍ଷଣ ଡାରା ଭୋଗଣ କାରୀ ସାମିଲ ରହିଛି। ଏହିସହ ବନ୍ଦରରେ ଆଗାମୀ ୨୦୩୦ ସୁଦ୍ଧା ଶହେ ପ୍ରତିଶତ ବର୍ଥ ଯାନ୍ତ୍ରିକୀକରଣ ଲକ୍ଷ୍ୟ ନେଇ ୧,୫୮୦.୩୬ କୋଟି ଟଙ୍କାର ୩ଟି ଯାନ୍ତ୍ରିକରଣ ପ୍ରକଳ୍ପ ପାଇଁ ରିୟାତି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବର୍ତ୍ତମାନ ବନ୍ଦର ଯାନ୍ତ୍ରିକୀକରଣର ସ୍ତର ପ୍ରାୟ ୮୦ ପ୍ରତିଶତ ରହିଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲ କହିଛନ୍ତି ଯେ ପାରାଦୀପ ବନ୍ଦରର ବିକାଶ ଭାରତର ସାମୁଦ୍ରିକ କ୍ଷେତ୍ରରେ ଚାଲିଥିବା ବ୍ୟାପକ ପରିବର୍ତ୍ତନର ଏକ ଅଂଶ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ସାମୁଦ୍ରିକ ଆଧୁନିକୀକରଣ ଦିଗରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି।

### ୧ କୋଟି ୩ ଲକ୍ଷରୁ...

ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପଞ୍ଜୀକରଣ ପ୍ରକ୍ରିୟାର ସୁଚାରୁ ଓ ନିର୍ବିଘ୍ନ ବଣ୍ଟନ ପାଇଁ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡିବିଟି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା, ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସୁଦୃଢ଼ ରଖିବା ଓ ହିତାଧିକାରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀ ଓ ବ୍ୟାଙ୍କ ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଓଡ଼ିଶା ଅଭିଭାବକ ମହାସଂଘର ଶିକ୍ଷା ସତ୍ୟାଗ୍ରହ ଓ ଅନଶନ ସ୍ଥଗିତ



**ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ):** ତ୍ରୁଟିପୂର୍ଣ୍ଣ ବହି ଫେରସ୍ତ, ଆରଟିଇ ମାଗଣା ଶିକ୍ଷା ଦ୍ୱାଦଶ ପର୍ଯ୍ୟନ୍ତ ବୃଦ୍ଧି ଓ କେଜିରୁ ପିଜି ମାଗଣା ଶିକ୍ଷାରେ ବୃତ୍ତିଗତ ଶିକ୍ଷା ଅନ୍ତର୍ଭୁକ୍ତ ଦାବିରେ ଓଡ଼ିଶା ଅଭିଭାବକ ମହାସଂଘର ଶିକ୍ଷା ସତ୍ୟାଗ୍ରହ ସହ ଆମରଣ ଅନଶନ ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଆଲୋଚନା ପରେ ସ୍ଥଗିତ ରଖାଯାଇଛି। ଆଜି ମଧ୍ୟାହ୍ନରେ ଲୋକସେବା ଭବନଠାରେ ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ମଧ୍ୟମ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ଉପସ୍ଥିତିରେ ଓଡିଶା ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ସତ୍ୟବ୍ରତ ପରିଜା, ମହାସଚିବ ଅଶୋକ ପାଇକରାୟ, ସାଧାରଣ ସମ୍ପାଦକ ସତ୍ୟଜିତ ଦାସ ପ୍ରମୁଖ ମନ୍ତ୍ରୀଙ୍କ ସହ ତିନୋଟି ଦାବି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଥମ ଦାବି ବହି ଫେରସ୍ତ ଓ ନିର୍ଭୁଲ ବହିରେ ପାଠପଢ଼ା ଖୁବ୍‌ଶୀଘ୍ର କରିବା ପାଇଁ ମନ୍ତ୍ରୀ ରାଜି ହୋଇଥିଲେ। ସେହିପରି ଦ୍ୱିତୀୟ ଦାବି ପ୍ରାଇଭେଟ ସ୍କୁଲ ଆରଟିଇ ଯୋଜନାରେ ମାଗଣା ଶିକ୍ଷା ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ମଧ୍ୟ ମନ୍ତ୍ରୀ ରାଜି ହୋଇଥିଲେ। ଏଥିସହ ତୃତୀୟ ଦାବି କେଜିରୁ ପିଜି ମାଗଣା ଶିକ୍ଷା ଯୋଜନାରେ ଅନେକ ଅସଙ୍ଗତି ରହିଛି। ତେଣୁ ଯୋଜନାରେ ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ ଲାଭବାନ ହେବା ପାଇଁ ଯଥାଶୀଘ୍ର ଏକ ସର୍ବଦଳୀୟ ବିଚାରବିମର୍ଶ ଆଲୋଚନା କରି ତା'ର ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ସହମତି ହୋଇଥିଲା।

● ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

## ଦ୍ୱିତୀୟ ଦିନରେ ମନୱର୍ ଅଲ୍ଲୀଙ୍କ ଅନଶନ



**ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ):** ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଖାଲି ପଡ଼ିଥିବା ଶିକ୍ଷକ ପଦବୀରେ ଯୁବପିଢ଼ିକୁ ନିଯୁକ୍ତି, ନୂତନ ପାଠ୍ୟପୁସ୍ତକ ମୁଦ୍ରଣରେ ଖର୍ଚ୍ଚ ହୋଇଥିବା ୩୮୦ କୋଟି ଟଙ୍କା ଗଣଶିକ୍ଷାମନ୍ତ୍ରୀ ଫେରସ୍ତ କରିବା ଦାବି ନେଇ ସ୍ଥାନୀୟ ଲୋୟର ପିଏମଜିରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମଡି ମନୱର ଅଲ୍ଲୀ ଚଳାଇଥିବା ଅନଶନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଶ୍ରୀ ଅଲ୍ଲୀଙ୍କ ଅନଶନକୁ ଖୋର୍ଦ୍ଧା, ଗଞ୍ଜାମ, ଜଗତସିଂହପୁର, ବାଲେଶ୍ୱର ଓ ଭଦ୍ରକରୁ ବହୁ ସମର୍ଥକ ସମର୍ଥନ ଜଣାଇଛନ୍ତି। ଅନ୍ୟ ପକ୍ଷରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ସୁମିତ୍ରା ଜେନା, ବିଜେଡି ନେତ୍ରୀ ମୋନାଲିସା ଗନ୍ତାୟତ, ମାନବାଧିକାରୀ କର୍ମୀ ମନୋଜ ଜେନା ଓ ମଧୁସର ଖାନ୍ ଅନଶନସ୍ଥଳରେ ପହଞ୍ଚି ଶ୍ରୀ ଅଲ୍ଲୀଙ୍କ ସହ ଆଲୋଚନା କରିଛନ୍ତି। ଜାରି ହୋଇଥିବା ଏକ ପ୍ରେସ୍ ବିବୃତ୍ତିରେ ଶ୍ରୀ ଅଲ୍ଲୀ କହିଛନ୍ତି ଯେ ପାଠ୍ୟପୁସ୍ତକ କେବଳ ଛାତ୍ରଛାତ୍ରୀଙ୍କ ପାଠପଢ଼ାର ମାଧ୍ୟମ ନୁହେଁ, ଏହା ସେମାନଙ୍କ ଜ୍ଞାନ, ଚିନ୍ତନଶକ୍ତି ଓ ଭବିଷ୍ୟତ ଗଠନର ଏକ ମୁଖ୍ୟ ଆଧାର। ତେଣୁ ପାଠ୍ୟପୁସ୍ତକରେ ତଥ୍ୟଗତ, ଭାଷାଗତ କିମ୍ବା ଐତିହାସିକ ତ୍ରୁଟି ରହିବା ଛାତ୍ରଛାତ୍ରୀଙ୍କ ଶିକ୍ଷା ପ୍ରତି ଗୁରୁତର ଅନ୍ୟାୟ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏହା ଏକ ଅହିଂସାତ୍ମକ ସଂଗ୍ରାମ। ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନଚେତ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରିମଣ୍ଡଳରୁ ତାଙ୍କୁ ବରଖାସ୍ତ କରିବାକୁ ଶ୍ରୀ ଅଲ୍ଲୀ ଦାବି କରିଛନ୍ତି। ଏଥିସହ ସରକାର ତାଙ୍କ ଦାବି ଗ୍ରହଣ ନ କରିବା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଓ ଅହିଂସା ପଦ୍ଧତିରେ ଆନ୍ଦୋଳନ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନଶନର ଦ୍ୱିତୀୟ ଦିନରେ ନବନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ମଧୁମିତା ସାମଲ, ବାଲେଶ୍ୱର ସଭାପତି ରଣଜିତ୍ ପଟ୍ଟନାୟକ, ଭୁବନେଶ୍ୱର ସଭାପତି ଅମିତ ଜେନା, ପୁରୀ ଜିଲ୍ଲା ସଭାପତି ସ୍ମୃତି ରଞ୍ଜନ ସାମଲ, ଭଦ୍ରକ ସଭାପତି ଜାହିର ଖାନ, ଗଞ୍ଜାମ ଯୁବ ଛାତ୍ର ନେତା ଗଣେଷ ବେହେରା, ଏସକେ ହେଦାଇ, ଏମଡି ଇନତିଆଜ, ଶ୍ରୀୟାଂଶୁ ପ୍ରଧାନ, ଆୟୁଷ ଦାସ, ରାକେଶ ସେନାପତି, ଜୟ ରାଉତ, ସତ୍ୟଜିତ୍ ରାୟ, ସାଇଶିବମ୍ ବଡ଼ଜେନା, ଅନୀଲ ଜେନା ଉପସ୍ଥିତ ଥିଲେ।

କମୁଛି ବନ୍ୟାଜଳ ପ୍ରବେଶ ପରିମାଣ

## ହୀରାକୁଦ ବନ୍ଧ କଲା ୪ ଗେଟ୍

**ସମ୍ବଲପୁର,୨୧।୮ (ସଂଚାର ବ୍ୟୁରୋ):** ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଫଳରେ ଗୁରୁବାର ରାତିରେ ୨ ଓ ଶୁକ୍ରବାର ସକାଳେ ପୁଣି ୪ଟି ମିଶି ସମୁଦାୟ ୬ଟି ସ୍ଲୁଇସ ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ବାମପାର୍ଶ୍ୱର ୯ ଓ ଦକ୍ଷିଣ ପାର୍ଶ୍ୱର ୨ଟି ମିଶି ମୋଟ୍ ୧୧ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ପୂର୍ବାହ୍ନ ସାଢ଼େ ୯ଟା ସମୟରେ ପ୍ରାପ୍ତ ସୂଚନା ଅନୁସାରେ, ଜଳଭଣ୍ଡାରର ଜଳସ୍ତର ୬୨୧.୫୦ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୫୯ ହଜାର ୮୫୦ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଛି। ସେହିପରି ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୨ ଲକ୍ଷ ୭ ହଜାର ୧୪୧ ଘନଫୁଟ ଜଳ ନିଷ୍କାସିତ ହେଉଛି।

## ବନ୍ୟା ପ୍ରପୀଡ଼ିତଙ୍କ ସହାୟତାରେ କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ



**ଭୁବନେଶ୍ୱର, ୨୧।୮ (ସଂଚାର ବ୍ୟୁରୋ):** କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ, କେନ୍ଦ୍ରାପଡ଼ା ଜିଲ୍ଲାର ସଭାପତି ଶରତ କୁମାର ବେହୁରାଙ୍କ ନେତୃତ୍ୱରେ ଆଳି ଓ ରାଜକନିକା ଅଞ୍ଚଳର ବନ୍ୟା ପ୍ରପୀଡ଼ିତଙ୍କ ନିକଟରେ ପହଞ୍ଚି ଜରୁରୀ ସହାୟତା ପ୍ରଦାନ କରାଯାଇଛି। ମହାସଂଘ ପକ୍ଷରୁ ଶୁଖିଲା ଖାଦ୍ୟ, ପିଇବା ପାଣି, ମହମବତୀ ଆଦି ଜରୁରୀ ସାମଗ୍ରୀ ଦୁର୍ଗତ ପରିବାରମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ମାନବିକ ସେବା କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୁମନ୍ତ ରାଉତ, ନଗର ସଭାପତି ସଂଗ୍ରାମ ଜେନା ଏବଂ ଆଳି ବ୍ଲକ୍ ସଭାପତି ସୁକାନ୍ତ ରାଉତଙ୍କ ସକ୍ରିୟ ସହଯୋଗ ଓ ଉପସ୍ଥିତି, ରାଜ୍ୟ ଆବାହକ ସୁଧାଂଶୁ ଶେଖର ବେହୁରାଙ୍କ ଦିଗଦର୍ଶନ ଅଭିଯାନକୁ ଅଧିକ ସଫଳ କରିଥିଲା। ଏଥିସହ ମହାସଂଘର କୋଷାଧ୍ୟକ୍ଷ ସୁଶୀଲ ସାମଲ, କେନ୍ଦ୍ରାପଡ଼ା ବ୍ଲକ୍ ସଭାପତି ପୀତବାସ ବେହେରା, ଗୋଲଖ ପରିଡ଼ା, ସଞ୍ଜୟ ପରିଡ଼ା, ଧୀରେନ୍ଦ୍ର ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ବିଶ୍ୱାଳ, ଅଧ୍ୟାପକ ଦୁର୍ଯ୍ୟୋଧନ ମଲ୍ଲିକ, ପ୍ରକାଶ ଚନ୍ଦ୍ର ଭୂୟାଁଙ୍କ ସମେତ ମହାସଂଘର ବହୁ ସଦସ୍ୟ ଉପସ୍ଥିତ ରହି ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ପ୍ରଦାନ କରିଥିଲେ।

ଅନ୍‌ଲାଇନ ଅଟୋ ଟ୍ୟାକ୍ସି ଡ୍ରାଇଭର୍‌ଙ୍କ ହିଂସା ଘଟଣା

## କ୍ଷମା ମାଗିଲା ଅଟୋ ଚାଳକ ସଂଘ



ମାଇଲେଜ ପାଇଁ ପୁଲିସ ଆମକୁ ଗୁଣ୍ଡା ସଜେଇଦେଲା: ଦୀନବନ୍ଧୁ

**ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ):** ମାଷ୍ଟର କ୍ୟାଣ୍ଟିନ ଛକରେ ଅନଲାଇନ୍ ଗାଡ଼ି ଚାଳକ ସଂଘର ହିଂସା ଘଟଣାରେ କ୍ଷମା ପ୍ରାର୍ଥନା କଲା ସ୍ମାର୍ଟ ସିଟି ଅନ୍‌ଲାଇନ ଅଟୋ ଟ୍ୟାକ୍ସି ଡ୍ରାଇଭର୍ ସଂଘ। ଏକ ଭିଡିଓ ଜାରି କରି ଜନସାଧାରଣଙ୍କୁ କ୍ଷମା ମାଗିଲେ ସଭାପତି ଦୀନବନ୍ଧୁ ନାୟକ। ଜନସାଧାରଣଙ୍କୁ ହୋଇଥିବା ଅସୁବିଧା ପାଇଁ ଆମେ ଦୁଃଖିତ ବୋଲି କହିଛନ୍ତି ଦୀନବନ୍ଧୁ। 'ଭୁଲ୍‌ଟା ଭୁଲ୍, ଭୁଲ୍‌କୁ ଆମେ ସ୍ୱୀକାର କରୁଛୁ, ଏଇଟା ହେବାର ନ ଥିଲା।' ତେବେ ହିଂସା ଘଟଣାରେ ରାଜନୀତି ଥିବା ଚର୍ଚ୍ଚାକୁ ଖଣ୍ଡନ କଲେ ଦୀନବନ୍ଧୁ।

ସେ କହିଛନ୍ତି ଯେ ଆମେ ସମସ୍ତେ ଗରିବ ଖଟିଖିଆ ଅଟୋ-ଟ୍ୟାକ୍ସି-ବାଇକ୍ ଚାଳକ। ନିଜର ହକ୍ ପୂରଣ ହେଉ ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇଥିଲୁ। ଚାକିରି ନପାଇ ଅଟୋ ଚଳାଉଛୁ। ଶାନ୍ତିପୂର୍ଣ୍ଣ ଧାରଣାରେ ଥିଲୁ। ତା'ପରେ ଗଣ୍ଡଗୋଳ ହେଲା। କିନ୍ତୁ ଆମେ ଗୁଣ୍ଡା ନୁହଁ। ହକ୍ ପାଇଁ ଲଢ଼େଇ କରୁଥିଲୁ। ପୁଲିସ ମାଇଲେଜ୍ ପାଇବା ପାଇଁ ଆମକୁ ଗୁଣ୍ଡା ସଜେଇ ଦେଲା। ଭିଡିଓ ବାର୍ତ୍ତାରେ ଘଟଣାକୁ ନେଇ କ୍ଷମା ପ୍ରାର୍ଥନା କରି ନିଜର ସମସ୍ୟା କଥା କହିଛନ୍ତି ଦୀନବନ୍ଧୁ। ଏପରିକି ଗଣ୍ଡଗୋଳ ଘଟଣାରେ ଅଟୋ ଚାଳକଙ୍କୁ ଗୁଣ୍ଡା କହିବା ତାଙ୍କୁ ବ୍ୟଥିତ କରିଥିବା ଦୀନବନ୍ଧୁ କହିଛନ୍ତି।

ଗତ ୧୯ ତାରିଖ ଭଙ୍ଗାରୁଜା ଓ ପୁଲିସକୁ ଆକ୍ରମଣ ପରଠୁ ଦୀନବନ୍ଧୁ ଫେରାର୍ ଥିଲେ। ଘଟଣାରେ ୧୧୩ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏଥିସହ ୩୫୪ଟି ଗାଡ଼ି ଜବତ କରିଛି ପୁଲିସ। ସେପଟେ ଗତକାଲି ମାଷ୍ଟର କ୍ୟାଣ୍ଟିନରେ ହିଂସା ପରେ ସହରରେ ଯେଉଁ କ୍ଷତି ହୋଇଛି, ତାକୁ ଭରଣା କରିବେ ଅଟୋ ଚାଳକ ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ। ଗୁଣ୍ଡାଗିରିରେ ସାମିଲ ଥିବା ଅଟୋ ଚାଳକମାନେ କରିଥିବା ବେଆଇନ ଅଟୋ ଷ୍ଟାଣ୍ଡ ଭଙ୍ଗାଯିବ। ଅରାଜକତାକୁ ପ୍ରଶ୍ରୟ ଦିଆଯିବ ନାହିଁ। ସେମାନେ ଆଇନକୁ ହାତକୁ ନେଇଛନ୍ତି। ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିଛନ୍ତି। ସରକାରୀ ଗାଡି ଭାଙ୍ଗିଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ। ସେମାନଙ୍କୁ କ୍ଷମା କରାଯିବ ନାହିଁ। ଯେଉଁ କ୍ଷତି ହୋଇଛି ଏହା ତାଙ୍କଠାରୁ ହିଁ ଆଦାୟ ହେବ ବୋଲି ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ।

## କଟକରୁ ୭୦ କ୍ୱିଣ୍ଟାଲ ଭେଜାଲ ପନିର ଜବତ



**ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ):** ପନିର ନୁହେଁ ପଏଜନ। ମାର୍କେଟ ସାରା ବିଷ ପନିର। ଭୁବନେଶ୍ୱରରେ ଏକ ମଲରେ ଚଢ଼ାଉ ଫୁଡ ସେଫଟି ବିଭାଗର ୬ ଜଣିଆ ଟିମ୍ ରେଡ୍ କରି ଥିଲା। ଅପମିଶ୍ରଣ ଜଣାପଡ଼ିବା ପରେ ମଲରେ ଥିବା ରେଷ୍ଟୁରାଣ୍ଟରେ ଚାଲିଛି ଯାଞ୍ଚ। ଗତକାଲି କଟକ ଓ ବ୍ରହ୍ମପୁରରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ପନିର ନଷ୍ଟ କରାଯାଇଥିଲା।

କଟକରେ ପ୍ରାୟ ୭୦ କ୍ୱିଣ୍ଟାଲ ଭେଜାଲ ପନିର ଜବତ କରିଥିଲା ସ୍ୱାସ୍ଥ୍ୟ ବିଭାଗ। ଅପମିଶ୍ରିତ ଛେନା ଓ ପନିର ବିକ୍ରି ନେଇ ଚଢ଼ାଉ, ରାସାୟନିକ ଦ୍ରବ୍ୟ ମିଶାଯାଇଥିବା ଜଣାପଡିଲା। ରାକ୍ଷୀ ପୂର୍ବରୁ ଅପମିଶ୍ରିତ ପନିର, ଛେନାକୁ ନେଇ ବଡ଼ ରେଡ୍। କଟକ ପରେ ରାଜଧାନୀର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି ଖାଦ୍ୟ ସୁରକ୍ଷା ବିଭାଗ ଟିମ୍। ଅପମିଶ୍ରିତ ଛେନା ଓ ପନିର ବିକ୍ରି ଅଭିଯୋଗରେ ହୋଇଛି ରେଡ୍।

କଟକ ପରେ ବ୍ରହ୍ମପୁରରେ ପନିର୍ ଦୋକାନରେ ଚଢ଼ାଉ। ଅପମିଶ୍ରଣ ଜଣାପଡ଼ିବା ପରେ ବିପୁଳ ପରିମାଣର ପନିର୍, ଖୁଆ ଓ କ୍ଷୀରକୁ ନଷ୍ଟ କରିଛି ବିଏମସିର ଖାଦ୍ୟ ନିରାପତ୍ତା ବିଭାଗ। ସହରର ଖାସ୍ପା ଓ ଆଗା ସାହିରେ ରହିଥିବା ୫ରୁ ଅଧିକ ପନିର୍ ଓ କ୍ଷୀର ଦୋକାନରେ ଚଢ଼ାଉ କରିଥିଲା। ଚଢ଼ାଉ ପରେ ଦୋକାନରେ ବିକ୍ରୀ ପାଇଁ ରଖାଯାଇଥିବା ପନିରର କିଛି ଅଂଶକୁ ଏକ ଥାଳିରେ ବାହାର କରାଯାଇଥିଲା। ସମ୍ପୃକ୍ତ ଥାଳିରେ ଥିବା ପନିରରେ ଆୟୋଡିନ୍ ମିଶାଯିବା ପରେ ପନିରର ରଙ୍ଗ ବଦଳି ଯାଇଥିଲା। ଆଉ ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ପନିର ଗୁଡ଼ିକ ଅପମିଶ୍ରିତ ହୋଇଛି ।

ସେହିପରି ଦୋକାନରେ ବିକ୍ରି ହେଉଥିବା ଖୁଆ ଗୁଡ଼ିକରେ ମଧ୍ୟ ପରୀକ୍ଷା ପାଇଁ କ୍ୟାମିକାଲ ପକାଯିବା ପରେ ତାହା କଳା ରଙ୍ଗରେ ପରିଣତ ହୋଇଥିଲା। ଆଉ ଏଥିରୁ ସ୍ପଷ୍ଟ ହୋଇଥିଲା ଖୁଆ ବି ଅପମିଶ୍ରିତ । ସେହିପରି ଦୋକାନରେ ଏକ୍ସପାୟରୀ ଡେଟ୍ ହୋଇଥିବା କ୍ଷୀର ପ୍ୟାକେଟକୁ ମଧ୍ୟ ବିକ୍ରି ପାଇଁ ରଖିଥିଲେ ବ୍ୟବସାୟୀ। ତେଣୁ ବିପୁଳ ପରିମାଣର ପନିର୍, ଖୁଆ ଓ କ୍ଷୀରକୁ ବିଏମସିର ଖାଦ୍ୟ ନିରାପତ୍ତା ବିଭାଗ ନଷ୍ଟ କରିଥିଲା । ଯାଞ୍ଚ ବେଳେ ଯେଉଁ ଦୋକାନୀ ମାନେ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରୀ କରୁଥିଲେ ସେମାନଙ୍କର ରେଜିଷ୍ଟ୍ରେସନ ସାର୍ଟିଫିକେଟ ମଧ୍ୟ ଆସନ୍ତା ୭ ଦିନ ପାଇଁ ରଦ୍ଦ କରାଯିବ । ଏଭଳି ଚଢ଼ାଉ ଆସନ୍ତା ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ନିରାପତ୍ତା ବିଭାଗର ଅଧିକାରୀ।

## ବର୍ଜ୍ୟରୁ ଆୟ ବର୍ଷକୁ ୪ କୋଟିରୁ ଅଧିକ

**ଭୁବନେଶ୍ୱର,୨୧।୮:** ରାଜଧାନୀରୁ ବାହାରୁଥିବା ବର୍ଜ୍ୟରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବର୍ଷକୁ ୪ କୋଟି ଟଙ୍କାରୁ ଅଧିକ ଆୟ କରୁଛି। କେବଳ ଶୁଖିଲା ବର୍ଜ୍ୟ ପ୍ରକ୍ରିୟାକରଣ କରି ୪ କୋଟି ଟଙ୍କା ପାଉଥିବାବେଳେ ଓଦା ବର୍ଜ୍ୟରୁ ପ୍ରସ୍ତୁତ ଖତ ବିକ୍ରି କରି ବର୍ଷକୁ ୬ଲକ୍ଷ ଟଙ୍କା ଆୟ କରାଯାଉଛି। ଭୁବନେଶ୍ୱର ସହରରୁ ଏବେ ଦୈନିକ ୮୦୦ ମେଟ୍ରିକ ଟନ୍ ବର୍ଜ୍ୟ ବାହାରୁଥିବାବେଳେ ଏଥିରେ ଓଦା ବର୍ଜ୍ୟର ପରିମାଣ ୩୮୪ ମେଟ୍ରିକ ଟନ୍ ରହୁଛି। ଏଥି ମଧ୍ୟରେ ଘରକୁ ଘର ବୁଲି ସଂଗ୍ରହ ହେଉଥିବା ଓଦା ବର୍ଜ୍ୟର ପରିମାଣ ସର୍ବାଧିକ ରହିଥିବାବେଳେ ଏହାର ପ୍ରକ୍ରିୟାକରଣ ପାଇଁ ସହରରେ ୩୭ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମସିସି) ରହିଛି। ଏହାର ପ୍ରକ୍ରିୟାକରଣ କ୍ଷମତା ଦୈନିକ ପ୍ରାୟ ୨୦୦ ମେଟ୍ରିକ ଟନ୍ ରହିଛି। ତେବେ ଓଦା ବର୍ଜ୍ୟର ପ୍ରକ୍ରିୟାକରଣ ପରେ ଏଥିରୁ ଦୈନିକ ପ୍ରାୟ ୧୦ମେଟ୍ରିକ ଟନ୍ ଖତ ପ୍ରସ୍ତୁତ କରାଯାଉଛି। ଏହି ଖତକୁ ବିକ୍ରି କରି ବିଏମସି ବର୍ଷକୁ ୬ଲକ୍ଷ ଟଙ୍କା ଆୟ କରୁଛି। ବିକ୍ରି ହେଉଥିବା ଏହି ଖତକୁ 'ମୋ ଖତ' ନାମରେ ବ୍ରାଣ୍ଡିଂ କରି ବିଭିନ୍ନ କାଉଣ୍ଟରରେ ବିକ୍ରି କରୁଛନ୍ତି।

ସେହିଭଳି କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ବିଏମସିର ୨୪ଟି ମେଟେରିଆଲ ରିକଭରି ଫାସିଲିଟି (ଏମଆରଏଫ୍) ରହିଛି। ଏଠାରେ ଦୈନିକ ୨୭୫ ମେଟ୍ରିକ ଟନ୍ ବର୍ଜ୍ୟ ପ୍ରକ୍ରିୟାକରଣ ହୋଇପାରିବ। ତେବେ ଶୁଖିଲା ବର୍ଜ୍ୟରୁ



ପ୍ରତିଦିନ ୨୦ ମେଟ୍ରିକ ଟନରୁ ଅଧିକ ସାମଗ୍ରୀ ବାହାରୁଥିବାବେଳେ ଏହାକୁ ବିକ୍ରିକରି ବର୍ଷକୁ ପ୍ରାୟ ୪କୋଟି ଟଙ୍କା ଆୟ କରାଯାଇ ପାରୁଛି। ବର୍ଜ୍ୟବସ୍ତୁ ମଧ୍ୟରେ ପ୍ଲାଷ୍ଟିକ, ଲୁହା ଠାରୁ ଆରମ୍ଭକରି ତମ୍ବା, ଆଲୁମିନିୟମ ଭଳି ମୂଲ୍ୟବାନ ଧାତୁ ରହିଛି। ଏହାଛଡା ବର୍ଜ୍ୟରୁ ବାହାରୁଥିବା ଜରି ଓ ଅନ୍ୟାନ୍ୟ ପ୍ଲାଷ୍ଟିକ ସାମଗ୍ରୀକୁ ୩ଟି ସିମେଣ୍ଟ କାରଖାନାକୁ ପଠାଯାଉଛି। ଏ ବାବଦରେ ମଧ୍ୟ ବିଏମସିକୁ ରାଜସ୍ୱ ମିଳୁଛି।

ତେବେ ବିଏମସିର ସବୁଠାରୁ ଲୋକପ୍ରିୟ ଯୋଜନା ଥିବା ଘରକୁ ଘର ବୁଲି ବର୍ଜ୍ୟ ସଂଗ୍ରହ ପାଇଁ ସହରରେ ୪୫୫ଟି ଯାନ ନିୟୋଜିତ କରାଯାଇଥିବାବେଳେ ୩ଟି ବେସରକାରୀ ସଂସ୍ଥା ଏହାର ପରିଚାଳନା ଦାୟିତ୍ୱରେ ରହିଛନ୍ତି। ସହରରେ ଶତ ପ୍ରତିଶତ ଘରକୁ ଏଥିରେ ସାମିଲ କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ ପରଠାରୁ ସହରର ରାସ୍ତାଘାଟରେ ଅଳିଆ ପଡିବା ଏକ ପ୍ରକାର ବନ୍ଦହୋଇ ଯାଇଛି। ସେହିଭଳି ରାଜଧାନୀ ସହରକୁ ସଫାସୁତୁରା ରଖିବପାଇଁ ୭ଟି ସଂସ୍ଥାକୁ ମୁତୟନ କରାଯାଇଛି। ଏମାନେ ୪ହଜାର କର୍ମଚାରୀ ନିୟୋଜିତ କରିଛନ୍ତି। ଏମାନେ ରାସ୍ତାଘାଟ ସଫା କରିବାପରେ ଅଳିଆ ଉଠାଇବାପାଇଁ ୮୦ଟି ଗାଡି ରହିଛି। ଏଥି ସହିତ ରାଜଧାନୀର ପ୍ରାୟ ୧୭୦ କିଲୋମିଟର ରାସ୍ତାର ଯାନ୍ତ୍ରିକ ସଫେଇ ପାଇଁ ୭ଟି ଗାଡି ମୁତୟନ କରାଯାଇଛି। ଏହିସବୁ ଯାନ ସାଧାରଣତଃ ସହରର ମୁଖ୍ୟ ରାସ୍ତାଗୁଡିକୁ ସଫା କରୁଥିବାବେଳେ ଗଳିକନ୍ଦିରେ କିନ୍ତୁ ସଫେଇ କର୍ମଚାରୀମାନେ ସଫେଇ କାର୍ଯ୍ୟ କରିଥାନ୍ତି। (ତଥ୍ୟ)

## ବୟସ ୮୪, ହେଲେ ମିଳୁନି ବର୍ଦ୍ଧିତ ଭତ୍ତା



**କେନ୍ଦୁଝର,୨୧।୮ (ସଂଚାର ବ୍ୟୁରୋ):** ୮୪ ବର୍ଷ ବୟସ୍କ ବୃଦ୍ଧ ପାଉଛନ୍ତି ମାତ୍ର ଏକ ହଜାର ଟଙ୍କାର ଭତ୍ତା। କାହିଁ କେଉଁ ଦିନରୁ ଅନାଇ ବସିଛନ୍ତି- କେବେ ମିଳିବ ବର୍ଦ୍ଧିତ ଭତ୍ତା, ମାସକୁ ୩ ହଜାର ୫ ଶହ। କହିବେ ବି କାହାକୁ, ଯିବେ ବା କେଉଁଠିକୁ। କେବଳ ଭତ୍ତା ଖାତାକୁ ଦେଖି ଦେଖି ଆଖିରୁ ତାଙ୍କର ପାଣି ମରିଗଲାଣି। ହରିଚନ୍ଦନ ପୁର ବ୍ଲକ୍ ଅନ୍ତର୍ଗତ ଜୁଙ୍ଗା ପଞ୍ଚାୟତ ଅଧୀନ ନିତ୍ୟାନନ୍ଦପୁର ଗାଁରେ ଗୌରାଙ୍ଗ ଚରଣ ଘଣାଙ୍କ ଘର। ଏବେ ତାଙ୍କ ବୟସ ୮୪। ପୂର୍ବରୁ ୫ ଶହ ଟଙ୍କା ଲେଖାଏଁ ମାସିକ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ। ଗତ ନିର୍ବାଚନ ପୂର୍ବରୁ ଏହା ବଢ଼ି ଏକ ହଜାର ଟଙ୍କା ହେଲା। ଗୌରାଙ୍ଗ ଏଥିରେ ତାଙ୍କର କିଛି ନିଜ ଖର୍ଚ୍ଚ ଉଠାଉଛନ୍ତି। ସେହି ନିର୍ବାଚନ କାଳରେ ସେ ଶୁଣିଲେ, ସରକାର ବଦଳିଲେ, ମାସିକ ଭତ୍ତା ତିନି ହଜାର ହେବ। ଭାରି ଖୁସି ହେଲେ ଗୌରାଙ୍ଗ। କିନ୍ତୁ ଏହା ଭିତରେ ନୂଆ ସରକାରକୁ ପାଖାପାଖି ଅଢ଼େଇ ବର୍ଷ ହେଲାଣି। ପୁଣି ମଝିରେ ଶୁଣିଲେ, ସମସ୍ତେ ପାଇବେ ନାହିଁ ବର୍ଦ୍ଧିତ ଭତ୍ତା। ୮୦ ବର୍ଷରୁ ଅଧିକ ବୟସର ଭତ୍ତାଧାରୀ ପାଇବେ ମାସିକ ୩ ହଜାର ୫ ଶହ ଟଙ୍କା। ତାଙ୍କୁ ୮୪ ବର୍ଷ ହୋଇଥିବାରୁ ଏଥିରେ ଗୌରାଙ୍ଗଙ୍କ ମନଟା ଭାରି ଖୁସି ହୋଇଗଲା।

ଏବେ ଶୁଣିଲେ, ତାଙ୍କ କାଗଜ କେନ୍ଦୁଝର ଉପଜିଲ୍ଲାପାଳଙ୍କ ଦପ୍ତରରେ ପଡ଼ିଛି। କେହି ଜଣେ ଏହିପରି ୮୦ ବର୍ଷୀୟ ଭତ୍ତାଧାରୀ ମୃତ୍ୟୁବରଣ କଲେ, ଗୌରାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ମିଳିବ। ନଚେତ୍ ସରକାର ପଞ୍ଚାୟତର ଏହି ବର୍ଦ୍ଧିତ ଭତ୍ତାର କୋଟା ବଢ଼ାଇଲେ, ଗୌରାଙ୍ଗ ସାଢ଼େ ୩ ହଜାର ଟଙ୍କା ଭତ୍ତା ପାଇବେ। କିନ୍ତୁ ଏସବୁ କିଛି ଗୌରାଙ୍ଗ ବୁଝିପାରିଲେ ନାହିଁ। ପଚାରିଲେ, ଅନ୍ୟ ଜଣେ ମଲେ ସେ ବର୍ଦ୍ଧିତ ଭତ୍ତା ପାଇବେ, ଏପରି କାହିଁକି? ଭତ୍ତାଟା ତ ତାଙ୍କର ହକ୍, କାହାର ମରିବାଟା ତାଙ୍କର ଯୋଗ୍ୟତା କେମିତି ହେବ? ତେଣୁ ଗୌରାଙ୍ଗଙ୍କ କଥା ପ୍ରଶାସନ ଶୁଣିବା ଦରକାର। ଏପରି ବିଚିତ୍ର ନୀତି ଅବଲମ୍ବନ ନ କରି ତାଙ୍କୁ ଶୀଘ୍ର ବର୍ଦ୍ଧିତ ଭତ୍ତା ପ୍ରଦାନ ଦିଗରେ ପଦକ୍ଷେପ ନିଆଯାଉ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।

ମଣିଷ ଜୀବନ ସହ ଖେଳ ଖେଳୁଛନ୍ତି ହୋଟେଲ ମାଲିକ

## ବାସୀ ଖାଦ୍ୟ ଖାଇ ସାମ୍ବାଦିକ ଅସୁସ୍ଥ



ନୀଳଗିରି ,୨୧।୮ (ସଂଚାର ବ୍ୟୁରୋ)ଃ ବାସୀ ଆମିଷ ଖାଦ୍ୟ ଦେଇ ମଣିଷ ଜୀବନ ସହ ଖେଳ ଖେଳୁଛନ୍ତି ହୋଟେଲ ମାଲିକ। ହୋଟେଲର ବାସୀ ଖାଦ୍ୟ ଖାଇ ସାମ୍ବାଦିକ ଅସୁସ୍ଥ ହୋଇଛନ୍ତି।

ସୂଚନା ଯୋଗ୍ୟ ନୀଳଗିରିର ବଜାରରେ କାର୍ଯ୍ୟରତ ସାମ୍ବାଦିକ ଶରତ ଜେନା, କନକ ଟିଭି ସାମ୍ବାଦିକ ଦିଲ୍ଲୀପ ସ୍ୱାଇଁ, ନନ୍ଦିଘୋଷ ଟିଭି ସାମ୍ବାଦିକ ସୁକାନ୍ତ ଦାସ ଓ ନକ୍ଷତ୍ରଜ୍ୟୋତିର ସାମ୍ବାଦିକ ଉପେନ୍ଦ୍ର ଦଳେଇ କୌଣସି କାର୍ଯ୍ୟ ସାରି ଆଜି ମଧ୍ୟାହ୍ନ ପ୍ରାୟ ୨ ଘଟିକା ସମୟରେ ନୀଳଗିରିରେ ଥିବା ନମସ୍ତେ ନୀଳଗିରି ହୋଟେଲ ଓ ରେସ୍ତୋରାଣ୍ଟକୁ ଖାଇବାକୁ ଯାଇଥିଲେ। ଶରତ କୁକୁଡ଼ା ମାଂସ ତରକାରୀ ମାଗି ଖାଉଥିବା ବେଳେ ଅନ୍ୟମାନେ ମାଛ ତରକାରୀ ଓ ନିରାମିଷ ତରକାରୀ ମଗାଇ ଖାଇଥିଲେ। ଖାଦ୍ୟ ଖାଇବା ବେଳେ ମାଂସ ତରକାରୀଟି ବାସୀ ବୋଲି ଜାଣିବାକୁ ପାଇ ହୋଟେଲ ବୟକୁ ଜଣାଇବା ସହିତ ସମସ୍ତେ ଅଧାରୁ ଖାଦ୍ୟ ଛାଡ଼ି ପଳାଇ ଆସିଥିଲେ। ପ୍ରାୟ ଅଧଘଣ୍ଟା ଭିତରେ ପ୍ରଥମେ ଶରତ ଦୁଇ ତିନିଥର ବାନ୍ତି ହୋଇ ଦୁର୍ବଳ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତୁରନ୍ତ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସନ୍ଧ୍ୟାରେ ଶରତ ସୁସ୍ଥ ହୋଇ ଘରକୁ ଫେରିଥିଲେ। ତେବେ ହୋଟେଲ ମାନଙ୍କରେ ମାଲିକ ମାନେ ଏଭଳି ଭାବେ ବାସୀ ଖାଦ୍ୟ ବିକ୍ରି କରି ଲୋକଙ୍କ ଜୀବନକୁ ନେଇ ଖେଳ ଖେଳୁଛନ୍ତି। ତୁରନ୍ତ ବାଲେଶ୍ୱର ଫୁଡ ଅଧିକାରୀ ସବୁ ହୋଟେଲ ଖାଦ୍ୟର ମାନ ପରୀକ୍ଷା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି।

# ସଂକୀର୍ଣ୍ଣ ରାସ୍ତାରେ ବେଆଇନ ପାର୍କିଂର ଯନ୍ତ୍ରଣା

● ଯାତାୟାତରେ ହଜାର ହଜାର ଲୋକ ହନ୍ତସନ୍ତ ● ତୁରନ୍ତ ପଦକ୍ଷେପ ନେବାକୁ ଦାବି

ଯୋଡ଼ା,୨୧।୮ (ସଂଚାର ବ୍ୟୁରୋ)ଃ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡରୁ ୧୨ ନମ୍ବର ୱାର୍ଡସ୍ଥିତ ଯୋଡ଼ା ରେଳ ଷ୍ଟେସନକୁ ଯିବା ପାଇଁ ଥିବା ସଂକୀର୍ଣ୍ଣ ରାସ୍ତା ଏବେ ଯାତାୟାତର ପ୍ରମୁଖ ସମସ୍ୟା ପାଲଟିଛି। ରାସ୍ତାଟି ଏତେ ସଂକୀର୍ଣ୍ଣ ଯେ ଚାରିଚକିଆ ଯାନ ଯାତାୟାତ କରିବା ପ୍ରାୟ ଅସମ୍ଭବ। ଏପରିକି ଦୁଇଟି ମୋଟରସାଇକଲ ଏକାସାଙ୍ଗରେ ଯାତାୟାତ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି।



ରେଳ ଷ୍ଟେସନ ପଟୁ ଆସୁଥିବା ଲୋକଙ୍କୁ ରେଳ କଲୋନୀ ଦେଇ ରେଳ ଲାଇନ ପାର ହୋଇ ଏହି ରାସ୍ତାରେ ଯାତାୟାତ କରିବାକୁ ପଡୁଛି। ଏହି ସଂକୀର୍ଣ୍ଣ ରାସ୍ତା ଉପରେ ବାଂଶପାଣି, ଖୁଣ୍ଟପାଣି, ବାଂଶପାଣି ବସ୍ତି, କୋଇଲା ହଟିଂ, ରେଳ କଲୋନୀ, କମରଯୋଡ଼ା, ଟୁଲଗେଟ ବସ୍ତି, ମୁଣ୍ଡା ବସ୍ତି, ଡ୍ରାଇଭର ସାହି ଓ ସର୍ଗିତଳିଆ ବସ୍ତି ସମେତ ବିଭିନ୍ନ ଅଞ୍ଚଳର ଲୋକେ ନିର୍ଭରଶୀଳ।

ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ପ୍ରତିଦିନ ଟ୍ରେନ ଯାତ୍ରୀ, ସେମାନଙ୍କ ସମ୍ପର୍କୀୟ, ଛାତ୍ରଛାତ୍ରୀ, ଛୋଟ ପିଲା, ବୃଦ୍ଧବୃଦ୍ଧା ଓ ରୋଗୀଙ୍କ ସମେତ ପ୍ରାୟ ୬ରୁ ୮ ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ଏତେ ବଡ଼ ଜନସଂଖ୍ୟାର ଯାତାୟାତ ପାଇଁ ଏହି ରାସ୍ତା ଯଥେଷ୍ଟ ନଥିବାବେଳେ ରାସ୍ତା ଉପରେ ଅବ୍ୟବସ୍ଥିତ ପାର୍କିଂ ସମସ୍ୟାକୁ ଆହୁରି ଜଟିଳ କରିଦେଇଛି।

ଏହି ରାସ୍ତାକୁ ଲାଗି ଟାଟା କମ୍ପାନୀର ଯୋଡ଼ା ଇଷ୍ଟ ୱାସିଂ ପ୍ଲାଣ୍ଟ ରହିଥିବାରୁ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ମୋଟରସାଇକଲ ରାସ୍ତା କଡ଼ରେ ଏବଂ କେତେକ ସମୟରେ ରାସ୍ତା ଉପରେ ପାର୍କିଂ କରାଯାଉଥିବା ଅଭିଯୋଗ ହୋଇଛି।

ଫଳରେ ଅତି ସଂକୀର୍ଣ୍ଣ ରାସ୍ତାଟି ଆହୁରି ସଙ୍କୁଚିତ ହୋଇଯାଉଛି। ଗୋଟିଏ ପଟେ ଯାତ୍ରୀଙ୍କ ଭିଡ଼, ଅନ୍ୟପଟେ ରାସ୍ତା ଉପରେ ଗାଡ଼ି ପାର୍କିଂ— ଏଭଳି ପରିସ୍ଥିତିରେ ପ୍ରତିଦିନ ଲୋକେ ଯାତାୟାତରେ ହନ୍ତସନ୍ତ ହେଉଛନ୍ତି। ଏନେଇ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ।

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ରାସ୍ତାରେ ଯଦି କୌଣସି ଜରୁରୀ ପରିସ୍ଥିତି ଉପୁଜେ, ତେବେ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି କିମ୍ବା ଅନ୍ୟ ଚାରିଚକିଆ ଯାନର ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପାରେ। ତେଣୁ ଭବିଷ୍ୟତରେ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି।

## ୧୦ କେଜି ଗଞ୍ଜେଇ ସହ ୨ଟି ସ୍କୁଟି ଜବତ, ଜଣେ ଗିରଫ




ଫୁଲବାଣୀ, ୨୧।୮ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୧୦ କେଜି ଗଞ୍ଜେଇ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ଘଟଣାସ୍ଥଳରୁ ୨ଟି ସ୍କୁଟି ଜବତ ହୋଇଛି। ଅନ୍ୟ ଜଣେ ଅଭିଯୁକ୍ତ ସ୍କୁଟି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଫୁଲବାଣୀ ବ୍ଲକ ଅନ୍ତର୍ଗତ ସୁଡ୍ରୁକୁମ୍ପା ପଞ୍ଚାୟତର ରାଣୀପଥର ଘାଟି ଅଞ୍ଚଳରେ ଦୁଇଟି ସ୍କୁଟିରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ପୁଲିସ ସନ୍ଦେହ କରିଥିଲା। ଫୁଲବାଣୀ ସଦର ଅବକାରୀ ଥାନାର ପେଟ୍ରୋଲିଂ ଟିମ୍ ଫେରୁଥିବା ସମୟରେ ଦ୍ରୁତ ଗତିରେ ଆଗପଛ ହୋଇ ଯାଉଥିବା ଦୁଇଟି ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗୋଟିଏ ସ୍କୁଟିରୁ ୪ କେଜି ଏବଂ ଅନ୍ୟଟିରୁ ୬ କେଜି, ମୋଟ ୧୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଘଟଣାସ୍ଥଳରୁ ଭରତ ଦ୍ରୁବ ନାମକ ଜଣେ ବ୍ୟକ୍ତିଙ୍କୁ ଅବକାରୀ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ସ୍କୁଟି ଛାଡ଼ି ଫେରାର ହୋଇଯାଇଥିଲେ।

ଗିରଫ ଅଭିଯୁକ୍ତ ଭରତ ଧ୍ରୁବଙ୍କ ଘର ସୁନ୍ଦରଗଡ଼ ଜିଲ୍ଲାର ସବ୍‌ଡେଗା ଅଞ୍ଚଳରେ ଏବଂ ଥାନା ତଳସରା ବୋଲି ଜଣାପଡ଼ିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନମ୍ବର ୪୩/୨୬ ରୁଜୁ କରାଯାଇଛି।ଗିରଫ ଅଭିଯୁକ୍ତଙ୍କୁ ଆଜି ଫୁଲବାଣୀ କୋର୍ଟରେ ହାଜର କରାଯାଇଥିବା ବେଳେ, ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଅବକାରୀ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## କାର୍ଯ୍ୟଭାର ଗ୍ରହଣ କଲେ ରେଞ୍ଜର ପ୍ରସନ୍ନ ସାହୁ



ଯାଜପୁର ରୋଡ଼,୨୧।୮(ସଂଚାର ବ୍ୟୁରୋ)ଃ ଯାଜପୁର ରୋଡ଼ ବନବିଭାଗ କାର୍ଯ୍ୟାଳୟରେ ରେଞ୍ଜର ଧର୍ମେନ୍ଦ୍ର ପ୍ରଧାନଙ୍କ ଅନ୍ୟ ସ୍ଥାନକୁ ପ୍ରମୋସନ ହୋଇ ବଦଳି ହୋଇଯିବା ପରେ ତାଙ୍କ ସ୍ଥାନରେ ରେଞ୍ଜର ଭାବେ ପ୍ରଶନ୍ନ କୁମାର ସାହୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ରେଞ୍ଜର ଶ୍ରୀ ସାହୁ ଅନୁଗୁଳ ଜିଲ୍ଲା ବନ୍ତଲା ରେଞ୍ଜରେ ପୂର୍ବରୁ କାର୍ଯ୍ୟ କରୁଥିବା ସମୟରେ ପରିବେଶ ସୁରକ୍ଷା , ବନ ସଂରକ୍ଷଣ, ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦେବାସହ ଅନେକ ଜନହିତକର କାର୍ଯ୍ୟକରି ପ୍ରଶଂସିତ ହୋଇଛନ୍ତି। ରେଞ୍ଜର ଶ୍ରୀସାହୁ ଚାକିରୀ କାଳ ଭିତରେ ବିଭିନ୍ନ ରେଞ୍ଜରେ କାର୍ଯ୍ୟ ସୁଚାରୁରୂପେ ତୁଲାଇ ଭୂତଳ ସମ୍ପତି ଓ ଜଙ୍ଗଲକୁ ସୁସୁରକ୍ଷା ଦେବା କ୍ଷେତ୍ରରେ ତାଙ୍କର ଅନେକ ଅଭିଜ୍ଞତା ରହିଛି ବୋଲି ସାଧାରଣରେ ଶୁଣିବାକୁ ମିଳୁଛି।

ଅନ୍ଧାରରେ ସାଇଁକୁଳ ଓଭରବ୍ରିଜ୍

## ବଢୁଛି ଅସାମାଜିକଙ୍କ ଦୌରାତ୍ମ୍ୟ




ଆନନ୍ଦପୁର,୨୧।୮ (ସଂଚାର ବ୍ୟୁରୋ)ଃ ୨୦ନଂ ଜାତୀୟ ରାଜପଥ ସାଇଁକୁଳ ବଜାର ଓଭରବ୍ରିଜ୍‌ରେ ପୁଣି ବନ୍ଦ ହୋଇଗଲା ଷ୍ଟ୍ରିଟ୍ ଲାଇଟ୍। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଲାଇଟ୍ ଜଳିଥିଲା, ହେଲେ କିଛିଦିନ ପରେ ପୁଣି ସମାନ ଅବସ୍ଥା। ଏବେ ଅନ୍ଧାରରେ ଯାତାୟାତ କରୁଛନ୍ତି ଲୋକେ। ଲାଇଟ୍ ବାରମ୍ବାର ବନ୍ଦ ହେବା ପଛରେ କାରଣ କଣ, ତାକୁ ନେଇ ଉଠିଛି ପ୍ରଶ୍ନ।

କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ ଜନଗହଳି ଅଞ୍ଚଳ ସାଇଁକୁଳ ବଜାର। ଏଠାରେ ରହିଛି ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ପୋଲିସ ଆଉଟ୍‌ପୋଷ୍ଟ, ବସ୍‌ଷ୍ଟାଣ୍ଡ, ମେଡ଼ିକାଲ୍ ସହ ଏକାଧିକ ଶିକ୍ଷାନୁଷ୍ଠାନ। କିନ୍ତୁ ସନ୍ଧ୍ୟା ହେଲେ ଓଭରବ୍ରିଜ୍ ଉପରେ ଛାଇଯାଉଛି ଅନ୍ଧାର। ଏହି ରାସ୍ତା ଦେଇ ଟ୍ୟୁସନ୍ ଓ କୋଚିଂ ସେଣ୍ଟରକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି। ଅନ୍ଧକାରମୟ ପାଇଁ ଦୁର୍ଘଟଣା ବି ବଢୁଛି। ଗୁରୁବାର ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ଏକ ବୁଲା ଷଣ୍ଢ ହଟାତ୍ ସାମ୍ନାକୁ ଆସିଯିବାରୁ ଦୁଇଟି ବାଇକ୍‌ରେ ଥିବା ତିନି ଜଣଙ୍କ ମଧ୍ୟରୁ ଦୁଇ ଆହତ ଜଣେ ଗୁରୁତର ଆହତ ହୋଇ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଛନ୍ତି।

ପୂର୍ବରୁ ଲାଇଟ୍ ବନ୍ଦ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଲାଇଟ୍ ଜଳିଥିଲା। କିନ୍ତୁ କିଛିଦିନ ବ୍ୟବଧାନ ପରେ ପୁଣି ସେହି ପୁରୁଣା ଚିତ୍ର। ଲାଇଟ୍ ବାରମ୍ବାର ବନ୍ଦ ହେବାକୁ ନେଇ ସାଧାରଣରେ ଏବେ ବିଭିନ୍ନ ଆଲୋଚନା ହେଉଛି। ଅନ୍ଧାର ରହିଲେ ଅସାମାଜିକ ଲୋକଙ୍କୁ ସୁଯୋଗ ମିଳିବାର ଆଶଙ୍କା ମଧ୍ୟ ରହୁଛି। ତେଣୁ ଏତେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ଆଲୋକ ବ୍ୟବସ୍ଥା ବାରମ୍ବାର ବିଘ୍ନିତ ହେଉଛି କାହିଁକି, ତାହା ତଦନ୍ତର ବିଷୟ। ଏନେଇ ଜାତୀୟ ରାଜପଥର ପେଟ୍ରୋଲିଂ ମ୍ୟାନେଜର ଆଲୋକ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ଲାଇଟ୍ ବନ୍ଦ ରହିଛି। ପାଞ୍ଚ ଦିନ ମଧ୍ୟରେ ଲାଇଟ୍ ପୁଣି ଜଳିବ ବୋଲି ସେ ସୂଚନା ଦେଇଛନ୍ତି।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ବୋରିଗୁମ୍ମା, ୨୧।୮ (ସଂଚାର ବ୍ୟୁରୋ)ଃ ବୋରିଗୁମ୍ମା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ଥାନୀୟ କିଶୋର ଚନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟ, ତରାଭଙ୍ଗା ଠାରେ ଅଧ୍ୟକ୍ଷ ବିଜୟ ମହାପାତ୍ରଙ୍କ ସଭାପତିତ୍ୱରେ ତଥା ପ୍ରଜାପତି ଈଶ୍ୱରୀୟ ବିଦ୍ୟାଳୟ ଆନୁକୁଲ୍ୟରେ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଳିଗୁଡା ଆଶ୍ରମର ବ୍ରହ୍ମ କୁମାରୀ ଜୟନ୍ତୀ ସାହୁ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ନିଶାମୁକ୍ତ କଲେଜ ଓ ସମାଜ ତିଆରି କରିବାକୁ ପ୍ରେରଣା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ମନୋଜ କୁମାର ତ୍ରିପାଠୀ ଯୋଗ ଦେଇ ମଦ ହିଁ ସବୁ ଅନର୍ଥର କାରଣ ବୋଲି ଉଦାହରଣ ସହ ବୁଝାଇଥିଲେ । ପ୍ରାଧ୍ୟାପକ ତଥା ମୁଖ୍ୟ ବକ୍ତା ଭାବେ ସରୋଜ କୁମାର ପ୍ରହରାଜ ଆଗାମୀ ଦିନରେ ଭଲ ମଣିଷ ହେବା ପାଇଁ ନିଶାମୁକ୍ତ ଭାରତରେ ଯୁବକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ବ୍ରହ୍ମ କୁମାରୀ ସରୋଜୁ ଭଉଣୀ ଛାତ୍ର ଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ବାର୍ଷିକ ବିଜ୍ଞାନ ମେଳା



ଖୋର୍ଦ୍ଧା, ୨୧।୮ (ସଂଚାର ବ୍ୟୁରୋ)ଃ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ମୋନାଲିସା ନାୟକ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏଥିରେ ମୋଟ୍ ୮୦ଟି ପ୍ରୋଜେକ୍ଟ ସ୍ଥାନ ପାଇଥିଲା । ମୁଖ୍ୟ ଅତିଥି ପ୍ରଥମେ ଶ୍ରୀମା ଓ ଶ୍ରୀଅରବିନ୍ଦ ଫଟୋ ଚିତ୍ରକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ପରେ ପରେ ପିଲା ମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରୋଜେକ୍ଟ ବୁଲି ଦେଖିଥିଲେ ।

ଓଡ଼ିଆ ମାସ ଅନୁଯାୟୀ ପାଳନ କରାଯାଉଥିବା ସମସ୍ତ ମୁଖ୍ୟ ଓଡ଼ିଆ ପର୍ବ ଗୁଡ଼ିକୁ ପ୍ରୋଜେକ୍ଟ ମଡେଲ ମାଧ୍ୟମରେ ଦର୍ଶାଯାଇଥିଲା। ବିଜ୍ଞାନ ପ୍ରୋଜେକ୍ଟ ଗୁଡ଼ିକ ମଧ୍ୟରେ ସ୍ମାର୍ଟ ଟଚ୍ ଲେସ୍ ଡଷ୍ଟବିନ୍, ଚନ୍ଦ୍ରଜାନ, ସୋଲାର ପାୱାର ଏଲେଟ୍ରିସିଟି, ହାଇଡ୍ରୋଲିକ୍ ବ୍ରିଜ୍, ନ୍ୟୁରନ୍ ସିଷ୍ଟମ୍, ଅଟୋମ୍ୟାଟିକ ୱାସ ବେଶିନ, ବର୍ଷା ଜଳ ଅମଳ, ଭାକ୍ୟୁମ କ୍ଲିନର, ଭୂକମ୍ପ ସୁରକ୍ଷା ଆଲାର୍ମ, ସ୍ୱୟଂ ଚାଳିତ ଷ୍ଟ୍ରିଟ୍ ଲାଇଟ, ସୌର ଜଗତ, ଏହା ସହିତ ଏରିୟା ୫୧ରେ ଏଲିଅନଙ୍କ ସମ୍ଭାବନା ବିଷୟରେ ଅତିଥି ମାନଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ସମ୍ୟକ୍ ଧାରଣା ଦିଆଯାଇଥିଲା। ଏହି ବିଜ୍ଞାନ ମେଳା ର ମୁଖ୍ୟ ଆକର୍ଷଣ ଥିଲା ବିଜ୍ଞାନ ସହ ଓଡ଼ିଆ ସଂସ୍କୃତି ର ସମନ୍ୱୟ।

## ବର୍ଷାରେ କ୍ଷତିଗ୍ରସ୍ତ ଗରିବଙ୍କୁ ଆର୍ଥିକ ସହାୟତା ଓ ଚାଷୀଙ୍କୁ ପର୍ଯ୍ୟାପ୍ତ ସାର ଯୋଗାଣ ଦାବି



ସୁନ୍ଦରଗଡ଼,୨୧।୮(ସଂଚାର ବ୍ୟୁରୋ)ଃ ଆଜି ରାଜ୍ୟ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ସାକ୍ଷାତ କରି କିଛିଦିନ ହେଲା ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଅନେକ ଗରିବ ଲୋକଙ୍କର କଚ୍ଚାଘର ଭାଙ୍ଗି ଯାଇଛି। ବହୁତ ଘର ଭାଙ୍ଗି କାନ୍ଥ ପଡ଼ି ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ଲୋକଙ୍କ ଘର ଭାଙ୍ଗି ଯାଇଥିବାରୁ ବର୍ଷା ଯୋଗୁଁ ତାଙ୍କ ରାନ୍ଧବଢ଼ା ବନ୍ଦ ହୋଇ ଭୋକ ଉପାସରେ ରହିଛନ୍ତି। କିନ୍ତୁ ଦୁଃଖର ବିଷୟ ପ୍ରଶାସନ ତରଫରୁ କେବଳ ଗୋଟିଏ ଲେଖାଏଁ ପ୍ଲାଷ୍ଟିକ ପାଲ ଦେଇ ଚୁପହୋଇ ବସିଛି। ତେଣୁ ଜିଲ୍ଲାପାଳ ମହୋଦୟ ପ୍ରତ୍ୟେକ ବ୍ଲକର ବିଡିଓ ଏବଂ ତହସିଲଦାରଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କ ସଠିକ ତଦନ୍ତ କରାଯାଇ ବର୍ଷାରେ କ୍ଷତିଗ୍ରସ୍ତ ଗରିବ ଲୋକମାନଙ୍କୁ ଯଥାଶୀଘ୍ର ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା, ଭଙ୍ଗାଘରକୁ ତିଆରି କରିବା ପାଇଁ ଆର୍ଥିକ ସହାୟତା ଦେବା, ଘରଭାଙ୍ଗି ମୃତ୍ୟୁ ବରଣ କରିଥିବା ପରିବାରର ସଦସ୍ୟଙ୍କୁ ଉଚିତ କ୍ଷତିପୂରଣ ଦେବାକୁ ଦାବି କରିଥିଲେ।

ଏହା ସହିତ ଜିଲ୍ଲାରେ ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ପରିବା ଚାଷୀ ମାନଙ୍କୁ ମଧ୍ୟ୍ୟ ଉଚିତ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ବର୍ତ୍ତମାନ ଖରିପ ଚାଷ ପାଇଁ ଚାଷୀମାନଙ୍କ ଗୁରୁତ୍ୱ ପୂର୍ଣ୍ଣ ସମୟରେ ଚାଷୀମାନଙ୍କୁ ଠିକ ସମୟରେ ତାଙ୍କ ଚାହିଦା ମୁତାବକ ଚାଷରେ ବ୍ୟବହାର ଲାଗି ୟୁରିଆ ସାର ଓ ଡିଏପି ସାରର ଘୋର ଅଭାବ ଯୋଗୁଁ ଚାଷୀମାନେ ପାଇ ପାରୁନାହାନ୍ତି। ତେଣୁ ଚାଷୀମାନେ ବାଧ୍ୟ ହୋଇ ବଜାରରୁ ଚଢ଼ା ଦରରେ ଡିଏପି ଓ ସାର କିଣି କ୍ଷତିଗ୍ରସ୍ତ ହେବା ସହିତ କେତେକ ସ୍ଥାନରେ ଚାଷୀମାନେ ନକଲି ଡିଏପି ଓ ସାର କିଣି କ୍ଷତିଗ୍ରସ୍ତ ହେବା ସହିତ ଘୋର ଦୁର୍ଦ୍ଦଶାରେ ପଡିଛନ୍ତି। ତେଣୁ ଚାଷୀଙ୍କ ପାଇଁ ଆବଶ୍ୟକ ସାର ଚାହିଦା ମୁତାବକ ଯୋଗେଇ ଦେବାଲାଗି ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଲ୍ଲୀପ କୁମାର ମିଶ୍ରଙ୍କ ପାଖରେ ଦାବି କରିବା ସହିତ ଏକ ଦାବିପତ୍ର ମଧ୍ୟ ଦେଇଛନ୍ତି ।

# କ୍ରମଶଃ ହ୍ରାସ ପାଉଛି ଗୋଚର ଜମି

### ରାଜରାସ୍ତାକୁ ଓହ୍ଲାଇବେ ଗୋପାଳ

### ସାବକରେ ଗୋଚର ହାଲରେ ଘରବାଡି!



କାକଟପୁର/ଅସ୍ତରଙ୍ଗ, ୨୧।୮ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗୋପାଳ ସମାଜ ତଥା ଗୋମାତାଙ୍କ ପାଇଁ ଉଦ୍ଦିଷ୍ଟ ଗୋଚର ଜମି କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଅସ୍ତରଙ୍ଗ ତହସିଲ ଅଧୀନ ନଈଗୁଆଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ଥିବା ଶହ ଶହ ଏକର ଗୋଚର ଜାଗାକୁ କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରି ଘରବାଡି କରିବାକୁ ବସିଲେଣି। ସାବକ ରେକର୍ଡରେ ଗୋଚର ଥିଲେ ମଧ୍ୟ ହାଲ ରେକର୍ଡରେ ତାହା ଘରବାରିରେ ପରିଣତ ହେବାକୁ ଚେଷ୍ଟା ଜାରି ରଖିଛନ୍ତି।

ଗୋପାଳ ସମାଜର ପରମ୍ପରା ଅନୁଯାୟୀ ଏହି ଗୋଚର ଜମିରେ ଗୋମାତା ପୂଜା, ପ୍ରାଚୀନ ଲଉଡି ଖେଳ, ଦୋଳ ପୂର୍ଣ୍ଣିମା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଏ। ଗୋଚର କମିବା ଫଳରେ ଗୋ ପାଳନ ଯାହା ଗୋପାଳଙ୍କ କୌଳିକ ବୃତ୍ତି, ତାହା ବାଧାପ୍ରାପ୍ତ ହେଉଛି।

ଏ ନେଇ ଗୋପାଳ ସମାଜର ଜିଲ୍ଲା ଉପସଭାପତି ଚିତ୍ତରଞ୍ଜନ ଦାସ କହିଛନ୍ତି, "ଗୋଚର ଜମି କ୍ରମଶଃ ହ୍ରାସ ପାଉଛି। ଅସ୍ତରଙ୍ଗ ତହସିଲଦାରଙ୍କୁ ବାରମ୍ବାର ଜଣାଇଲୁ, ହେଲେ କିଛି ପଦକ୍ଷେପ ନାହିଁ। ୨୦୨୫ରେ ମୁଁ ସୂଚନା ଅଧିକାର ଆଇନି ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଗୋଚର ତଥ୍ୟ ମାଗିଥିଲି, କିଛି ଜିଲ୍ଲା ଦେଲେ ହେଲେ ପୁରୀ ଜିଲ୍ଲାର ତଥ୍ୟ ଆଜି ଯାଏଁ ମିଳିଲାନି। ସରକାର ନ ଶୁଣିଲେ ଓଡିଶାର ୨୫ ଲକ୍ଷ ଗୋପାଳ ଗାଈ ଧରି ରାଜରାସ୍ତାକୁ ଓହ୍ଲାଇବୁ।" ଅନ୍ୟପଟେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ୫ ଶତକଡା ଗୋଚର ଜମି ସଂରକ୍ଷଣ ଅଛି, କୌଣସି ଅସୁବିଧା ନାହିଁ। ଯଦି କେଉଁଠି ଜବର ଦଖଲ ହୋଇଥିବ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗୋପାଳ ଙ୍କ କୌଳିକ ବୃତ୍ତି ଓ ଗୋମାତା ସୁରକ୍ଷା ପାଇଁ ପ୍ରଶାସନ ସବୁବେଳେ ସହଯୋଗ କରିବ ବୋଲି ତହସିଲଦାର ଶ୍ରୀମତୀ ପତି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଗ୍ରାଉଣ୍ଡ ରିଆଲିଟି କହୁଛି କାଗଜ କଲମରେ ସଂରକ୍ଷଣ ଥିଲେ ମଧ୍ୟ ଜମିରେ ଜବରଦଖଲ ବଢୁଛି। ଗୋଚର ଜମି ସୁରକ୍ଷା ଦାବିରେ ଗୋପାଳ ସମାଜରେ ଅସନ୍ତୋଷ ବଢୁଛି।

## ଦାଦନ ଖଟିବାକୁ ଯାଇ ଦୁର୍ଘଟଣାରେ ଆଖି ବୁଜିଲେ ଶ୍ରମିକ

■ ବିଧାୟକଙ୍କ ହସ୍ତକ୍ଷେପ, ୪ଦିନ ପରେ ଶବ ବ୍ୟବଚ୍ଛେଦ



ବୋରିଗୁମ୍ମା, ୨୧।୮ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କୁମୁଲି ଗ୍ରାମରୁ ଆସିଛି ଦାଦନ ମୃତ୍ୟୁର ହୃଦୟବିଦାରକ ଚିତ୍ର। ତାମିଲନାଡୁରେ ଦାଦନ ଖଟିବାକୁ ଯାଇ ଦୁର୍ଘଟଣାରେ ଆଖି ବୁଜିଲେ ଏକ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିବା ବୋରିଗୁମ୍ମା ବ୍ଲକ ଖଙ୍ଗାରୁଗୁଡ଼ା ଗ୍ରାମର ଦୁର୍ଯ୍ୟୋଧନ ଅମାନତ୍ୟ (୨୪)। ଅଗଷ୍ଟ ୧୭ରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଭାଷାଗତ ସମସ୍ୟା ଯୋଗୁଁ ଶବ ବ୍ୟବଚ୍ଛେଦ ହୋଇପାରୁନଥିଲା । ଏ ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଅବଗତ କରିବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିଛି । ମୃତ୍ୟୁର ୪ ଦିନ ପରେ ଗୁରୁବାର ଶବ ବ୍ୟବଚ୍ଛେଦ ହୋଇଥିବା ବେଳେ ବୋରିଗୁମ୍ମା ବିଡିଓ ସୁକାନ୍ତ ପଟ୍ଟନାୟକ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଗାଁ ଅଭିମୁଖେ ଆସୁଛି ମୃତଦେହ। ସୂଚନା ଅନୁଯାୟୀ, ଦୁର୍ଯ୍ୟୋଧନ ଗାଁର ୩ ଯୁବକଙ୍କ ସହ ମିଶି ତାମିଲନାଡୁ ତିରୁଭାଲ୍ଲାର ଜିଲ୍ଲା ଗୁଡିପୁଣ୍ଡି ତାଲୁକର ଓବୁଲାପୁରମରେ ଥିବା ଶ୍ରୀ ନାଗରାଜଙ୍କ ଇଟାଭାଟିରେ କାର୍ଯ୍ୟ କରୁଥିଲେ। ଅଗଷ୍ଟ ୧୭ରେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ପଞ୍ଜିକରଣ କଟକଣା ବିରୋଧରେ ରାଜପଥରେ ଚାଷୀ

ଭାଗଚାଷୀଙ୍କ ପଞ୍ଜିକରଣ ସରଳ କରିବା ସହ ସମୟସୀମା ବୃଦ୍ଧି ଦାବି




ଛତ୍ରପୁର, ୨୧।୮ (ସଂଚାର ବ୍ୟୁରୋ)ଃ ଚାଷୀ ପଞ୍ଜିକରଣରେ ନୂଆ କଟକଣାକୁ ବିରୋଧ କରି ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ। ଭାଗଚାଷୀଙ୍କ ପଞ୍ଜିକରଣ ସରଳ କରିବା, ମନ୍ଦିର ଓ ଦେବାଳୟ ଜମିରେ ଚାଷ କରୁଥିବା ଚାଷୀଙ୍କୁ ପଞ୍ଜିକରଣର ସୁଯୋଗ ଦେବା ଏବଂ ପଞ୍ଜିକରଣ ସମୟସୀମା ବଢ଼ାଇବା ଦାବିରେ ହୁମ୍ମାଠାରେ ଓଡ଼ିଶା କୃଷକ ସଭା, ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ରାଜପଥ ଅବରୋଧ କରାଯାଇଥିଲା।

କୃଷକ ସଭା ପକ୍ଷରୁ ଏଗ୍ରିଷ୍ଟିକ୍ ବ୍ୟବସ୍ଥା ବାତିଲ କରିବା ସହ ଭାଗଚାଷୀଙ୍କ ପଞ୍ଜିକରଣରେ ଜମି ମାଲିକଙ୍କ ଆଇ-ସ୍କାନ୍ ଭଳି କଟକଣା ହଟାଇ ପୂର୍ବବର୍ଷ ଭଳି ସହମତିପତ୍ର ଆଧାରରେ ପଞ୍ଜିକରଣ କରିବାକୁ ଦାବି କରାଯାଇଥିଲା। ମନ୍ଦିର ଓ ଦେବାଳୟ ଜମିରେ ଚାଷ କରୁଥିବା ଚାଷୀଙ୍କୁ ପଞ୍ଜିକରଣ କରିବା ସହ ମୃତ ବ୍ୟକ୍ତିଙ୍କ ନାମରେ ପଟ୍ଟା ଥିବା ଜମି ଚାଷ କରୁଥିବା ପରିବାରକୁ ରାଜସ୍ୱ ବିଭାଗର ପ୍ରମାଣପତ୍ର ଆଧାରରେ ପଞ୍ଜିକରଣ କରିବାକୁ ମଧ୍ୟ ଦାବି ହୋଇଥିଲା।

ଆନ୍ଦୋଳନରେ ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲ୍ଲା ସଭାପତି ତଥା ରାଜ୍ୟ ଉପସଭାପତି ପି. ହରିକୃଷ୍ଣ ରେଡ୍ଡୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ସହ ପ୍ରତାରଣା କରୁଥିବା ଅଭିଯୋଗ କରିଥିଲେ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ପଞ୍ଜିକରଣ ନିୟମକୁ ସରଳ କରିବା ସହ ଅବଧି ବଢ଼ାଇବାକୁ ଆନ୍ଦୋଳନକାରୀମାନେ ଦାବି ରଖିଥିଲେ। ଏହା ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ବଣ୍ଡା ମହିଳାଙ୍କ ପାଇଁ ଜନଜାତୀୟ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ



ମାଲକାନଗିରି, ୨୧।୮ (ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲାର ଦୁର୍ଗମ ବଣ୍ଡା ଅଞ୍ଚଳର ମହିଳାମାନଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଆଜି ମୁଦୁଲିପଡ଼ାସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଜନଜାତୀୟ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏହି ତାଲିମ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୨୦ ଜଣ ବଣ୍ଡା ମହିଳାଙ୍କୁ ନେଇ ମାଳି ଓ ଗହଣା ତିଆରି ଶିଳ୍ପୀ ବିଷୟରେ ଦକ୍ଷତା ବିକାଶ ତାଲିମ ଆରମ୍ଭ କରାଯାଇଛି।

ଏହି ସ୍ୱତନ୍ତ୍ର ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଜନ ଶିକ୍ଷା ସଂସ୍ଥାନ, ମାଲକାନଗିରି ଦ୍ୱାରା ପରିଚାଳନା କରାଯାଉଛି। ତାଲିମ ମାଧ୍ୟମରେ ବଣ୍ଡା ମହିଳାମାନଙ୍କୁ ଆଧୁନିକ ଗହଣା ତିଆରି ସମ୍ପର୍କିତ କୌଶଳ ପ୍ରଦାନ କରାଯାଇ ସେମାନଙ୍କର ରୋଜଗାର ସୁଯୋଗ ବୃଦ୍ଧି ଓ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରାଯିବ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ କହିଛନ୍ତି, ବଣ୍ଡା ଜନଜାତିଙ୍କ ପାରମ୍ପରିକ ଅଳଙ୍କାର ଓ କଳା ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ଜନଜାତୀୟ ଦକ୍ଷତା କେନ୍ଦ୍ର ମାଧ୍ୟମରେ ସେମାନଙ୍କର ଏହି ପାରମ୍ପରିକ କୌଶଳକୁ ଆଧୁନିକ ଗହଣା ଶିଳ୍ପର ରୂପ ଦିଆଯିବ, ଯାହା ଦ୍ୱାରା ବଣ୍ଡା ମହିଳାମାନେ ନିଜ ଘର ପାଖରେ ରହି ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ସେମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିବ।

ଓଡ଼ିଶାର ଅନ୍ୟତମ ପ୍ରମୁଖ ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟର ମହିଳାମାନେ ନିଜ ହାତତିଆରି ପାରମ୍ପରିକ ମାଳି ଏବଂ ଗହଣା ବ୍ୟବହାର ପାଇଁ ସ୍ୱତନ୍ତ୍ର ପରିଚିତି ବଜାୟ ରଖିଛନ୍ତି। ଏହି ନୂତନ ଦକ୍ଷତା କେନ୍ଦ୍ର ସେମାନଙ୍କର ନିଜସ୍ୱ କଳାକୁ ବୃହତ ବଜାର ସହ ଯୋଡ଼ିବାରେ ଏକ ପ୍ରମୁଖ ସେତୁ ସାଜିବ। କେବଳ ପାରମ୍ପରିକ କୃଷି ଓ ବନଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭର ନକରି ମହିଳାମାନେ ଏବେ ସ୍ୱୟଂ ସକ୍ଷମ ହୋଇ ନିୟମିତ ଆୟ କରିପାରିବେ। ଆଧୁନିକ ବଜାରର ଚାହିଦା ଅନୁଯାୟୀ ପ୍ରସ୍ତୁତ ଗହଣା ସେମାନଙ୍କ ଆର୍ଥିକ ସଶକ୍ତୀକରଣକୁ ସୁଦୃଢ଼ କରିବା ସହ ସେମାନଙ୍କର ପାରମ୍ପରିକ ଜ୍ଞାନକୌଶଳ ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ସହାୟକ ହେବ।

## ଚୋରି ଅଭିଯୋଗରେ ୩ ଗିରଫ



ହିଞ୍ଜିଳିକାଟୁ, ୨୧।୮ (ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ପୌରାଞ୍ଚଳ କବିରାଜ ମାର୍ଗ ନିକଟରେ ଥିବା ଏକ କାଠ ତିଆରି ଦୋକାନର ତାଲା ଭାଙ୍ଗି ମୂଲ୍ୟବାନ ୪ଟି ଚୌକି ଚୋରୀ ଅଭିଯୋଗରେ ହିଞ୍ଜିଳି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଲୁଟେରା ବଡଗଡ ଥାନା ମାଣିକପୁର ଗ୍ରାମର ଲବ ଭୂୟାଁ (୩୦), ହିଞ୍ଜିଳିକାଟୁ ରଜାତୋଟା ସାହିର ସିମାଞ୍ଚଳ ବେହେରା (୪୨) ଏବଂ ଚୋରୀ ସାମଗ୍ରୀ କ୍ରୟ କରିଥିବା ଯୁବକ ଜଣଙ୍କ ହେଲେ ହିଞ୍ଜିଳି ଥାନା ଖରିଡା ଗ୍ରାମର ନିଳାଞ୍ଚଳ ମହାରଣା (୪୦) । ଗିରଫ ନିଳାଞ୍ଚଳଙ୍କ ଠାରୁ ଚୋରୀ ୪ଟି ଚୌକିକୁ ଜବତ କରାଯାଇଛି ନେଇ ପୋଲିସ ସୂଚନା ଦେଇଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ -୫୬୮/୨୬ ରେ ଏକ ମାମଲା ରୁଜୁ କରି ଗିରଫ ୩ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଧର୍ମେନ୍ଦ୍ର

# ସ୍ୱାମୀଜୀଙ୍କ ଜୀବନୀ ଗ୍ରନ୍ଥ ୫୦ ହଜାର ଗାଁରେ ପହଞ୍ଚାଇବାକୁ ଆହ୍ୱାନ

- ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଲେ, ଯଜ୍ଞାହୁତିରେ ସାମିଲ ହେଲେ
- ସ୍ୱାମୀଜୀଙ୍କ ନୀତି-ଆଦର୍ଶ ଓ ମାର୍ଗଦର୍ଶନ ସମସ୍ତଙ୍କ ପାଇଁ ପ୍ରେରଣା



ତାଳଚେର/ଅନୁଗୋଳ,୨୧।୮(ସଂଚାର ବ୍ୟୁରୋ): ପୂଜ୍ୟ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନୀ ଉପରେ ଏକ ପ୍ରାମାଣିକ ଗ୍ରନ୍ଥ 'ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ' ପକ୍ଷରୁ ଓଡ଼ିଆ ଓ ହିନ୍ଦୀ ଭାଷାରେ ଉନ୍ମୋଚିତ ହୋଇଛି। ସ୍ୱାମୀଜୀଙ୍କ ଏହି ପବିତ୍ର ଗ୍ରନ୍ଥ ଓ ତାଙ୍କର ଫଟୋଚିତ୍ରକୁ ଓଡ଼ିଶାର ୫୦ ହଜାର ଗ୍ରାମରେ ପହଞ୍ଚାଇବା ପାଇଁ ପ୍ରୟାସ କରିବା ଆବଶ୍ୟକ ବୋଲି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏଠାକାର ଗୁରୁଜଙ୍ଗଠାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଥିଲେ ଜଣେ ମହାନ ଯୁଗପୁରୁଷ, ଆଧ୍ୟାତ୍ମିକ ସାଧକ ଓ ସନାତନ ସଂସ୍କୃତିର ପ୍ରହରୀ। ତାଙ୍କର ତ୍ୟାଗ, ସେବା, ବନବାସୀ କଲ୍ୟାଣ ଓ ରାଷ୍ଟ୍ରରକ୍ଷାର ଆଦର୍ଶ ଆମ ସମାଜକୁ ସଦାସର୍ବଦା ମାର୍ଗଦର୍ଶନ ଦେବ। ସନ୍ଥ ଭୀମ ଭୋଇଙ୍କ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ବିଚାରରେ ଅନୁପ୍ରାଣିତ ହୋଇ ସ୍ୱାମୀଜୀ ନିଜ ଜୀବନକୁ ଓଡ଼ିଶାର ଜନଜାତି ଓ ବଞ୍ଚିତ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗ କରିଥିଲେ। ସେ କନ୍ଧମାଳ ଓ ଫୁଲବାଣୀ ଭଳି ଦୁର୍ଗମ ଅଞ୍ଚଳରେ ଆଶ୍ରମ, ସଂସ୍କୃତ ବିଦ୍ୟାଳୟ ଓ କନ୍ୟାଶ୍ରମ ସ୍ଥାପନ କରି ଶିକ୍ଷା, ସଂସ୍କାର ଓ ସଂସ୍କୃତିର ପ୍ରସାର କରିଥିଲେ। ବେଆଇନ ଧର୍ମାନ୍ତରଣ ରୋକିବା, ଗୋ-ସୁରକ୍ଷା, ଆଧୁନିକ ଚାଷକାର୍ଯ୍ୟ ଓ ବୃକ୍ଷରୋପଣ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଆତ୍ମନିର୍ଭର କରିବା ସହ ନିଜ ସ୍ୱଧର୍ମ ପ୍ରତି ଗୌରବ ଜାଗ୍ରତ କରିବାରେ ତାଙ୍କର ଯୋଗଦାନ ଅତୁଳନୀୟ। ଭାଷା ଆଧାରରେ ଗଠିତ ଓଡ଼ିଶାର ଆଗାମୀ ଶତାବ୍ଦୀ ବର୍ଷ ପୂର୍ବରୁ ସ୍ୱାମୀଜୀଙ୍କ ଏହି ଶତାବ୍ଦୀ ବର୍ଷର ଆଦର୍ଶକୁ ଆତ୍ମସାତ୍ କରିବା ହିଁ ଆମର ପ୍ରାଥମିକ ଦାୟିତ୍ୱ।

ସ୍ୱାମୀଜୀଙ୍କ ପବିତ୍ର ଜନ୍ମମାଟି ଗୁରୁଜଙ୍ଗ ଗ୍ରାମକୁ ଏକ ପବିତ୍ର 'ତୀର୍ଥକ୍ଷେତ୍ର' ବା 'ଐତିହ୍ୟ ଗାଁ' ଭାବେ ଗଢ଼ିତୋଳିବା ପାଇଁ ଡବଲ ଇଞ୍ଜିନ ସରକାରଙ୍କ ପ୍ରୟାସକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ। ଏହି ପବିତ୍ର ଭୂମିକୁ ସାମାଜିକ ସଂସ୍କାର, ସ୍ୱାବଲମ୍ବନ ଓ ଆତ୍ମନିର୍ଭରଶୀଳତାର ଏକ ପ୍ରୟୋଗଶାଳାରେ ପରିଣତ କରି ଓଡ଼ିଶାର ବଞ୍ଚିତ ବର୍ଗ, ଶିଶୁ, ମାତୃଶକ୍ତି, ଯୁବ ଓ ଚାଷୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ସମାଜରେ ସ୍ୱାଭିମାନର ସହ ଜିଇଁବାର ସାମର୍ଥ୍ୟ ଦେବା ହିଁ ସ୍ୱାମୀଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ସ୍ୱାମୀଜୀଙ୍କ ପ୍ରଜ୍ୱଳିତ ସେବା ଓ ସଂସ୍କାରର ଅଲିଭା ପ୍ରଦୀପ ଯୁଗ ଯୁଗ ଧରି ସମାଜକୁ ଆଲୋକିତ କରିବ ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି।

## ୨୭ ତାରିଖ ଯାଏ ପ୍ରବଳ ବର୍ଷା



ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ) : ୨୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା। ଆଜି ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ପାଇଁ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି କାଲି ଏବଂ ୨୩ ତାରିଖ ଦୁଇ ଦିନ ଅଧା ଓଡ଼ିଶାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ୨୪ ତାରଖରୁ ବଢ଼ିବ ବର୍ଷା। ୨୭ ତାରିଖ କେନ୍ଦୁଝର ଏବଂ ମୟୂରଭଞ୍ଜରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଅନ୍ୟପଟେ ଆସୁଛି ଆଉ ଏକ ଲଘୁଚାପ !! ଆସନ୍ତା ୨୨ ଓ ୨୩ ଆଡ଼କୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ବିଶେଷକରି ପଶ୍ଚିମ, ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ। ବିଶେଷକରି ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର କିଛି ସ୍ଥାନରେ ଝଡ଼ବର୍ଷା ନେଇ ସତର୍କ କରାଯାଇଛି। ଅପରପକ୍ଷେ ଗୁରୁବାର ୧୦ ସହରର ତାପମାତ୍ରା ୩୪ ଡିଗ୍ରୀ ଉପରେ ରହିଥିଲା। ଭଦ୍ରକରେ ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ କରାଯାଇଥିଲା।

## ଟ୍ରେନ ଧକ୍କାରେ ଯୁବକ ମୃତ



ବାରଙ୍ଗ,୨୧।୮ (ସଂଚାର ବ୍ୟୁରୋ) : ମଞ୍ଚେଶ୍ୱର ରେଳ ଷ୍ଟେସନରେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ଯୁବକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ପାଖାପାଖି ୪୦ ହେବ। ସେ ଆଖପାଖ ଅଞ୍ଚଳରେ କାର୍ଯ୍ୟ କରୁଥିବା ଅନୁମାନ କରାଯାଉଛି। ଯୁବକ ଜଣଙ୍କ ଆକାଶିଆ ରଙ୍ଗର ପ୍ୟାଣ୍ଟ ଓ ହଳଦିଆ ରଙ୍ଗର ଟି-ଶାର୍ଟ ପିନ୍ଧିଛନ୍ତି। ଅପରାହ୍ନ ୧ଟା ସମୟରେ ଯୁବକ ଜଣଙ୍କ ରେଳ ଷ୍ଟେସନରେ ଟ୍ରେନ ଲାଇନ ଉପରେ ଅପର ପାର୍ଶ୍ୱକୁ ଅତିକ୍ରମ କରୁଥିବା ସମୟରେ ହାଓଡ଼ା ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଯୁବକଙ୍କ ମୃତ୍ୟୁ ଘଟିଛି। ଟ୍ରେନଟି ବେଙ୍ଗାଲୁରୁରୁ ହାୱଡା ଅଭିମୁଖେ ଯାଉଥିଲା। ମଞ୍ଚେଶ୍ୱର ଜିଆରପି ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଭୁବନେଶ୍ୱର ଜିଆରପି ଥାନାରେ ୫୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି।

## ଭୁଶୁଡ଼ିଲା ଓୟୁଏଟି ନିର୍ମାଣାଧୀନ ଗେଟ୍ ଛାତ, ଶ୍ରମିକ ଆହତ



ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ) : ଭୁବନେଶ୍ୱର ଓୟୁଏଟିରେ ଅଘଟଣ। ଓୟୁଏଟି ମହାବିଦ୍ୟାଳୟର ନିର୍ମାଣାଧୀନ ଗେଟ୍ର ଭୁଶୁଡ଼ିଲା ଛାତ। ଆଜି ଛାତ ଢଳେଇ ପଡୁଥିବା ବେଳେ ଘଟିଛି ଅଘଟଣ। ଭୁଶୁଡ଼ିଥିବା ଗେଟ୍ ତଳେ କିଛି ଶ୍ରମିକ ଥିବା ବେଳେ ଛାତଟି ଖସି ପଡ଼ିଥିଲା। ତେବେ ସଠିକ୍ ଭାବରେ ସେଣ୍ଟରିଂ ହୋଇ ନ ଥିବାରୁ ଛାତ ଖସି ପଡିଥିବା ଶ୍ରମିକମାନେ କହିଛନ୍ତି। ଆହତ ଶ୍ରମିକମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଏ ନେଇ କୃଷି ମହାବିଦ୍ୟାଳୟର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଭଡ଼ାଘରୁ ପୁଲିସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର



ଭବାନୀପାଟଣା,୨୧।୮(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର ପୁରୁଣାପଡ଼ାର ଏକ ଭଡ଼ା ଘରୁ ଆଜି ଜଣେ ଡିଭିଏଫ (ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ) ପୁଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ପୁଲିସ କର୍ମଚାରୀଙ୍କ ନାମ ରାଜିନ୍ଦ୍ର ଦଣ୍ଡସେନା (୨୮) ହୋଇଥିବା ବେଳେ ତାଙ୍କ ଘର ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କାଦୋପଦର ବୋଲି ଜଣାପଡ଼ିଛି। ଭବାନୀପାଟଣା ରିଜର୍ଭ ପୁଲିସଠାରେ ଗତ ୩ ବର୍ଷ ହେଲା ସେ କାର୍ଯ୍ୟରତ ଥିବା ବେଳେ ପୁରୁଣାପଡ଼ାର ଭଡ଼ା ଘରେ ଏକାକୀ ରହୁଥିଲେ। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ, ସେନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ପରେ ଟାଉନ ଥାନା ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଭବାନୀପାଟଣା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (୩୭/୨୦୨୬) ରୁଜୁ ହୋଇଛି।

## ସ୍ୱାମୀଙ୍କ ହାତଗୋଡ଼ ବାନ୍ଧି ସ୍ତ୍ରୀଙ୍କ କାନଫୁଲ ଝାମ୍ପିନେଲେ ଦୁର୍ବୃତ୍ତ



ନବରଙ୍ଗପୁର,୨୧।୮ (ସଂଚାର ବ୍ୟୁରୋ) : ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଦହଣା ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଉମେଶ ଚନ୍ଦ୍ର ରଥଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଛି। ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗୁରୁବାର ରାତିରେ ପ୍ରାୟ ୮ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଦହଣା ଗ୍ରାମର ଉମେଶ ଚନ୍ଦ୍ର ରଥଙ୍କ ଘରେ ପଶିଥିଲେ। ଠାକୁର ଘରର ଝରକା ଭାଙ୍ଗି ଘର ଭିତରକୁ ପ୍ରବେଶ କରିବା ପରେ ଦୁର୍ବୃତ୍ତମାନେ ଉମେଶଙ୍କୁ ଆକ୍ରମଣ କରିଥିବା ସହ ପ୍ରବଳ ମାଡ଼ ମାରିବା ସହିତ ହାତ ବାନ୍ଧି ଦେଇଥିଲେ ଏବଂ ବେକରେ ଭୁଜାଲି ରଖି ଅନ୍ୟ ଏକ ବଖରାରେ ଶୋଇଥିବା ତାଙ୍କ ସ୍ତ୍ରୀ ପୁଷ୍ପଲତା ଦାଶଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ କରି ପ୍ରବଳ ମାଡ଼ ମାରିବା ସହିତ ତାଙ୍କ ହାତ ବାନ୍ଧି ବେକରେ ଭୁଜାଲି ରଖି ସୁନାର କାନଫୁଲ ଟାଣି କାନ ଛିଡାଇ ଦେଇଥିଲେ ଏହାସହ ଭୟଭୀତ କରି ଦୁର୍ବୃତ୍ତମାନେ ଘରେ ଥିବା ଗଡରେଜ ଭାଙ୍ଗି ନଗଦ ୨ ଲକ୍ଷ ୧୦ ହଜାର ଟଙ୍କା, ୫ ଭରି ଓଜନ ସୁନାର ଗୋଟିଏ ସୁନା ହାର, ୨ଟି ସୁନା ମୁଦି, ଗୋଟିଏ ସୁନା କାନଫୁଲ, ୨ଟି ସୁନା ଲକେଟ, ମଙ୍ଗଳ ସୂତ୍ର ଆଦି ଲୁଟି ନେଇଥିବା ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ନିକଟସ୍ଥ ସିସିଟିଭି ଯାଞ୍ଚ କରିବା ସହିତ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯିବ ବୋଲି ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା କହିଛନ୍ତି।

ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୁଳପତିଙ୍କ ଉଚ୍ଚସ୍ତରୀୟ ବୈଠକ

## ରିକ୍ତ ପଦବୀ ଯଥାଶୀଘ୍ର ପୂରଣ ହେବ

■ ବିଶ୍ୱବିଦ୍ୟାଳୟରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସୁଦୃଢ଼ ହେଉ: ମନ୍ତ୍ରୀ



ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ପିଜି କାଉନସିଲ ଅଧ୍ୟକ୍ଷଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ବିଶ୍ୱବିଦ୍ୟାଳୟର କାର୍ଯ୍ୟାବଳୀ ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବୀଗୁଡ଼ିକୁ ଖୁବଶୀଘ୍ର ପୂରଣ କରାଯିବା ଉପରେ ମନ୍ତ୍ରୀ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଛନ୍ତି। ନିଯୁକ୍ତି ପ୍ରକ୍ରିୟା ପାଇଁ ବିଷୟ ଭିତ୍ତିକ ଚୟନ କମିଟି ଗଠନଠାରୁ ଆରମ୍ଭ କରି ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଉଚ୍ଚଶିକ୍ଷା ମନ୍ତ୍ରୀ ସମସ୍ତ କୁଳପତିଙ୍କ ସହ ଆଲୋଚନା କରିଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ ହେବା ପରେ ନୂତନ ପାଠ୍ୟକ୍ରମ ପ୍ରସ୍ତୁତ ହେବା ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଏହାର କାର୍ଯ୍ୟକାରିତାକୁ ନେଇ ଆଜିର ବୈଠକରେ ଆଲୋଚନା କରାଯାଇଥିଲା। ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଇନ୍‌ଟର୍ନସିପ୍ ସୁଯୋଗ ପ୍ରଦାନ କରିବା ଓ ଆପରେଣ୍ଟିସିପ୍ ଏମବେଡେଡ ଡିଗ୍ରୀ ପ୍ରୋଗ୍ରାମ (ଏଇଡିପି) ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଆପରେଣ୍ଟିସିପ୍ ପ୍ରଦାନ କରିବା, ଆଗାମୀ ଦିନରେ ଅଧିକରୁ ଅଧିକ ପାଠ୍ୟକ୍ରମରେ ଏଇଡିପିକୁ ଲାଗୁ, ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣାକୁ ପ୍ରୋତ୍ସାହନ ଦେବା, ସେଣ୍ଟର ଅଫ୍ ଏକ୍ସିଲେନ୍ସର ସ୍ଥାପନ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଉଚ୍ଚଶିକ୍ଷା ବିଭାଗକମିଶନର ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଶାସନ ସଚିବ ସଂଗ୍ରାମ ଶେଖର ପଣ୍ଡା, ଧରଣୀଧର ନନ୍ଦ, ପ୍ରତିଭା ସାହୁ ଉପସ୍ଥିତ ଥିଲେ।

ଏମ୍‌ଏମ୍‌ଡିଆର୍ ସଂଶୋଧନ ପ୍ରସଙ୍ଗ

## ପଦାରେ ପଡ଼ିଛି ବିଜେଡିର ମିଥ୍ୟା ପ୍ରୋପଗାଣ୍ଡା: ବାବୁ ସିଂ



- ବିଜେପି ତଥ୍ୟ ଆଧାରରେ ଆଲୋଚନା ପାଇଁ ପ୍ରସ୍ତୁତ
- ନବୀନ ବାବୁଙ୍କ ଶାସନରେ ବଡ଼ ଖଣି ଲୁଟ୍ ହୋଇଥିଲା

ଭୁବନେଶ୍ୱର,୨୧।୮(ସଂଚାର ବ୍ୟୁରୋ): ମୋଦି ସରକାରଙ୍କ ଏମଏମଡିଆର୍ (ସଂଶୋଧନ) ବିଲ୍-୨୦୨୬କୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାବାସୀଙ୍କ ସମ୍ମୁଖରେ ସତ୍ୟ ଓ ତଥ୍ୟ ରଖିବା ପରେ ବିଜେଡି ସମ୍ପୂର୍ଣ୍ଣ ବିଚଳିତ ହୋଇପଡ଼ିଛି ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି।

ସେ କହିଛନ୍ତି ଯେ ବିଜେଡି ନେତା ଅରୁଣ ସାହୁ ଏହି ବିଲ୍‌କୁ ନ ପଢ଼ି ନ ବୁଝି ବାଉଳି ହୋଇ ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛନ୍ତି। ତେଣୁ ସେ ପ୍ରଥମେ ବିଲ୍‌କୁ ପଢ଼ନ୍ତୁ, ବୁଝନ୍ତୁ ଓ ତା'ପରେ ଆଲୋଚନା କରନ୍ତୁ। ଏମଏମଡିଆର ସଂଶୋଧନ ଓଡ଼ିଶାର ଖଣି ଉପରେ ଅଧିକାର କିମ୍ବା ରାଜ୍ୟର ରାଜସ୍ୱ ଅଧିକାର ଛଡ଼ାଇ ନେଉନାହିଁ। କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ ଖଣି କ୍ଷେତ୍ରର ଟ୍ୟାକ୍ସ ଓ ଷ୍ଟାଚ୍ୟୁଟାରୀ ପେମେଣ୍ଟର ସବୁ ଲାଭ ଯେମିତି ରାଜ୍ୟଗୁଡ଼ିକ ପାଇଥାନ୍ତି ଓ ଏହି ବ୍ୟବସ୍ଥା ଜାରି ରହିବ। ତେଣୁ ରାଜ୍ୟର ଅଧିକାର ଛଡ଼ାଇ ନିଆଯାଉଛି ବୋଲି ମିଥ୍ୟା ଭୟ ସୃଷ୍ଟି କରିବା ବିଜେଡି ବନ୍ଦ କରୁ ବୋଲି ଶ୍ରୀ ସିଂ ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି ଯେ ନବୀନ ବାବୁଙ୍କ ଶାସନକାଳରେ ହୋଇଥିବା ଅପକର୍ମ, କୁଶାସନ ଓ ୨୪ ବର୍ଷର ବ୍ୟାପକ ଖଣି ଲୁଟ୍‌କୁ ଲୁଚାଇବା ପାଇଁ ବିଜେଡି ଆଜି କେନ୍ଦ୍ର ସରକାରଙ୍କ ଉପରେ ମିଥ୍ୟା ଦୋଷ ଲଦୁଛି। ଗତ ୨୦୧୫ରେ ମୋଦି ସରକାର ଆସିବା ପରେ ଖଣି ନିଲାମ ବାଧ୍ୟତାମୂଳକ ହେଲା, ସ୍ୱଚ୍ଛତା ଆସିଲା, ରୟାଲଟି ବୃଦ୍ଧି ପାଇଲା ଓ ଡିଏମଏଫ ପାଣ୍ଠି ସୃଷ୍ଟି ହେଲା। ସିଏଜି ଅଡିଟ୍ ରିପୋର୍ଟ ଅନୁସାରେ ନବୀନ ସରକାର ଖଣି ପ୍ରଭାବିତ ଅଞ୍ଚଳର ପାଣ୍ଠି ବିଭ୍ରାଟ କରିଛନ୍ତି। ୯୭୬ଟି ଅଣପ୍ରଭାବିତ ଗାଁରେ ୯୮୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୫୮୪ଟି ପ୍ରତ୍ୟକ୍ଷ ଖଣି ପ୍ରଭାବିତ ଗାଁରେ ଗୋଟିଏ ହେଲେ ପ୍ରକଳ୍ପ କରାଯାଇନଥିଲା। ସଂସଦୀୟ ଗଣତନ୍ତ୍ରର ଉପଦେଶ ଦେଉଥିବା ବିଜେଡି ନିଜ ଶାସନ କାଳରେ ଓଡ଼ିଶା ବିଧାନସଭାରେ ବିନା ଆଲୋଚନାରେ ବିଲ୍ ପାସ୍ କରାଉଥିଲା। ଅପରପକ୍ଷରେ ୨୦୧୫ରେ ମୋଦି ସରକାର 'ନିଲାମ' ବାଧ୍ୟତାମୂଳକ କରିବା ପରେ ଓଡ଼ିଶାର ଖଣି ରାଜସ୍ୱ ୫ ହଜାର କୋଟିରୁ ୫୦ ହଜାର କୋଟିକୁ ବୃଦ୍ଧି ପାଇଛି। କିନ୍ତୁ ୨୪ ବର୍ଷ ଶାସନ ପରେ ନବୀନ ବାବୁ ଓଡ଼ିଶାବାସୀଙ୍କ ମୁଣ୍ଡରେ ୯୬ ହଜାର କୋଟିରୁ ଊର୍ଦ୍ଧ୍ୱ ଋଣ ବୋଝ (ମୁଣ୍ଡପିଛା ୨୬,୦୦୦ ଟଙ୍କା) ଲଦି ଦେଇଗଲେ। ଆଜି ଟନ୍ ପିଛା ୩,୦୦୦ ଟଙ୍କାର ଲୁହାପଥର ବିକ୍ରିରୁ ପ୍ରିମିୟମ, ରୟାଲଟି ଓ ଡିଏମ୍‌ଏଫ ମିଶି ମୋଟ ୩,୭୯୫ ଟଙ୍କା ସିଧାସଳଖ ରାଜ୍ୟ ରାଜକୋଷକୁ ଆସୁଛି। ଯେଉଁ ଦଳର ଶୀର୍ଷ ନେତା ନବୀନ ପଟ୍ଟନାୟକ କାଗଜ କିମ୍ବା ଟେଲିପ୍ରମ୍ପଟର ନ ଦେଖି ଦୁଇ ଧାଡ଼ି ଓଡ଼ିଆ କହିପାରନ୍ତି ନାହିଁ, ସେମାନେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉପଦେଶ ଦେବା ହାସ୍ୟାସ୍ପଦ। ଧର୍ମେନ୍ଦ୍ର ପ୍ରଧାନ ଛାତ୍ର ସଂଗଠନରୁ ଲଢ଼େଇ କରିଆସିଛନ୍ତି, ତାଙ୍କୁ ଟେଲିପ୍ରମ୍ପଟର ଦରକାର ନାହିଁ। ତେଣୁ ବିଜେଡି ନେତାମାନେ ମନଗଢ଼ା କାହାଣୀ ନ କହି ସ୍ଥାନ ଓ ସମୟ ଧାର୍ଯ୍ୟ କରି ତଥ୍ୟ ସହ ଖୋଲା ବିତର୍କକୁ ଆସିବାକୁ ଶ୍ରୀ ସିଂ ଆହ୍ୱାନ ଦେଇଛନ୍ତି।

## ଆର୍ଥିକ ଅନିୟମିତତା ମାମଲା: ରତିକାନ୍ତଙ୍କୁ ଗିରଫ କଲା ଇଡି



ଭୁବନେଶ୍ୱର,୨୧।୮ (ସଂଚାର ବ୍ୟୁରୋ) : ଆର୍ଥିକ ଅନିୟମିତତା ମାମଲାରେ ବ୍ୟବସାୟୀ ରତିକାନ୍ତ ରାଉତଙ୍କୁ ଗିରଫ କଲା ଇଡି। ଢେଙ୍କାନାଳରେ ପଥର ଖଣି ଓ କ୍ରସର ବ୍ୟବସାୟ ସହ ଜଡ଼ିତ ରତିକାନ୍ତ। ୨୦୨୦ରୁ ଚାଲିଥିଲା ଇଡିର ତଦନ୍ତ। ଆର୍ଥିକ ଅନିୟମିତତା ମାମଲାରେ ଓଡ଼ିଶାର ବ୍ୟବସାୟୀ ରତିକାନ୍ତ ରାଉତଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଗୁରୁବାର ଭୁବନେଶ୍ୱରରେ ତାଙ୍କୁ ଗିରଫ କରାଯାଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ରତିକାନ୍ତ ଭୁବନେଶ୍ୱରର କଳାରାହାଙ୍ଗ ଅଞ୍ଚଳର ବାସିନ୍ଦା। ସେ ଢେଙ୍କାନାଳ ଜିଲ୍ଲାରେ ପଥର ଖଣି ଓ ଷ୍ଟୋନ୍ କ୍ରସର ବ୍ୟବସାୟ ସହ ଜଡ଼ିତ। ତାଙ୍କ ବିରୋଧରେ ଥିବା କେତେକ ଏଫ୍‌ଆଇଆର୍ ଓ ଚାର୍ଜସିଟ୍କୁ ଆଧାର କରି ଇଡି ୨୦୨୦ ମାର୍ଚ୍ଚରେ ମନି ଲଣ୍ଡରିଂ ନିରୋଧ ଆଇନ ଅଧୀନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଇଡି ତଦନ୍ତ ସମୟରେ ରତିକାନ୍ତଙ୍କ ବ୍ୟାଙ୍କ ରେକର୍ଡ, ବ୍ୟବସାୟିକ କାରବାର ଏବଂ ଅନ୍ୟାନ୍ୟ ଆର୍ଥିକ ନେଣଦେଣର ଯାଞ୍ଚ କରିଥିଲା। ପୂର୍ବରୁ ତାଙ୍କର ତିନିଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ମୋଟ ୨୫.୦୮ ଲକ୍ଷ ଟଙ୍କାକୁ ଇଡି ଅପରାଧରୁ ଅର୍ଜିତ ଅର୍ଥ ବୋଲି ଅଭିଯୋଗ କରି ୨୦୨୪ରେ ଅସ୍ଥାୟୀ ଭାବେ ଆଟାଚ୍ କରିଥିଲା। ଏହି ଆଟାଚମେଣ୍ଟକୁ ପରେ ଆଡଜୁକେଟିଂ ଅଥରିଟି ମଧ୍ୟ ନିଶ୍ଚିତ କରିଥିଲେ ଏବଂ ଏହା ବିରୋଧରେ ରତିକାନ୍ତଙ୍କ ଅପିଲ୍ ହୋଇଥିଲା। ଏହାପରେ ୨୦୨୫ରେ ଇଡି ଆଉ ଏକ ଅସ୍ଥାୟୀ ସମ୍ପତ୍ତି ଆଟାଚମେଣ୍ଟ ଆଦେଶ ଜାରି କରିଥିଲା। ତେବେ ଏହି ଦ୍ୱିତୀୟ ଆଟାଚମେଣ୍ଟକୁ ଓଡ଼ିଶା ହାଇକୋର୍ଟ ପରବର୍ତ୍ତୀ ସମୟରେ ରଦ୍ଦ କରିଥିଲେ। ହାଇକୋର୍ଟ କହିଥିଲେ ଯେ ସମାନ ତଦନ୍ତ ଓ ସମାନ ଅଭିଯୋଗ ଆଧାରରେ ଦ୍ୱିତୀୟ ଥର ଆଟାଚମେଣ୍ଟ କରାଯିବା ଆଇନସମ୍ମତ ନୁହେଁ। ଏବେ ପୁରୁଣା ଆର୍ଥିକ ଅନିୟମିତତା ଓ ମନି ଲଣ୍ଡରିଂ ତଦନ୍ତ ସହ ଜଡ଼ିତ ମାମଲାରେ ଇଡି ରତିକାନ୍ତଙ୍କୁ ଗିରଫ କରିଛି। ତାଙ୍କୁ ପିଏମ୍‌ଏଲ୍‌ଏ ଅଧୀନରେ ସମ୍ପୃକ୍ତ ଅଦାଲତରେ ହାଜର କରାଯାଇ ରିମାଣ୍ଡ ମାଗିବାର ସମ୍ଭାବନା ରହିଛି। ଏହି ଘଟଣାର ଆଉ ଏକ ଚର୍ଚ୍ଚିତ ଦିଗ ହେଉଛି ବର୍ଷେ ପୂର୍ବର ଏକ ଲାଞ୍ଚ ମାମଲା। ରତିକାନ୍ତଙ୍କ ଅଭିଯୋଗ ଆଧାରରେ ସିବିଆଇ ବରିଷ୍ଠ ଇଡି ଅଧିକାରୀ ଚିନ୍ତନ ରଘୁବଂଶୀଙ୍କ ବିରୋଧରେ ଲାଞ୍ଚ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା।

ସିବିଆଇର ଏଫ୍‌ଆଇଆର୍ ଅନୁସାରେ, ରତିକାନ୍ତଙ୍କୁ ମନି ଲଣ୍ଡରିଂ ମାମଲାରେ ରିହାତି ଦେବା ବା ତାଙ୍କ ବିରୋଧରେ କଠୋର ପଦକ୍ଷେପ ନ ନେବା ପାଇଁ ରଘୁବଂଶୀ ପ୍ରଥମେ ୨ କୋଟି ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ଥିଲା। ପରେ ଏହି ରାଶି ୫୦ ଲକ୍ଷ ଟଙ୍କାରେ ସ୍ଥିର ହୋଇଥିବା ସିବିଆଇ ଅଭିଯୋଗ କରିଥିଲା। ଏହି ଅଭିଯୋଗ ପରେ ସିବିଆଇ କାର୍ଯ୍ୟାନୁଷ୍ଠାନ ନେଇ ରଘୁବଂଶୀଙ୍କୁ ଗିରଫ କରିଥିଲା। ତେବେ ସିବିଆଇର ଲାଞ୍ଚ ମାମଲା ଏବଂ ଇଡିର ରତିକାନ୍ତଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଦୁଇଟି ପୃଥକ୍ ଆଇନଗତ ପ୍ରକ୍ରିୟା। ରତିକାନ୍ତଙ୍କ ଗିରଫକୁ ପୂର୍ବ ଲାଞ୍ଚ ଅଭିଯୋଗ ସହ ସିଧାସଳଖ ଯୋଡ଼ିବା ନେଇ ଏପର୍ଯ୍ୟନ୍ତ କୌଣସି ଅଧିକୃତ ତଥ୍ୟ ସାମ୍ନାକୁ ଆସିନାହିଁ।

## ସ୍ତ୍ରୀ ଫେରିବ ବୋଲି ନରବଳି, ଜଣେ ଗିରଫ



ବଲାଙ୍ଗିର,୨୧।୮ (ସଂଚାର ବ୍ୟୁରୋ) : ବଲାଙ୍ଗିର ଥାନା ବଗଡା ଗାଁରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ପାରିବାରିକ ଶାନ୍ତି ଓ ସ୍ୱାମୀ ସ୍ତ୍ରୀ ବିବାଦ ସମାଧାନ ସହିତ ସ୍ତ୍ରୀ ନିଜଘରକୁ ଫେରିବ ବୋଲି ନରବଳି। ବଲାଙ୍ଗିର ଜିଲ୍ଲାରେ ଆଜି ବି ଅନ୍ଧବିଶ୍ୱାସରେ ଆଧୁନିକ ମଣିଷ। ବଗଡା ଗାଁରେ ବିଭତ୍ସ ଘଟଣା ଘଟିଛି। ମୃତକ ହେଲେ ସନ୍ତୋଷ ଖର୍ସେଲ। ଗତକାଲି ବଗଡା ଗାଁର ଏକ ଗାଡିଆରୁ ସନ୍ତୋଷଙ୍କ ମୁଣ୍ଡ ବିହୀନ ମୃତଦେହ ଦେଖିବାକୁ ମିଳିଥିଲା। ପୁଲିସ ଘଟଣାର ତଦନ୍ତ କରିବା ପରେ ଅଭିଯୁକ୍ତ ଶତ୍ରୁଘ୍ନ ସାହୁର ଘରେ ମୁଣ୍ଡ ପୋତା ହୋଇଥିବା ଜାଣିବାକୁ ପାଇଥିଲା। ଗୋଟିଏ ବର୍ଷ ହେବ ଶତ୍ରୁଘ୍ନର ସ୍ତ୍ରୀ ଶଶୁଘର ଛାଡି ବାପଘରେ ରହୁଛନ୍ତି। ପୁଲିସ ଶତ୍ରୁଘ୍ନକୁ ଗିରଫ କରି କଟା ମୁଣ୍ଡ ଜବତ କରିବା ପରେ ହତ୍ୟାକାଣ୍ଡ ଘଟଣା ପଦାକୁ ଆସିଛି। ମୃତକ ସନ୍ତୋଷକୁ ତୁଷୁରାରୁ ଡାକି ଆଣି ବଳି ଦେଇଥିବା କଥା ଜଣାପଡିଛି। ଅଭିଯୁକ୍ତ ନିଜ ଘରେ ବଳି ପାଇଁ ଜୀବନ କରିଛି। ତେବେ ପୁଲିସ ଘଟଣାର ତଦନ୍ତ କରି ଏହା ଏକ ବଳି ପାଇଁ ଜୀବନ ଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବଲାଙ୍ଗିର ଏସ.ପି।

ଝାଉଁ ନାଁରେ କୋଟି କୋଟି ଟଙ୍କା ହଡ଼ପ ମାମଲା

# ଖବର ପ୍ରକାଶ ପରେ ଜଙ୍ଗଲରେ ଡ୍ରୋନ, ଜିପିଏସ ଚଢ଼ାଉ

- ଏସିଏଫଙ୍କ ନେତୃତ୍ୱରେ ୩ ଟିମ୍‌ର ସର୍ଭେ
- ସବୁ ଡିଟେକ୍ଟ ହେବ କହିଲେ ଏସିଏଫ
- ଭିଜିଲାନ୍ସ ଏକମାତ୍ର ବାଟ କହିଲେ ଗ୍ରାମବାସୀ



ସଂଚାର ପ୍ରଭାବ

କାକଟପୁର/ଅସ୍ତରଙ୍ଗ,୨୧।୮(ସଂଚାର ବ୍ୟୁରୋ): ସମୁଦ୍ର କୂଳର ସୁରକ୍ଷା କବଚ ଝାଉଁ ଜଙ୍ଗଲରେ ଏବେ ମହାଲୁଟ୍ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳରେ ଝାଉଁ ଚାରା ରୋପଣ ନାଁରେ କୋଟି କୋଟି ଟଙ୍କା ହଡ଼ପ ଅଭିଯୋଗ ଏବେ ଗମ୍ଭୀର ରୂପ ନେଇଛି। ଏହା ଛୋଟ ନୁହେଁ ବଡ଼ ଧରଣର ସ୍କାମ୍ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଫିଲୁ ବେହେରାଙ୍କ ସମେତ ଗ୍ରାମବାସୀ ପ୍ରଥମେ ସ୍ୱର ଉଠାଇଥିଲେ ଯେ ୨୦୨୪-୨୫ରେ କାମ୍ପା ଓ ମନରେଗା ଯୋଜନାରେ ସହନଠାରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଟଙ୍କାରେ ଚାରା କାଗଜରେ ଦେଖାଯାଇଛି। ହେଲେ ଜମିରେ କେବଳ ବାଲି ଆଉ ଶୁଖିଲା ଡାଙ୍ଗ ଅଛି। ସରକାରୀ ଟଙ୍କା କେମିତି ବାଲିରେ ମିଶିଲା ତାକୁ ନେଇ ଏବେ ପ୍ରଶ୍ନ।

ସେହିପରି ଗତ ୪ ତାରିଖରେ ଦୈନିକ 'ସଂଚାର'ରେ ଏହି ଲୁଟ୍ ଖବର ପ୍ରକାଶ ପାଇବା ପରେ ପ୍ରଶାସନରେ ହଲଚଲ ହୋଇଥିଲା। ଗତ ୯ ତାରିଖରେ ରୁଦ୍ରପ୍ରସାଦ ଲେଙ୍କା ଓ ଅମିୟ ବାରିକ ମୁଖ୍ୟମନ୍ତ୍ରୀ ଜନଶୁଣାଣି ପୋର୍ଟାଲରେ ଲିଖିତ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଫାଇଲ ଜଙ୍ଗଲ ଓ ପରିବେଶ ସଚିବ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଦେଇ ଗତ ୧୦ ତାରିଖରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ନିକଟରେ ପହଞ୍ଚିଥିଲା। ଗୁରୁତ୍ୱ ଦେଖି ବନଖଣ୍ଡ ଅଧିକାରୀ ଗତ ୧୩ ତାରିଖରେ ଦୁଇଟି ମେମୋ ଜାରି କରି ସହକାରୀ ବନ ସଂରକ୍ଷକ ନୀଳମାଧବ ସାହୁଙ୍କୁ ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ୧୦ ଦିନରେ ରିପୋର୍ଟ ମାଗିଥିଲେ।

ଏହାପରେ ଆଜି ସକାଳୁ ବଡ଼ ତଦନ୍ତ ଆରମ୍ଭ ହୋଇଛି। ପୁରୀ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ସହକାରୀ ବନ ସଂରକ୍ଷକ ନୀଳମାଧବ ସାହୁଙ୍କ ନେତୃତ୍ୱରେ ୩ଟି ଟିମ ଗଠନ ପ୍ରାତଃ ୮ଟାରୁ ଅପରାହ୍ନ ୨ଟା ଯାଏଁ ଅସ୍ତରଙ୍ଗ ବନାଞ୍ଚଳର ବିଭିନ୍ନ ସ୍ଥାନରେ ସର୍ଭେ କରିଛନ୍ତି। ଏହି ତଦନ୍ତ ୨ ଦିନ ଚାଲିବ ବୋଲି ଜଣାପଡ଼ିଛି। ଏ ନେଇ ସହକାରୀ ବନ ସଂରକ୍ଷକ କହିଛନ୍ତି ଯେ ପ୍ଲାନିଂ ଅନୁସାରେ ଅଲଗା ଅଲଗା କାମ ଦିଆଯାଇଛି। ପ୍ରଥମେ ସୀମା ନିର୍ଦ୍ଧାରଣ ପରେ ଡ୍ରୋନ କ୍ୟାମେରା, ଜିପିଏସ ଓ ଫଟୋଗ୍ରାଫି ମାଧ୍ୟମରେ ଟେକ୍ନିକାଲ ଆସେସମେଣ୍ଟ ହେବ। ଯାହା ରିପୋର୍ଟ ଥିବ, ଯାହା ରିଜନ ଥିବ ସବୁ ଡିଟେକ୍ଟ ହେବ। ୨ ଦିନ ପରେ ରିପୋର୍ଟ ବନଖଣ୍ଡ ଅଧିକାରୀଙ୍କୁ ଦିଆଯିବ। ଟିମ୍‌ରେ କୋଣାର୍କ ରେଞ୍ଜର୍ ସୁଦର୍ଶନ ଦେହୁରୀ, ବନପାଳ ସବୀର ସାହୁଙ୍କ ସମେତ ୧୦ରୁ ଅଧିକ କର୍ମଚାରୀ ଅଛନ୍ତି। ତେବେ ଗ୍ରାମବାସୀ ଆହୁରି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ଅନୁସାରେ, ଖବର ପ୍ରକାଶ ପାଇବା ପରେ ରାତିରେ ଚାରା ଆଣି ଭୋର୍‌ରୁ ରୋପଣ ହେଉଛି। ଗତ ୪ରୁ ଆଜି ପର୍ଯ୍ୟନ୍ତ ପ୍ରତିଦିନ ୨ ହଜାର ଗଛ ଲାଗୁଛି। ଏଯାଏଁ ୧୦ ହଜାରରୁ ଅଧିକ ଗଛ ଲାଗିସାରିଲାଣି। ତେବେ ଏପରି ତରବରିଆ ଚାରା ରୋପଣ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବାକୁ ଉଦ୍ଦିଷ୍ଟ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ତେଣୁ ଏହି ମାମଲାର ତଦନ୍ତ ବନ ବିଭାଗ ନ କରି ବରଂ ଭିଜିଲାନ୍ସ କରିବା ଉଚିତ, ଯାହାଦ୍ୱାରା ଝାଉଁ ବଣ ନାଁରେ କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିବା କାର୍ପଟଦୋରମାନେ ଜେଲ୍ ଯିବେ।

## ଆନ୍ଧ୍ର ସାଂସଦଙ୍କ ପୁଅ ଗାଡ଼ି ଧକ୍କାରେ ଓଡ଼ିଆ ଝିଅ ମୃତ



ରାଇରଙ୍ଗପୁର ,୨୧।୮ (ସଂଚାର ବ୍ୟୁରୋ) : ଆନ୍ଧ୍ର ପ୍ରଦେଶ ସାଂସଦ ଏଲ୍. ରମେଶଙ୍କ ପୁଅଙ୍କୁ ନେଇ ଏବେ ଚର୍ଚ୍ଚା ଥମୁନି। ତାଙ୍କ କାର୍ ଧକ୍କାରେ ଜଣେ ଯୁବତୀଙ୍କର ମୃତ୍ୟୁ ଘଟିଛି। ଆଉ ସେହି ଯୁବତୀ ଜଣକ ହେଉଛନ୍ତି ଓଡ଼ିଆ ଝିଅ ଭାରତୀ ମୁଖୀ। ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବନ୍ତାଳିଗଡ଼ା ଗାଁରେ। ସେ ହାଇଦ୍ରାବାଦର ଏକ ମଲ୍‌ରେ ସେଲ୍ସ ଗାର୍ଲ ଭାବେ କାମ କରୁଥିଲେ। ନିଜର ଜଣେ ସହଯୋଗୀଙ୍କ ସହିତ ଖାଇବା ଆଣିବ ଲାଗି ବାହାରକୁ ଯାଇଥିବା ବେଳେ ସାଂସଦଙ୍କ ପୁଅ ଲିଙ୍ଗାମନେନି ସଞ୍ଜୁଷଙ୍କ କାର୍ ତାଙ୍କ ଧକ୍କା ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଘଟଣାରେ ପୁଲିସ୍ ଏପର୍ଯ୍ୟନ୍ତ ସଞ୍ଜୁଷଙ୍କୁ ଗିରଫ କରି ନାହିଁ। ଦୁର୍ଘଟଣା ପରେ ସଞ୍ଜୁଷ ନିଜ କାରରେ ହସପିଟାଲ ନେବା ସହ ପୁଲିସକୁ ସୂଚନା ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ରିଜର୍ଭ ବ୍ୟାଙ୍କ ବୋର୍ଡରେ ମହିନ୍ଦ୍ରା, ସୋମନାଥଙ୍କୁ ନିଯୁକ୍ତି

ମୁମ୍ବାଇ,୨୧।୮ : ଭାରତୀୟ ରିଜର୍ଭ ବ୍ୟାଙ୍କର କେନ୍ଦ୍ରୀୟ ବୋର୍ଡରେ ମହିନ୍ଦ୍ରା ଗ୍ରୁପ୍‌ର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରାଙ୍କୁ ପୁଣିଥରେ ଅସ୍ଥାୟୀ ନନ୍ ଅଫିସିଆଲ୍ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏଥିସହ ପୂର୍ବତନ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥଙ୍କୁ ମଧ୍ୟ ନନ୍ ଅଫିସିଆଲ୍ ନିର୍ଦ୍ଦେଶକ ଭାବେ ସାମିଲ କରାଯାଇଛି। ଉଭୟଙ୍କ ନିଯୁକ୍ତି ୨୦୨୬ ଅଗଷ୍ଟ ୨୦ରୁ ୪ ବର୍ଷ ପାଇଁ କାର୍ଯ୍ୟକାରୀ ହେବ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।

ଆନନ୍ଦ ମହିନ୍ଦ୍ରାଙ୍କୁ ପ୍ରଥମେ ୨୦୨୨ ଜୁନ୍‌ରେ ରିଜର୍ଭ ବ୍ୟାଙ୍କ୍ ବୋର୍ଡରେ ନିଯୁକ୍ତ କରାଯାଇଥିଲା। ଏବେ ତାଙ୍କୁ ଆଉ ଏକ ୪ ବର୍ଷିଆ କାର୍ଯ୍ୟକାଳ ପାଇଁ ପୁନଃ ନିଯୁକ୍ତି ଦିଆଯାଇଛି। ମହିନ୍ଦ୍ରା ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ସେ ଅଟୋମୋବାଇଲ୍, କୃଷି ଉପକରଣ, ଆଇଟି, ଆର୍ଥିକ ସେବା, ରିଅଲ୍ ଇଷ୍ଟେଟ୍, ଲଜିଷ୍ଟିକ୍ସ ଓ ହସ୍ପିଟାଲିଟି ଭଳି ବିଭିନ୍ନ କ୍ଷେତ୍ରର ଅଭିଜ୍ଞତା ରଖିଛନ୍ତି। ତାଙ୍କ ପୁନଃ ନିଯୁକ୍ତି ରିଜର୍ଭ ବ୍ୟାଙ୍କ ବୋର୍ଡରେ ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରର ଅଭିଜ୍ଞତାକୁ ଜାରି ରଖିବ ବୋଲି ମନେ କରାଯାଉଛି।

ଅନ୍ୟପକ୍ଷରେ ଏସ୍. ସୋମନାଥ ଜଣେ ଏରୋସ୍ପେସ୍ ଇଞ୍ଜିନିୟର ଏବଂ ୨୦୨୨ ଜାନୁଆରୀରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ଇସ୍ରୋର ଅଧ୍ୟକ୍ଷ ଓ ମହାକାଶ ବିଭାଗର ସଚିବ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ନେତୃତ୍ୱ ସମୟରେ ଭାରତର ଐତିହାସିକ ଚନ୍ଦ୍ରଯାନ-୩ ମିଶନ ସଫଳ ହୋଇଥିଲା। ୨୦୨୫ ଜାନୁଆରିରେ ଇସ୍ରୋରୁ ଅବସର ନେବା ପରେ ସେ ବେଙ୍ଗାଲୁରୁ ନିକଟସ୍ଥ ଚାଣକ୍ୟ ୟୁନିଭର୍ସିଟିର କୁଳାଧିପତି ଭାବେ ନିଯୁକ୍ତ ହୋଇଥିଲେ। ଆରବିଆଇର କେନ୍ଦ୍ରୀୟ ବୋର୍ଡ ହେଉଛି କେନ୍ଦ୍ରୀୟ ବ୍ୟାଙ୍କର ସର୍ବୋଚ୍ଚ ନିଷ୍ପତ୍ତି ନେବା ସଂସ୍ଥା। ଏଥିରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର, ଡେପୁଟି ଗଭର୍ଣ୍ଣରଙ୍କ ସହ ସରକାରଙ୍କ ଦ୍ୱାରା ନିଯୁକ୍ତ ଅଫିସିଆଲ୍ ଓ ନନ୍-ଅଫିସିଆଲ୍ ନିର୍ଦ୍ଦେଶକ ରହିଥାନ୍ତି। ସୋମନାଥଙ୍କ ସାମିଲ ହେବା ଫଳରେ ଆରବିଆଇ ବୋର୍ଡରେ ପ୍ରଯୁକ୍ତି ଓ ବିଜ୍ଞାନ କ୍ଷେତ୍ରର ଅଭିଜ୍ଞତା ବଢ଼ିବ। ବିଶେଷକରି ଡିଜିଟାଲ୍ ପେମେଣ୍ଟ, ଆର୍ଥିକ ଭିତ୍ତିଭୂମିର ସୁଦୃଢ଼ତା ଓ ଉଦୀୟମାନ ପ୍ରଯୁକ୍ତି ସହ ଜଡ଼ିତ ଝୁମ୍ପକୁ ନେଇ ଆରବିଆଇର ବଢ଼ୁଥିବା ଗୁରୁତ୍ୱ ଦୃଷ୍ଟିରୁ ଏହି ନିଯୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ ମନାଯାଉଛି।




## ସେପ୍ଟେମ୍ବରରୁ ବଦଳିବ ନିୟମ

ନୂଆଦିଲ୍ଲୀ,୨୧।୮ : ଅଗଷ୍ଟ ମାସ ଶେଷ ହେବାକୁ ଯାଉଛି। ଏହା ସହ କିଛି ଜରୁରୀ ଆର୍ଥିକ କାମର ସମୟସୀମା ମଧ୍ୟ ଶେଷ ହେଉଛି। ଯଦି ଆପଣ ଏହି କାମଗୁଡ଼ିକ ମଧ୍ୟରୁ କୌଣସିଟି ଏପର୍ଯ୍ୟନ୍ତ କରିନାହାନ୍ତି, ତେବେ ଆଉ ବିଳମ୍ବ କରନ୍ତୁ ନାହିଁ। ଶେଷ ତାରିଖ ପରେ କାମ କଲେ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିପାରେ କିମ୍ବା ଅନାବଶ୍ୟକ ସମସ୍ୟା ହୋଇପାରେ। ବିଶେଷକରି ଚାକିରି ସହ ଅନ୍ୟ କାମ କରୁଥିବା ବ୍ୟକ୍ତି, ବ୍ୟବସାୟ କରୁଥିବା କିମ୍ବା ସୋସିଆଲ ମିଡିଆରୁ ରୋଜଗାର କରୁଥିବା ଲୋକଙ୍କ ପାଇଁ ଏହି କଥାଗୁଡ଼ିକ ଜାଣିବା ଜରୁରୀ।

ଇନକମ୍ ଟ୍ୟାକ୍ସ ରିଟର୍ଣ୍ଣ- ଯଦି ଆପଣ ଚାକିରି ବ୍ୟତୀତ ବ୍ୟବସାୟ କିମ୍ବା ଅନ୍ୟ କୌଣସି ଉତ୍ସରୁ ରୋଜଗାର କରୁଛନ୍ତି ଏବଂ ଆପଣଙ୍କ ଖାତାର ଅଡିଟ୍ ଆବଶ୍ୟକ ନୁହେଁ, ତେବେ ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ୩୧ ଅଗଷ୍ଟ ୨୦୨୬ ରହିଛି। ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍, ଫ୍ରିଲାନ୍ସ କାମ କିମ୍ବା ଅନ୍ୟ କୌଣସି ମାଧ୍ୟମରୁ ରୋଜଗାର କରୁଥିବା ଲୋକ ମଧ୍ୟ ଏହାର ପରିସରରେ ଆସିପାରନ୍ତି। ତେଣୁ ଆପଣଙ୍କ ମୋଟ ଆୟର ସଠିକ୍ ହିସାବ ଦେଖାଇ ସମୟ ମଧ୍ୟରେ ରିଟର୍ଣ୍ଣ ଦାଖଲ କରନ୍ତୁ। ଶେଷ ତାରିଖ ପରେ ରିଟର୍ଣ୍ଣ ଦାଖଲ କଲେ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିପାରେ।

ନିଜର ସମସ୍ତ ରୋଜଗାରର ହିସାବ ଯାଞ୍ଚ କରନ୍ତୁ- ଯଦି ଆପଣଙ୍କ ଆୟ କେବଳ ଚାକିରିରୁ ହେଉନାହିଁ, ତେବେ ଥରେ ନିଜର ସମସ୍ତ ଆୟର ହିସାବ ଯାଞ୍ଚ କରନ୍ତୁ। ବ୍ୟାଙ୍କରୁ ମିଳିଥିବା ସୁଧ, ଶେୟର କିମ୍ବା ଅନ୍ୟ ନିବେଶରୁ ହୋଇଥିବା ଆୟ, ଘରଭଡ଼ାରୁ ମିଳୁଥିବା ଟଙ୍କା, ସୋସିଆଲ ମିଡିଆରୁ ହୋଇଥିବା ରୋଜଗାର ଭଳି ସମସ୍ତ ଆୟକୁ ଯାଞ୍ଚ କରନ୍ତୁ। ଅନେକ ସମୟରେ ଲୋକେ କୌଣସି ଏକ ଆୟକୁ ରିଟର୍ଣ୍ଣରେ ଦେଖାଇବାକୁ ଭୁଲିଯାଆନ୍ତି। ପରେ ଏହି ଛୋଟ ଭୁଲ୍ ସମସ୍ୟାର କାରଣ ହୋଇପାରେ। ତେଣୁ ରିଟର୍ଣ୍ଣ ଦାଖଲ କରିବା ପୂର୍ବରୁ ନିଜ ବ୍ୟାଙ୍କ ଖାତା ଓ ଆବଶ୍ୟକ ଦସ୍ତାବିଜଗୁଡ଼ିକୁ ଥରେ ଭଲ ଭାବରେ ଯାଞ୍ଚ କରନ୍ତୁ।

କ୍ରେଡିଟ୍ କାର୍ଡର ନୂଆ ନିୟମ ଯାଞ୍ଚ କରନ୍ତୁ- ଆପଣଙ୍କ ପାଖରେ କ୍ରେଡିଟ୍ କାର୍ଡ ଥିଲେ, ଅଗଷ୍ଟ ମାସରେ ବ୍ୟାଙ୍କ ଏଥିରେ କୌଣସି ନୂଆ ନିୟମ କିମ୍ବା ଚାର୍ଜରେ ପରିବର୍ତ୍ତନ କରିଛି କି ନାହିଁ, ଥରେ ଯାଞ୍ଚ କରନ୍ତୁ। ଅନେକ ସମୟରେ ବ୍ୟାଙ୍କ କିଛି ପେମେଣ୍ଟ ଉପରେ ମିଳୁଥିବା ରିୱାର୍ଡ କିମ୍ବା ସୁବିଧା କମାଇ ଦିଅନ୍ତି କିମ୍ବା କୌଣସି ସେବା ଉପରେ ନୂଆ ଚାର୍ଜ ଲଗାଇଥାନ୍ତି। ନୂଆ ନିୟମଗୁଡ଼ିକ ନିଶ୍ଚିତ ଭାବେ ପଢ଼ନ୍ତୁ। ଏହାଦ୍ୱାରା ପରେ କ୍ରେଡିଟ୍ କାର୍ଡ ବିଲ୍ ଦେଖି ଆଶ୍ଚର୍ଯ୍ୟ ହେବାକୁ ପଡ଼ିବ ନାହିଁ।

ବ୍ୟାଙ୍କ ଖାତାର ତଥ୍ୟ ଯାଞ୍ଚ କରନ୍ତୁ- ନିଜ ବ୍ୟାଙ୍କ ଖାତାରେ ମୋବାଇଲ୍ ନମ୍ବର, ଇ-ମେଲ୍ ଏବଂ ଅନ୍ୟ ଜରୁରୀ ତଥ୍ୟ ଠିକ୍ ଅଛି କି ନାହିଁ, ଥରେ ଯାଞ୍ଚ କରନ୍ତୁ। ଯଦି ବ୍ୟାଙ୍କ କୌଣସି ଦସ୍ତାବିଜ ଅପଡେଟ୍ କରିବାକୁ କହିଛି, ତେବେ ସମୟ ଥାଉଥାଉ ଏହାକୁ ପୂରଣ କରନ୍ତୁ। ଏହା ସହ ନିଜ ଖାତାରୁ କେତେ ଟଙ୍କା ଆସୁଛି ଓ ଯାଉଛି, ତା' ଉପରେ ମଧ୍ୟ ନଜର ରଖନ୍ତୁ। ଯଦି ଆପଣଙ୍କ ଖାତାରେ ଏପରି କୌଣସି ଅଜଣା ଟ୍ରାଞ୍ଜାକ୍ସନ୍ ଦେଖାଯାଏ, ଯାହା ଆପଣ କରିନାହାନ୍ତି, ତେବେ ତୁରନ୍ତ ନିଜ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ। ତେଣୁ ଅଗଷ୍ଟ ମାସ ଶେଷ ହେବା ପୂର୍ବରୁ ନିଜର ଟ୍ୟାକ୍ସ, ଆୟ, କ୍ରେଡିଟ୍ କାର୍ଡ ଓ ବ୍ୟାଙ୍କ ଖାତା ସମ୍ବନ୍ଧୀୟ ତଥ୍ୟ ଥରେ ଯାଞ୍ଚ କରିନିଅନ୍ତୁ।








## ୧୦୦% ବିଶୁଦ୍ଧ ଲେଖାଥିଲେ ବି ସାବଧାନ: ଏଫଏସଏସଏଆଇ

ନୂଆଦିଲ୍ଲୀ,୨୧।୮ :ଖାଦ୍ୟ ପଦାର୍ଥ ପ୍ୟାକେଟ୍ ରେ ଶତ ପ୍ରତିଶତ ଶୁଦ୍ଧ ଓ ପ୍ରାକୃତିକ ଲେଖାଥିଲେ ଏହାକୁ ଉତ୍ପାଦର କ୍ୱାଲିଟି ଗ୍ୟାରେଣ୍ଟି ଭାବନ୍ତୁ ନାହିଁ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ଏପରି ଦାବିକୁ ଭ୍ରମାତ୍ମକ ମନେ କରି ଦ୍ରୁତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ନିୟାମକ କଡ଼ାକଡ଼ି ହେବା ପରେ ୬ଟି କମ୍ପାନୀ ସେମାନଙ୍କ ଖାଦ୍ୟ ଉତ୍ପାଦର ପ୍ୟାକେଜିଂ, ଲେବଲ, ୱେବସାଇଟ୍ ଓ ପ୍ରଚାର ସାମଗ୍ରୀରୁ 'ଶହେ ପ୍ରତିଶତ' ଦାବି ହଟାଇ ଦେଇଛନ୍ତି। ପ୍ରାଧିକରଣଙ୍କ କହିବା କଥା ହେଉଛି ଏପରି ଦାବିଦ୍ୱାରା ଗ୍ରାହକଙ୍କ ମନରେ ଉତ୍ପାଦର ବିଶୁଦ୍ଧତା, ମାନ ଓ ଶ୍ରେଷ୍ଠତାକୁ ନେଇ ଭ୍ରମ ସୃଷ୍ଟି ହୁଏ। ଅନେକ ମାମଲାରେ ଖାଉଟି ଠକେଇର ମଧ୍ୟ ଶିକାର ହେଉଛନ୍ତି।

ଏବେ ଏହି କାର୍ଯ୍ୟାନୁଷ୍ଠାନର ସଂକେତ ହେଉଛି ଏଫଏସଏସଏଆଇ ଏପରି ଦାବି ପ୍ରତି ନିଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ବଢେଇବାକୁ ଯାଉଛନ୍ତି। ଏଣୁ ଉପଭୋକ୍ତାଙ୍କୁ ଆଗ୍ରହ କରାଯାଇଛି ଯେ ଖାଦ୍ୟ ପ୍ୟାକେଟ ଉପରେ ଭ୍ରମରେ ପକାଇବା ଭଳି ଲେବୁଲ ଅଥବା ବିଜ୍ଞାପନର ଅଭିଯୋଗ ଫୁଡ ସେଫ୍ଟି କନେକ୍ଟ ଆପ ଓ ଫୋସ୍କୋସ ପୋର୍ଟାଲରେ କରିପାରିବେ। ଅଭିଯୋଗ ସହିତ ଖାଦ୍ୟ ପ୍ୟାକେଟର ଛବି, ଲାଇସେନ୍ସ ଅଥବା ପଞ୍ଜିକରଣ ସଂଖ୍ୟା ଓ ଅନଲାଇନରେ ବିକ୍ରି ହେଉଥିଲେ ସମ୍ବନ୍ଧିତ ଲିଂକ ମଧ୍ୟ ସେୟାର କରାଯାଇ ପାରିବେ। କାରଣ ଖାଦ୍ୟ ସୁରକ୍ଷା ଆଇନରେ 'ଶତ ପ୍ରତିଶତ' ଶବ୍ଦ ଖାସ କ୍ୱାଲିଟିର ଅଧିକାରୀକ ପରିଚୟ ରୂପେ ପରିଭାଷିତ କରାଯାଇ ନାହିଁ।




ଏଫଏସଏସଏଆଇ ଗତ ୨୦୨୫ ମେ ମାସରେ ଖାଦ୍ୟ ବ୍ୟବସାୟୀଙ୍କୁ ଲେବୁଲ, ପ୍ୟାକେଜିଂ ଓ ପ୍ରଚାର ସାମଗ୍ରୀରେ ଏପରି ଦାବିରୁ ବର୍ତ୍ତିବାକୁ ପରାମର୍ଶ ଦେଇଥିଲେ। କହିଥିଲେ ଏପରି ଦାବି ଉଚିତ ଓ ସ୍ପଷ୍ଟ ହୋଇଥିବା ଆବଶ୍ୟକ। ପ୍ରାଧିକରଣଙ୍କ ଅନୁସାରେ ବୋନ ବିସ୍କୁଟସ୍ ତାଙ୍କ ବୋନ କ୍ୟୁମିନ ଫ୍ଲେଭର ଜିରା ବାଇଟ୍ ବିସ୍କୁଟ ବିଜ୍ଞାପନରୁ ଏପରି ଦାବି ହଟାଇ ଦେଇଛନ୍ତି। ସେହିପରି ଇମାମି ଝଣ୍ଡୁ ହନି ଓ ଏପିସ୍ ଇଣ୍ଡିଆ ତାଙ୍କ ମହୂ ଉତ୍ପାଦରୁ 'ଶତପ୍ରତିଶତ ଶୁଦ୍ଧ' ଦାବି ହଟାଇ ଦେଇଛନ୍ତି। ଆମୱେ ଇଣ୍ଡିଆ କୋକନଟ ଅଏଲରୁ ଏପରି ଦାବି ହଟାଇଥିବାର ପୁଷ୍ଟି କରିଛନ୍ତି। ଏବେ ପୁରୁଣା ପ୍ୟାକେଟ ବିକ୍ରିକୁ ବ୍ୟବସ୍ଥାରୁ ହଟାଇ ନୂଆ ପ୍ୟାକେଟ୍ ଲାଗୁ କରୁଛନ୍ତି। କେରଳର ଜୁଜା ଫୁଡସ୍ ତାଙ୍କ ବେବି ଫୁଡ ଉତ୍ପାଦ ଯେପରିକି ରାଗି, ବାନାନା ପାଉଡର, ସ୍ୱିଟ ପଟାଟୋ ପାଉଡର ପ୍ୟାକେଟରୁ ଶତ ପ୍ରତିଶତ ଦାବି ହଟାଇ ଦେଇଛନ୍ତି।

## ଏସବିଆଇରୁ ଅକ୍ଟୋବର ୧ରୁ ଟଙ୍କା ଉଠାଇଲେ ଲାଗିବ ଅତିରିକ୍ତ ଚାର୍ଜ

ନୂଆଦିଲ୍ଲୀ,୨୧।୮ :ଯଦି ଆପଣଙ୍କର ଆକାଉଣ୍ଟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ରେ ଅଛି ଏବଂ ଆପଣ ମାସକୁ ଅନେକ ଥର ବ୍ୟାଙ୍କ ଶାଖା (ବ୍ରାଞ୍ଚ)କୁ ଯାଇ ନଗଦ ଟଙ୍କା (କ୍ୟାଶ୍) ଉଠାଉଛନ୍ତି, ତେବେ ଏବେ ଆପଣଙ୍କୁ କ୍ୟାଶ୍ ଉଠାଇବା ଉପରେ ଅତିରିକ୍ତ ଚାର୍ଜ ଦେବାକୁ ପଡ଼ିବ। ଏସବିଆଇ ନିଜର ବେସିକ ସେଭିଂସ ବ୍ୟାଙ୍କ ଡିପୋଜିଟ୍ (ବିଏସବିଡି) ଆକାଉଣ୍ଟରୁ ବ୍ରାଞ୍ଚ ଜରିଆରେ କ୍ୟାଶ୍ ଉଠାଇବା ନେଇ ସୁଲ୍କ/ଚାର୍ଜରେ ପରିବର୍ତ୍ତନ କରିଛି। ନୂଆ ନିୟମ ୧ ଅକ୍ଟୋବର ୨୦୨୬ ରୁ ଲାଗୁ ହେବ। ଏହା ଅଧୀନରେ ଗ୍ରାହକମାନେ ମାସକୁ ଚାରି ଥର ପର୍ଯ୍ୟନ୍ତ ବ୍ରାଞ୍ଚରୁ ମାଗଣାରେ କ୍ୟାଶ୍ ଉଠାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଚାର୍ଜ ଦେବାକୁ ପଡ଼ିବ ନାହିଁ। କିନ୍ତୁ ଯଦି ମାସକୁ ଚାରି ଥରରୁ ଅଧିକ ଥର କ୍ୟାଶ୍ ଉଠାଯାଏ, ତେବେ ପରବର୍ତ୍ତୀ ପ୍ରତ୍ୟେକ ଥର ଟଙ୍କା ଉଠାଇବା ଉପରେ ଚାର୍ଜ ଦେବାକୁ ପଡ଼ିବ।



ଏହି ପରିବର୍ତ୍ତନର ପ୍ରଭାବ ବିଶେଷ କରି ସେହି ଗ୍ରାହକଙ୍କ ଉପରେ ପଡ଼ିବ, ଯେଉଁମାନେ ନିଜ ବିଏସବିଡି ଆକାଉଣ୍ଟରୁ ବାରମ୍ବାର ବ୍ରାଞ୍ଚ ଯାଇ ଟଙ୍କା ଉଠାଉଛନ୍ତି। ନୂଆ ନିୟମ ଅନୁଯାୟୀ, ଚାରୋଟି ଫ୍ରି କ୍ୟାଶ୍ ଉଠାଣ ପରେ ପ୍ରତ୍ୟେକ ଅତିରିକ୍ତ କ୍ୟାଶ୍ ଉଠାଣ ଉପରେ ୧୫ ଟଙ୍କାର ଚାର୍ଜ ଲାଗିବ। ଏହା ଉପରେ ଲାଗୁ ହେଉଥିବା ଜିଏସଟି ମଧ୍ୟ ଦେବାକୁ ପଡ଼ିବ। ଅର୍ଥାତ୍ ଯଦି କୌଣସି ଗ୍ରାହକ ମାସକୁ ପାଞ୍ଚ କିମ୍ବା ଛଅ ଥର ବ୍ରାଞ୍ଚରୁ କ୍ୟାଶ୍ ଉଠାନ୍ତି, ତେବେ ପ୍ରଥମ ଚାରି ଥର ଉଠାଣ ମାଗଣା ରହିବ, ଯେତେବେଳେ କି ପଞ୍ଚମ ଏବଂ ଷଷ୍ଠ ଥର ଉଠାଣ ଉପରେ ଅଲଗା ଅଲଗା ଚାର୍ଜ ଲାଗିବ। ଏସବିଆଇର ନୂଆ ଚାର୍ଜ ନିୟମ ଅନୁଯାୟୀ, ବିଏସବିଡି ଆକାଉଣ୍ଟର ବ୍ରାଞ୍ଚ ଚ୍ୟାନେଲ୍ ଜରିଆରେ ମାସକୁ ଚାରି ଥର କ୍ୟାଶ୍ ଉଠାଇବା ପର୍ଯ୍ୟନ୍ତ କୌଣସି ଚାର୍ଜ ଲାଗିବ ନାହିଁ। ଚାରି ଥର ଉଠାଣ ପୂରଣ ହେବା ପରେ ପ୍ରତ୍ୟେକ ଥର ଉଠାଣ ଉପରେ ୧୫ ଟଙ୍କାର ଚାର୍ଜ ନିଆଯିବ। ଏହି ଚାର୍ଜ ସହିତ ଲାଗୁ ହେଉଥିବା ଜିଏସଟି ମଧ୍ୟ ଯୋଡ଼ିହେବ। ଯେପରିକି, ଯଦି କୌଣସି ଗ୍ରାହକ ଗୋଟିଏ ମାସରେ ବ୍ରାଞ୍ଚରୁ ଛଅ ଥର ଟଙ୍କା ଉଠାନ୍ତି, ତେବେ ପ୍ରଥମ ଚାରି ଥର ଉଠାଣ ମାଗଣା ହେବ। ପଞ୍ଚମ ଏବଂ ଷଷ୍ଠ ଥର ଉଠାଣ ଉପରେ ୧୫-୧୫ ଟଙ୍କାର ଚାର୍ଜ ଲାଗିବ। ଅର୍ଥାତ୍ ଏହି ଦୁଇଟି ଅତିରିକ୍ତ ଉଠାଣ ପାଇଁ ମୋଟ ୩୦ ଟଙ୍କା ଚାର୍ଜ ଦେବାକୁ ପଡ଼ିବ, ଯାହା ଉପରେ ଲାଗୁ ହେଉଥିବା GST ଅଲଗା ଭାବେ ଦେବାକୁ ହେବ।

ସୂଚନାଯୋଗ୍ୟ ଯେ, ବେସିକ ସେଭିଂସ ବ୍ୟାଙ୍କ ଡିପୋଜିଟ୍ ଆକାଉଣ୍ଟ ଅର୍ଥାତ୍ ବିଏସବିଡି ହେଉଛି ଏପରି ଏକ ବ୍ୟାଙ୍କ ଆକାଉଣ୍ଟ, ଯାହା ସାଧାରଣ ଏବଂ ଜରୁରୀ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ପାଇଁ ତିଆରି କରାଯାଇଛି। ଏଥିରେ ଗ୍ରାହକଙ୍କୁ ସେଭିଙ୍ଗ୍ସ ଆକାଉଣ୍ଟ ଭଳି ମୌଳିକ ସୁବିଧାସୁଯୋଗ ମିଳିଥାଏ ଏବଂ ସାଧାରଣତଃ ସର୍ବନିମ୍ନ ବାଲାନ୍ସ (ମିନିମମ୍ ବାଲାନ୍ସ) ରଖିବାର ଆବଶ୍ୟକତା ନଥାଏ।

କେଉଁ ଗ୍ରାହକଙ୍କ ଉପରେ ପଡ଼ିବ ଅଧିକ ପ୍ରଭାବ?

ନୂଆ ନିୟମର ପ୍ରଭାବ ସେହି ଗ୍ରାହକଙ୍କ ଉପରେ ଅଧିକ ପଡ଼ିବ ଯେଉଁମାନେ ବିଏସବିଡି ଆକାଉଣ୍ଟରୁ ପ୍ରତି ମାସରେ ଚାରି ଥରରୁ ଅଧିକ ଥର ବ୍ରାଞ୍ଚ ଯାଇ କ୍ୟାଶ୍ ଉଠାଉଛନ୍ତି। ଯଦି କୌଣସି ଗ୍ରାହକ ମାସକୁ କେବଳ ଏକ, ଦୁଇ, ତିନି କିମ୍ବା ଚାରି ଥର କ୍ୟାଶ୍ ଉଠାନ୍ତି, ତେବେ ତାଙ୍କୁ ଏହି ପରିବର୍ତ୍ତନ ହେତୁ କୌଣସି ଅତିରିକ୍ତ ଚାର୍ଜ ଦେବାକୁ ପଡ଼ିବ ନାହିଁ।

ତେଣୁ ଯଦି ଆପଣ ପ୍ରାୟତଃ ଛୋଟ ଛୋଟ ରକମ ଉଠାଇବା ପାଇଁ ବ୍ୟାଙ୍କ ଶାଖାକୁ ଯାଉଛନ୍ତି, ତେବେ ନିଜର ଟଙ୍କା ଉଠାଇବା ପ୍ରକ୍ରିୟା/ଉପାୟ ଉପରେ ଧ୍ୟାନ ଦେବା ଜରୁରୀ। ଆବଶ୍ୟକତା ଅନୁଯାୟୀ ଏକାସାଙ୍ଗରେ ଟଙ୍କା ଉଠାଇବା ଦ୍ୱାରା ଅତିରିକ୍ତ ଲାଣଦେଣ (ଟ୍ରାଞ୍ଜାକ୍ସନ୍) ଏବଂ ସେଥିସହ ଜଡ଼ିତ ଚାର୍ଜରୁ ବଞ୍ଚିହେବ।

ତଥାପି, ବିଏସବିଡି ଆକାଉଣ୍ଟର ସୁବିଧା ଏବଂ ଲେଣଦେଣ ସହ ଜଡ଼ିତ ନିୟମ ସାଧାରଣ ସେଭିଙ୍ଗ୍ସ ଆକାଉଣ୍ଟଠାରୁ ଅଲଗା ହୋଇପାରେ। ତେଣୁ ଗ୍ରାହକମାନେ ନିଜ ଆକାଉଣ୍ଟରେ ଲାଗୁ ନିୟମ ଏବଂ ଶୁଲ୍କ ବିଷୟରେ ସୂଚନା ନିଶ୍ଚିତ ଭାବେ ଯାଞ୍ଚ କରିନେବା ଉଚିତ୍।

ରିପୋର୍ଟ ଅନୁଯାୟୀ, ଏସବିଆଇ ରେ ଏହି ପରିବର୍ତ୍ତନ ବେସିକ ସେଭିଂସ ଡିପୋଜିଟ୍ ଆକାଉଣ୍ଟ ଉପରେ ଲାଗୁ ହେବ। ଏହାର ପ୍ରୋଡକ୍ଟ କୋଡ୍ ୧୦୧୧-୧୭୦୧ ବୋଲି କୁହାଯାଇଛି। ତେଣୁ ଯେଉଁ ଗ୍ରାହକଙ୍କ ପାଖରେ ଏହି କ୍ୟାଟେଗୋରୀର ଆକାଉଣ୍ଟ ଅଛି, ସେମାନେ ୧ ଅକ୍ଟୋବରରୁ ଲାଗୁ ହେବାକୁ ଥିବା ଚାର୍ଜକୁ ଧ୍ୟାନରେ ରଖିବା ଉଚିତ୍।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୦୫୦ ଟଙ୍କା ଛୁଇଁଛି ।ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୨,୦୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୭୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୨,୦୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୧୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୨୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୯୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୯୭୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ବୃଦ୍ଧି ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୧୦.୪୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୨ ଟଙ୍କା ୪୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ବେଆଇନ ହୋର୍ଡିଂରେ ମୁନାଫା

# ରାଜସ୍ୱ ହରାଉଛି ଯାଜପୁର ପୌରପାଳିକା

### ନଷ୍ଟ ହେଉଛି ସହରର ସୌନ୍ଦର୍ଯ୍ୟ

### ନିୟମକୁ ଅଣଦେଖା କରି ଚାଲିଛି ବିଜ୍ଞାପନ ବ୍ୟବସାୟ

### ଅଧିକାରୀଙ୍କ ଭୂମିକାକୁ ନେଇ ଉଠିଲା ପ୍ରଶ୍ନ




ଯାଜପୁର, ୨୧।୮ (ସଂଚାର ବ୍ୟୁରୋ): ଯାଜପୁର ସହରର ବିଭିନ୍ନ ଛକ, ରାସ୍ତାକଡ଼, ସରକାରୀ ଓ ସାର୍ବଜନୀନ ସ୍ଥାନରେ ଦିନକୁ ଦିନ ବଢ଼ିଚାଲିଛି ବିଜ୍ଞାପନ ହୋର୍ଡିଂର ଜଙ୍ଗଲ। କେଉଁଠି ବଡ଼ ବଡ଼ ଲୁହା ଫ୍ରେମରେ ହୋର୍ଡିଂ ଲାଗିଛି, ତ ଆଉ କେଉଁଠି ରାସ୍ତାକଡ଼ରେ ଅନୁମତି ବିନା ବିଜ୍ଞାପନ ଫଳକ ଟଙ୍ଗାଯାଇଛି। ଅଭିଯୋଗ ହେଉଛି— ଏହି ବିଜ୍ଞାପନ ବ୍ୟବସ୍ଥାରୁ କିଛି ଲୋକ ମୁନାଫା ଉଠାଉଥିବା ବେଳେ ନିୟମିତ ରାଜସ୍ୱରୁ ବଞ୍ଚିତ ହେଉଛି ଯାଜପୁର ପୌରପାଳିକା। ସହରରେ ଯେଉଁ ସ୍ଥାନରେ ହୋର୍ଡିଂ ଲାଗୁଛି, ସେଗୁଡ଼ିକ ପାଇଁ ପୌରପାଳିକାର ଅନୁମତି ରହିଛି କି ନାହିଁ, ନିର୍ଦ୍ଧାରିତ ଶୁଳ୍କ ଦିଆଯାଉଛି କି ନାହିଁ ଏବଂ ହୋର୍ଡିଂଗୁଡ଼ିକ ନିୟମ ଅନୁସାରେ ଲଗାଯାଇଛି କି ନାହିଁ— ତାହା ନେଇ ଏବେ ପ୍ରଶ୍ନ ଉଠିଛି।

ପୌରପାଳିକା ଅଞ୍ଚଳରେ ବିଜ୍ଞାପନ ହୋର୍ଡିଂ ପାଇଁ ନିୟମ ଓ ଶୁଳ୍କ ବ୍ୟବସ୍ଥା ଥିବା ସତ୍ତ୍ୱେ ସହରରେ ଅନୁମତି ବିନା କିମ୍ବା ନିୟମ ଉଲ୍ଲଂଘନ କରି ହୋର୍ଡିଂ ଲଗାଯାଉଥିବା ଅଭିଯୋଗ ଯଦି ସତ, ତେବେ ଏହା ପୌର ପ୍ରଶାସନର ନିରୀକ୍ଷଣ ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି।

ପ୍ରଶ୍ନ ଉଠୁଛି— କେଉଁ ହୋର୍ଡିଂ ପାଇଁ ଅନୁମତି ମିଳିଛି, କାହା ନାମରେ ଅନୁମତି ଦିଆଯାଇଛି, କେତେ ଶୁଳ୍କ ଆଦାୟ ହେଉଛି, କେତେ ହୋର୍ଡିଂ ବେଆଇନ ଭାବେ ଲାଗିଛି ଏବଂ ବେଆଇନ ହୋର୍ଡିଂ ବିରୋଧରେ ପୌରପାଳିକା କେତୋଟି ନୋଟିସ୍ ଜାରି କରିଛି, ହୋର୍ଡିଂ ବ୍ୟବସ୍ଥାକୁ ନେଇ ସହରବାସୀଙ୍କ ମଧ୍ୟରେ ଏବେ ଅଧିକାରୀଙ୍କ ଭୂମିକାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଯଦି ନିୟମ ଉଲ୍ଲଂଘନ କରି ହୋର୍ଡିଂ ଲାଗୁଛି, ତେବେ ଦାୟୀ କିଏ, ନିୟମିତ ଯାଞ୍ଚ କାହିଁକି ହେଉନାହିଁ, ଅଭିଯୋଗ ପରେ ମଧ୍ୟ ଯଦି ବେଆଇନ ହୋର୍ଡିଂ ହଟୁନାହିଁ, ତେବେ ଏହା ପଛରେ କାହାର ସ୍ୱାର୍ଥ ରହିଛି,ତେବେ ଅଧିକାରୀଙ୍କ ବିରୋଧରେ ଉଠୁଥିବା ଅଭିଯୋଗର ସତ୍ୟତା ସରକାରୀ ରେକର୍ଡ ଓ ତଦନ୍ତ ମାଧ୍ୟମରେ ସ୍ପଷ୍ଟ ହେବା ଆବଶ୍ୟକ।

ବିଜ୍ଞାପନ ହୋର୍ଡିଂ ପୌରପାଳିକା ପାଇଁ ଏକ ରାଜସ୍ୱ ଉତ୍ସ। ନିୟମିତ ଭାବେ ଅନୁମତି ଦେଇ ଶୁଳ୍କ ଆଦାୟ କରାଗଲେ ପୌରପାଳିକାର ଆୟ ବଢ଼ିପାରିବ। ସେହି ଅର୍ଥ ସହରର ରାସ୍ତା, ନାଳ, ଆଲୋକ, ପରିମଳ ଓ ଅନ୍ୟାନ୍ୟ ଜନସେବା କାର୍ଯ୍ୟରେ ବ୍ୟୟ ହୋଇପାରିବ। କିନ୍ତୁ ଯଦି କେହି ପୌରପାଳିକାର ନିୟମିତ ଅନୁମତି ଓ ଶୁଳ୍କ ବ୍ୟବସ୍ଥାକୁ ଏଡ଼ାଇ ହୋର୍ଡିଂ ଲଗାଇ ବିଜ୍ଞାପନଦାତାଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି, ତେବେ ସିଧାସଳଖ କ୍ଷତି ହେଉଛି ପୌର ରାଜସ୍ୱର। ତେଣୁ ଗତ କିଛି ବର୍ଷରେ ହୋର୍ଡିଂ ବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି ଏବଂ କେତେ ହୋର୍ଡିଂ ଅନୁମତିପ୍ରାପ୍ତ— ତାହାର ସମ୍ପୂର୍ଣ୍ଣ ଅଡିଟ୍ କରାଯିବା ଦାବି ହେଉଛି।

ଅନିୟନ୍ତ୍ରିତ ହୋର୍ଡିଂ କେବଳ ସହରର ସୌନ୍ଦର୍ଯ୍ୟ ନଷ୍ଟ କରୁନାହିଁ, ବରଂ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରିପାରେ। ଦୁର୍ବଳ ଫ୍ରେମ୍, ଅନିୟମିତ ଭାବେ ଲଗାଯାଇଥିବା ବଡ଼ ହୋର୍ଡିଂ କିମ୍ବା ରାସ୍ତା ଦୃଶ୍ୟକୁ ଆଢୁଆ କରୁଥିବା ବିଜ୍ଞାପନ ଭବିଷ୍ୟତରେ ଦୁର୍ଘଟଣାର କାରଣ ହୋଇପାରେ।

## ବନ୍ୟା ବିପନ୍ନଙ୍କୁ ବିଧାୟିକା ସୁବାସିନୀ ଜେନାଙ୍କ ସହାୟତା



ବାଲିଆପାଳ, ୨୧।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣରେଖା ନଦୀର ବନ୍ୟା ପାଣି କମିଛି । ବନ୍ୟାରେ ବାଲିଆପାଳ ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ଚରମସୀମାରେ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ବସ୍ତାର ମାନ୍ୟବର ବିଧାୟିକା ସୁବାସିନୀ ଜେନା ବାଲିଆପାଳ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିପନ୍ନ ଙ୍କ ସହ ଆଲୋଚନା କରି ଦୁଃଖ ବୁଝିଛନ୍ତି ।ବାଲିଆପାଳ ବ୍ଲକର ଶ୍ରୀରାମପୁର, ନିଖିରା, କୁମ୍ଭାରୀ,ଦେଉଳଭୋଗ,ଘଣ୍ଟୁଆ, ଅସ୍ତି, ମଧୁପୁରା, ବାଲିଆପାଳ, ଜାମକୁଣ୍ଡା,ବିଷ୍ଣୁପୁର ପ୍ରଭୃତି ପଞ୍ଚାୟତର ଗ୍ରାମମାନଙ୍କୁ ଯାଇ ବନ୍ୟା ଜଳର ସ୍ଥିତି ସମୀକ୍ଷା କରିଥିଲେ । ସବୁଠାରୁ ପ୍ରଭାବିତ ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ ଗ୍ରାମର ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କ ସହ ବିସ୍ତୃତ ଆଲୋଚନା କରି ଏହାର ସମାଧାନ କରିଥିଲେ । ଏଥିସହିତ ବନ୍ୟା ପ୍ରପୀଡ଼ିତ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ବନ୍ୟା ବିପନ୍ନଙ୍କ ସମସ୍ୟା ବାବଦରେ ଅବଗତ ହୋଇ ତାହାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ବିଧାୟିକା ଶ୍ରୀମତୀ ଜେନା ନିର୍ଦ୍ଦେଶ ଦେଇଥିଲେ ।

## ତିଳକଣା ଗ୍ରାମପଞ୍ଚାୟତ ଦୁର୍ନୀତି ମାମଲାରେ ପ୍ରାକ୍ତନ ସରପଞ୍ଚ, ଦୁଇ ପିଇଓଙ୍କୁ ଜାମିନୀ, ହାଜର ହେଲେନି ଯନ୍ତ୍ରୀ

ନିଶ୍ଚିନ୍ତକୋଇଲି, ୨୧।୮ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତରେ ହୋଇଥିବା ଦୁର୍ନୀତି ଘଟଣାରେ ପ୍ରାକ୍ତନ ସରପଞ୍ଚ ଓ ୨ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜାମିନ ମିଳିଥିବା ଜଣାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ପ୍ରାକ୍ତନ ଯନ୍ତ୍ରୀ କୋର୍ଟରେ ହାଜର ନହୋଇ ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା। ଏହି ପଞ୍ଚାୟତରେ ବିଭିନ୍ନ ସମୟରେ ୫ ଗୋଟି ପ୍ରକଳ୍ପରେ ଦୁର୍ନୀତି ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ସାହୁ ନିଶ୍ଚିନ୍ତକୋଇଲି ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ଅଦାଲତର ଆଶ୍ରୟ ନେଇଥିଲେ। ଏସମ୍ପର୍କରେ ଅଦାଲତ କେଶ ନଂ ୧/ସିସି ୪୮/୨୦୨୪ରେ ପୂର୍ବତନ ସରପଞ୍ଚ ବିଶ୍ୱନାଥ ପଣ୍ଡା, ପଞ୍ଚାୟତର ପ୍ରାକ୍ତନ ପିଇଓ ଧନେଶ୍ୱର ସାହୁ ଓ ଅରକ୍ଷିତ ସାହୁ ଏବଂ ପ୍ରାକ୍ତନ କନିଷ୍ଠଯନ୍ତ୍ରୀ ମୀନାକୁମାରୀ ସିନ୍ଧୁଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ତେବେ ଆଜି ପୂର୍ବତନ ସମ୍ପୃକ୍ତ ସରପଞ୍ଚ ଓ ଦୁଇ ଜଣ ପିଇଓଙ୍କୁ ଜାମିନୀ ମିଳିଥିବା ଜଣାଯାଇଛି।

## ଶ୍ରୀ ଦଶରଥ ନନ୍ଦନ ସେବା ଟ୍ରଷ୍ଟ ତରଫରୁ ବନ୍ୟା ବିପନ୍ନଙ୍କୁ ଶୁଷ୍କ ଖାଦ୍ୟ ବଣ୍ଟନ



ରାଜକନିକା, ୨୧।୮ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ଯୋଗୁଁ ବନ୍ୟା ପାଣିରେ ଘେରି ରହିଥିବା ରାଜକନିକା ବ୍ଲକର ବିପନ୍ନ ପରିବାରଙ୍କ ପାଇଁ ସହାୟତାର ହାତ ବଢ଼ାଇଛି ଶ୍ରୀ ଦଶରଥ ନନ୍ଦନ ସେବା ଟ୍ରଷ୍ଟ। ଟ୍ରଷ୍ଟ ତରଫରୁ ରାଜକନିକା ବ୍ଲକର ଗଙ୍ଗାଧର ପ୍ରସାଦଡ଼ିଆ, ଜୟକୁଣ୍ଡା, ସିକୋ ଏବଂ ବାଜପୁର, ଗୁଣ୍ଡିପଡ଼ା, କନପୁର, ଗୁଣ୍ଡଳ ଆଦି ଗ୍ରାମର ବନ୍ୟା ପ୍ରଭାବିତ ଲୋକଙ୍କୁ ଦୁଇ ଚାରି ଧରି ଶୁଷ୍କ ଖାଦ୍ୟ ବଣ୍ଟନ କରାଯାଇଛି। ଘର ଘର ବୁଲି ବନ୍ୟା ବିପନ୍ନ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ଓ ପାନୀୟ ଜଳ ବଣ୍ଟନ କରୁଛନ୍ତି। ମହିଳା ଓ ବୃଦ୍ଧମାନେ ସଂଘର ଏହି ସହାୟତା ପାଇ ଆଶ୍ୱସ୍ତ ହୋଇଛନ୍ତି।ପ୍ରତ୍ୟେକ ପରିବାରକୁ ଚୁଡା, ଗୁଡ଼, ମୁଢ଼ି ବିସ୍କୁଟ୍, ମଶା ଧୂପ, ପାଣି ବୋତଲ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଦିଆଯାଇଥିଲା। ଏହି ରିଲିଫ୍ କାର୍ଯ୍ୟକ୍ରମରେ ଶ୍ରୀ ଦଶରଥ ନନ୍ଦନ ସେବା ସଂଘର ସଭାପତି ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଦେବେନ୍ଦ୍ର ବାରିକ, ଦୀପକ କୁମାର ମଲ୍ଲିକ, ଡମ୍ବରୁଧର ମଲ୍ଲିକ, ଭବାନୀ ଶଙ୍କର ସ୍ୱତାର , ତପୁ ସୁତାର, ଶୁଭ ମଲ୍ଲିକ, ପ୍ରଶାନ୍ତ ବେହେରା, ରାହୁଲ ମଲ୍ଲିକ, ସୁବାଷ ବିଶ୍ୱାଳ, ଅମର ଦାସ, ଅଞ୍ଜଳ ନାୟକ ,ଦିଲ୍ଲୀପ ପରିଡା, ନିହାର ସ୍ୱାଇଁ, ଶୁଭେନ୍ଦୁ ସୂତାର,ରୁଦ୍ର ମଲ୍ଲିକ,ଅମରେଶ ମଲ୍ଲିକ, ଚନ୍ଦ୍ରକାନ୍ତ ମଲ୍ଲିକ, ପ୍ରଭଞ୍ଜନ ମଲ୍ଲିକ ପ୍ରମୁଖ ସଦସ୍ୟ ସକ୍ରିୟ ଭାବେ ସାମିଲ ଥିଲେ। ସଂଘର ଏହି ମାନବିକ ସହାୟତାକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି। ବନ୍ୟା ପାଣି ମଧ୍ୟରେ ପ୍ରଶାସନିକ ସହାୟତା ବିଳମ୍ବରେ ପହଞ୍ଚୁଥିବା ବେଳେ ଏହିଭଳି ସ୍ୱେଚ୍ଛାସେବୀ ସଂଗଠନ ବିପନ୍ନଙ୍କ ପାଇଁ ବରଦାନ ପାଲଟିଛି।

## ଓଡ୍ରାଫ ସହାୟତାରେ ରୋଗୀଙ୍କୁ ଉଦ୍ଧାର



ରାଜକନିକା, ୨୧।୮ (ସଂଚାର ବ୍ୟୁରୋ): ବନ୍ୟା ପାଣିରେ ଘେରି ରହିଥିବା ରାଜକନିକା ବ୍ଲକ ଓଳାଭର ପଞ୍ଚାୟତ ନରସିଂହପୁର ଗାଁରେ ଗତକାଲି ରାତିରେ ମାନବିକତାର ଏକ ଉଜ୍ଜ୍ୱଳ ଉଦାହରଣ ଦେଖିବାକୁ ମିଳିଛି। କନିକା ତହସିଲଦାର ଭାନୁମତି ମାଝୀଙ୍କ ତତ୍ପରତା ଯୋଗୁଁ ଜଣେ ଗୁରୁତର ରୋଗୀଙ୍କ ଜୀବନ ବଞ୍ଚି ଯାଇଛି। ଗତକାଲି ରାତିରେ ନରସିଂହପୁର ଗାଁର ଜଣେ ମହିଳାଙ୍କ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଗାଁ ଚାରିପାଖରେ ବନ୍ୟା ପାଣି ଥିବାରୁ ତାଙ୍କୁ ହସ୍ପିଟାଲ ନେବା ଅସମ୍ଭବ ହୋଇପଡିଥିଲା। ଏହି ଖବର ପାଇବା ମାତ୍ରେ କନିକା ତହସିଲଦାର ଭାନୁମତି ମାଝୀ ସଙ୍ଗେ ସଙ୍ଗେ ଓଡ୍ରାଫ ଟିମ୍‌କୁ ଖବର ଦେଇଥିଲେ। ଖବର ପାଇବା ପରେ ଓଡ୍ରାଫ ଟିମ୍ ରାତିରେ ହିଁ ବୋଟ୍ ନେଇ ନରସିଂହପୁର ଗାଁରେ ପହଞ୍ଚିଥିଲେ ଏବଂ ବୋଟ ସାହାଯ୍ୟରେ ଉଦ୍ଧାର ପରେ ତହସିଲଦାର ଭାନୁମତି ମାଝୀ ଓ ତାଙ୍କ ସହଯୋଗୀମାନେ ନିଜ ଅଫିସ୍ ଗାଡିରେ ମହିଳାଙ୍କୁ ପ୍ରଥମେ ରାଜକନିକା ମେଡିକାଲକୁ ପଠାଇ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଏହି ଘଟଣା ପରେ ନରସିଂହପୁର ଓ ଆଖପାଖ ଗାଁର ଲୋକେ ତହସିଲଦାର ଭାନୁମତି ମାଝୀଙ୍କ ତତ୍ପରତା ଓ ମାନବିକତାକୁ ପ୍ରଶଂସା କରିଛନ୍ତି।

## ପୂର୍ବତନ କ୍ୟାପଟେନ ନୃସିଂହ ଚରଣ ଦାସଙ୍କ ପରଲୋକ



କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ): ଭାରତୀୟ ସେନାବାହିନୀର ପୂର୍ବତନ କ୍ୟାପଟେନ ତଥା କେନ୍ଦ୍ରାପଡା ବ୍ଲକ ଅଧିନ ଶ୍ୟାମସୁନ୍ଦରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ନୃସିଂହ ଚରଣ ଦାସଙ୍କ ଶୁକ୍ରବାର ୮୩ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ, ପୁତ୍ର ଶାନ୍ତନୁ, ସନ୍ତୋଷ, ସରୋଜ, ସୁବାସ ଓ ସୌଭାଗ୍ୟ, ବୋହୁ, ୩ଝିଅ, ଜ୍ୱାଇଁ, ସାନଭାଇ ନିରଞ୍ଜନ ଓ କ୍ଷୀରୋଦଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ତାଙ୍କ ବିୟୋଗ ଖବର ପାଇ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ପୂର୍ବତନ ସୈନିକସଙ୍ଘ ସଭାପତି ଅଭୟ ଲେଙ୍କା ଓ ସମ୍ପାଦକ ବିରବର ପାତ୍ରଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ତାଙ୍କ ଶ୍ୟାମସୁନ୍ଦରପୁରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୂର୍ବତନ ସୈନିକ ସଙ୍ଘ ପକ୍ଷରୁ କ୍ୟାପେଟନ ନୃସିଂହ ଚରଣ ଦାସଙ୍କ ମରଶରୀରରେ ଜାତୀୟ ପତାକା ଘୋଡାଇ ଦିଆଯାଇ ଶେଷ ସମ୍ମାନ ଜ୍ଞାପନ କରାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଜ୍ୟେଷ୍ଠପୁତ୍ର ଶାନ୍ତନୁ ମୁଖାଗ୍ନି ଦେଇଥିଲେ ।

## ପାଣିରେ ବୁଡ଼ି ଜଣେ ମୃତ, ଜଣେ ଗୁରୁତର

କେନ୍ଦ୍ରାପଡ଼ା,୨୧।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ମାଲୁଆ ଠାରେ ଗୋବରୀ ନଦୀରେ ଦଳ ସଫା କଲାବେଳେ ଅଘଟଣ । ପାଣିରେ ବୁଡି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି । ମୃତକ ସ୍ଥାନୀୟ ମାଲୁଆ ଗାଁର ବାବୁଲି ସେଠି । ସେହିପରି ଗୁରୁତର ହୋଇ ପଡିଥିବା ବ୍ୟକ୍ତି ପୀତାମ୍ବର ସେଠି ବୋଲି ଜଣାପଡିଛି। ପୀତାମ୍ବରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଡ୍ରେନେଜ ବିଭାଗ ପକ୍ଷରୁ ନିୟୋଜିତ କଣ୍ଟ୍ରାକ୍ଟର ମାଲୁଆ ଗାଁ ନିକଟରେ ଗୋବରୀ ନଦୀରୁ ଦଳ ସଫା କରିବା ପାଇଁ ପ୍ରାୟ ୮ ଜଣଙ୍କୁ ନିୟୋଜିତ କରିଥିଲେ । ଆଜି ଦଳ ସଫା ଚାଲିଥିବା ବେଳେ ହଠାତ୍ ବନ୍ୟା ଜଳ ମାଡି ଆସିବାରୁ ଦୁଇ ଶ୍ରମିକ ଦବି ଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇ ପଡ଼ିଛନ୍ତି ।

## ଅବହେଳିତ ବି.ଇଡି କଲେଜ୍

# ଛାତରୁ ଖସୁଛି ପ୍ଲାଷ୍ଟର, ଦେଖାଯାଉଛି ରଡ୍

### କୋଠାର ବିଭିନ୍ନ ସ୍ଥାନରେ ଫାଟ, ଗଳୁଛି ପାଣି

### ଛାତ୍ରଛାତ୍ରୀଙ୍କ ପାଇଁ ନାହିଁ ପର୍ଯ୍ୟାପ୍ତ ଶ୍ରେଣୀଗୃହ




ଆନନ୍ଦପୁର, ୨୧।୮ (ସଂଚାର ବ୍ୟୁରୋ): ଆନନ୍ଦପୁରରେ ଶିକ୍ଷା ବ୍ୟବସ୍ଥାର ଏକ ଚିନ୍ତାଜନକ ଚିତ୍ର। ଯେଉଁ ଶିକ୍ଷାନୁଷ୍ଠାନରୁ ଭବିଷ୍ୟତର ଶିକ୍ଷକ ତିଆରି ହେବା କଥା, ସେହି କଲେଜ୍‌ର ଭିତ୍ତିଭୂମି ଏବେ ନିଜେ ଦୁର୍ବଳ। ଅଫିସ୍ କାର୍ଯ୍ୟାଳୟର ଛାତରୁ ଖସୁଛି ପ୍ଲାଷ୍ଟର। ଛାତରେ ରଡ଼ ଦେଖାଯାଉଥିବା ବେଳେ କୋଠାର ବିଭିନ୍ନ ସ୍ଥାନରେ ଫାଟି ଆଁ କରିଛି। ବର୍ଷା ହେଲେ ଛାତରୁ ପାଣି ଗଳୁଛି। ବର୍ଷା ପାଣି ଦାଉରୁ କଲେଜର ଜରୁରୀ ଦସ୍ତାବିଜ୍ ସୁରକ୍ଷିତ ରଖିବା ଅସମ୍ଭବ ହୋଇ ପଡ଼ିଛି। ଏପରିକି ବର୍ଷା ସମୟରେ କଲେଜ୍ ପରିସରରେ ପାଣି ଜମି ଲହଡ଼ି ମାରୁଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼ ସମସ୍ୟା ହେଉଛି, ପ୍ରାୟ ଶହେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଆବଶ୍ୟକ ଶ୍ରେଣୀଗୃହର ଅଭାବ। ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସାଇକେଲ ଓ ମଟର ସାଇକେଲ ରଖିବା ପାଇଁ ନାହିଁ ଷ୍ଟାଣ୍ଡ। ଏବଂ ଏଭଳି ଭିତ୍ତିଭୂମି ମଧ୍ୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଚାଲିଛି।

କୁହାଯାଉଛି, କେବଳ କେନ୍ଦୁଝର ଜିଲ୍ଲା ନୁହେଁ, ଏହି ଶିକ୍ଷାନୁଷ୍ଠାନ ପାଞ୍ଚଟି ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରମୁଖ ସରକାରୀ ସହାୟତାପ୍ରାପ୍ତ ବି.ଇଡି କଲେଜ୍। ହେଲେ ଏତେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏଭଳି ଦୁର୍ବଳ ହୋଇପଡ଼ିଥିବାରୁ ଏବେ ଅନେକ ପ୍ରଶ୍ନ ଉଠିଛି। କଲେଜ୍ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ସମସ୍ୟା ସମ୍ପର୍କରେ ବିଭିନ୍ନ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ତଥାପି ଆଜି ପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ, ଜିଲ୍ଲା ଖଣିଜ ପାଣ୍ଠିରୁ ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କା ବ୍ୟୟରେ କୋଠା ନିର୍ମାଣ ହେଉଥିଲେ ମଧ୍ୟ ଅନେକ କୋଠା ବର୍ଷ ବର୍ଷ ଧରି ବ୍ୟବହାର ନହୋଇ ଭୂତକୋଠି ପାଲଟୁଥିବା ଅଭିଯୋଗ ରହିଛି। ହେଲେ ଭବିଷ୍ୟତର ଶିକ୍ଷକ ତିଆରି କରୁଥିବା ଏହି ଶିକ୍ଷାନୁଷ୍ଠାନ ପାଇଁ କାହିଁକି ଗୁରୁତ୍ୱ ଦିଆଯାଉନାହିଁ, ସେନେଇ ଉଠିଛି ବଡ଼ ପ୍ରଶ୍ନ।ଏବେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷାର ଭବିଷ୍ୟତକୁ ଦୃଷ୍ଟିରେ ରଖି କଲେଜ୍‌ର ଭିତ୍ତିଭୂମିର ତୁରନ୍ତ ଯାଞ୍ଚ ସହ ଆବଶ୍ୟକ ମରାମତି ଓ ନୂଆ ଶ୍ରେଣୀଗୃହ ନିର୍ମାଣ ପାଇଁ ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ନଚେତ୍, ଦିନକୁ ଦିନ ଦୁର୍ବଳ ହେଉଥିବା ଏହି ଶିକ୍ଷାନୁଷ୍ଠାନର ଭବିଷ୍ୟତ ଆହୁରି ଅନ୍ଧକାରମୟ ହୋଇପାରେ।

## ଏନଏସି ନିର୍ବାହୀ ଅଧିକାରୀ, ଅଧ୍ୟକ୍ଷ ଓ କର୍ମଚାରୀଙ୍କୁ ଗାଳିଗୁଲଜ କରି ଜେଲ ଗଲେ ଯୁବକ

ନୀଳଗିରି, ୨୧।୮ (ସଂଚାର ବ୍ୟୁରୋ): ଜୈନିକ ଯୁବକଙ୍କ ଉନ୍ମୋକ୍ତ କାଣ୍ଡଘଟାଇ ଥାନାରେ ଅଟକ ରହିବା ନେଇ ନୀଳଗିରିରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଯୋଗ୍ୟ ନୀଳଗିରି ଏନଏସି ଡଗରାସାହୀ ୧ ନମ୍ବର ୱାର୍ଡର କିଶୋର ବେହେରାଙ୍କ ପୁଅ ରଞ୍ଜନ ବେହେରା (୪୩) ଆଜି ଦିନ ୧.୧୫ ମିନିଟ ନୀଳଗିରି ଏନଏସି ଅଫିସରେ ପହଁଚି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ଓ କାମଚଳା ଅଧ୍ୟକ୍ଷ ମହେନ୍ଦ୍ର ବେହେରାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଏଥି ସହିତ ନୀଳଗିରି ବିଧାୟକଙ୍କୁ ମଧ୍ୟ ଗାଳି ଦେଇଥିଲେ। ତାପରେ କର୍ମଚାରୀ ଅଂଶୁମାନ ମହାନ୍ତି, ଦିପ୍ତୀ ପାଣି, ରଜତ ବେହେରା ସମେତ ଅନ୍ୟ କିଛି ଷ୍ଟାଫ୍ ମାନଙ୍କୁ ମଧ୍ୟ ମାଡ ମାରି ଆହତ କରି ଥିବାନେଇ ନିର୍ବାହୀ ଅଧିକାରୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଥାନା ଅଧିକାରୀ ଏନଏସି ଅଫିସ ପହଞ୍ଚି ରଞ୍ଜନଙ୍କୁ କାବୁକରି ନୀଳଗିରି ଥାନାକୁ ନେଇ ପଚରାଉଚରା କରିଥିଲେ। ଏନେଇ ନୀଳଗିରି ଥାନା ପକ୍ଷରୁ ୩୭୪/୨୬ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଆଜି କୋର୍ଟ ଚାଲାଣ କରାଯାଇଛି ।

# ଲୁଟ୍ ଘଟଣା: ୫ ଦିନ ପରେ ବି ପୁଲିସ ଫେଲ୍

### ୭ ମାସର ବିଫଳତାର କଳା ଚିଠା କେବେ ଗାଦି ଛାଡିବେ ଥାନା ଅଧିକାରିଣୀ ?

### ଦଲାଲ ରାଜ, ଚାନ୍ଦା ଆଦାୟ, ଗୋଡ ମୋଡ଼ା ଅସ୍ତରଙ୍ଗ ପୁଲିସର ଅସଲ ଚେହେରା

କାକଟପୁର/ଅସ୍ତରଙ୍ଗ, ୨୧।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ମରିଛି ନା ବଞ୍ଚିଛି ଲୋକେ ଜାଣି ପାରୁନାହାନ୍ତି ? ଥାନା ନାକ ତଳେ ୫୦ ଲକ୍ଷ ଲୁଟ୍, ୫ ଦିନ ହେଲା ପୋଲିସର ହାତ ଖାଲି। ପୁରୀ ଜିଲ୍ଲାର ଅସ୍ତରଙ୍ଗ ପୋଲିସ ଏବେ ସାଧାରଣ ଲୋକଙ୍କ ନଜରରେ ସମ୍ପୂର୍ଣ୍ଣ ଫେଲ୍।

ଗତ ୧୭ ତାରିଖ ବିଳମ୍ବିତ ରାତିରେ ଥାନାଠାରୁ ୫୦ ମିଟର ଦୂର ମହାନ୍ତି କମ୍ୟୁନିକେସନରୁ ଦୁର୍ବୃତ୍ତ ଗ୍ୟାସ କଟରରେ ସଟର କାଟି ୫୦ ଲକ୍ଷ ଟଙ୍କାର ଫୋନ୍ ଲୁଟି ନେଲେ। ୧୨୦ ଘଣ୍ଟା ବିତିଲା, ପୋଲିସ କେବଳ ସିସିଟିଭି ଦେଖି ବୁଲୁଛି। ସାଇଣ୍ଟିଫିକ୍ ଟିମ୍ ଫେଲ୍, ସନ୍ଧାନୀ କୁକୁର ଫେଲ୍, ଏବେ କ୍ରାଇମ ବ୍ରାଞ୍ଚ ଟେକ୍ନିକାଲ ଟିମ୍ ବି ଫେଲ୍। ପ୍ରଶ୍ନ ଉଠୁଛି - ଅସ୍ତରଙ୍ଗ ପୋଲିସ କାମ କରୁଛି ନା ଦୁର୍ବୃତ୍ତଙ୍କୁ ସୁରକ୍ଷା ଦେଉଛି ?

ବ୍ୟବସାୟୀ ମହାସଂଘ ସଭାପତି ଦୁଷ୍ମନ୍ତ ପରିଡା ସିଧା କହିଛନ୍ତି, ବର୍ତ୍ତମାନର ଥାନା ଅଧିକାରିଣୀ ଯୋଗ ଦେବା ଦିନରୁ ଅସ୍ତରଙ୍ଗରେ ଆଇନ ଶୃଙ୍ଖଳା ଭୁଶୁଡି ପଡିଛି। ସେମାନେ ପୁରୀ ଏସପିଙ୍କୁ ଦେଇଥିବା ୬ ଦଫା ବିଫଳତା ଚିଠାରେ ଲେଖିଛନ୍ତି - କରଞ୍ଜପୁର, ଭେଢାବନ୍ଧ, ବନ୍ତିଲୋ, ବରଡି, କେନ୍ଦ୍ରାପଟି, ପୋଟଳ ଛକ ସମେତ ଅଙ୍ଗନବାଡି, ସ୍କୁଲ, ମନ୍ଦିର ଚୋରୀ ପରେ ଚୋର ଧରିବାରେ ପୋଲିସ ଫେଲ୍, ରାତ୍ର ପେଟ୍ରୋଲିଂ ନାହିଁ, ପ୍ରତି କେଶରେ ମୋଟା ଟଙ୍କା ଆଦାୟ, ମିଛ କେଶରେ ଲୋକଙ୍କୁ ହଇରାଣ ଓ ନିଶା କାରବାରକୁ ଖୋଲା ପ୍ରୋତ୍ସାହନ।

ସାଧାରଣ ଲୋକ କହୁଛନ୍ତି, ଥାନାରେ ଟଙ୍କା ଦେଲେ ନ୍ୟାୟ, ନହେଲେ ମିଛ ମାମଲା। ନିଶା ବ୍ୟବସାୟୀଙ୍କ ଠାରୁ ମାସିକ ଚାନ୍ଦା ଆଦାୟ ଏବେ ରୀତି। କାରଣ ଥାନା ସାମ୍ନାରେ ସ୍କୁଟି ରେ ଯାଉଛି ପେଟି ପେଟି ମଦ। ଥାନାରେ ଚାଲିଛି ଦଣ୍ଡିଆ ରାଜ। ଏହି ସମୟରେ ଥାନା କର୍ମଚାରୀ ପାଟ୍ରୋଲିଂ ରେ ଯାଇ ଗୋଡ ମୋଡା ଖାଉଥିବା ଭିଡିଓ ଭାଇରାଲ ହେବା ପରେ ସ୍ୱଚ୍ଛ ଅସ୍ତରଙ୍ଗରେ ପୋଲିସର ଦଲାଲ ଓ ଦଣ୍ଡିଆ ରାଜ ସାମ୍ନାକୁ ଆସିଛି। ଅଗଷ୍ଟ ୧୮ରେ ଦାବୀପତ୍ର ଦେବାର ଘଣ୍ଟାକ ପରେ ବଜାରରୁ ପୁଣି ବାଇକ୍ ଚୋରି ହେବା ପୋଲିସକୁ ଚ୍ୟାଲେଞ୍ଜ ଭଳି ହୋଇଛି ।

ଏବେ ସବୁଠୁ ବଡ ପ୍ରଶ୍ନ - ଏତେ ବିଫଳତା ପରେ ବି ପୁରୀ ଏସପି ଥାନା ଅଧିକାରିଣୀଙ୍କୁ କାହିଁକି ଘଣ୍ଟ ଘୋଡାଉଛନ୍ତି ? ବଦଳି କେବେ ? ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବହ୍ନି ଜଳୁଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବାଲିଅନ୍ତା, ୨୧।୮ (ସଂଚାର ବ୍ୟୁରୋ): ବାଲିଅନ୍ତା ପଞ୍ଚାୟତ ସମିତି ଆନୁକୁଲ୍ୟରେରେ" ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର" ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବାଲିଅନ୍ତା ପଞ୍ଚାୟତ ସମିତି ଅଧୀନରେ ଥିବା ୧୬ ଟି ଗ୍ରାମ ପଞ୍ଚାୟତର ଦିବ୍ୟାଙ୍ଗ ବ୍ୟକ୍ତିମାନେ ସେମାନଙ୍କର ପଞ୍ଜୀକରଣ କରି ଡାକ୍ତର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସେବା ପାଇଥିଲେ। ଆଜିର ଶିବିରରେ ସର୍ବମୋଟ ୧୪୧ ଜଣ ଭିନ୍ନକ୍ଷମ ବାକ୍ତି ପଞ୍ଜୀକୃତ କରି ଥିଲେ, ତନ୍ମଧ୍ୟରୁ ଶାରୀରିକ ଅକ୍ଷମ ପାଇଁ ୭୪ ଜଣ, ଦୃଷ୍ଟିହୀନ ପାଇଁ ୧୨ ଜଣ , ଶ୍ରବଣ ଓ ବାକଶକ୍ତି ବାଧିତରେ ୨୫ ଜଣ ଏବଂ ମାନସିକ ଅନଗ୍ରସର ପାଇଁ ୩୦ ଜଣ ଆସିଥିଲେ । ଏହି ଶିବିରରେ ଡାକ୍ତରି ପରୀକ୍ଷଣ ପରେ, ୭୫ ଜଣ ଭିନ୍ନକ୍ଷମ ଙ୍କ ସାର୍ଟିଫିକେଟ ନିର୍ଦ୍ଧାରିତ କରାଗଲା। ଏଥି ସହିତ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସୁସ୍ୱାଦ ଭୋଜନର ଆୟୋଜନ କରଯାଇଥିଲା।

ଏହି କାର୍ଯ୍ୟକ୍ରମ କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀମତୀ ରଶ୍ମିତା ନାଥ ଓ ସାମାଜିକ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା ଶ୍ରୀ ଦିଲ୍ଲୀପ କୁମାର ହିଆଲ ଉଦ୍ ଘାଟନ କରିଥିଲେ। ଏହି ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଶୁଭଶ୍ରୀ ଦାସ, ଜୁନିୟର ଆସିଷ୍ଟାଣ୍ଟ, ଶିବ ପ୍ରସାଦ ଭଞ୍ଜ ଓ ପିଏ, ନାରାୟଣ ଦାସ , ଓ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ଏହି ଶିବିରକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

## ସୁନ୍ଦରଗଡ଼ରେ ଅସ୍ମିତା ସିପକଟାକ୍ରୋ ଲିଗ୍



ସୁନ୍ଦରଗଡ଼, ୨୧।୮ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଭବାନୀ ଭବନ ସ୍ପୋର୍ଟ୍ସ କଂପ୍ଲେକ୍ସ ପରିସରରେ ଅସ୍ମିତା ସିପକଟାକ୍ରୋ ଲିଗ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୨୦ ଜଣ ବାଳିକା ଖେଳାଳି ଅନଲାଇନ ପଞ୍ଜିକରଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ । ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌର ଉପସ୍ଥିତ ରହି ଖେଳକୁ ମନଭରି ଉପଭୋଗ କରିବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ସାହୁ ଯୋଗଦାନ କରି ଏହି ଖେଳ ବିଷୟରେ ସମସ୍ତଙ୍କୁ ଅବଗତ କରିବା ସହିତ ଭବିଷ୍ୟତରେ ଆହୁରି ଖେଳାଳି ଆଗ୍ରହ ପ୍ରକାଶ କରିବା ପାଇଁ ସୂଚାଇ ଥିଲେ ।

ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ତନୟା ମିଶ୍ର, ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଟାଉନ ଥାନା ଅଧିକାରୀ ସୁଶାନ୍ତ ପରିଡା, ଅନ୍ତର୍ଜାତୀୟ ରେଫରୀ ରାମ ଚନ୍ଦ୍ର ବାରିକ ଓ ରାଜ୍ୟ ଉପସଭାପତି ମାମି ମିଶ୍ର, ଶ୍ରୀ ରୁଦ୍ର ଲଜିଷ୍ଟିକ ଝାରସୁଗୁଡାର ପ୍ରୋପ୍ରାଇଟର ରାଜଲକ୍ଷ୍ମୀ ଦେହୁରୀଆ ଓ ଆଲୋକ ବଢ଼ାଇ ଉପସ୍ଥିତ ରହି ଖେଳାଳି ମାନଙ୍କ ଉତ୍ତୋରତ୍ତର କାମନା କରିଥିଲେ।

ପ୍ରତିଯୋଗିତାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଡ଼ିମଙ୍ଗ, ବାରଗାଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ଲୋଚନ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲି, ବାଲଭାରତୀ ପବ୍ଲିକ ବିଦ୍ୟାଳୟ ଏନଟିପିସି ଦର୍ଲିପାଲି, ଅମୁଲ୍ୟା ବିଦ୍ୟାପୀଠ କେପସେ, ଅଲେକେରା ଉଚ୍ଚ ବିଦ୍ୟାଳୟ, ତେଲେନଡ଼ିହି ବାଳିକା ଉଚ୍ଚ ବିଦ୍ୟାଳୟ, ଉଜ୍ଜଳପୁର ବାଳିକା ଉଚ୍ଚ ବିଦ୍ୟାଳୟ ଓ ଧର୍ମଶାଳା ଉଚ୍ଚ ବିଦ୍ୟାଳୟର ବାଳିକା ଖେଳାଳି ମାନେ ଅଂଶ ଗ୍ରହଣ କରିଥିଲେ । ଜାତୀୟ ରେଫରୀ, ରାଜ୍ୟ ସ୍ତରୀୟ ରେଫରୀ ଓ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକମାନେ ସଫଳତାର ସହ ଖେଳ ପରିଚାଳନା କରିଥିଲେ । ଫାଇନାଲରେ ଷ୍ଟାଡିୟମ ଦଳ ଚାମ୍ପିୟନ ହୋଇଥିବା ବେଳେ ବାରଗାଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ରନର୍ସ ଅପ ହୋଇଥିଲେ । ଶେଷରେ ସମସ୍ତ ଦଳଙ୍କୁ ସାର୍ଟିଫିକେଟ ସହିତ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

# ବଦଳିବ ବଣ୍ଡା ଘାଟି ସୀତାକୁଣ୍ଡର ରୂପରେଖ

## ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ




ମାଲକାନଗିରି, ୨୧।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର ପ୍ରସିଦ୍ଧ ବଣ୍ଡା ଘାଟି ଅନ୍ତର୍ଗତ ମୁଦୁଲିପଡ଼ା ସ୍ଥିତ ସୀତାକୁଣ୍ଡର ସାମଗ୍ରିକ ବିକାଶ ଓ ପର୍ଯ୍ୟଟନର ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସ୍ୱୟଂ ସୀତାକୁଣ୍ଡ ପରିଦର୍ଶନ କରି ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷା ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ସ୍ଥାନୀୟ ଅଧିକାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସୀତାକୁଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ଯ୍ୟଟନ ସମ୍ଭାବନା ଓ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସରକାରୀ ପରିଦର୍ଶନ ଏବଂ ସମୀକ୍ଷା ବୈଠକରେ ଜିଲ୍ଲା ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବିକାଶମୂଳକ ଯୋଜନାର ରୂପରେଖ ପ୍ରସ୍ତୁତ କରିଛନ୍ତି।

ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଉପସ୍ଥିତ ରହି କାର୍ଯ୍ୟକ୍ରମର ତଦାରଖ କରିବା ସହ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏଥିସହିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ହଳଧର ସବର ଏହି ଆଲୋଚନାରେ ସାମିଲ ହୋଇ ପ୍ରକଳ୍ପର ରୂପରେଖ ଉପସ୍ଥାପନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ବଣ୍ଡା ଜନଜାତିଙ୍କ ଉନ୍ନତି ପାଇଁ ବିଶେଷ ଭାବେ କାର୍ଯ୍ୟ କରୁଥିବା ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ମୁଖ୍ୟ ମଧ୍ୟ ସେଠାରେ ଉପସ୍ଥିତ ରହି କାର୍ଯ୍ୟକାରୀ ହେବାକୁ ଥିବା ଯୋଜନା ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ସୀତାକୁଣ୍ଡର ପର୍ଯ୍ୟଟନ ସମ୍ଭାବନାକୁ ଉପଯୋଗ କରି ସ୍ଥାନୀୟ ବଣ୍ଡା ସମ୍ପ୍ରଦାୟର ଆର୍ଥିକ ଉନ୍ନତି ଏବଂ ସେମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହି ପଦକ୍ଷେପ ଦ୍ୱାରା ଆଗାମୀ ଦିନରେ ବଣ୍ଡା ଘାଟିରେ ପର୍ଯ୍ୟଟନର ଚିତ୍ର ବଦଳିବା ସହ ଅଞ୍ଚଳବାସୀ ବେଶ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଦରକାର ପ୍ରୋଟିନ



ଆଜିକାଲିର ଖରାପ ଜୀବନଶୈଳୀ ଯୋଗୁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଯଦି ଆପଣ ରୋଗରୁ ଦୂରେଇ ରହିବାକୁ ଚାହୁଁଛନ୍ତି ତେବେ ଆପଣଙ୍କର ଖାଦ୍ୟପେୟରେ ପରିବର୍ତ୍ତନ ଆଣିବା ଜରୁରୀ। ସୁସ୍ଥତା ଆମ ଖରାପ ଏବଂ ଭଲ ଖାଦ୍ୟ ଉପରେ ନିର୍ଭର କରେ। କିଛି ଖାଦ୍ୟକୁ ନିଜ ଡାଏଟରେ ସାମିଲ କରିବା ନିହାତି ଆବଶ୍ୟକ। ଯାହା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଯାଇପାରିବ। ଯେତେବେଳେ ଆପଣ ସଠିକ୍ ଡାଏଟ୍ ପ୍ଲାନ୍ ଫଲୋ କରିବେ, ସେତେବେଳେ ସୁସ୍ଥ ରହିବା ସମ୍ଭବ ହେବ। ଯଦି ଆପଣଙ୍କର ଖାଇବା ରୁଟିନ୍ ଏବଂ ଲାଇଫ୍ ଷ୍ଟାଇଲ ଖରାପ ହେବ ତେବେ ବାରମ୍ବାର ଅସୁସ୍ଥ ହେବାର ଆଶଙ୍କା ରହିଛି। ଯଦି ଆମେ ପିଲାମାନଙ୍କ ବିଷୟରେ କଥା ହେବା, ତେବେ ବଡ଼ମାନଙ୍କ ଅପେକ୍ଷା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ଖାସ କରି ପିଲାମାନଙ୍କ ରାଜାପ୍ରତିରୋଧକ ଶକ୍ତି ମଜବୁତ ରହିବା ଜରୁରୀ। ନଚେତ୍ ପିଲାମାନେ ଶୀଘ୍ର ଅସୁସ୍ଥତାର ଶିକାର ହୋଇଥାନ୍ତି। ତେଣୁ ସେମାନଙ୍କ ଖାଇବା ପିଇବା ଉପରେ ବିଶେଷ ଧ୍ୟାନ ଦେବା ଉଚିତ୍। ତେବେ ପାଣିପାଗର ପରିବର୍ତ୍ତନ ସହିତ ପିଲାମାନେ ପ୍ରାୟତଃ ଶୀଘ୍ର ଅସୁସ୍ଥ ହୁଅନ୍ତି। ଏଭଳି ପରିସ୍ଥିତିରେ, ଏପରି ଜିନିଷକୁ ସେମାନଙ୍କ ଖାଦ୍ୟରେ ସାମିଲ କରିବା ଜରୁରୀ, ଯାହା ସେମାନଙ୍କର ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବ। ଏଠାରେ ଆମେ ଆପଣଙ୍କୁ ସେହି ଜିନିଷଗୁଡ଼ିକ ବିଷୟରେ କହିବାକୁ ଯାଉଛୁ ଯାହା ପିଲାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହେବା ସହିତ ବିଭିନ୍ନ ରୋଗ ବୈରାଗ୍ୟଠାରୁ ଦୁରେଇ ରଖିବାରେ ସାହାଯ୍ୟ କରିବ। ପ୍ରତିରକ୍ଷା ପ୍ରଣାଳୀ ପାଇଁ ଭିଟାମିନ୍ 'ସି' ଅତ୍ୟନ୍ତ ଜରୁରୀ ହୋଇଥାଏ। ଯାହା ଶରୀରରେ ଧଳା ରକ୍ତ କଣିକା ବୃଦ୍ଧି କରିଥାଏ। ଏହା ସହିତ, ଭିଟାମିନ୍ 'ସି' ସଂକ୍ରମଣ ସୃଷ୍ଟି କରୁଥିବା ଜୀବାଣୁକୁ ମାରିଦେଇଥାଏ। ସେଥିପାଇଁ କମଳା, ଅଁଳା ଏବଂ ଅଙ୍ଗୁର ପରି ଖଟା ଫଳଗୁଡିକ ପିଲାମାନଙ୍କ ଖାଦ୍ୟରେ ସାମିଲ କରନ୍ତୁ।

ଯଦି ଆପଣ ପିଲାମାନଙ୍କ ଶୀଘ୍ର ବଢ଼ିବାକୁ ନେଇ ଚିନ୍ତିତ ତେବେ ତାଙ୍କ ଡାଏଟରେ ପ୍ରୋଟିନ୍ ଖାଦ୍ୟ ସାମିଲ କରନ୍ତୁ। ଯାହା ମାଂସପେଶୀ ଏବଂ ହାଡକୁ ମଜବୁତ କରିବାରେ ସାହାଯ୍ୟ କରିବ। ଯଦି ଶରୀରରେ ପ୍ରୋଟିନର ପରିମାଣ ଠିକ୍ ଥାଏ ତେବେ ଯେକୌଣସି ଆଘାତ ଲାଗିଥିଲେ ଶୀଘ୍ର ଭଲ ହୋଇଯାଇଥାଏ। ତେଣୁ ପ୍ରୋଟିନ ପାଇଁ ପିଲାମାନଙ୍କ ଖାଦ୍ୟରେ ପନିର, ଅଣ୍ଡା, ଟୋଫୁ ଏବଂ ସୋୟାବିନ୍ ସାମିଲ କରନ୍ତୁ।

ବାଦାମ: ପିଲାମାନଙ୍କର ପ୍ରତିଦିନ ଖାଦ୍ୟରେ ବାଦାମ ନିଶ୍ଚିତ ସାମିଲ କରନ୍ତୁ। ରାତିସାରା ୫ ରୁ ୬ଟି ବାଦାମକୁ ଭିଜାଇ ସକାଳେ ନିଜ ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ଫଳରେ ପିଲାମାନଙ୍କୁ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଭିଟାମିନ୍ 'ଇ' ପାଇବେ। ଯାହା ଦ୍ୱାରା ପିଲାମାନଙ୍କୁ ଆକ୍ଟିଭ ରଖିବାରେ ସାହାଯ୍ୟ କରିଥାଏ।

ଦହି: ଶିଶୁର ହଜମ ପ୍ରକ୍ରିୟା ଭଲ ନଥିଲେ ମଧ୍ୟ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ, ପିଲାମାନଙ୍କର ଅନ୍ତନଳୀ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ହୋଇଥାଏ। ପିଲାମାନେ ସେମାନଙ୍କର ପ୍ରତିଦିନ ଖାଦ୍ୟରେ ଦହି ଏବଂ ବଟର ମିଲ୍କ ସାମିଲ କରିବା ନିହାତି ଜରୁରୀ। ଦହିରେ ପ୍ରୋବୋଟିକ୍ସ ଥାଏ। ଯାହା ଅନ୍ତନଳୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେଣୁ, ସେମାନଙ୍କର ଖାଦ୍ୟରେ ଦହି କିମ୍ବା ବଟର ମିଲ୍କ ସାମିଲ କରନ୍ତୁ। ଯାହା ଫଳରେ ସେମାନେ ସୁସ୍ଥ ରହିବେ ଏବଂ କୌଣସି ପ୍ରକାରର ସମସ୍ୟା ହେବ ନାହିଁ।

# ବେଲପଣା ପେଟ ପାଇଁ ଭଲ



ପ୍ରତି ଓଡିଆଙ୍କ ପ୍ରିୟ ବେଲପଣା। ଏହାର ଗଛଠାରୁ ଆରମ୍ଭ କରି ପତ୍ର,ଫଳ ବିଶେଷ ଉପକାରୀ। ବିଶେଷ କରି ଖରା ଆସିବା ମାତ୍ରେ ଘରେ ଘରେ ବେଲପଣା ତିଆରି ହୋଇଥାଏ। ଏହାକୁ କିଏ କଞ୍ଚା ଖାଇବାକୁ ପସନ୍ଦ କରନ୍ତି ତ ଆଉ ପୁଣି କିଏ ପଣା ତିଆରି କରି ପିଇବାକୁ ଭଲ ପାଇଥାଆନ୍ତି। ଓଡିଆ ନୂଆ ବର୍ଷ ଆରମ୍ଭ ହେବା ମାତ୍ରେ ବେଲପଣା ପିଇ ସମସ୍ତେ ବର୍ଷର ଆରମ୍ଭ କରିଥାଆନ୍ତି। ଓଡିଆଙ୍କ ପାଇଁ ନ୍ୟାଚୁରାଲ ଥଣ୍ଡା କହିଲେ ବେଲପଣାକୁ ବୁଝାଏ। ଯାହା ସ୍ୱାସ୍ଥ୍ୟକୁ ଭଲ ରଖିବା ସହିତ ଶରୀରକୁ ଭିତରୁ ଥଣ୍ଡା ରଖେ। ଏହା ଏନର୍ଜି ବୁଷ୍ଟର ଭାବେ କାର୍ଯ୍ୟ କରିଥାଏ। ଯାହା ଆମ ଶରୀର ପାଇଁ ରାମବାଣ ସଦୃଶ। ବେଲପଣା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ହିତକର। ଯାହା ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ। ଆଜିକାଲିକା ଯୁବ ପିଢ଼ିମାନେ ଖରାଦିନ ଆରମ୍ଭ ହେଉ ହେଉ କୋଲଡ୍ରିଙ୍କସ ଏବଂ ଆଇସ୍କ୍ରିମ୍ ଖାଉଛନ୍ତି। ଏହା କିଛି ସମୟ ପାଇଁ ହୁଏତ ଆମକୁ ଥଣ୍ଡା ଅନୁଭବ କରାଇଥାଏ ହେଲେ ପରେ ବିପଦ ମୁହଁକୁ ଠେଲି ଦେଇଥାଏ। ସେଥିପାଇଁ ଗରମରୁ ରକ୍ଷା ପାଇବାକୁ ଚାହୁଁଥିଲେ ଆପଣମାନେ ବେଲପଣା ପିଇପାରିବେ। ବେଲରେ ଫାଇବାର, ପ୍ରୋଟିନ୍, ଆଇରନ୍ ଓ ପୁଷ୍ଟିକର ଗୁଣ ଭରପୂର ମାତ୍ରାରେ ଥାଏ। ଯାହା ଶରୀରକୁ ହାଇଡ୍ରେଡ୍ ରଖିବା ସହ କୋଷ୍ଠ-କାଠିନ୍ୟ,ଗ୍ୟାସ୍, ବଦହଜମି ଓ ଥଙ୍କାପଣ ଭଳି ସମସ୍ୟାକୁ ଦୂର କରିଥାଏ। ତେବେ ଆମେ ଆଜି ଆପଣଙ୍କୁ ବେଲପଣା ପିଇବାର ଲାଭ ସମ୍ପର୍କରେ ଜଣାଇବୁ। ଯାହା ଆପଣଙ୍କୁ ଅନେକ ଲାଭ ପ୍ରଦାନ କରିବ। ଆସନ୍ତୁ ଏହାର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ଯାହା ଦ୍ୱାରା ଆପଣଙ୍କ ସମସ୍ୟା କିଛି ମାତ୍ରାରେ ଲାଘବ ହୋଇପାରିବ।

ଶରୀରକୁ ଥଣ୍ଡା ରଖେ: ଖରାଦିନେ ଅଧିକରୁ ଅଧିକ ଝାଳ ବୋହିଥାଏ। ସାଧାରଣତଃ ଏହି ଦିନରେ ଜଳୀୟ ଅଂଶର ଅଭାବ ଦେଖିବାକୁ ମିଳିଥାଏ। ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ ଆପଣ ବେଲପଣା ପିଇପାରିବେ। ଯାହା ଆପଣଙ୍କ ଶରୀର ଜଳୀୟ ଅଂଶର ଅଭାବକୁ ଦୂର କରିବ। ଏହା ସହିତ ଆପଣଙ୍କୁ ଇନଷ୍ଟାଣ୍ଟ ଏନର୍ଜି ଦେବ।

ରକ୍ତକୁ ପରିଷ୍କାର କରେ: ବେଲପଣା ପିଇବା ଦ୍ୱାରା ରକ୍ତକୁ ପରିଷ୍କାର କରିବାରେ ସାହାଯ୍ୟ କରେ। ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ତ୍ୱଚାରେ ଚମକ ଆଣିବାରେ ସହାୟକ କରେ।

ହଜମ ପ୍ରକ୍ରିୟା ଉନ୍ନତ କରେ: ବେଲପଣାରେ ପ୍ରଚୁର ପରିମାଣର ଡାଏଟ୍ରି ଫାଇବର ଏବଂ ପେକ୍ଟିନ ଥାଏ। ଯାହା ମଳତ୍ୟାଗକୁ ନିୟନ୍ତ୍ରଣ କରିବାରେ ଏବଂ ଏକ ସୁସ୍ଥ ପାଚନ ପ୍ରଣାଳୀ ବଜାୟ ରଖିବାରେ ସାହାଯ୍ୟ କରେ। ଏହା ଏକ ପ୍ରାକୃତିକ ଔଷଧ ଭାବରେ କାର୍ଯ୍ୟ କରେ। କୋଷ୍ଠକାଠିନ୍ୟକୁ କମ କରିବାରେ ସାହାଯ୍ୟ କରେ।

ହାର୍ଟକୁ ସୁସ୍ଥ ରଖେ: ବେଲପଣା ନିୟମିତ ଭାବେ ସେବନ କଲେ କୋଲେଷ୍ଟ୍ରୋଲ୍ ସ୍ତର ନିୟନ୍ତ୍ରଣ କରାଯାଇପାରିବ। ଯାହା ଦ୍ୱାରା ହାର୍ଟକୁ ସୁସ୍ଥ ରଖାଯାଇପାରିବ। ହାର୍ଟର ସ୍ୱାସ୍ଥ୍ୟକୁ ଉନ୍ନତ କରି ହୃଦରୋଗର ଆଶଙ୍କା ହ୍ରାସ କରିଥାଏ।

ମଧୁମେହ ନିୟନ୍ତ୍ରଣ କରେ: ବେଲପଣାରେ ଫେରୁଲିକ୍ ଏସିଡ୍ ଏବଂ ରୁଟିନ୍ ଭଳି ଗୁଣ ରହିଛି। ଯାହା ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହା ଇନସୁଲିନ୍ ସମ୍ବେଦନଶୀଳତାକୁ ଉନ୍ନତ କରେ ଏବଂ ରକ୍ତ ଶର୍କରା ସ୍ତରକୁ ହ୍ରାସ କରେ ।

ଚର୍ମକୁ ସୁସ୍ଥ ରଖେ: ବେଲପଣାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ ଚର୍ମକୁ ଅକ୍ସିଡେଟିଭ ଚାପରୁ ରକ୍ଷା କରେ ଏବଂ କୋଲାଜେନ ଉତ୍ପାଦନକୁ ବୃଦ୍ଧି କରେ। ଯାହା ଚର୍ମକୁ ଉନ୍ନତ କରିବା ସହ ଅକାଳ ବାର୍ଦ୍ଧକ୍ୟକୁ ରୋକିଥାଏ। ତେଣୁ ଖରାଦିନେ ଅନ୍ୟ ଥଣ୍ଡା ପିଇବା ପରିବର୍ତ୍ତେ ବେଲପଣା ପିଅନ୍ତୁ। ଯାହା ଆପଣଙ୍କର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିପାରିବ।

# ରାତିରେ ଅଧିକ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ



ରାତି ୯ଟା ପରେ ଅଧିକାଂଶ ଲୋକ ଖାଦ୍ୟ ଖାଇଥାନ୍ତି। ତେବେ ବ୍ୟସ୍ତତା ଏବଂ ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ଅନେକଙ୍କ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ତେବେ ରାତି ୯ଟା ପରେ ଯଦି ଅଧିକ ଖାଦ୍ୟ ଗ୍ରହଣ କରନ୍ତି ତାହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଏମିତିକି ବଡ଼ ପେଟ ସମସମ୍ୟା ମଧ୍ୟ ଉପୁଜିଯାଇପାରେ ବୋଲି କୁହାଯାଏ।

ଆମେରିକାର ନ୍ୟାସନାଲ ହେଲ୍ଥ ଆଣ୍ଡ ନ୍ୟୁଟ୍ରିସନ ଏଗଜାମିନେସନ ସର୍ଭେରୁ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ୧୧ ହଜାର ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି କି, ବିଳମ୍ବିତ ରାତିରେ ଅତ୍ୟଧିକ ଖାଦ୍ୟ ଖାଇଲେ ଅନ୍ତଃନଳୀ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଏହାସହ ଅଧ୍ୟୟନରୁ ଜଣା ପଡ଼ିଛି କି, ଅଧିକାଂଶ ଲୋକ କହିଛନ୍ତି କି, ବ୍ୟସ୍ତତା ପାଇଁ ବିଳମ୍ବରେ ଖାଦ୍ୟ ଗ୍ରହଣ କରନ୍ତି। ପାଖାପାଖି ୨୫ ପ୍ରତିଶତରୁ ଅଧିକ ଲୋକ ଏଭଳି ଥିବା ଜଣାପଡ଼ିଛି। ତେବେ ଏମାନଙ୍କ ନିକଟରେ କୋଷ୍ଠକାଠିନ୍ୟ ଦେଖାଯାଏ ବୋଲି ତଥ୍ୟରେ ପ୍ରକାଶ ପାଇଛି।

ତେବେ ଏହି ସର୍ଭେର ମୁଖ୍ୟ କହିଛନ୍ତି କି, ବିଳମ୍ବରେ ଖାଇବା ଅପେକ୍ଷା ଅତ୍ୟଧିକ ଖାଦ୍ୟ ଗ୍ରହଣ କରିବା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ଆପଣ ଯଦି ଚାପରେ ଅଛନ୍ତି ଏବଂ ଅତ୍ୟଧିକ ଖାଦ୍ୟ ଗ୍ରହଣ କରନ୍ତି ତାହେଲେ ଅନ୍ତଃନଳୀ ଉପରେ ଏହା ପ୍ରଭାବ ପକାଇଥାଏ। ଏହାସହ ଏହା ଶରୀର ଉପରେ ଅଧିକ ପ୍ରଭାବ ପକାଇଥାଏ। ମାନସିକ ଚାପରେ ରହିଲେ ଏହା ପେଟ ସମସ୍ୟା ହେବାର ଆଶଙ୍କା ରହିଥାଏ। କୁହାଯାଇଛି କି, ଦିନ ଅପେକ୍ଷା ରାତିରେ ଖାଦ୍ୟ ହଜମ କରିବାର କ୍ଷମତା ହ୍ରାସ ପାଇଥାଏ। ରାତିରେ ଅଧିକ ପରିମାଣର ଖାଦ୍ୟ ଗ୍ରହଣ କଲେ ଏହା ସହଜରେ ହଜମ ହୋଇନଥାଏ। ଯାହାଦ୍ୱାରା ଆପଣଙ୍କ ନିକଟରେ ବହୁ ଲକ୍ଷଣମାନ ଦେଖାଯାଇଥାଏ। ଏହାକୁ ଏଡାଇବା ପାଇଁ ସବୁବେଳେ ରାତିରେ ହାଲୁକା ଖାଦ୍ୟ ଖାଆନ୍ତୁ। ମାନସିକ ଚାପ ନିଅନ୍ତୁ ନାହିଁ। ପ୍ରତିଦିନ ଯୋଗ କରନ୍ତୁ, ଚାଲିବା କିମ୍ବା ଧ୍ୟାନ କରନ୍ତୁ। ପର୍ଯ୍ୟାପ୍ତ ପରିମାଣ ଶୁଅନ୍ତୁ।

# ତରଭୁଜ ଦିନରେ ଖାଇବା ଉଚିତ

ଗରମ ଦିନରେ ତରଭୁଜ ସ୍ୱାସ୍ଥ୍ୟ ଲାଗି ବେଶ ଲାଭଦାୟକ। ଏଥିରେ ୯୦ ପ୍ରତିଶତ ଜଳ ରହିଛି। ଶରୀରକୁ ହାଇଡ୍ରେଟ୍ ରଖିବାକୁ ତରଭୁଜ ସର୍ବୋତ୍ତମ। କିନ୍ତୁ ତରଭୁଜ କେତେବେଳେ ଖାଇବା ଉଚିତ, ସେନେଇ ବିଭିନ୍ନ ମତ ରହିଛି। ଦିନ ନା ରାତି, କେତେବେଳେ ତରଭୁଜ ଖାଇଲେ ଏହାର ଫାଇଦା ଅଧିକ ମିଳେ ତାହା ଜାଣିବା ଜରୁରୀ। ଗରମ ଦିନରେ ତରଭୁଜ ଖାଇବାକୁ ଲୋକେ ପସନ୍ଦ କରନ୍ତି। କିନ୍ତୁ ଏହାକୁ ମୁଡ୍ ଅନୁସାରେ ଖାଇବା କେତେଦୂର ଠିକ୍ ? ଖାଲି ପେଟରେ ତରଭୁଜ ଖାଇବା ଉଚିତ କି ନାହିଁ ? ଏହାକୁ ନେଇ ଟିଭି-୯ ଜଣେ ଡାକ୍ତରଙ୍କ ପରାମର୍ଶ କ୍ରମେ ତଥ୍ୟ ଦେଇଛି। ଗରମ ଦିନରେ ଦେହରୁ ଅଧିକରୁ ଅଧିକ ଝାଳ ବାହାରିଥାଏ, ତେଣୁ ଶରୀରକୁ ହାଇଡ୍ରେଟ୍ ରଖିବା ନିହାତି ଆବଶ୍ୟକ। ଏହି ସମୟରେ ତରଭୁଜ ଶରୀରରେ ଜଳୀୟ ଅଂଶ ବଢ଼ାଇବାରେ ସହାୟକ ହୋଇଥାଏ। ୧୦୦ ଗ୍ରାମ ତରଭୁଜରେ ପ୍ରାୟ ୪୦ ରୁ ୪୫ କ୍ୟାଲୋରୀ ଏବଂ ୭.୫୫ ଗ୍ରାମ କାର୍ବୋହାଇଡ୍ରେଟ୍ ଥାଏ। ଅନ୍ୟାନ୍ୟ ପୁଷ୍ଟିକର ପଦାର୍ଥ ମଧ୍ୟରେ ଫାଇବର, ପ୍ରୋଟିନ୍, ଭିଟାମିନ୍ ସି, ଭିଟାମିନ୍ ଏ, ପୋଟାସିୟମ୍ ଏବଂ ଲାଇକୋପିନ୍ ଅନ୍ତର୍ଭୁକ୍ତ।

ଏହି ଫଳ ସ୍ୱାଦିଷ୍ଟ ହୋଇପାରେ, କିନ୍ତୁ ରାତ୍ରି ଭୋଜନ ପରେ ଏହାକୁ ଖାଇବାର ଭୁଲ କରିବା ଉଚିତ୍ ନୁହେଁ। କୁହାଯାଏ ଯେ, ରାତିରେ ଏହାକୁ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ମନ୍ଥର ହୋଇପାରେ, ଯାହା ଫଳରେ କିଛି ଲୋକଙ୍କର ଗ୍ୟାସ୍ କିମ୍ବା ପେଟ ଫୁଲିବାର ସମ୍ଭାବନା ବଢ଼ିଯାଏ। ବିଶେଷଜ୍ଞଙ୍କ ମତରେ ଖାଦ୍ୟ ପରେ ତୁରନ୍ତ ଏହାକୁ ଖାଇବା ଦ୍ୱାରା ପାଚନକ୍ରିୟା ପ୍ରଭାବିତ ହୋଇପାରେ। ଆପଣ ଏହାକୁ ସକାଳ ୧୧ ଟାରୁ ଅପରାହ୍ନ ୪ ଟା ମଧ୍ୟରେ ଖାଇପାରିବେ। ଏହାକୁ ସର୍ବୋତ୍ତମ ସମୟ ବୋଲି ବିବେଚନା କରାଯାଏ, କାରଣ ଏହି ସମୟରେ ମେଟାବୋଲିଜିମ୍ ଦ୍ରୁତ ହୋଇଥାଏ। ଫଳରେ ଶରୀରରେ ତରଭୁଜର ପୁଷ୍ଟିକର ତତ୍ତ୍ୱ ସହଜରେ ଅବଶୋଷିତ ହୋଇଥାଏ। ଡାକ୍ତରଙ୍କ ମତରେ, ତରଭୁଜକୁ ଖାଲି ପେଟରେ ଖାଇବା ସମସ୍ତଙ୍କ ପାଇଁ ଲାଭଦାୟକ ନୁହେଁ। ତରଭୁଜରେ ପ୍ରଚୁର ପରିମାଣରେ ପାଣି ଏବଂ ପ୍ରାକୃତିକ ଶର୍କରା ଥାଏ। ତେଣୁ, ଖାଲି ପେଟରେ ଏହାକୁ ଖାଇବା ଦ୍ୱାରା ଶର୍କରା ସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇପାରେ ଏବଂ ପାଚନ ତନ୍ତ୍ର ଉପରେ ପ୍ରଭାବ ପକାଇପାରେ। ପ୍ରଥମତଃ, ଖାଲି ପେଟରେ ତରଭୁଜ ଖାଇବା ଦ୍ୱାରା ରକ୍ତରେ ଶର୍କରାର ସ୍ତର ହଠାତ୍ ବୃଦ୍ଧି ପାଇପାରେ, ଯାହା ମଧୁମେହ କିମ୍ବା ପ୍ରିଡାଇବେଟିସ୍ ଥିବା ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ଦ୍ୱିତୀୟତଃ, ଏଥିରେ ଥିବା ଅତ୍ୟଧିକ ପାଣି ଯୋଗୁଁ, ଏହା ପେଟରେ ଭାରୀପଣ, ଗ୍ୟାସ୍ ଏବଂ ଫୁଲିବା ଭଳି ସମସ୍ୟା ସୃଷ୍ଟି କରିପାରେ। ତୃତୀୟତଃ, କିଛି ଲୋକ ଏସିଡିଟି ଏବଂ ପେଟ ଯନ୍ତ୍ରଣା ଅନୁଭବ କରନ୍ତି, କାରଣ ଫଳ ଖାଲି ପେଟରେ ଶୀଘ୍ର ପ୍ରତିକ୍ରିୟା ସୃଷ୍ଟି କରେ।



### ଲଗାଣ ବର୍ଷାରେ ଭାଙ୍ଗିଗଲା ଘର

# ପଲିଥିନ ଦେଇ କାମ ସାରିଦେଲା ପ୍ରଶାସନ





ସମ୍ବଲପୁର,୨୧।୮ (ସଂଚାର ବ୍ୟୁରୋ): ତୁହାକୁ ତୁହା ଲଘୁଚାପ ଉଜାଡ଼ିଦେଲା ବାସ। ବେଘର ହେବା ସହ ଜୀବିକା ହରାଇଛନ୍ତି ୧୩ରୁ ୧୪ ପରିବାର। ପଲିଥିନ ଦେଇ କାମ ସାରିଦେଇଛି ପ୍ରଶାସନ। କୁଳବେଉସା ହରାଇ ଅତି ଦୟନୀୟ ଜୀବନ କାଟୁଛନ୍ତି ସମ୍ବଲପୁରର ଲୁହୁରାପଡ଼ା ବାସିନ୍ଦା। କାହାର ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ତ' ଆଉ କାହାର କାନ୍ଥ ପଡ଼ିଯାଇଛି। ଆଜବେଷ୍ଟସ୍ ଭାଙ୍ଗି ବିଛାଡ଼ି ହୋଇପଡ଼ିଛି। କିଏ ଖୋଲା ଆକାଶ ତଳେ ଜୀବନ କାଟୁଛି। ତ' ଆଉ କିଏ ଅନ୍ୟ ଘରେ ଆଶ୍ରା ନେଇଛି। ଅନେକ ଘରର ଅବସ୍ଥା ଏମିତି ତାକୁ ପୁନର୍ବାର ସଜାଡ଼ିବା ମୁସ୍କିଲ୍। ତୁହାକୁ ତୁହା ଲଘୁଚାପ ବର୍ଷାରେ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି କୁଚିଣ୍ଡା ଉପଖଣ୍ଡ ଜମନକିରା ବ୍ଲକ ରେଙ୍ଗାଲବେଡ଼ାର ଲୁହୁରାପଡ଼ା। ବାପ ଅଜା ଅମଳରୁ ଚାଲିଥିବା କମାରଶାଳ ପାଣିରେ ଭାସିଯାଇଥିବା ବେଳେ ୧୩ରୁ ୧୪ ପରିବାର ବାସହରା ହୋଇଯାଇଛନ୍ତି। ସହାୟତା ନାଁରେ ପଲିଥିନ୍ ଖଣ୍ଡିଏ ଦେଇ କାମ ସାରିଦେଇଛି ପ୍ରଶାସନ। ସରକାର ଉପଯୁକ୍ତ ହିତାଧିକାରୀଙ୍କୁ ଘର ଦେଉଥିବା ନେଇ କହୁଥିବା ବେଳେ ଏମାନେ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇଁ ବାରମ୍ବାର ହାରି ଗୁହାରି କରି କରି ଥକିଗଲେଣି। ଖାଲି ମିଳୁଛି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି। ସରକାରୀ ଫାଇଲ ତଳେ ରହିଯାଉଛି ଏମାନଙ୍କ ଭାଗ୍ୟ ଓ ଭବିଷ୍ୟତ।

## ପ୍ରଶାସନିକ ଉଦାସୀନତା: ରାସ୍ତାରେ ଆଣ୍ଠୁଏ କାଦୁଅ



ଜମନକିରା,୨୧।୮ (ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳରେ ଯାତାୟାତ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପ୍ରଶାସନିକ ଉଦାସୀନତା ଓ ଦୂରଦୃଷ୍ଟିହୀନ କାର୍ଯ୍ୟ ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏଭଳି ଏକ ସଙ୍ଗିନ ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସଦର ମହକୁମା ଷଣ୍ଢପଥର ସ୍ଥିତ ୫୩ ନମ୍ବର ଜାତୀୟ ରାଜପଥରୁ ଦୋରୋବାହାଲ ପଡ଼ା ଦେଇ ଛେମୁଣ୍ଡାକୁ ଯାଇଥିବା ମୁଖ୍ୟ ରାସ୍ତାରେ। ପୂର୍ବରୁ ଖରାପ ଥିବା ଏହି ରାସ୍ତା ଉପରେ ପଞ୍ଚାୟତ ୱାର୍ଡସଭ୍ୟଙ୍କ ଦ୍ୱାରା ମୋରମ ପକାଯିବା ପରେ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ଆହୁରି ଅଧିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ଷା ଯୋଗୁ ସମ୍ପୂର୍ଣ୍ଣ ରାସ୍ତାରେ ଆଣ୍ଠୁଏ ଲେଖାଏ କାଦୁଅ ପଚପଚ ହୋଇ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ରାସ୍ତାରେ ଚାଲିବା ତ ଦୂରର କଥା, ଦୁଇଚକିଆ ଯାନବାହନ ଯିବା ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି। କାଦୁଅରେ ଗାଡ଼ି ଚକା ଖସି ଲୋକେ ପଡ଼ି ଖଣ୍ଡିଆ ଖାବରା ହେଉଥିବାବେଳେ ଛାତ୍ରୀଛାତ୍ର, ମହିଳା ଓ ବୃଦ୍ଧାବୃଦ୍ଧ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଜରୁରୀକାଳିନ ସମୟରେ ଏହି ରାସ୍ତାରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି ପହଁଞ୍ଚିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି। ଏହି ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇବା ସହ ତୁରନ୍ତ ରାସ୍ତାଟିକୁ ସ୍ଥାୟୀ ଭାବେ ମରାମତି କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସୁଶୀଲ ନାୟକଙ୍କୁ ପଚାରିବାରୁ, ପାଗ ଟିକିଏ ଶୁଖିଲା ହେବା ମାତ୍ରେ ତୁରନ୍ତ ରାସ୍ତା ମରାମତି କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ



ସୁବର୍ଣ୍ଣପୁର,୨୧।୮ (ସଂଚାର ବ୍ୟୁରୋ): ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ମାର୍ଗ ଦର୍ଶକ। ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ବରିଷ୍ଠ ନାଗରିକ ଦିବସ ପାଳନ କରିବାର ମୂଳଲକ୍ଷ୍ୟ ବୋଲି ଶୁକ୍ରବାର କାର୍ଯ୍ୟାଳୟ ରେ ଅନୁଷ୍ଠିତ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅତିଥି ମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଦୟାନିଧି ହୋତା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ ନୃପରାଜ ସାହୁ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନ ର ପୂର୍ବତନ ସଭାପତି ଡ଼ ପ୍ରଫୁଲ୍ଲ ରଥ ମଞ୍ଚାସୀନ ହୋଇ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ, ଧନୁ ପ୍ରଧାନ ଓ ଭାମସେନ ପାଣିଗ୍ରାହୀଙ୍କୁ ଉପଢୌକନ ଓ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୁଲିସ୍ ପ୍ରଶାସନ ତରଫରୁ ୩୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରା ଯାଇଥିଲା।ଏଥିରେ ସ୍ଥାନୀୟ ଥାନା ଅଧିକାରୀ ଯଯାତି କେଶରୀ ସାହୁଙ୍କ ସମେତ ଆରକ୍ଷୀ ବାହିନୀ ସହଯୋଗ କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ଓ ବରିଷ୍ଠ ସଦସ୍ୟ ସତ୍ୟ ନାରାୟଣ ନାୟକଙ୍କ ଦ୍ୱାରା ଅନୁଷ୍ଠାନ କୁ ପ୍ରଦତ୍ତ ଏଆର୍ କଣ୍ଡିସନର୍ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀଙ୍କ ରଚିତ ମୋ ବନ୍ଦୀ ଜୀବନ ପୁସ୍ତକକୁ ତାଙ୍କ ପୁତ୍ର ପ୍ରଶାନ୍ତ ଶତପଥୀ ଅତିଥି ମାନଙ୍କୁ ପ୍ରଦାନ କରିଥିଲେ।

## ସାମାନ୍ୟ ବଚସାରୁ ବାପ-ପୁଅଙ୍କୁ ମାରିଲେ ଛୁରି



ଦେବଗଡ,୨୧।୮ (ସଂଚାର ବ୍ୟୁରୋ): ସାମାନ୍ୟ ବଚସାକୁ କେନ୍ଦ୍ର କରି ଜ୍ଘନ୍ୟ ହତ୍ୟାକାଣ୍ଡ। ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଗୌଡସୁଗୁଡା ଗ୍ରାମରେ ଶୁକ୍ରବାର ସକାଳୁ ଛୁରା ମାଡରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଗୁରୁତର ଆହତ ଅଛନ୍ତି। ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ୧୭ ବର୍ଷର ଜଣେ ନାବାଳକ ଭିଆଇଛନ୍ତି ହତ୍ୟାକାଣ୍ଡ। ମୃତକ ଗୌଡସୁଗୁଡା ଗ୍ରାମର ଗୌତମ ସାହୁ ଏବଂ ତାଙ୍କ ପୁଅ ଟିକେଶ୍ୱର ସାହୁ ଗୁରୁତର ଆହତ ହୋଇଛନ୍ତି। ଗୌଡସୁଗୁଡା ଗ୍ରାମରେ ଶୁକ୍ରବାର ଏକ ମଣ୍ଡପ ନିର୍ମାଣ ଚାଲିଥିଲା। ଗୌତମ ଏକ ପାଣି ଟ୍ୟାଙ୍କର ନେଇ ଯାଉଥିବା ବେଳେ ବାଟରେ ଗୋରୁ ବନ୍ଧା ଯାଇଥିବାରୁ ସମସ୍ୟା ହୋଇଥିଲା। ନାବାଳକଙ୍କୁ ଗୋରୁ ହଟାଇବା ପାଇଁ କହିବାରୁ ଏହାକୁ ନେଇ ବଚସା ସୃଷ୍ଟି ହୋଇଥିଲା। ଫଳରେ ଗୌତମଙ୍କ ପୁଅ ଟିକେଶ୍ୱର ଘଟଣା ସ୍ଥଳକୁ ଆସିଥିଲେ। ମାତ୍ର ନାବାଳକ ଜଣକ ଉତକ୍ଷିପ୍ତ ହୋଇ ଘରୁ ଏକ ଛୁରି ଆଣି ବାପ ପୁଅଙ୍କୁ ଆକ୍ରମଣ କରିଥିଲା। ଗୌତମଙ୍କ ପେଟରେ ଛୁରୀ ମାରିଥିବା ବେଳେ ତାଙ୍କ ପୁଅ ଟିକେଶ୍ୱରଙ୍କ ପିଠିରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ବାପା ପୁଅଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଗୌତମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏଥିସହ ଗୁରୁତର ଆହତ ହୋଇଥିବା ପୁଅର ଉଚ୍ଚତର ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ହତ୍ୟା ଅଭିଯୁକ୍ତ ନାବାଳକକୁ ଥାନାକୁ ଆଣି ପୁଲିସ ପଚରାଉଚୁରା ଜାରି ରଖିଛି।

## କେନ୍ଦୁଆ ପଞ୍ଚାୟତ ନୂତନ ଗୃହ ମାମଲା ମାନ୍ୟବର ହାଇକୋର୍ଟରେ ବିଚାରାଧିନ



ବୈଶିଙ୍ଗା,୨୧।୮ (ସଂଚାର ବ୍ୟୁରୋ): ଅବିଭକ୍ତ ବୈଶିଙ୍ଗା ଗ୍ରାମ ପଞ୍ଚାୟତରୁ ଭାଗ ହୋଇ ୨୦୧୬ ମସିହାରେ କେନ୍ଦୁଆ ପଞ୍ଚାୟତ ସୃଷ୍ଟି ହେଲା। ପରବର୍ତ୍ତୀ ସମୟରେ କେନ୍ଦୁଆ ପଞ୍ଚାୟତ ର ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ ପାଇଲା ସତ ମାତ୍ର ଦଶ ବର୍ଷ ଭିତରେ ନୂତନ ଗୃହ ନିର୍ମାଣ ପରିବର୍ତ୍ତେ ବୈଶିଙ୍ଗା ପଞ୍ଚାୟତ ର ପୁରୁଣା ଗୃହରେ କାର୍ଯ୍ୟାଳୟ ଚାଲୁ ରହିଛି। କେନ୍ଦୁଆ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇଥିଲେ ମଧ୍ୟ ଗାଇଡ ଲାଇନ ଅନୁସାରେ କେନ୍ଦୁଆ ରାଜସ୍ୱ ଗ୍ରାମ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ହୋଇ ପାରିବ ନାହିଁ ବୋଲି ଉଲ୍ଲେଖ ରହିଛି। ତେବେ ଏହାର ରୋଚକ କାରଣ ହେଉଛି ବର୍ତ୍ତମାନ କେନ୍ଦୁଆ ଏବଂ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ କେନ୍ଦୁଆ ରାଜସ୍ୱ ଗ୍ରାମରେ ଅବସ୍ଥିତ। ତେଣୁ ଏହି ସବୁ ବିବାଦରୁ ଦୁରେଇ ରହିବା ପାଇଁ କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣ ପରିବର୍ତ୍ତେ ବୈଶିଙ୍ଗା ପଞ୍ଚାୟତ ପାଇଁ ନୂତନ ଗୃହ ନିର୍ମାଣ ପାଇଁ ସ୍ୱତନ୍ତ୍ର ଗ୍ରାମସଭା ଡକାଇ ଗୃହ ନିର୍ମାଣ କରାଯାଉ ବୋଲି କେନ୍ଦୁଆ ପଞ୍ଚାୟତର ନାଏବ ସରପଞ୍ଚ ନମିତା ସିଂ ମାନ୍ୟବର ହାଇକୋର୍ଟ ଙ୍କ ନିକଟରେ ଡବ୍ଲୁପି (ସି) ୨୫୫୨୯/ ୨୦୨୬ ଆଇଏ ୧୪୫୬୧/ ୨୦୨୬ ରେ ଏକ ମାମଲା ରୁଜୁ ପରେ ଗତ ୧୪, ୦୮, ୨୦୨୬ ରେ ଜିଲ୍ଲାପାଳ, ବିଡିଓ ଏବଂ କେନ୍ଦୁଆ ସରପଞ୍ଚ ଙ୍କୁ ନୋଟିସ ଜାରି କରାଯାଇଛି। ଆସନ୍ତା ୧୮.୯.୨୦୨୬ ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି କେନ୍ଦୁଆ ମୌଜାରେ କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟ ସେହିଠାରେ ହିଁ କାର୍ଯ୍ୟରତ ଥିବା ବେଳେ ପୁଣି ସେଠାରେ ବିଧାୟକ ଏକ ନୂତନ ଗୃହ ନିର୍ମାଣ ପାଇଁ ତା ୨୨.୧୧.୨୦୨୪ ରିଖ ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବା କେତେଦୂର ସମୀଚିନ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରକ୍ତଦାନ ଶିବିର, ୬୭ ୟୁନିଟ୍ ରକ୍ତ ସଂଗ୍ରହ

ଛତ୍ରପୁର,୨୧।୮(ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ପୋଉଗାଣି ପଞ୍ଚାୟତ ତାରିଣୀପଲ୍ଲୀ ଗ୍ରାମର ସ୍ୱର୍ଗତ ଅନାଦି ମହାରଣାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ, ବୃକ୍ଷରୋପଣ, ସଙ୍ଗୀତ ଓ ନାମ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା। ଏଥିରେ ୧୫୦ରୁ ଅଧିକ ଲୋକ ଯୋଗଦେଇଥିଲେ। ଏମ୍କେସିଜି ବ୍ଲଡ଼ ବ୍ୟାଙ୍କ ସହଯୋଗରେ ୬୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଓ ସରପଞ୍ଚ ରବୀନ୍ଦ୍ରନାଥ ବେହେରାଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଏହି ଅବସରରେ ଯୋଗଦେଇଥିଲେ। ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ବିଭିନ୍ନ ସଂଗଠନ ଓ ଶିକ୍ଷକ ଶୁଭ୍ର ରେଡ୍ଡୀଙ୍କୁ ସମ୍ମାନିତ କରାଯାଇଥିଲା।

## ଅସ୍ତିତ୍ୱ ହରାଉଛି ପ୍ରାକୃତିକ ଜଳ ଉତ୍ସ ସୁନ୍ଦରନାଳ

କୁଆଁରମୁଣ୍ଡା,୨୧।୮(ସଂଚାର ବ୍ୟୁରୋ): ସୁନ୍ଦରନାଳ ହେଉଛି କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ପ୍ରବାହିତ ଏକ ପ୍ରାକୃତିକ ଜଳ ଉତ୍ସ। ଏହି ଜଳ ଉତ୍ସ କୁମଝରିଆ ପଞ୍ଚାୟତର ପଟୁଆ ବାହାଲ-ତାଲସେରୋ ନିକଟରୁ ବାହାରି କୁମଝରିଆ, ଖୁଖୁଣ୍ଡୁବହାଲ, ପଦମପୁର ଆଦି ପଞ୍ଚାୟତ ଦେଇ ୧୫ କିଲୋମିଟର ପ୍ରବାହିତ ହେଲା ପରେ ଶେଷରେ ପଦମପୁର ନିକଟସ୍ଥ ଶଙ୍ଖ ନଦୀରେ ମିଶିଛି। ଏହି



ପ୍ରାକୃତିକ ଜଳ ଉତ୍ସ ଅନ୍ୟୁନ ୩ ଟି ପଞ୍ଚାୟତ ବାସୀଙ୍କ ଜୀବନରେଖା ଭାବେ ଜଣାଶୁଣା। ହେଲେ ସୁନ୍ଦରନାଳ ଅବସ୍ଥା ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି। ଏହି ଜଳ ଉତ୍ସର ଉତ୍ପତ୍ତି ସ୍ଥଳରେ ଅବିଚାରିତ ଭାବରେ ଉଡ଼ନ୍ତା ପାଉଁଶ ଓ କଳା ପାଉଁଶ ଗଦା କରାଯାଉଥିବାରୁ ଏହା ଅସ୍ତିତ୍ୱ ହରାଇବାକୁ ବସିଲାଣି। ଏହି ନାଳରେ କାରଖାନାର ବିଷାକ୍ତ ପାଉଁଶ ଗଦା ବର୍ଷା ଜଳରେ ପ୍ରବାହିତ ହୋଇ ମିଶୁଥିବାରୁ ଏହାର ଜଳ ପ୍ରଦୂଷିତ ହେଉଛି। ଏହାକୁ ବ୍ୟବହାର କରୁଥିବା ଗ୍ରାମବାସୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ଜଳଚର ଜୀବମାନେ ମଧ୍ୟ ବିପଦରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଏପରିସ୍ଥଳେ ବେଆଇନ ଭାବେ ଉଡ଼ନ୍ତା ପାଉଁଶ ଗଦା କରୁଥିବା ଅସାଧୁ ବ୍ୟକ୍ତିମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତା ରହିଛି । ହେଲେ ପ୍ରଶାସନ ସବୁ ଜାଣି ଚୁପ ରହିବା କାରଣରୁ ସୁନ୍ଦରନାଳ ଯେ ଅଚିରେ ଅସ୍ଥିତ୍ୱ ହରାଇବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତେଣୁ ଜିଲା ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଅସ୍ଥିତ୍ୱ ହରାଇବାକୁ ଯାଉଥିବା ସୁନ୍ଦରନାଳ ଯେ ସୁରକ୍ଷିତ ରହି ପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

## ଦାଦନ ଶ୍ରମିକ ନିଖୋଜ, ପୁଲିସର ସହଯୋଗ ଲୋଡ଼ିଲେ ସ୍ତ୍ରୀ

ନୂଆପଡ଼ା,୨୧।୮ (ସଂଚାର ବ୍ୟୁରୋ): ଦାଦନ ଶ୍ରମିକ ଭାବେ ସୁଦୂର ସିକିନ୍ଦରାବାଦ ଯାଇଥିବା ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ବରୁଣ ମାଝି ନିଖୋଜ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ବିଲାସିନୀ ମାଝି ଚିନ୍ତା ପ୍ରକଟ କରିଛନ୍ତି। ସ୍ୱାମୀଙ୍କ ଖୋଜଖବର ମିଳୁନଥିବାରୁ ଶେଷରେ ସେ ଖଡ଼ିଆଳ ପୋଲିସର ସହଯୋଗ ଲୋଡ଼ିଛନ୍ତି। ସୂଚନା ଅନୁଯାୟୀ, ବରୁଣ ଗତ ଜୁଲାଇ ୨୬ ତାରିଖରେ ଦାଦନ ଶ୍ରମିକ ଭାବେ କାମ କରିବା ପାଇଁ ସିକିନ୍ଦରାବାଦ ଯାଇଥିଲେ। ତେବେ ଅଗଷ୍ଟ ୧୭ ତାରିଖରେ ସେ ଫୋନ୍ ଯୋଗେ ନିଜ ସ୍ତ୍ରୀଙ୍କୁ ଘରକୁ ଫେରୁଥିବା ଜଣାଇଥିଲେ।

# ସପ୍ତାହରେ ୩ଦିନ ଭେଷଜ ବିଶେଷଜ୍ଞ ଆସୁଥିବାରୁ ରୋଗୀ ସେବା ବ୍ୟାହତ

ବୈଶିଙ୍ଗା,୨୧।୮(ସଂଚାର ବ୍ୟୁରୋ): ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ଫଳରେ ଜିଲା ପ୍ରଶାସନ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣେ ଭେଷଜ ବିଶେଷଜ୍ଞଙ୍କୁ ସପ୍ତାହରେ ୩ ଦିନ ରୋଗୀ ଦେଖିବାକୁ ଦାୟିତ୍ୱ ଦେଲେ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଭେଷଜ ବିଶେଷଜ୍ଞ ଡାକ୍ତର ପାର୍ଥସାରଥୀ ମହାନ୍ତି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗଦେଲେ ସତ ମାତ୍ର ସପ୍ତାହରେ ସୋମବାର, ବୁଧବାର ଓ ଶୁକ୍ରବାର ଆସି ନିଜର କର୍ତ୍ତବ୍ୟ ସମ୍ପାଦିତ କରୁଥିଲେ ମଧ୍ୟ ତାହା ଅଞ୍ଚଳବାସୀଙ୍କ ନିମନ୍ତେ ଯଥେଷ୍ଟ ନୁହେଁ ବୋଲି ରୋଗୀ ମାନେ ଦାବିକରିଛନ୍ତି ଯେ ଭେଷଜ ଡାକ୍ତର ଶ୍ରୀ ମହାନ୍ତି ରବିବାର ବ୍ୟତିତ ଅନ୍ୟ ସବୁଦିନ ଦାୟିତ୍ୱ ନିର୍ବାହ କରନ୍ତୁ। ସପ୍ତାହର ୩ ଦିନ ଡାକ୍ତର ମହାନ୍ତି ଙ୍କ ନିକଟରେ ବହୁ ରୋଗୀ ନିଜର ରୋଗ ଉପଶମ ନିମନ୍ତେ ତାଙ୍କ ଚେମ୍ବର ସମ୍ମୁଖରେ ଧାଡି ଲଗାଇଥାନ୍ତି। କେବଳ ବେତନଟୀ ଅଞ୍ଚଳବାସୀ ନୁହନ୍ତି, ଆଖ ପାଖ ବୈଶିଙ୍ଗା, ଅଁଳା, ଗଡ଼ଦେଉଳିଆ ଠାରୁ ପ୍ରାୟ ପଚାଶ ଖଣ୍ଡ ଗ୍ରାମ ସମେତ ପଡୋଶୀ ବଡ଼ସାହି ଓ ମୋରଡା ବ୍ଲକ ଅଞ୍ଚଳର ରୋଗୀ ମାନେ ଆସି ଭିଡ଼ ଜମାଇଥାନ୍ତି। ଏବେ ସରକାରୀ ନିୟମ ଅନୁଯାୟୀ ସକାଳ ୭ଟା ରୁ ୧୧ ଟା ପର୍ଯ୍ୟନ୍ତ ଡାକ୍ତରଙ୍କ ଡିଉଟି ଥିବାବେଳେ ତାହା ଯଥେଷ୍ଟ ନୁହେଁ ବୋଲି ରୋଗୀମାନେ ଅଭିଯୋଗ କରିଛନ୍ତି। ଦୂର ଦୁରାନ୍ତରୁ ଭୋକ ଉପାସରେ ଆସୁଥିବା ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସପ୍ତାହର ରବିବାର ବ୍ୟତିତ ଅନ୍ୟ ୬ ଦିନ ଯେପରି ଭେଷଜ ବିଶେଷଜ୍ଞ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟରେ ରହି ନିଜର କର୍ତ୍ତବ୍ୟ ପାଳନ କରିବେ ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଘରପଟ୍ଟା ପାଇଁ ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଗଞ୍ଜାମ,୨୧।୮(ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ୍ ହୁମା ପଞ୍ଚାୟତ ଅନ୍ତର୍ଗତ ବଳଦିଆଡ଼ିହ ଗ୍ରାମର ଗ୍ରାମବାସୀମାନେ ହୁମା ପଞ୍ଚାୟତର ସମିତି ସଭ୍ୟ ଧ୍ରୁବ ଚରଣ ସାହୁଙ୍କ ନେତୃତ୍ୱରେ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ରଙ୍କୁ ଭେଟି ଘରପଟ୍ଟା ପାଇଁ ନିବେଦନ କରିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉପସ୍ଥିତରେ ତହସିଲଦାର ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହାର ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ହୁମା ପଞ୍ଚାୟତ ବୋରିଗାଁ ସ୍ଥିତ ରୋଡ଼ ପାର୍ଶ୍ୱରେ ବଳଦିଆଡ଼ିହ ଗ୍ରାମ ଅବସ୍ଥିତ। ଦୀର୍ଘ ବର୍ଷ ଧରି ଲୋକମାନେ ସେଠାରେ ରହି ଆସୁଥିଲେ ମଧ୍ୟ ସେମାନଙ୍କର ଘର ପଟ୍ଟା ନାହିଁ। ଫଳରେ ପିଲାମାନେ ଉଚ୍ଚ ଶିକ୍ଷା ଲାଗି ପ୍ରମାଣ ପତ୍ର ପାଇ ପାରୁନାହାନ୍ତି।

## ପଞ୍ଚାୟତ ସମିତିର ପାନୀୟଜଳ, ବିଦ୍ୟୁତ ଉପରେ ଗୁରୁତ୍ୱ

କେସିଙ୍ଗା,୨୧।୮(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତିର ୧୧ତମ ସାଧାରଣ ବୈଠକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତିଙ୍କ ସଭାପତିତ୍ୱରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ ଯୋଗ ଦେଇଥିଲେ। କେସିଙ୍ଗା ବ୍ଲକରେ ପାନୀୟଜଳ ଯୋଗାଣ, ବିଦ୍ୟୁତ ସଂଯୋଗ, ନଳକୂପ ମରାମତି ଆଦି ସମସ୍ୟା ଉପରେ ବୈଠକରେ ଗୁରୁତ୍ୱ ରୋପ କରାଯାଇଥିଲା। ଏଥିସହ ହାତୀପ୍ରବଣ




ଅଞ୍ଚଳରେ ଭୂତଳ କେବୁଲ୍ ମାଧ୍ୟମରେ ବିଦ୍ୟୁତ ସଂଯୋଗ କରିବାକୁ ବିଦ୍ୟୁତ ବିଭାଗକୁ ମୁଖ୍ୟ ଅତିଥି ନିର୍ଦ୍ଦେଶ ଦେଇଥିଲେ। ବ୍ଲକର ପ୍ରଗତି ପାଇଁ ବିଭିନ୍ନ ବିଭାଗରେ ଉନ୍ନୟନମୂଳକ କାର୍ଯ୍ୟର ପ୍ରସ୍ତାବ ଓ ଖସଡ଼ା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ସେ କହିଥିଲେ। ତେବେ ଏହି ସାଧାରଣ ବୈଠକରେ ଅଧିକାଂଶ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଯୋଗ ଦେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। କଣ୍ଡପଡ଼ା ଗ୍ରାମ ପଞ୍ଚାୟତର ରେଙ୍ଗାଲି ଗ୍ରାମରେ ନୂତନ ବିଦ୍ୟୁତ ସଂଯୋଗ ପାଇଁ ୨୦୨୪ ମସିହାରେ ୩୬ ହଜାର ଟଙ୍କା ଜମା କରାଯାଇଥିଲେ ମଧ୍ୟ ଦୁଇ ବର୍ଷ ଧରି ବିଦ୍ୟୁତ ସଂଯୋଗ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ସେହିପରି ଉତ୍କେଲା ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ୬୦ ହଜାର ଟଙ୍କା ଜମା କରାଯାଇଥିଲେ ମଧ୍ୟ ପାଞ୍ଚ ମାସ ଧରି ସଂଯୋଗ ଦିଆଯାଇ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏସ୍‌ଡିଓ ଏହି ସମସ୍ୟାର ସମାଧାନ କରି ସାତ ଦିନ ମଧ୍ୟରେ ବିଦ୍ୟୁତ ସଂଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

● କେନ୍ଦ୍ରୀୟ ବିଦ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

## ଶିକ୍ଷାର ଗୁଣାତ୍ମକ ମାନ ଓ ଭିତ୍ତିଭୂମି ବିକାଶ ଉପରେ ଜିଲ୍ଲାପାଳଙ୍କ ସମୀକ୍ଷା



ମାଲକାନଗିରି,୨୧।୮ (ସଂଚାର ବ୍ୟୁରୋ): ମାଲକାନଗିରି ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ମୁଖ୍ୟ ଅଧ୍ୟକ୍ଷତା କରି ଶିକ୍ଷାର ଉନ୍ନତି ଏବଂ ସ୍କୁଲର ଭିତ୍ତିଭୂମି ବିକାଶ ପାଇଁ ଦୀର୍ଘମିଆଦୀ ରଣନୀତି ଉପରେ ଆଲୋଚନା କରିଛନ୍ତି। ବୈଠକରେ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଉତ୍କର୍ଷତା ବୃଦ୍ଧି କରିବା ସହ ବିଦ୍ୟାଳୟର ସାମଗ୍ରିକ ବିକାଶ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳ ରାଜେଶିର୍କେ ଶିକ୍ଷାଦାନର ମାନକୁ ଅଧିକ ଉନ୍ନତ କରିବା ଏବଂ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା ଫଳାଫଳରେ ସୁଧାର ଆଣିବା ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହିତ ସ୍ମାର୍ଟ ଶ୍ରେଣୀଗୃହ, କମ୍ପ୍ୟୁଟର ଗବେଷଣାଗାର ଏବଂ କ୍ରୀଡ଼ା ଭିତ୍ତିଭୂମିର ଆଧୁନିକୀକରଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା, ସ୍ୱଚ୍ଛ ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥାର ସମୀକ୍ଷା କରାଯିବା ସହ ବିଦ୍ୟାଳୟ ବିକାଶ ପାଣ୍ଠିର ସଠିକ୍ ବିନିଯୋଗ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷାବିତ୍, ଅଭିଭାବକ ପ୍ରତିନିଧି ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ବୈଷୟିକ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ୍

ଗୁଣପୁର,୨୧।୮(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ପୁଟାସିଂ ଥାନା ଅନ୍ତର୍ଗତ ଟଲନା ଘାଟିରେ ଭାରସାମ୍ୟ ହରାଇ ଓଲଟିଲା ଶ୍ରମିକ ବୋଝେଇ ମେକ୍ସ ପିକ୍‌ଅପ୍ । ସେହି ମେକ୍ସ ପିକ୍‌ଅପରେ ୨୫ ରୁ ଉର୍ଦ୍ଧ୍ୱ ଶ୍ରମିକ ଥିଲେ ବୋଲି ଜଣାପଡିଛି । ଶ୍ରମିକମାନେ ଚାଷ ଜମିରେ ଧାନ ରୁଆ ପାଇଁ ଶଗଡା ଗାଁରୁ ପଦ୍ମପୁର ବ୍ଲକର ଡୋକାଶିକାଲା ଗାଁ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସେପଟେ ଘଟଣା ସମ୍ପର୍କରେ ସୂଚନା ପାଇ ଗୁଣପୁର ଦମକଳ ବାହୀନି ଓ ପୁଟାସିଂ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଙ୍କୁ ଉଦ୍ଧାର କରି ଗୁଣପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ଉନ୍ନତ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ଏବଂ ରାୟଗଡ଼ା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସମସ୍ତେ ଶଗଡା ଗାଁ ର ଶ୍ରମିକ ବୋଲି ସୂଚନା ମିଳିଛି । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।

## ସ୍କୁଲ ଆଗରେ ଗର୍ଜିଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ନୂଆପଡ଼ା,୨୧।୮(ସଂଚାର ବ୍ୟୁରୋ): ଗାଁ ସ୍କୁଲରେ ଉଚ୍ଚ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଦାବିରେ ସ୍କୁଲ ଆଗରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପ୍ରତିବାଦ କରିଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କାପସି ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର ପରେ ସ୍କୁଲ ବନ୍ଦ ହୋଇଯିବାରୁ ଗାଁରେ ଅସନ୍ତୋଷ ଦେଖାଦେଇଛି। ସ୍କୁଲ ବନ୍ଦ ହେବାର ଦଶ ଦିନରୁ ଅଧିକ ସମୟ ବିତିଥିଲେ ମଧ୍ୟ ପାଠପଢ଼ା ବ୍ୟବସ୍ଥା ହୋଇନଥିବାରୁ ଛାତ୍ରଛାତ୍ରୀମାନେ ପାଠପଢ଼ାରୁ ବଞ୍ଚିତ ହୋଇ ଗାଁ ଦାଣ୍ଡରେ ଖେଳକୁଦ କରି ଦିନ କାଟୁଥିବା ଅଭିଭାବକମାନେ କହିଛନ୍ତି। କାପସି ଗାଁରେ ବନ୍ଦ ହୋଇଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ, ନଚେତ୍ ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ସହ ବନ୍ଦ ହୋଇଥିବା ସ୍କୁଲର ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ମିଶାଇ ତୁରନ୍ତ ଶିକ୍ଷାଦାନ ଆରମ୍ଭ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଗାଁର ପଦରଭଟା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସିନାପାଲି ମେହେରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପ୍ରାୟ ୪ କିଲୋମିଟର ଦୂର ଯାତ୍ରା କରିବାକୁ ପଡୁଛି।

# ବିପଦସଙ୍କୁଳ କୋଠରୀରେ ପିଲାଙ୍କ ଭବିଷ୍ୟତ

### ବାରଣ୍ଡାରେ ଚାଲିଛି ପାଠପଢ଼ା



ଜମନକିରା,୨୧।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଶିକ୍ଷା ଭିତ୍ତିଭୂମିର ଉନ୍ନତିକରଣ ନେଇ ସରକାରୀ ସ୍ତରରେ ବ୍ୟାପକ ପ୍ରଚାର ଚାଲିଥିବା ବେଳେ ଗ୍ରାମାଞ୍ଚଳରେ ବିପର୍ଯ୍ୟସ୍ତ ବିଦ୍ୟାଳୟ ଗୃହ ପ୍ରଶାସନିକ ବ୍ୟବସ୍ଥାର ବିକଳ ଚିତ୍ରକୁ ଉଜାଗର କରୁଛି। ସମ୍ବଲପୁର ଜିଲ୍ଲାର ଜମନକିରା ବ୍ଲକ ଅନ୍ତର୍ଗତ ଟିକିଲିପଡ଼ା ପଞ୍ଚାୟତର ବାଦିବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ଗୃହ ସମସ୍ୟା ଲାଗିରହିଥିବାରୁ କୋମଳମତି ଶିଶୁମାନେ ଜୀବନକୁ ବାଜି ଲଗାଇ ବିପଦପୂର୍ଣ୍ଣ ପରିବେଶରେ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ବିଦ୍ୟାଳୟର ଦୁଇଟି ମୁଖ୍ୟ ଶ୍ରେଣୀ କୋଠରୀର ଛାତ ଏବଂ କାନ୍ଥରେ ଚାରିପଟେ ଫାଟ ସୃଷ୍ଟି ହୋଇ ଏହା ଅତ୍ୟନ୍ତ ସଙ୍କଟାପନ୍ନ ସ୍ଥିତିରେ ପହଞ୍ଚିଛି। ବିଶେଷକରି ବର୍ଷା ଦିନରେ ଛାତରୁ ଅବିରତ ପାଣି ଗଳିବା ସହ କାନ୍ଥ ଓ ଛାତରୁ ପ୍ଲାଷ୍ଟର ଖସୁଥିବାରୁ ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଅଘଟଣ ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷେ, ଅନ୍ୟ ଏକ ଶ୍ରେଣୀ କୋଠରୀ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଓ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ଶ୍ରେଣୀଗୃହର ଘୋର ଅଭାବ ଯୋଗୁଁ ଶିଶୁ ବାଟିକାଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ମାତ୍ର ଗୋଟିଏ କୋଠରୀରେ କିମ୍ବା ବାଧ୍ୟ ହୋଇ ବାହାର ବାରଣ୍ଡା ଚଟାଣରେ ଏକାଠି ବସି ପାଠ ପଢୁଛନ୍ତି। ଫଳରେ ଏଠାରେ ଶିକ୍ଷାଦାନ ବ୍ୟବସ୍ଥା ଚରମ ଭାବେ ବ୍ୟାହତ ହେଉଛି। ଏହି ସଙ୍ଗୀନ ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ତଥା ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକ ପ୍ରଶାସନ ଓ ଶିକ୍ଷା ବିଭାଗକୁ ବାରମ୍ବାର ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ ଦୀର୍ଘ ଦିନ ଧରି କୌଣସି ପ୍ରତିକାର କରାଯାଇନାହିଁ।

